

ଧରିତ୍ରୀ
DHARITRI
ଉତ୍କର୍ଷର
୫୦
ବର୍ଷ



बिरसा सिंचाई कूप योजना
साइकिल डीबीटी
गुरुजी स्टूडेंट क्रेडिट कार्ड
जाति, आय, जन्म, मृत्यु दिव्यांगता प्रमाण पत्र
लैमिनेटेड जाति प्रमाण पत्र
मनरेगा
मुख्यमंत्री रोजगार सृजन योजना
15वें FC
अबुआ आवास योजना
सामुदायिक और व्यक्तिगत वन पट्टा से जुड़े मामले
आयुष्मान कार्ड
राजस्व से जुड़े मामले जैसे म्युटेशन, मापी, लगान रसीद, आदि
धोती साड़ी लुंगी वितरण
कंबल वितरण
केसीसी
मुख्यमंत्री पशुधन योजना
सावित्रीबाई फूले किशोरी समृद्धि योजना
श्रमाधान पोर्टल
राशन एवं आधार कार्ड में संशोधन
SHG आईडी कार्ड
झारखण्ड सरकार
GOVERNMENT OF JHARKHAND
सत्यमेव जयते
आपकी योजना आपकी सरकार आपके द्वार
24 नवम्बर से 26 दिसम्बर तक राज्य के सभी जिलों में लगेगा शिविर
पंचायत - 4,351 | नगर निकाय - 50
वर्ष 2021 के आंकड़े
कुल शिविर 6,867
कुल प्राप्त आवेदन 35.95 लाख
वर्ष 2022 के आंकड़े
कुल शिविर 5,696
कुल प्राप्त आवेदन 55.44 लाख
दोनों वर्षों में लगभग सभी प्राप्त आवेदनों का निष्पादन किया गया
हेमन्त सोरेन
मुख्यमंत्री, झारखण्ड
देने आपको अधिकार...
फिर से आ रही हेमन्त सरकार आपके द्वार
अधिक जानकारी के लिए :- https://sarkaraapkedwar.jharkhand.gov.in/
सूचना एवं जनसंपर्क विभाग, झारखण्ड सरकार
PR-311881(IPRD) 2023-24

ଧରିତ୍ରୀ DHARITRI 50 Years
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୪/୨୦୨୩ (୨୦ ପୃଷ୍ଠା+ଜନ୍ମଦିନ ବିଶେଷାଙ୍କ) Bhubaneswar, Friday, November 24/2023 Page 20 ₹ 7.00 | DHENKANAL
୫୦ଶ ଭାଗ ୧ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 50 ISSUE 1 ମୂଲ୍ୟ₹୭/-

# ୫୦

୫୦ ବର୍ଷ ତଳେ ଧରିତ୍ରୀ ଖବରକାଗଜ ଆତ୍ମପ୍ରକାଶ କରିଥିଲା। କାଳିନ୍ଦୀ ଚରଣ ପାଣିଗ୍ରାହୀ, ନନ୍ଦିନୀ ଶତପଥୀ, ଦେବେନ୍ଦ୍ର ଶତପଥୀ, ରାମନାଥ ପଣ୍ଡା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଙ୍କ ଉଦ୍ୟମ ଯୋଗୁ ଏହା ସେବେଠାରୁ ଓଡ଼ିଶାବାସୀଙ୍କ ସ୍ୱର ଭାବେ ରହିଆସିଛି। ଏହି ଅର୍ଦ୍ଧ ଶତାବ୍ଦୀରେ ଦୁର୍ନୀତି, ଅନ୍ୟାୟ ଅତ୍ୟାଚାରକୁ ପଦାରେ ପକାଇବାଠାରୁ ଆରମ୍ଭ କରି ରାଜନୀତି, କୃଷି, ବିଜ୍ଞାନ, କ୍ରୀଡ଼ା, ମହିଳା ସଶକ୍ତୀକରଣ, ଯୁବଶକ୍ତି ଜାଗରଣ ଭଳି ବିଭିନ୍ନ କ୍ଷେତ୍ରରେ ଉଜାଗର ସୃଷ୍ଟି ଲାଗି ଧରିତ୍ରୀ ଏକ ମଞ୍ଚ ପାଲଟିଯାଇଛି। ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଏହାର ପ୍ରଚେଷ୍ଟା ଅନସ୍ୱୀକାର୍ଯ୍ୟ। ସାହିତ୍ୟର ପରିସର ବ୍ୟାପକ କରିବା ଲାଗି 'ସାହିତ୍ୟାୟନ' ଓ ପିଲାଙ୍କ ସକାଶେ 'ପିଲାଙ୍କ ଧରିତ୍ରୀ' ଏବଂ

## ସମ୍ପାଦକୀୟ

### ତଥାଗତ ସତପଥୀ

ସପ୍ତାହବ୍ୟାପୀ ସ୍ୱତନ୍ତ୍ର ପୃଷ୍ଠାମାନ ପ୍ରକାଶ ପାଇଆସୁଛି। କିଛି ବର୍ଷ ହେବ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ପ୍ରାଣିଜଗତ ଅତିଷ୍ଠ ହୋଇଯାଇଥିବାରୁ ୟୁଥ୍ କନ୍‌କ୍ଲେଭ ଜରିଆରେ ପରିବେଶ ସଂକ୍ରାନ୍ତ କାର୍ଯ୍ୟକ୍ରମ ଆୟୋଜନ କରି ଧରିତ୍ରୀ ସଚେତନତା ବୃଦ୍ଧି କରିବା ପାଇଁ ଚେଷ୍ଟିତ। ରାଜ୍ୟରେ ଔଦ୍ୟୋଗିକ ଉତ୍କର୍ଷ ପ୍ରତିପାଦନ କରୁଥିବା ଉଦ୍ୟୋଗୀଙ୍କ ପାଇଁ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' ଏବଂ ଧରିତ୍ରୀର ସହଯୋଗୀ ସଂସ୍ଥା ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ 'ମେଟଲ୍ ମିଟ୍' ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ସଂସ୍କୃତିକୁ ବ୍ୟାପକ କରାଯାଉଛି।

ଧରିତ୍ରୀ ଗଣମାଧ୍ୟମ ଏଥିକ୍ସ ବା ନୀତିଶାସ୍ତ୍ରକୁ ଅନୁପାଳନ କରିବା ସହ ନିରପେକ୍ଷତା ଅବଲମ୍ବନ କରିଚାଲିଛି। ଏସବୁ ବଜାୟ ରଖିବା ଲାଗି ବିଭିନ୍ନ ସମୟରେ ଏହା ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। କିନ୍ତୁ ଆଭିମୁଖ୍ୟ ସ୍ପଷ୍ଟ ଓ ନିର୍ଭୀକ ଥିବାରୁ କୌଣସି ବ୍ୟକ୍ତି ବା ସଂସ୍ଥା ଏହା ଉପରେ ଚାପ ପକାଇବାରେ ଏପର୍ଯ୍ୟନ୍ତ ସକ୍ଷମ ହୋଇନାହାନ୍ତି। ସକାରାତ୍ମକ ଓ ଗଠନମୂଳକ ଖବର ପ୍ରକାଶ ସହ ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ବଜାୟ ରଖିବା ଲକ୍ଷ୍ୟରେ ଧରିତ୍ରୀ ଧାବମାନ।

ବିଶ୍ୱ ପ୍ରେକ୍ଷାପଟକୁ ଦେଖିଲେ ଏବେ ଚାରିଆଡ଼େ ଗୋଟେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଯାଇଛି। ରୁଷିଆ-ୟୁକ୍ରେନ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧଠାରୁ ଆରମ୍ଭକରି ତାଇୱାନ କେବଳ ଅଶାନ୍ତ ନୁହେଁ, ଭାରତ ସୀମାରେ ମଧ୍ୟ ଅସ୍ୱାଭାବିକ ସ୍ଥିତି ଉପୁଜିଛି। ଅଶାନ୍ତି ମଧ୍ୟରେ ଶାନ୍ତି ଖୋଜିବା ହୋଇଯାଇଛି ମଣିଷ ପାଇଁ ବଡ଼ କାର୍ଯ୍ୟ। ଏହି ଖୋଜିବାରେ ଗଣମାଧ୍ୟମର ଭୂମିକା ଯଥେଷ୍ଟ ରହିଛି। ଅସତ୍ୟ ଖବର ବା ଫେକ୍ ନ୍ୟୁଜ୍ ସବୁଆଡ଼େ ବ୍ୟାପୁଛି। ଏସବୁର ପୃଷ୍ଠପୋଷକ ହୋଇଯାଇଛନ୍ତି ଇଲେକ୍‌ଟ୍ରୋନିକ୍ ଏବଂ ଇଣ୍ଟରନେଟ୍ ଆଧାରିତ ଗଣମାଧ୍ୟମ। ଟେଲିଭିଜନରେ ସନ୍ଧ୍ୟା ୭ଟା ବା ୮ଟାରେ ଯେଉଁ ଖବର ଦେଖିବେ ତାହା ୯ଟା ବେଳର ପ୍ରାଇମ୍ ଟାଇମ୍ ନ୍ୟୁଜ୍‌ରେ ଉଭାନ ହୋଇଯାଉଛି। ସୋସିଆଲ ମିଡିଆ ଓ ଇଣ୍ଟରନେଟ୍ ଆଧାରିତ ଗଣମାଧ୍ୟମରେ ଗୋଟେ ଭିଡିଓ ଦେଖି ଜଣେ ବ୍ୟକ୍ତି ତାହାକୁ ସମ୍ପୂର୍ଣ୍ଣ ବିଶ୍ୱାସ କରିଯାଏ। କାରଣ ନିଜ ହାତରେ ଥିବା ମୋବାଇଲ ଫୋନ୍‌ରୁ ତାହାକୁ ଦେଖୁଥିବାରୁ ସେଗୁଡ଼ିକ ଉପରେ ଅଶେଷ ବିଶ୍ୱାସ ସୃଷ୍ଟି ହେଉଛି। ଏକ ଦଶନ୍ଧି ପୂର୍ବେ ଏହି ସ୍ଥିତି ଟେଲିଭିଜନ୍‌ର ଥିଲା। ନିଜ ଶୋଇବା ଘରେ ଯାହା ଦେଖିଲେ ତାହାକୁ ସାଧାରଣରେ ବିଶ୍ୱାସ କଲେ। କାରଣ ସମସ୍ତଙ୍କ ହୃଦ୍‌ବୋଧ ହେଲା ଯେ ଆମେ ସ୍ୱଚକ୍ଷୁରେ ଘଟଣାକୁ ଦେଖୁଛୁ। ଆଗରୁ କଥା ଥିଲା-

'ଯାହା ନ ଦେଖିବ ବେନି ନୟନେ
ପରତେ ନ ଯିବ ଗୁରୁବଚନେ'।

ଏହି ଢଗ ଏବେ ମଧ୍ୟ ତା'ର ପ୍ରାସଙ୍ଗିକତା ବଜାୟ ରଖିଛି। କିନ୍ତୁ ଆମେ ଯାହା ଦେଖୁଛୁ ବା ଶୁଣୁଛୁ, ସେଥିରୁ ଅଧିକାଂଶ ଏକପାଖିଆ କିମ୍ବା ଅସମ୍ପୂର୍ଣ୍ଣ। ଏଠାରେ ମନେରଖିବା ଦରକାର ଯେ ଅସମ୍ପୂର୍ଣ୍ଣ ସତ୍ୟ ହେଉଛି ସବୁଠାରୁ ମାରାତ୍ମକ। କାରଣ ଫଟୋଶପ୍‌ଠାରୁ ଆରମ୍ଭକରି ପ୍ରାୟ ସମସ୍ତଙ୍କୁ ମାଗଣାରେ ମିଳୁଥିବା ଅନେକ ଆପ୍ସ ମାଧ୍ୟମରେ ଚିତ୍ର ଓ ଭିଡିଓକୁ ପୂରା ବଦଳାଇ ଦିଆଯାଇପାରୁଛି। ମଣିଷ ସ୍ୱରକୁ ଅବିକଳ ନକଲ କରି ଦିଆଯାଉଛି। ଏଥିପାଇଁ ଗୋଟିଏ କମ୍ପ୍ୟୁଟର ଯଥେଷ୍ଟ। ଏଭଳି ଢଙ୍ଗରେ ପ୍ରସ୍ତୁତ ଭିଡିଓ କିମ୍ବା ଚିତ୍ର ଦେଖି ସମସ୍ତେ ବିହ୍ୱଳ। ବାସ୍ତବରେ ଏହା ମାନବଜାତି ସହିତ ସମଗ୍ର ପୃଥିବୀ ସକାଶେ କ୍ଷତିକାରକ ପାଲଟିପାରେ।

ଏଭଳି ସ୍ଥିତିରେ ଛାପା ଗଣମାଧ୍ୟମ, ଯାହାକି ଅନେକ ଯୁଗ ପର୍ଯ୍ୟନ୍ତ କାଗଜ ଥିବା ଯାଏ ରହିଥିବ, ସେଥିରେ ଭୁଲ ଖବର ବା ଚିତ୍ର ବସିଗଲେ ଆହୁରି କ୍ଷତି ଆଣିଥାଏ। ତେଣୁ ଛାପା ଗଣମାଧ୍ୟମର ଦାୟବଦ୍ଧତା ସବୁଠାରୁ ଅଧିକ ରହିବା ଜରୁରୀ। ଧରିତ୍ରୀ ତା'ର ଜନ୍ମଲଗ୍ନରୁ ମିଡିଆ ଏଥିକ୍ସକୁ ପାଳନ କରି ଆସୁଥିବାରୁ ତିଷ୍ଠି ରହିଛି। କେବଳ ତିଷ୍ଠି ରହି ନାହିଁ, ସାମାଜିକ ଦାୟିତ୍ୱବୋଧକୁ ସୁଚାରୁରୂପେ ତୁଲାଇ ଚାଲିଛି।

# ଭୂ-ସଂସ୍କାର ସଂଶୋଧନ ବିଲ୍ ବିଧାନସଭାରେ ଗୃହୀତ

**ଭୁବନେଶ୍ୱର,୨୩।୧୧(ଅନିଲ ଦାସ)**

ରାଜ୍ୟରେ ସିକିମ ଭାବେ ରେକର୍ଡ ହୋଇଥିବା ଜମିକୁ ଦଖଲ କରୁଥିବା ଉପ-ରୟତ କିମ୍ବା ଅଧସ୍ତନ-ରୟତ କିମ୍ବା ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ସେହି ଜମି ଉପରେ ସ୍ୱତ୍ୱ/ରୟତି ଅଧିକାର ମିଳିବ। ଓଡ଼ିଶା ଭୂ-ସଂସ୍କାର ଆଇନ-୧୯୬୦ର ସଂଶୋଧନ କରାଯାଇଛି। ଏହି ସଂଶୋଧନ ପ୍ରସ୍ତାବ କ୍ୟାବିନେଟର ଅନୁମୋଦନ ଲାଭ କରିବା ପରେ ଏ ସଂକ୍ରାନ୍ତ ଓଡ଼ିଶା ଭୂ-ସଂସ୍କାର (ଦ୍ୱିତୀୟ ସଂଶୋଧନ) ବିଲ୍-୨୦୨୩କୁ ଗୁରୁବାର ବିଧାନସଭାର ଅନୁମୋଦନ ମିଳିଛି।

ଓଡ଼ିଶା ଭୂ-ସଂସ୍କାର ଆଇନ-୧୯୬୦ ଅନୁସାରେ ସିକିମ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ମସିହା ପର୍ଯ୍ୟନ୍ତ ଥିଲା। ସମସ୍ତ ସିକିମ ଚାଷୀ ଏହି ସମୟ ଅବଧି ଭିତରେ ଆବେଦନ କରିପାରି ନ ଥିଲେ।

**■ ସିକିମ ରେକର୍ଡଭୁକ୍ତ ଜମି ଉପରେ ମିଳିବ ସ୍ୱତ୍ୱାଧିକାର**

**■ ବିଜ୍ଞପ୍ତି ପ୍ରକାଶନର ୨ ବର୍ଷ ମଧ୍ୟରେ ଆବେଦନ କରିପାରିବେ**

ତେଣୁ ସିକିମ ଭାବେ ରେକର୍ଡ ହୋଇଥିବା ଜମିକୁ ଦଖଲ କରୁଥିବା ଉପ-ରୟତ କିମ୍ବା ଅଧସ୍ତନ-ରୟତ ଅଥବା ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ସେହି ଜମି ଉପରେ ସ୍ୱତ୍ୱ/ରୟତି ଅଧିକାର ଦେବା ପାଇଁ ଓଡ଼ିଶା ଭୂ-ସଂସ୍କାର ଆଇନ-୧୯୬୦ର ଧାରା-୪ରେ ଥିବା ଉପଧାରାକୁ ଆବଶ୍ୟକ ସଂଶୋଧନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସିକିମ ଜମିକୁ ଚାଷ ଓ ବାସଗୃହ ଭାବେ ବ୍ୟବହାର କରୁଥିବା ଜମିରେ ରୟତି ଅଧିକାର ପାଇବା ପାଇଁ ଏହି ସଂଶୋଧନ ଆଇନର ବିଜ୍ଞପ୍ତି ପ୍ରକାଶନର ୨ ବର୍ଷ ମଧ୍ୟରେ ରାଜସ୍ୱ ଅଧିକାରୀଙ୍କ ନିକଟରେ ସମ୍ପୃକ୍ତ ଚାଷୀମାନେ ଆବେଦନ କରିପାରିବେ। ଆବଶ୍ୟକ ପଡ଼ିଲେ ସରକାର ଏହି ସମୟସୀମାକୁ ବୃଦ୍ଧି କରିପାରିବେ। ରାଜସ୍ୱ ଅଧିକାରୀ ଆଦେଶନାମା ଜାରି କଲାବେଳେ ଷ୍ଟାଣ୍ଡାର୍ଡ ଏକର ପିଛା ୧୪,୨୦୦ ଟଙ୍କା ହିସାବରେ କ୍ଷତିପୂରଣ ସ୍ଥିର କରିବେ। କ୍ଷତିପୂରଣ ଟଙ୍କା ଉପ-ରୟତ କିମ୍ବା ଅଧସ୍ତନ-ରୟତ ☞ପୃଷ୍ଠା-୫

## ଶ୍ରଦ୍ଧାଞ୍ଜଳି



ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସରେ ଧରିତ୍ରୀର ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି।

## ଅଭିନନ୍ଦନ

ଧରିତ୍ରୀର ୫୦ତମ ଜୟନ୍ତୀ ଅବସରରେ ପ୍ରିୟ ପାଠିକାପାଠକ, ଲେଖିକାଲେଖକ, ଶୁଭେଚ୍ଛୁ, ଏଜେଣ୍ଟ, ବିଜ୍ଞାପନଦାତା ଓ ବିତରକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଲୋକସେବା ଭବନ
ଭୁବନେଶ୍ୱର



### ବାର୍ତ୍ତା

ଧରିତ୍ରୀ ଓଡିଶାର ଏକ ପ୍ରତିଷ୍ଠିତ ସମ୍ବାଦପତ୍ର । ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସମ୍ବାଦପତ୍ର ଦୀର୍ଘ ୫୦ ବର୍ଷ ଧରି ତା'ର ନିରପେକ୍ଷ ଓ ସଚେତନ ଧର୍ମୀ ସମ୍ବାଦ ପରିବେଷଣ ଜରିଆରେ ରାଜ୍ୟରେ ପାଠକୀୟ ଆଦୃତି ବଜାୟ ରଖିଛି । ବିଭିନ୍ନ କ୍ଷେତ୍ରରେ ସାମାଜିକ ସଚେତନତାର ସୃଷ୍ଟି ଦିଗରେ ଗଣମାଧ୍ୟମର ଭୂମିକାକୁ ଧରିତ୍ରୀ ସଫଳତାର ସହ ନିର୍ବାହ କରିଆସୁଛି । ମୁଁ ଆଶା କରୁଛି, ଆଗାମୀ ଦିନରେ ମଧ୍ୟ ଧରିତ୍ରୀ ଏହି ଧାରା ବଜାୟ ରଖିବ ।

ପଚାଶ ବର୍ଷରେ ପଦାର୍ପଣ ଅବସରରେ ଧରିତ୍ରୀ ପରିବାର ତଥା ଏହାର ପାଠକମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶନର ସଫଳତା କାମନା କରୁଛି ।

ଦୂରଭାଷ : କାର୍ଯ୍ୟାଳୟ : 0674-2531100, 2531500, 2535100 (ଫାକ୍ସ)
ବାସଭବନ : 0674-2591099, 2590299, 2590833 (ଫାକ୍ସ)
e-mail : cmo@nic.in | twitter : twitter.com/CMO_Odisha | Facebook : facebook.com/CMO.Odisha



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଣ୍ଡେ ହରି, ପେଟେ ଛୁରି;**
**କାଳାନ୍ତେ ଯାଇ ଯମପୁରୀ।**

ମୁହଁରେ ଚାଟୁ ବଚନ, ପ୍ରଶଂସା। କିନ୍ତୁ ଭିତରେ ଶତ୍ରୁତା ଆଚରଣ। କେତେଜଣ ବ୍ୟକ୍ତି ମୁହଁରେ ଭଲେଇ ହୋଇ ଚିକଣିଆ କଥା କହି ବିଶ୍ୱାସ ଜନ୍ମାଇଥାନ୍ତି। କିନ୍ତୁ ପଛରେ ଗାତ ଖୋଳି ଖାଲରେ ପକାଇବାକୁ ଚେଷ୍ଟା ଚଳାଇଥାନ୍ତି। ମୁହଁରେ ହସ ପେଟରେ ବିଷ ଭରି ରହିଥିବା ଏପରି କପଟାଚାରୀ ବିଶ୍ୱାସଘାତ ବ୍ୟକ୍ତି ମୃତ୍ୟୁ ପରେ ନର୍କଗାମୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୁ ଖାଉଥାଉ ତୋର ଭାତ;**
**ମୋର କିଆଁ ଗାଲରେ ହାତ ?**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ଠିଆ ହେବା ଶ୍ରେୟସ୍କର। ନିଜେ ପରିଶ୍ରମ କରି ପାଞ୍ଚ ଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥା ନେଇ ଚିନ୍ତାକରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଜ୍ୟ ବାହାରକୁ କର୍ମ ଅନ୍ୱେଷଣରେ ଯାଇଛନ୍ତି ୪୦ ହଜାର ଶ୍ରମିକ

**ଭୁବନେଶ୍ୱର,୨୩।୧୧**
**(ଅନିଲ ଦାସ)**

ରାଜ୍ୟରୁ ୪୦୦୮୮ ଜଣ ଶ୍ରମିକ ବାହାର ରାଜ୍ୟ ତଥା ଦେଶକୁ ଦାଦନ ଖଟିବାକୁ ଯାଇଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନରେ ବିଧାନସଭାରେ ଉତ୍ତର ଶ୍ରମ, ନିୟୋଜନ ଓ କର୍ମଚାରୀ ବିମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଏହି ସୂଚନା ଦେଇଛନ୍ତି। ଲାଇସେନ୍ସ ପ୍ରାପ୍ତ ୬୨୬ ଜଣ ଠିକାଦାର ଜରିଆରେ ଏହି ଶ୍ରମିକ ମାନେ ବାହାରକୁ ଯାଇଥିବା ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ବଲାଙ୍ଗୀର ଜିଲ୍ଲାରୁ ସର୍ବାଧିକ ୨୬୧୫୧ ଜଣ ଦାଦନ ଖଟିବାକୁ ଯାଇଥିବା ବେଳେ ୯ଟି ଜିଲ୍ଲାରୁ କୌଣସି ବ୍ୟକ୍ତି ଦାଦନ ଖଟିବାକୁ ବାହାରକୁ ଯାଇନାହାନ୍ତି। ସେହିଭଳି ଦାଦନ ରୋକିବା ଦିଗରେ ସରକାର ଅନେକ ପଦକ୍ଷେପ ହାତକୁ ନେଇଥିବା ବିଭାଗୀୟ ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମାଧ୍ୟମରେ ପ୍ରବାସି ଶ୍ରମିକଙ୍କୁ ବିଭିନ୍ନ କର୍ମ ଯୋଗାଣକ୍ଷମ ଯୋଜନା ଏବଂ ସ୍ୱ ରୋଜଗାର ଯୋଜନାରେ ଅର୍ନ୍ତଭୁକ୍ତ କରାଯାଉଅଛି। ଏହାବ୍ୟତୀତ ବଲାଙ୍ଗୀର, ବରଗଡ, କଳାହାଣ୍ଡି , ନୂଆପଡା ଜିଲାର ୨୦ ଗୋଟି ବ୍ଲକରେ ରାଜ୍ୟ ସରକାର ପ୍ରବାସି ଶ୍ରମିକଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସହାୟତା ପ୍ୟାକେଜ ଜାନୁଆରୀ ୨୦୨୦ରୁ କାର୍ଯ୍ୟକାରୀ ହେଉଛି। ଯେଉଁଥିରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟଦିବସକୁ ୩୦୦ ଦିନ ବୃଦ୍ଧି କରାଯିବା ସହ ଏହା ଅନ୍ତର୍ଗତ ଦିଆଯାଉଥିବା ମଜୁରୀକୁ ଓଡ଼ିଶାରେ ଅଣକୁଶଳୀଙ୍କ ମଜୁରୀ ସହ ସମାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ୨ ବର୍ଷରେ ବିକ୍ରି ହେଲାଣି ୬୬ ହଜାର ଇଲେକ୍ଟ୍ରିକ ଯାନ

**ଭୁବନେଶ୍ୱର,୨୩।୧୧**
**(ଅନିଲ ଦାସ)**

ଓଡିଶା ବୈଦ୍ୟୁତିକ ଯାନ ନୀତି–୨୦୨୧ ଲାଗୁ ହେବା ପରଠାରୁ ୨୦୨୩ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ୬୬ ହଜାର ୪୬୭ ଟି ଦୁଇ ଚକିଆ, ୩ ଚକିଆ, ୪ ଚକିଆ ଯାନ ବିକ୍ରି ହୋଇଛି। ସେଥିରୁ ୫୮ ହାଜର ୫୬୩ ଦୁଇ ଚକିଆ ଯାନ ବିକ୍ରି ହୋଇଥିବା ବେଳେ ୬,୩୪୮ ୩ ଚକିଆ, ୧୪୫୪ ମୋଟର କାର, ୫୧ ବସ ଓ ୫୧ଟି ମାଲବାହି ଗାଡି ପଞ୍ଜୀକୃତ ହୋଇଛି।

**ସରକାର ଦେଲେଣି ୪.୩୧ କୋଟି ସବ୍‌ସିଡି**

ଓଡିଶା ବୈଦ୍ୟୁତିକ ଯାନ ନୀତି–୨୦୨୧ ଅନୁଯାୟୀ ଅନୁଯାୟୀ ଏହି ବିଦ୍ୟୁତ ଚାଳିତ ଯାନ ଗୁଡିକୁ ଅକ୍ଟୋବର ୩୧ ତାରିଖ ମଧ୍ୟରେ ୪୩,୧,୪୩,୯୨୪ ଟଙ୍କା ସବ୍‌ସିଡି ଦିଆଯାଇଛି। ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଗୁରୁବାର ବିଧାନସଭାରେ ଏହା କହିଛନ୍ତି।

# ହରିଦ୍ୱାର, ଋଷିକେଶ ଯାତ୍ରା କଲେ ୯୭୦ ତୀର୍ଥଯାତ୍ରୀ

**ଭୁବନେଶ୍ୱର,୨୩।୧୧**
**(ଶର୍ମିଷ୍ଠା ପାଣିଗ୍ରାହୀ)**

**ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

ଚଳିତବର୍ଷ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଦ୍ୱିତୀୟ ପର୍ଯ୍ୟାୟ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁରୁବାର ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ଜଗତ୍‌ସିଂହପୁର, କଟକ ଓ କେନ୍ଦ୍ରାପଡ଼ାର ବରିଷ୍ଠ ନାଗରିକମାନେ ଏହି ଯାତ୍ରାରେ ସାମିଲ ହୋଇ ହରିଦ୍ୱାର ଓ ଋଷିକେଶ ଅଭିମୁଖେ ଯାତ୍ରା କରିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଶୁଭକାମନା ଜଣାଇବା ସହ ଏହାଦ୍ୱାରା ବିଭିନ୍ନ ଅଞ୍ଚଳର ସଂସ୍କୃତି ଓ ତୀର୍ଥସ୍ଥଳ ସମ୍ପର୍କରେ ଜାଣିହେବ ବୋଲି କହିଛନ୍ତି। ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ ପୁରୀରେ କାର୍ତ୍ତିକ ମାସରେ ହବିଷିଆଳିଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରିଥିବା ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟ, ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଭୁବନେଶ୍ୱରର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




# ଖର୍ଚ୍ଚ ହୋଇ ପାରୁନି ବିଧାୟକ, ଏମ୍‌ପି ଆଞ୍ଚଳିକ ଉନ୍ନୟନ ପାଣ୍ଠି

**ଭୁବନେଶ୍ୱର,୨୩।୧୧**
**(ଅନିଲ ଦାସ)**

ରାଜ୍ୟରେ ବିଧାୟକ ଓ ଏମପି ଆଞ୍ଚଳିକ ଉନ୍ନୟନ ପାଣ୍ଠିକୁ ଖର୍ଚ୍ଚ ହୋଇ ପାରୁ ନାହିଁ। ଦୀର୍ଘ ବର୍ଷ ଧରି ବହୁ କୋଟି ଟଙ୍କା ପଡ଼ି ରହୁଛି। ୨୦୧୪–୧୫ରୁ ୨୦୧୯–୨୦ ମସିହା ପର୍ଯ୍ୟନ୍ତ ରାଜ୍ୟର ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି(ଏମଏଲଏ ଲ୍ୟାଡ୍) ବାର୍ଷିକ ୧ କୋଟି ଟଙ୍କା ଲେଖାଏ ରହିଥିଲା। ୨୦୨୦–୨୧ରୁ ବାର୍ଷିକ ୩କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୪–୧୫ରୁ ୨୦୧୯–୨୦ ମଧ୍ୟରେ ଏମଏଲଏ ଲ୍ୟାଡ୍ ବାବଦରେ ବାର୍ଷିକ ୧୪୭କୋଟି ଟଙ୍କା ଲେଖାଏ ମଞ୍ଜୁର ହୋଇଛି। ତେବେ ୨୦୧୪–୧୫ରେ ୫.୨୬କୋଟି, ୨୦୧୫–୧୬ରେ ୫.୮୯କୋଟି, ୨୦୧୬–୧୭ରେ ୯.୫୪କୋଟି, ୨୦୧୭–୧୮ରେ ୧୧.୮୮କୋଟି, ୨୦୧୮–୧୯ରେ ୧୫.୧୬କୋଟି ଓ ୨୦୧୯–୨୦ରେ ୨୭.୩୦କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଥିଲା। ବିଧାୟକ ଉନ୍ନୟନ ପାଣ୍ଠିପରିମାଣ ୨୦୨୦–୨୧ରୁ ବାର୍ଷିକ ୩କୋଟି ଟଙ୍କାକୁ ବୃଦ୍ଧି ପାଇବା ପରେ ୧୪୭ ବିଧାୟକଙ୍କ ନିମନ୍ତେ ମୋଟ ୪୪୧ କୋଟି ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ତେବେ ଏଥିରୁ ୨୦୨୦–୨୧ରେ ୧୫୪.୦୯ କୋଟି ଟଙ୍କା(ପ୍ରାୟ ୩୫%), ୨୦୨୧–୨୨ରେ ୨୦୮.୬୬କୋଟି ଟଙ୍କା(ପ୍ରାୟ ୪୭.୩୧%) ଓ ୨୦୨୨–୨୩ରେ ୨୮୭.୪୫ କୋଟି ଟଙ୍କା(ପ୍ରାୟ ୬୫.୧୮%) ଖର୍ଚ୍ଚ ନହୋଇ ପଡ଼ିରହିଛି। ଗୁରୁବାର ବିଧାନସଭାରେ ଭାଜପା ବିଧାୟକ ବିଧାୟକ ନବଚରଣ ମାଝୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜ୍ୟ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏହି ସୂଚନା ଦେଇଛନ୍ତି।

ସମ୍ପୃକ୍ତ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିଶରେ ବିଳମ୍ବ, ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର ସୁପାରିସରେ ବିଳମ୍ବ, ଯୋଗ୍ୟ ସରକାରୀ ଜମି ନଥିବା ଓ ବିବାଦୀୟ ଜମି, ସ୍ଥାନୀୟ ବିବାଦ, କେତେକ ଘଟଣାରେ ପ୍ରକଳ୍ପ ମଞ୍ଜୁର ଓ ପାଣ୍ଠି ପ୍ରଦାନରେ ବିଳମ୍ବ ଯୋଗୁ ର୍ନିଦ୍ଧାରିତ ସମୟରେ ପ୍ରକଳ୍ପଗୁଡ଼ିକ ସରିପାରୁନି। ଯେଉଁଥିପାଇଁ କୋଟି କୋଟି ଟଙ୍କା ପାଣ୍ଠି ପଡ଼ି ରହୁଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଏମପି ପାଣ୍ଠି ବାବଦରେ ୨୦୨୦–୨୧ରେ ରାଜ୍ୟକୁ ମୋଟ ୫.୫୮କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ମାତ୍ର ୧.୧୦କୋଟି ଟଙ୍କା, ୨୦୨୧–୨୨ରେ ୭୬.୮୩କୋଟି ଟଙ୍କା ମଧ୍ୟରୁ ୨୩.୪୨କୋଟି ଟଙ୍କା ଓ ୨୦୨୨–୨୩ରେ ୧୦୧.୯୮କୋଟି ଟଙ୍କା ମଧ୍ୟରୁ ୫୦.୧୫କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# କେବିସି ଜୁନିଅରରେ ଓଡ଼ିଆ ପୁଅ ଅତ୍ୟୁକ୍ତ

**ଭୁବନେଶ୍ୱର, ୨୩।୧୧**
**(ଅସମାପିକା ସାହୁ)**


ଅତ୍ୟୁକ୍ତ ବେହୁରାୟ

**୫ମ ଶ୍ରେଣୀ ଛାତ୍ର ଜିତିଲେ ୨୫ ଲକ୍ଷ ଟଙ୍କା**

ଚଳିତ ସିଜନ୍‌ର କୌନ୍ ବନେଗା କରୋଡ଼ପତି (କେବିସି) ଜୁନିଅରରେ ଚମକିଛନ୍ତି ଓଡ଼ିଆ ପୁଅ ଅତ୍ୟୁକ୍ତ ବେହୁରାୟ। ପଞ୍ଚମ ଶ୍ରେଣୀରେ ପଢୁଥିବା ୧୦ ବର୍ଷ ବୟସ୍କ ଅତ୍ୟୁକ୍ତ ୨୫ ଲକ୍ଷ ଟଙ୍କା ପୁରସ୍କାର ଜିତିଛନ୍ତି। କେବଳ ଏତିକି ନୁହେଁ, କେବିସିର ସଞ୍ଚାଳକ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ମଧ୍ୟ ସେ ଦୁଇପଦ ଓଡ଼ିଆ ଶିଖାଇ ପ୍ରଶଂସା ସାଉଣ୍ଟିଛନ୍ତି। ଅତ୍ୟୁକ୍ତଙ୍କ ଘର କଟକର ସିଡିଏ ଅଞ୍ଚଳରେ ହୋଇଥିବାବେଳେ ମାମୁଘର ଭୁବନେଶ୍ୱର ଶୈଳଶ୍ରୀବିହାରରେ। ବାପା ଅଶେଷ କୁମାର ବେହୁରାୟ ଗୁଜରାଟସ୍ଥିତ ନାଗାର୍ଜୁନ ଫର୍ଟିଲାଇଜର୍ସ ଆଣ୍ଡ୍ କେମିକାଲ୍‌ସ ଲିମିଟେଡ୍‌ରେ ହାଲୋଲ ପ୍ଲାଣ୍ଟର ମୁଖ୍ୟ ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ମା' ଦୀପିକା ବେହୁରାୟ ଜଣେ ଗୃହିଣୀ। ଅତ୍ୟୁକ୍ତ ଗୁଜରାଟରେ ଏକ ଘରୋଇ ବିଦ୍ୟାଳୟରେ ପାଠ ପଢୁଛନ୍ତି। ନବମ ଶ୍ରେଣୀରେ ପଢୁଥିବା ତାଙ୍କ ବଡ଼ ଭଉଣୀ ଆକୃତି ବେହୁରାୟ ଜାତୀୟ ସ୍ତରର କୁଇଜ ଚାମ୍ପିୟନ ହୋଇଥିବାରୁ ତାଙ୍କ ପ୍ରେରଣାରେ ଅତ୍ୟୁକ୍ତ କୁଇଜ୍ ପ୍ରତି ଆଗ୍ରହୀ ହୋଇଥିଲେ। କେବିସିର ହଟ୍ ସିଟ୍‌ରେ ବସିବା ପାଇଁ ସାରା ଦେଶରୁ ହଜାର ହଜାର ପିଲାଙ୍କ ଭିତରେ ଉଭୟ ଲିଖିତ, ମୌଖିକ ଏବଂ ଅନ୍‌ଲାଇନ ଆଦି କଠିନ ପରୀକ୍ଷାରେ ଅତ୍ୟୁକ୍ତଙ୍କୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା। ତେବେ ୨୫ ଲକ୍ଷ ଟଙ୍କା ଜିତିବା ପରେ ୫୦ ଲକ୍ଷ ଟଙ୍କା ପାଇଁ ଉଦ୍ଦିଷ୍ଟ ଥିବା ପ୍ରଶ୍ନକୁ ଉତ୍ତର ଦେଇ ନ ପାରି ପ୍ରତିଯୋଗିତାରୁ ଓହରି ଆସିଥିଲେ। ଅନୁମାନ କରି ଭୁଲ୍ ଉତ୍ତର ଦେଇଥିଲେ ଅତ୍ୟୁକ୍ତ ମାତ୍ର ୩ ଲକ୍ଷ ୨୦ ହଜାର ଟଙ୍କା ପାଇଥାଆନ୍ତେ। ତେବେ ଅତ୍ୟୁକ୍ତ ଶିଶୁ ହୋଇଥିବାରୁ ଏହି ୨୫ ଲକ୍ଷ ଟଙ୍କା ବର୍ତ୍ତମାନ ମା'ଙ୍କ ସହ ଯୁଗ୍ମ ଖାତାରେ ବ୍ୟାଙ୍କରେ ରହିବ। ୧୮ ବର୍ଷ ହେବା ପରେ ସେ ଉକ୍ତ ଟଙ୍କାକୁ ଉଠାଇ ପାରିବେ।

ସେହିଭଳି କେବିସି ଶୋ'ରେ ଅମିତାଭଙ୍କ ସହିତ ମଜା ମଜା କଥା କହି ଉପସ୍ଥିତ ଦର୍ଶକଙ୍କୁ ଆମୋଦିତ କରିଥିଲେ ଅତ୍ୟୁକ୍ତ। ମୋ'ନାମ ଅମିତାଭ ବଚ୍ଚନ ବୋଲି ଓଡ଼ିଆରେ ଅମିତାଭଙ୍କୁ କୁହାଇ ସେ ହୃଦୟ ଜିଣିଥିଲେ। ଅତ୍ୟୁକ୍ତଙ୍କ ସ୍ପେଲିଙ୍ଗ୍ ବିଷୟରେ ଜାଣିବା ପାଇଁ ଅମିତାଭ ବଚ୍ଚନ ପ୍ରତିଯୋଗିତା ବାହାରେ ତାଙ୍କୁ ୩ଟି କଠିନ ଶବ୍ଦର ବନାନ ପଚାରିଥିଲେ ଏବଂ ଅତ୍ୟୁକ୍ତ ସମସ୍ତ ଉତ୍ତର ଠିକ୍ ଭାବେ ଦେଇଥିଲେ। ମାତ୍ର ଅତ୍ୟୁକ୍ତ ତାଙ୍କୁ ଯେଉଁ କଷ୍ଟ ଶବ୍ଦଟି ପଚାରିଥିଲେ, ତାହା କିନ୍ତୁ ଅମିତାଭ ଜାଣି ନ ଥିଲେ। ଅତ୍ୟୁକ୍ତ ସେଇ କଠିନ ଶବ୍ଦର ବନାନ କହିବା ପରେ ତାହା ଏକ ରୋଗର ନାମ ବୋଲି କହିଥିଲେ। ତେବେ ଶୋ' ମଧ୍ୟରେ ବିଜ୍ଞାପନ ପାଇଁ ବ୍ରେକ୍ ନେବା ପାଇଁ ଅମିତାଭଙ୍କୁ କୋରିଆ ଭାଷାରେ କୁହାଇ ସମସ୍ତଙ୍କୁ ଆଚମ୍ବିତ କରେଇଥିଲେ ଅତ୍ୟୁକ୍ତ। ଗୁରୁବାର ରାତି ୯ଟାରେ ସୋନି ଏଣ୍ଟରଟେନ୍‌ମେଣ୍ଟ ଲାଇଭ୍‌ରେ ଏହା ପ୍ରସାରିତ ହୋଇଥିଲା।

# ଦାୟିତ୍ୱ ଗ୍ରହଣ କଲେ ସୁଜାତା କାର୍ତ୍ତିକେୟନ୍

**ଭୁବନେଶ୍ୱର,୨୩।୧୧**
**(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନୂତନ କମିଶନର ତଥା ଶାସନ ସଚିବ ଭାବେ ସୁଜାତା ରାଉତ କାର୍ତ୍ତିକେୟନ୍ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭାଗର ବିକାଶ ଦିଗରେ କାର୍ଯ୍ୟ କରିବା ଏକ ଗୌରବର କଥା। ମିଳିଥିବା ଗୁରୁଦାୟିତ୍ୱକୁ ଆନ୍ତରିକ ଭାବେ ସମ୍ପାଦନ କରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଲୋକସେବା ଭବନଠାରେ ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ ସଚିବ ଅତସୀ ଦାସ, ଯୁଗ୍ମ ସଚିବ ତଥା ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ସଙ୍ଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। କାର୍ତ୍ତିକେୟନ୍ ବିଭାଗର ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବା ସହ ଅଧିକାରୀଙ୍କଠାରୁ ସହଯୋଗ କାମନା କରିଥିଲେ। ଏହା ପରେ ରାଜ୍ୟ ସଂଗ୍ରହାଳୟ ପରିସର କଳିଙ୍ଗ ଆର୍ଟ ଗ୍ୟାଲେରିରେ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ୩୭ତମ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ ସକାଶେ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ମିଠା ପ୍ରତିଶ୍ରୁତି ପାଇବେ ସତ ଆଶା କରିଥିବା ଦିଗରୁ ମୂଲ୍ୟବାନ୍ ଜିନିଷଟି ପ୍ରାପ୍ତ ହେବ ନାହିଁ। ଅଶ୍ୱିନୀ ନକ୍ଷତ୍ର ସକାଶେ ଅଧ୍ୟାପନା, କ୍ରୀଡ଼ା ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ। ସାମାଜିକ ସ୍ତରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବିବ୍ରତ ରହିପାରନ୍ତି।

**ବୃଷ**
ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଅନ୍ୟ ସହ ମିତ୍ରତା ସକାଶେ ମନ ବଳାଇବେ। ପରିସ୍ଥିତି ବଶତଃ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ଯୋଗୁ ସାମୟିକ ବ୍ୟସ୍ତତା ବଢ଼ିଯିବ। ରୋହିଣୀ ନକ୍ଷତ୍ର କଳା ସାହିତ୍ୟ ଏବଂ କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ପାଇବେ।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ବାଧବାଧକତାରେ କାମରୁ ଓହରି ପାରିବେ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ବନ୍ଧୁଙ୍କୁ ମନକଥା ଲୁଚାଇ ପାରିବେ ନାହିଁ। ଆରଦ୍ରା ନକ୍ଷତ୍ର ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ।

**କର୍କଟ**
ପୁନର୍ବସୁ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ଆଲୋଚନାର ଶେଷ ପର୍ଯ୍ୟାୟରେ ବନ୍ଧୁ ବିଶ୍ୱାସଘାତ କରିପାରନ୍ତି। ଅର୍ଥ ସମ୍ପର୍କିତ ଆଲୋଚନା ସୁରୁଖୁରୁରେ ସମ୍ପନ୍ନ ହେବ, ଏଥିପାଇଁ କିଛିଟା ହଇରାଣ ହେବାକୁ ପଡିପାରେ। ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ।

**ସିଂହ**
କର୍ମକ୍ଷେତ୍ରରେ ପ୍ରତ୍ୟେକ କାମ ସମସ୍ୟାବହୁଳ ହେଉଥିବାରୁ ମନରେ ସରସତା ରହିବ ନାହିଁ। ମଘା ନକ୍ଷତ୍ର ବ୍ୟକ୍ତିଙ୍କୁ ଆକସ୍ମିକ ଶତ୍ରୁମାନେ ମିତ୍ର ଆଚରଣ କରିପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ସୁଯୋଗ ହାତଛଡ଼ା ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**କନ୍ୟା**
ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ସମସ୍ୟାକୁ ସାମନା କରି ମାନସିକ ଦୁର୍ବଳତା ଦେଖାଦେଇପାରେ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଭାଇଙ୍କ ଅସୁବିଧା ପରିସ୍ଥିତି ବିଷୟ ଚିନ୍ତା କରି ଅଶାନ୍ତ ରହିବେ।

**ତୁଳା**
ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ବାଣିଜ୍ୟ, ବ୍ୟବସାୟରେ ବିଭିନ୍ନ ସମସ୍ୟା ଦେଖା ଦେଇପାରେ, କିନ୍ତୁ ପରିବହନ ସକାଶେ କୌଣସି ଅସୁବିଧା ନାହିଁ। ଚିତ୍ରା ନକ୍ଷତ୍ର ସକାଶେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ବିଛା**
ଆଜି ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରକ୍ରାନ୍ତ କରିବ, କିନ୍ତୁ କିଛି ଅସୁବିଧା ହେବ ନାହିଁ। ସାହାଯ୍ୟ ଆଶାରେ କର୍ମକ୍ଷେତ୍ରରେ ଜଣେ ବନ୍ଧୁ ପ୍ରଗାଢ଼ ଅନୁରକ୍ତି ପ୍ରକାଶ କରିବେ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଅନୁରାଧା ନକ୍ଷତ୍ର ପୁରୁଣା କଥାକୁ ଦୋହରାଇ ସମସ୍ୟାକୁ ବଢ଼ାଇ ପାରନ୍ତି।

**ଧନୁ**
ଆଜିର କର୍ମକ୍ଷେତ୍ରରେ ସାଧାରଣ ଟିକିଏ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିବାରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିବେ।

**ମକର**
କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ମାତ୍ର ସମ୍ପର୍କହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବକେୟା ଅର୍ଥ ଆଦାୟରେ ସକ୍ଷମ ନ ହେବାରୁ ମନ ଭାରାକ୍ରାନ୍ତ ରହିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଧନିଷ୍ଠା ନକ୍ଷତ୍ରର ବ୍ୟବସାୟ ଓ ପରିବହନରେ ସମସ୍ୟା ଆସିପାରେ।

**କୁମ୍ଭ**
ଦୀର୍ଘଦିନର ଅପୂରଣୀୟ ଆଶା ମନରେ ଭାବାନ୍ତର ସୃଷ୍ଟି କରିବ। ଆତ୍ମୀୟସ୍ୱଜନମାନେ ସ୍ୱାର୍ଥ ସାଧନ ଆଶା କ୍ଷୀଣ ଦେଖି ଦୂରେଇ ଯାଇପାରନ୍ତି। ବ୍ୟବସାୟରେ ଉନ୍ନତି, ନିର୍ମାଣରେ ଅଗ୍ରଗତି, ଜମିଜମା କାରବାରରେ ଚୁକ୍ତି ଆଦି କାମ ସମ୍ପନ୍ନ କରିପାରିବେ। ପୂର୍ବଭାଦ୍ରପଦ ନକ୍ଷତ୍ରର ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ**
ପରିବାରର ଖର୍ଚ୍ଚ ବଢ଼ିଯିବା କାରଣରୁ ମନରେ ସରସତା ରହିବ ନାହିଁ। ରେବତୀ ନକ୍ଷତ୍ର ସକାଶେ ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଲୋଚନା, ରାଜନୀତି, ସଂଗଠନ, କଳା, ସାହିତ୍ୟ ଆଦିରେ ଚେଷ୍ଟା ସଫଳ ହେବ। ଆତ୍ମୀୟମାନଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ଭ୍ରମଣ ସୁଯୋଗ ଲାଭ କରିବେ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ଗରୁଡ଼ ଉତ୍ଥାପନୀ ଦ୍ୱାଦଶୀ ଶୁକ୍ରବାର, ଶ୍ରୀଜୀଉଙ୍କର ବାଙ୍କଚୂଡ଼ା ବେଶ, ତୁଳସୀ ବିବାହ, ନଭେମ୍ବର ୨୪ ତାରିଖ, ରାଶିନକ୍ଷତ୍ର– ରେବତୀ/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୦୩ ଗତେ ଘ.୦୬।୪୭ ମଧ୍ୟେ, ଘ.୦୭।୩୧ ଗତେ ଘ.୦୮।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୦ ଗତେ ଘ.୧୧।୩୩ ମଧ୍ୟେ ରାହୁ କାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୪/୨୦୨୩ | Bhubaneswar, Friday, November 24/2023 | ପୃଷ୍ଠା-୧




'ଧରିତ୍ରୀ' ୫୦ ବର୍ଷରେ ପଦାର୍ପଣ କରିବା ଅବସରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ନିଆରା ବାଲୁକାକଳା ମାଧ୍ୟମରେ ଶୁଭେଚ୍ଛା ଜଣାଉଛନ୍ତି। ଏହି ବାଲୁକାକଳା ଧରିତ୍ରୀର '୫୦ ତମ ଜନ୍ମଦିନ ବିଶେଷାଙ୍କ' ପ୍ରଚ୍ଛଦରେ ସ୍ଥାନିତ ହୋଇଛି।

# ଚାଇନାରେ ରହସ୍ୟମୟ ନିମୋନିଆ ଆତଙ୍କ

- ଛୋଟ ପିଲା ସର୍ବାଧିକ ଆକ୍ରାନ୍ତ
- ବିସ୍ତୃତ ତଥ୍ୟ ମାଗିଲା ଡବ୍ଲ୍ୟୁଏଚ୍‌ଓ



**ବେଜିଂ/ନୂଆଦିଲ୍ଲୀ, ୨୩।୧୧**

କୋଭିଡ୍-୧୯ ମହାମାରୀର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଚାଇନାରେ ଅକ୍ଟୋବର ମଧ୍ୟଭାଗରୁ ଏକ ରହସ୍ୟଜନକ ନିମୋନିଆ (ଫୁସ୍‌ଫୁସ୍ ପ୍ରଦାହ) ସଂକ୍ରମଣ ବଢ଼ିବାରେ ଲାଗିଛି। ନିମୋନିଆରେ ଶିଶୁମାନେ ସର୍ବାଧିକ ଆକ୍ରାନ୍ତ ହେଉଥିବାରୁ ଏହା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଦୃଷ୍ଟି ଆକର୍ଷଣ କରିଛି। ବିଶ୍ୱବ୍ୟାପୀ ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ ଡବ୍ଲ୍ୟୁଏଚ୍‌ଓ ଚାଇନାକୁ ଏହି ଶ୍ୱାସଜନିତ ରୋଗର ବିସ୍ତୃତ ତଥ୍ୟ ମାଗିଛି।

ସାରା ବିଶ୍ୱରେ ସଂକ୍ରାମକ ରୋଗଗୁଡ଼ିକ ଉପରେ ତଥ୍ୟ ସଂଗ୍ରହ କରୁଥିବା ପ୍ରୋଗ୍ରାମ୍ ମନିଟରିଂ ଇମର୍ଜିଂ ଡିଜିଜେସ୍ (ପ୍ରୋମେଡ୍) ଚଳିତ ସପ୍ତାହରେ ନିମୋନିଆ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରିଥିଲା। ଉତ୍ତର ଚାଇନାରେ ପିଲାଙ୍କଠାରେ 'ଲକ୍ଷଣ ଦେଖାଯାଉ ନ ଥିବା ଏକ ନିମୋନିଆ'କୁ ନେଇ ଏଥିରେ ସତର୍କ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଡବ୍ଲ୍ୟୁଏଚ୍‌ଓର ଚାଇନା ଅଫିସ ନିୟମିତ ଯାଞ୍ଚ ପାଇଁ ବେଜିଂକୁ ପରାମର୍ଶ ଦେଇଛି।

ଗତ ୧୩ରେ ଚାଇନାର ଜାତୀୟ ସ୍ୱାସ୍ଥ୍ୟ କମିଶନ ଅଧିକାରୀମାନେ ଏକ ପ୍ରେସ୍ କନ୍‌ଫରେନ୍ସ ଆୟୋଜନ କରିଥିଲେ। ବ୍ୟାକ୍ଟେରିଆ ସଂକ୍ରମିତ ଶ୍ୱାସଜନିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ନେଇ ସେମାନେ ସୂଚନା ଦେଇଥିଲେ। ସେମାନଙ୍କ ମତରେ କୋଭିଡ୍-୧୯ କଟକଣାଗୁଡ଼ିକୁ ହଟାଇ ଦିଆଯିବା ପରେ ଇନ୍‌ଫ୍ଲୁଏଞ୍ଜା, ମାଇକୋପ୍ଲାଜ୍‌ମା, ନିମୋନିଆ, ରେସ୍ପିରେଟୋରି ସିନ୍‌ସିଟାଲ ଭାଇରସ୍ (ଆର୍‌ଏସ୍‌ଭି) ଏବଂ କୋଭିଡ୍-୧୯ ସଂକ୍ରମଣ ପାଇଁ ଦାୟୀ ଏକ ଭାଇରସ୍‌ରେ ସ୍ୱଳ୍ପବୟସ୍କମାନେ ଅଧିକ ଆକ୍ରାନ୍ତ ହେଉଛନ୍ତି। ପ୍ରକାଶ ଯେ, ୨୦୧୯ ଶେଷ ଆଡ଼କୁ କେନ୍ଦ୍ରୀୟ ଚାଇନାର ଉହାନ୍ ସହରରେ କୋଭିଡ୍-୧୯ ଭୂତାଣୁ ଉତ୍ପନ୍ନ ହେବାବେଳେ ବେଜିଂ ଏବଂ ଡବ୍ଲ୍ୟୁଏଚ୍‌ଓ ଏନେଇ ସ୍ୱଚ୍ଛତା ଅବଲମ୍ବନ କରି ନ ଥିବାରୁ ଅନେକ ପ୍ରଶ୍ନ ଉଠିଥିଲା। ତେଣୁ ନିମୋନିଆ କ୍ଷେତ୍ରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତତ୍ପରତା ଦେଖାଇଥିବା କୁହାଯାଉଛି। ଚାଇନାକୁ ୨୪ ଘଣ୍ଟା ମଧ୍ୟରେ ଏହାର ବିସ୍ତୃତ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ସତୀଘାଟ ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

- ୩୨୪ କୋଟି ଟଙ୍କା ମଞ୍ଜୁର
- ଉପକୃତ ହେବେ ବୌଦ୍ଧ ଜନସାଧାରଣ

**ଭୁବନେଶ୍ୱର, ୨୩।୧୧ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୌଦ୍ଧ ଜିଲା ପାଇଁ ସାଲକୀ ନଦୀରେ ସତୀଘାଟ ନଦୀଗର୍ଭ ଜଳାଶୟ ପ୍ରକଳ୍ପ (ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚର)କୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୩୨୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ବୌଦ୍ଧ ଜିଲାର ଜନସାଧାରଣ ଉପକୃତ ହେବେ। ଭୂତଳ ଜଳ ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛଚାଷ, ପ୍ରାଣୀପାଳନ ଆଦି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବୌଦ୍ଧ ଜିଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି।

DSPL-402


''ସବୁଠାରୁ ଉତ୍ତମ ପନ୍ଥା ହେଲା, ବାହାରେ ଘଟୁଥିବା ଶୋଚନୀୟ ଘଟଣାଗୁଡ଼ିକୁ ଦେଖି ବ୍ୟସ୍ତ ନହେବା, ଅନ୍ତର ମଧ୍ୟରେ ନିଜର ଅଗ୍ରଗତିକୁ ଅବ୍ୟାହତ ରଖିବା, ଯାହା ଫଳରେ ଏହି 'ନୂତନ' ଯେଉଁ ରୂପନେଇ ଆସୁ ପଛକେ ସେଥିପାଇଁ ପ୍ରସ୍ତୁତ ହୋଇ ରହିବା ସମ୍ଭବ ହେବ'' -ଶ୍ରୀଅରବିନ୍ଦ



# ବିଶ୍ୱତାପନର ମୁକାବିଲା



ସିମନ ଜାଡେକ

ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତା ଓ ବୁଝାମଣାକାରୀମାନେ ଦୁବାଇରେ ହେବାକୁଥିବା ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍‌୨୮) ରେ ଯୋଗଦେବାକୁ ପ୍ରସ୍ତୁତ ହେଉଛନ୍ତି। ସେମାନେ ଭଲଭାବେ ଜାଣନ୍ତି ଯେ, ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ କରିବାର କୌଣସି ବାସ୍ତବ ସୁଯୋଗ ନାହିଁ। ହେଲେ ଜଳବାୟୁ ପରିସରରେ ଥିବା ରହସ୍ୟକୁ ଅଧିକ ବ୍ୟାପକ ଭାବେ ଶେୟାର କରାଯିବା ଉଚିତ। ବିଡ଼ମ୍ବନାର ବିଷୟ, ବିଶ୍ୱତାପନକୁ ରୋକିବାରେ ବାଧା ଦେଉଥିବା କାର୍ଯ୍ୟ ସପକ୍ଷରେ ବଢୁଥିବା ମନୋଭାବକୁ ଏଡ଼ାଇବା ପାଇଁ ଆବଶ୍ୟକ ରାଜନୈତିକ ଇଚ୍ଛାଶକ୍ତି ଜୁଟାଇବାର ଏହା ଏକମାତ୍ର ଉପାୟ ହୋଇପାରେ ଓ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରାଯାଇପାରେ। ୨୦୧୫ ପ୍ୟାରିସ୍ ଜଳବାୟୁ ଚୁକ୍ତି ଦ୍ୱାରା ଧାର୍ଯ୍ୟ ହୋଇଥିବା ୧.୫ ଡିଗ୍ରୀ ସେଲ୍‌ସିୟସ୍ ଲକ୍ଷ୍ୟ ଏପର୍ଯ୍ୟନ୍ତ ହାସଲ ହୋଇପାରିବ ବୋଲି ଲକ୍ଷ୍ୟ ରହିଛି। କିନ୍ତୁ ଯଦି ଆମେ ତ୍ୱରିତ ନିର୍ଣ୍ଣାୟକ କାର୍ଯ୍ୟପନ୍ଥା ଗ୍ରହଣ କରିବା ତେବେ ଏହା ସମ୍ଭବ ହେବ। ହେଲେ ଆମେ କେବଳ କଥାରେ ସୀମିତ ରହିଛୁ, ଆବଶ୍ୟକ ସଂସ୍କାର ବା ପରିବର୍ତ୍ତନ ରାଜନୈତିକ ଦୃଷ୍ଟିରୁ ପରିଲକ୍ଷିତ ହେଉନାହିଁ। ଉଦାହରଣ ସ୍ୱରୂପ, ବିଶ୍ୱର କୋଇଲା ଉପଯୋଗ ୨୦୨୨ ମସିହାରେ ୮.୩ ବିଲିୟନ ଟନ୍‌ରେ ପହଞ୍ଚିଛି, ଯାହା ଏକ ସର୍ବକାଳୀନ ସର୍ବୋଚ୍ଚସ୍ତର। ଚେଭ୍ରନ ଏବଂ ଏକ୍ସନ ମୋବିଲ ଅତିରିକ୍ତ ତୈଳ ଏବଂ ଗ୍ୟାସ୍‌ଭଣ୍ଡାର ପାଇଁ ୧୧୩ ବିଲିୟନ ଡଲାର୍ ନିବେଶ କରିଛନ୍ତି। ଜୀବାଶ୍ମ ଇନ୍ଧନର ଦୀର୍ଘମିଆଦୀ ଲାଭ ପାଇଁ ଏହା କରାଯାଇଥିବା ଜଣାପଡୁଛି। ଏହା ଅତ୍ୟନ୍ତ ସ୍ପଷ୍ଟ ଯେ, ଆମେ ବିଶ୍ୱର ତାପମାତ୍ରା ଶିଳ୍ପ ବିପ୍ଳବ ପୂର୍ବ ସ୍ତରରୁ ଅତିକମ୍‌ରେ ୨ ଡିଗ୍ରୀ ସେଲ୍‌ସିୟସ୍ ଉପରେ ପହଞ୍ଚିବାକୁ ଦ୍ରୁତଗତିରେ ଆଗଉଛୁ। ଏହି ଆକଳନ ଏବକାର ଜଳବାୟୁ ନୀତିକୁ ଆଧାରକରି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ଦ୍ୱାରା ନିଆଯାଇଥିବା ସିଦ୍ଧାନ୍ତ ସହିତ ଏକମତ, ଯାହା ସ୍ପଷ୍ଟ କରିଛି ଯେ ବୈଶ୍ୱିକ ନିର୍ଗମନ ଏହି ଶତାବ୍ଦୀରେ ହାରାହାରି ତାପମାତ୍ରା ୨.୪ ଡିଗ୍ରୀ ସେଲ୍‌ସିୟସ୍‌କୁ ବୃଦ୍ଧି କରିପାରେ।

ଭବିଷ୍ୟତରେ ବିଶ୍ୱତାପନ ୧.୫ ଡିଗ୍ରୀ ସେଲ୍‌ସିୟସ୍‌କୁ ଟପିଗଲେ ତାହା ଏବକାର ସ୍ଥିତିଠାରୁ ସମ୍ପୂର୍ଣ୍ଣ ଭିନ୍ନ ଦୃଶ୍ୟ ପରିଲକ୍ଷିତ ହେବ। ତାପମାତ୍ରା ୧ ଡିଗ୍ରୀର ଏକ ଦଶମାଂଶ ବୃଦ୍ଧି ହେଲେ ତାହାର ପରିଣାମ ଗମ୍ଭୀର ହେବ। ଯଦି ବିଶ୍ୱତାପନ ୨ ଡିଗ୍ରୀ ସେଲ୍‌ସିୟସ୍ ହୁଏ, ତେବେ ବିଶ୍ୱ ଜନସଂଖ୍ୟାର ୪୦% ଗୁରୁତର ହିଟ୍‌ୱେଭ୍‌ର ଶିକାର ହେବେ ଏବଂ ଏକ ତୃତୀୟାଂଶ ଗମ୍ଭୀର ଜଳସଙ୍କଟ ସାମ୍ନାକରିବେ। ମାନବୀୟ କ୍ଷତି ମଧ୍ୟ ହେବ। ଅନେକେ ବିସ୍ଥାପିତ ହେବେ, ଜୀବିକା ହରାଇବେ ଏବଂ ଅକାଳ ମୃତ୍ୟୁର ଶିକାର ହେବା ନିଶ୍ଚିତ। ଗରିବ ଦେଶଗୁଡ଼ିକରେ ବିଶେଷକରି ବିପଦରେ ଥିବା ଜନସମୁଦାୟ ସବୁଠୁ ଅଧିକ କ୍ଷତିର ସମ୍ମୁଖୀନ ହେବେ।



ଏହି ପରିଣାମକୁ ରୋକିବା ପାଇଁ ଆମ ଶକ୍ତି ମଧ୍ୟରେ ସବୁକିଛି କରିବା ଜରୁରୀ। କିନ୍ତୁ ବିଡ଼ମ୍ବନାର ବିଷୟ, ୧.୫ ଡିଗ୍ରୀ ସେଲ୍‌ସିୟସ୍ ଲକ୍ଷ୍ୟ ହାସଲ କରିବାର ମିଥ୍ୟା ଆଶା ଜଳବାୟୁ କାର୍ଯ୍ୟକ୍ରମର ଅଗ୍ରଗତିରେ ବାଧକ ହୋଇଛି। ଏବେ କପ୍‌୨୮ ସମ୍ମିଳନୀ ପରିପ୍ରେକ୍ଷୀରେ '୧.୫ ଡିଗ୍ରୀ ପରେ କ'ଣ ହେବ ତାହା ଲାଗି ଭବିଷ୍ୟତ ପାଇଁ ଯୋଜନା କରିବାର ସମୟ ଉପଗତ' ଶୀର୍ଷକ ନେଚର ଫାଇନାନ୍ସ ପ୍ରକାଶ କରିଛି। ଏହି ଲକ୍ଷ୍ୟ ଆମର ଅଭିଳାଷକୁ ପ୍ରତିଫଳିତ କରେ, କିନ୍ତୁ ବିପରୀତ ଭାବରେ ଏକ ପରିବର୍ତ୍ତନର କଳ୍ପନା ଅର୍ଥାତ୍ ବିନା କାର୍ବନ ନିର୍ଗମନରେ ଏକ ଭବିଷ୍ୟତ ଦୁନିଆକୁ ସନ୍ନିବେଶ କରିଛି। ଏହି ଅବଧାରଣା ଅନେକ ରାଜନୈତିକ, ବ୍ୟବସାୟ ଏବଂ ନାଗରିକ-ସମାଜ ନେତୃତ୍ୱଙ୍କ ଦ୍ୱାରା ପ୍ରୋତ୍ସାହିତ କରାଯାଉଛି। ଏହା ଆମକୁ ପାରମ୍ପରିକ ଜ୍ଞାନର ସୀମା ମଧ୍ୟରେ ଜଳବାୟୁ ସମ୍ପର୍କିତ କାର୍ଯ୍ୟ କରିବାକୁ ବାଧ୍ୟକରେ।

ଧୀରେ ଧୀରେ ଆଗକୁ ବଢ଼ୁଥିବା ସଙ୍କଟର ମୁକାବିଲା କରିବାକୁ ମଣିଷ ସଂଘର୍ଷ କରେ। ଏହି ଧାରାକୁ ଏଡ଼ାଇବା ପାଇଁ ସାଧାରଣତଃ ଏକ ନୂତନ ବାସ୍ତବତା ବା ଅଭିନବତ୍ୱର ଆବଶ୍ୟକ ହୁଏ, ଯାହା ହଠାତ୍ ଏକ ପରିବର୍ତ୍ତନ ଆଣେ ଏବଂ ସମ୍ଭାବ୍ୟ କ୍ଷେତ୍ରକୁ ବିସ୍ତାର କରିଥାଏ। ଉଦାହରଣ ସ୍ୱରୂପ, ୨୦୦୮ ବିଶ୍ୱ ଆର୍ଥିକ ସଙ୍କଟ ପରେ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନରମାନେ 'ମୁଦ୍ରାସ୍ଫୀତି ଭୟରେ ସମସ୍ତ ଖର୍ଚ୍ଚରେ ମୁଦ୍ରା ବିସ୍ତାରକୁ ଏଡ଼ାଇବାକୁ ହେବ'- ଏଭଳି ଦୀର୍ଘଦିନର ବିଶ୍ୱାସକୁ ତ୍ୟାଗ କରିଥିଲେ। ଏହା ପରିବର୍ତ୍ତେ ପୁନରୁଦ୍ଧାରକୁ ଉତ୍ସାହିତ କରିବା ପାଇଁ ସେମାନେ ସହଜ ଉପାୟ ଗ୍ରହଣକରି ଟଙ୍କା ଛାପିଲେ। ସେହିଭଳି କୋଭିଡ୍-୧୯ ମହାମାରୀ ପରେ ଅଗ୍ରଣୀ ଜି-୨୦ ଦେଶଗୁଡ଼ିକ ଆର୍ଥିକ ସମ୍ଭାବ୍ୟତା ପ୍ରତି ପ୍ରତିବଦ୍ଧତା ତ୍ୟାଗ କରିଥିଲେ ଏବଂ ବହୁମୂଲ୍ୟ ବିଶ୍ୱସ୍ତରୀୟ ଆୟ ଦେୟ ଗ୍ରହଣ କରିଥିଲେ, ଯାହାକୁ ପୂର୍ବରୁ ୟୁଟୋପିଆନ କଳ୍ପନା ଭାବରେ ବିଦ୍ରୂପ କରାଯାଇଥିଲା।

୧.୫ ଡିଗ୍ରୀ ସେଲ୍‌ସିୟସ୍ କଥା ଯାହା କୁହାଯାଉଛି ତାହାକୁ ସମ୍ପୂର୍ଣ୍ଣ ବଦଳାଇ ଗୃହୀତ ନୀତି ଓ ଏବକାର ବାଧା ସୃଷ୍ଟି କରୁଥିବା ସ୍ଥିତିକୁ ଭାଙ୍ଗିବା ଲଗି ନିଆଯାଉଥିବା ପଦକ୍ଷେପ ସପକ୍ଷରେ ରହିବାକୁ ହେଲେ ବ୍ୟବସାୟିକ ଢାଞ୍ଚା ଭାଙ୍ଗିବା ଆବଶ୍ୟକ ହୋଇପାରେ। ଉଦାହରଣ ସ୍ୱରୂପ, ଖାଦ୍ୟ ନିରାପତ୍ତା ସମ୍ବନ୍ଧୀୟ ସମସ୍ୟାକୁ ବିଚାର କରନ୍ତୁ। ଦୁର୍ବଳ, କ୍ଷୁଦ୍ର କୃଷକମାନଙ୍କ ପୁନଃନିର୍ମାଣ ଅଭ୍ୟାସକୁ ପରିବର୍ତ୍ତନ କଲେ ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରହିବ। କିନ୍ତୁ ସେମାନେ ଚାଷ ପ୍ରଣାଳୀକୁ ଛାଡ଼ିବା କଷ୍ଟକର ହୋଇଯିବ ଏବଂ ତାପମାତ୍ରା ସେହି ଲକ୍ଷ୍ୟଠାରୁ ଅଧିକ ହେଲେ ସେମାନେ ଜୀବିକା ହରାଇବେ। ଏଥିସହିତ ଉତ୍ତାପ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ଠାରୁ ଅଧିକ ହେଲେ ବିଶ୍ୱ ଖାଦ୍ୟଶୃଙ୍ଖଳ ଗୁରୁତ୍ୱ ହରାଇବ। କାରଣ ଉତ୍ପାଦନକାରୀ ଦେଶ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବେ ଏବଂ ଚାଉଳ ପରି ପ୍ରମୁଖ ସାର୍ବଭୌମ ଆମଦାନୀକାରୀମାନେ ଆତ୍ମନିର୍ଭରଶୀଳତା ଉପରେ ଧ୍ୟାନହେବେ। ଏହିପରି ସ୍ଥିତିରେ ଖାଦ୍ୟ ଉତ୍ପାଦନରେ ନିବେଶ ବଢ଼ିପାରେ, ଯାହା ଜଳବାୟୁ ଉପଯୋଗୀ ହେବା ସହ କମ୍ ପ୍ରକୃତି ଉପରେ ନିର୍ଭରଶୀଳ ରହିବ। ଭର୍ଟିକାଲ ଫାର୍ମିଂ ଓ ପରୀକ୍ଷାଗାରରେ ଖାଦ୍ୟ ପ୍ରସ୍ତୁତିକୁ ଉତ୍ସାହିତ କରିବ। ଅକ୍ଷୟ-ଶକ୍ତି ପ୍ରଯୁକ୍ତିବିଦ୍ୟାର ଭୂମିକାକୁ ବିଚାରକଲେ ଗରିବ ଦେଶରେ ପରିବେଶ ଉପଯୋଗୀ ଖାଦ୍ୟ ପ୍ରଣାଳୀକୁ ନିୟୋଜିତ କରିବା ଏକ ଆହ୍ୱାନ ହୋଇଯିବ। ଆର୍ଥିକ କ୍ଷେତ୍ର ମଧ୍ୟ ବାଧାପ୍ରାପ୍ତ ହେବ। ନିବେଶଗୁଡ଼ିକ ତୁରନ୍ତ କାର୍ବନକୈନ୍ଦ୍ରିକ ସମ୍ପତ୍ତିରୁ ଦୂରେଇ ରହିବା ଆବଶ୍ୟକ। ତଥାପି ଜଳବାୟୁ ସମ୍ବନ୍ଧୀୟ ବିପଦକୁ ରୋକିବା ଲାଗି ଏବକାର ପଦକ୍ଷେପଗୁଡ଼ିକ ସମ୍ପତ୍ତି ମୂଲ୍ୟ ଏବଂ ଆବଣ୍ଟନକୁ ବିଚାରକୁ ନେବାରେ ବିଫଳ ହୋଇଛି। ଏଭଳି ସ୍ଥିତିରେ ଜାତୀୟ ଓ ଅନ୍ତର୍ଜାତୀୟ ଜଳବାୟୁ ନୀତି ଏବଂ ପ୍ରତିବଦ୍ଧତା ସହିତ ଆର୍ଥିକ ପ୍ରବାହକୁ ସମାନ କରିବା ପାଇଁ ବହୁ ଦୃଢ଼ ପଦକ୍ଷେପ ଆବଶ୍ୟକ। କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସୁପରଭାଇଜରମାନେ ଆର୍ଥିକ ବିପଦକୁ ଅତିକ୍ରମ କରିବାକୁ ପଡ଼ିବ ଏବଂ ସେମାନଙ୍କର ପ୍ରିୟ ନୀତି କୁହାଯାଉଥିବା ସ୍ୱାଧୀନତାକୁ ପରିତ୍ୟାଗ କରିବାକୁ ପଡିବ, ଯାହା ସେମାନେ ପୂର୍ବରୁ ସଙ୍କଟ ସମୟରେ କରିଥିଲେ। ଏପରି ପରିସ୍ଥିତିରେ ନିୟାମକମାନେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶୂନ୍ୟ ନିର୍ଗମନ, ପ୍ରକୃତି-ସକାରାତ୍ମକ କାର୍ଯ୍ୟସୂଚୀ ପାଇଁ ଆର୍ଥିକ ପ୍ରତିଷ୍ଠାନ ଉପରେ ବାଧ୍ୟତାମୂଳକ ଆବଶ୍ୟକତା ଲାଗୁ କରିବାରେ ଅନ୍ତର୍ଜାତୀୟ ପ୍ରତିବଦ୍ଧତା ସହ ଏକମତ ହେବା ଦରକାର।

ବାସ୍ତବରେ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ବଡ଼ ଚିନ୍ତା କରିବା ଆରମ୍ଭ କରିବାକୁ ହେବ। ପ୍ରକୃତରେ ଅଭିନବ ଜଳବାୟୁ କାର୍ଯ୍ୟକ୍ରମ ବହୁ ପ୍ରତ୍ୟାଶିତ ଲକ୍ଷ୍ୟ ଏବଂ ଏହା ସହିତ ଭ୍ରମାତ୍ମକ ଭବିଷ୍ୟତର ସାନ୍ତ୍ୱନାମୂଳକ ଦୃଷ୍ଟିକୋଣକୁ ନ ଛାଡ଼ିଲେ ଅସମ୍ଭବ ହୋଇଯିବ। ଯଦିଓ ଏହିପରି ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ସଫଳତାର ଗ୍ୟାରେଣ୍ଟି ଦେବ ନାହିଁ। ଏହା ତାପମାତ୍ରାକୁ ସୀମିତ ରଖିବା ଏବଂ ଏକ ଉଷ୍ମ ଦୁନିଆ ପାଇଁ ପ୍ରସ୍ତୁତ ହେବାକୁ ଅଣପାରମ୍ପରିକ ପଦକ୍ଷେପଗୁଡ଼ିକ ସକାଶେ ଦ୍ୱାର ଉନ୍ମୁକ୍ତ ରଖିପାରେ।

**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ନେଚର ଫାଇନାନ୍ସ**

## ଆମ ଶିକ୍ଷା ବ୍ୟବସ୍ଥା



ବିପ୍ଳବ

କିଛିଦିନ ତଳେ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସାଦ ପଟ୍ଟନାୟକ 'ଶିକ୍ଷାନୀତି ଓ ଭାଷାନୀତି' ଶୀର୍ଷକ ଆଲୋଚନାଟିଏ ଲେଖିଥିଲେ। ସେଥିରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚିତ ହୋଇଥିଲା। ପ୍ରାୟ ପଚାଶ ବର୍ଷ ତଳେ ସମ୍ପୃକ୍ତ ଲେଖକ ଯେତେବେଳେ ଗୋଟିଏ ସାନ୍ତାଳି ଗାଁ ବୁଲିବାକୁ ଯାଇଥିଲେ ଜଣେ ନବେ ବର୍ଷର ବୃଦ୍ଧାଙ୍କ ସହିତ ତାଙ୍କର ସାକ୍ଷାତ୍ ହୋଇଥିଲା, ଯିଏ କି ନିଜର ନାତିନାତୁଣୀମାନଙ୍କୁ ସ୍କୁଲ ଯିବାପାଇଁ ବାରଣ କରୁଥିଲେ। ଲେଖକ ଯେତେବେଳେ ତାଙ୍କୁ ଭେଟିଲେ ଏବଂ ନାତିନାତୁଣୀମାନଙ୍କୁ ସ୍କୁଲ ଯିବାକୁ ବାରଣ କରୁଥିବାର କାରଣ ପଚାରିଲେ ବୃଦ୍ଧାଜଣଙ୍କ କ୍ଷୋଭ ପ୍ରକାଶ କରି କହିଲେ 'କୋଉ ସ୍କୁଲ, ଯେଉଁ ସ୍କୁଲ ଆମ ପରିବାର ଭାଙ୍ଗିଦେଲା? ମାଟ୍ରିକ ପାସ୍ ପରେ ମୋ ପିଲାମାନେ ବାରିପଦାରେ ଘର କରିବେ ଆଉ ବି.ଏ. ପାସ ପରେ ଭୁବନେଶ୍ୱରରେ ଘର କରିବେ, ସେଇ ସ୍କୁଲରେ ପିଲାମାନଙ୍କୁ ପଢ଼େଇବି? ସତରେ କେତେ ଦୂରଦ୍ରଷ୍ଟା ଥିଲେ ସେ! ପଚାଶ ବର୍ଷ ତଳେ ସେ ଯେଉଁ ଆଶଙ୍କା କରୁଥିଲେ ଆଜି ସେ ସବୁ ଅକ୍ଷରେ ଅକ୍ଷରେ ସତ ହୋଇଛି। ତାଙ୍କ ପ୍ରଶ୍ନର ଉତ୍ତର କ'ଣ କେଉଁ ଶିକ୍ଷାବିତ୍ ଦେଇପାରିବେ?

ଆଜିର ଶିକ୍ଷା ମଣିଷକୁ ଶ୍ରମ ବିମୁଖ, ସ୍ୱାର୍ଥପର, ଅବିବେକୀ ଆଉ ଟଙ୍କା ରୋଜଗାର କରୁଥିବା ମେଶିନ ରୂପେ ଗଢ଼ିତୋଳିଛି କହିଲେ ଅତିରଞ୍ଜିତ ହେବନାହିଁ। ଅଧିକାଂଶ ମାତାପିତା ଏଥିପାଇଁ ଦାୟୀ, ମାତ୍ର ଆମ ଶିକ୍ଷା ବ୍ୟବସ୍ଥାର ଅନେକ ଦୁର୍ବଳ ଦିଗ ଏ ସବୁକୁ ପ୍ରୋତ୍ସାହିତ କରୁଛି। ଅଳ୍ପଦିନ ତଳର କଥା କହୁଛି। ଆମେ ଦୁଇ ବନ୍ଧୁ ରାସ୍ତାକଡ଼ରେ ଠିଆ ହୋଇ କଥାବାର୍ତ୍ତା ହେଉଥିବା ସମୟରେ ତାଙ୍କର ପଞ୍ଚମରେ ପଢୁଥିବା ପୁଅ କାନ୍ଦି କାନ୍ଦି ଆସିଲା। ବନ୍ଧୁଜଣଙ୍କ ତାଙ୍କ ପୁଅକୁ କାନ୍ଦିବାର କାରଣ ପଚାରିଲେ ଏବଂ ସେ ଯାହା ଉତ୍ତର ଦେଲା ତାହା ବାସ୍ତବିକ ଚିନ୍ତାର ବିଷୟ। ତା'ଠୁ ତା' ସାଙ୍ଗ କମ୍ ନମ୍ବର ରଖି ସରକାରଙ୍କ ଦ୍ୱାରା ପରିଚାଳିତ ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ଉତ୍ତୀର୍ଣ୍ଣ ହୋଇପାରିଲା ଆଉ ସେ ଅଧିକ ନମ୍ବର ରଖି କେମିତି ଫେଲ୍ ହୋଇଗଲା? କୋମଳମତି ନିଷ୍ପାପ ଶିଶୁ ମନରେ ଉଠିଥିବା ଏହି ପ୍ରଶ୍ନର ଉତ୍ତର କେଉଁ ସରକାର ପାଖରେ ଅଛିକି? ସରକାରୀ ସ୍କୁଲରେ ମାଗଣା ଖାଇବା, ପିଇବା, ଡ୍ରେସ୍, ଜୋତା ଠୁଁ ଆରମ୍ଭକରି ସାଇକେଲ ପର୍ଯ୍ୟନ୍ତ ସବୁ ବ୍ୟବସ୍ଥା ରହିଛି। ତଥାପି ସରକାରୀ ସ୍କୁଲରେ ଉପସ୍ଥାନ ଘରୋଇ ସ୍କୁଲ ଅପେକ୍ଷା ଯଥେଷ୍ଟ କମ୍ ଏବଂ ପରୀକ୍ଷା ଫଳ ମଧ୍ୟ ସମାନ ଭାବରେ ନୈରାଶ୍ୟଜନକ। ଏହାର କାରଣ କ'ଣ? ଏହାର ବିଭିନ୍ନ ଦିଗ ରହିଛି। ସରକାରୀ ସ୍କୁଲରେ ଭଲ ପାଠପଢ଼ା ହେଉନାହିଁ ବୋଲି ଏମିତି ଏକ ମାନସିକତା ଅଭିଭାବକ ମହଲରେ ଦୃଢ଼ ହୋଇଛି, କିମ୍ବା ପ୍ରକୃତ ପକ୍ଷେ ଭଲ ପାଠପଢ଼ା ହେଉନାହିଁ। ଏ ଦୁଇଟି ମଧ୍ୟରୁ ଗୋଟିଏ କଥା ସତ। ଅଧିକାଂଶ ଅଭିଭାବକଙ୍କର ହୁଏତ ଧାରଣା ଯେ ସରକାରୀ ସ୍କୁଲର ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ କେବଳ ପାଠପଢ଼ା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ। ସେମାନେ ଜନଗଣନାଠାରୁ ଆରମ୍ଭକରି ଭୋଟ କାର୍ଡ ସଂଶୋଧନ, ସ୍କୁଲ ମରାମତିଠାରୁ ଆରମ୍ଭ କରି ରଙ୍ଗ ହେବା ପର୍ଯ୍ୟନ୍ତ, ମଧ୍ୟାହ୍ନ ଭୋଜନ କଥା ବୁଝିବାଠାରୁ ଆରମ୍ଭକରି ବିଭିନ୍ନ ଫାଇଲ ଚାଷ ପର୍ଯ୍ୟନ୍ତ କାମ କରିଥାନ୍ତି। ଏ ସବୁରୁ ସମୟ ବାହାର କରି ଶିକ୍ଷାଦାନ କରିବା ପାଇଁ ସେମାନଙ୍କୁ କେତେ ସମୟ ଅଣ୍ଟୁଥିବ? ଗୋଟିଏ ଶ୍ରେଣୀ ପାଇଁ ଅଲଗା ଅଲଗା ବ୍ୟବସ୍ଥା, ଅଲଗା ଅଲଗା ବହି, ଅଲଗା ଅଲଗା ଭାଷା ଫଳରେ ଶିକ୍ଷା ସଂକୋଚନର ଗତି ଭୟଙ୍କର ଆଡ଼କୁ ଗତିକରୁଛି। ସରକାରୀ ସ୍କୁଲଗୁଡିକରେ ଶିକ୍ଷାର ଅଧୋଗତି ଫଳରେ ଅଧିକାଂଶ ସ୍କୁଲ ଏବେ ବନ୍ଦ ହୋଇ ତାଲା ଝୁଲୁଛି। କେଉଁଠି ଶିକ୍ଷକ ଅଛନ୍ତି ପିଲା ନାହାନ୍ତି, କେଉଁଠି ପିଲା ଅଛନ୍ତି ଶିକ୍ଷକ ନାହାନ୍ତି, କେଉଁଠି ଉଭୟ ଅଛନ୍ତି ପାଠ ନାହିଁ। କିଛି ବର୍ଷ ହେବ ଶିକ୍ଷାର ଘରୋଇକରଣ ଦ୍ରୁତ ବେଗରେ ଚାଲିଛି। ଏହାଦ୍ୱାରା ଶିକ୍ଷା ବ୍ୟବସ୍ଥା ପୁଞ୍ଜିପତିମାନଙ୍କ ହାତକୁ ଚାଲିଯିବାର ଦେଖାଯାଉଛି।

ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ବର୍ଷ ପରେ ଦେଶରେ ଏକକ ଶିକ୍ଷାନୀତି ନାହିଁ। ଏବେ ହେବ ବୋଲି ଶୁଣାଯାଉଛି। ଯେତେ ଶୀଘ୍ର ଏହା କାର୍ଯ୍ୟକାରୀ ହେବ ତାହା ଦେଶ ପାଇଁ ମଙ୍ଗଳଦାୟକ। ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସହିତ ଧନ୍ଦାମୂଳକ ଶିକ୍ଷା, ନୈତିକ ଶିକ୍ଷା, ଶିକ୍ଷାରେ ସଂରକ୍ଷଣର ବିଲୋପ, ପ୍ରଭୃତି ସଂସ୍କାରମୂଳକ ନିଷ୍ପତ୍ତିନେବାର ଆବଶ୍ୟକତା ରହିଛି। ଶିକ୍ଷାର ବ୍ୟାପକତା ସଂକୁଚିତ ହୋଇ କେବଳ ସାର୍ଟିଫିକେଟ ଭିତରେ ସୀମିତ ହୋଇ ରହି ନ ଯାଉ। ଶିକ୍ଷାର ଲକ୍ଷ୍ୟ କେବଳ ଚାକିରି ଆଉ ଟଙ୍କା ରୋଜଗାର କରିବାରେ ସୀମିତ ନ ହେଉ। ଶିକ୍ଷାର ଉତ୍ତମ ବ୍ୟବସ୍ଥା ଦ୍ୱାରା ବ୍ୟକ୍ତିଟିଏ ଅନ୍ଧାରରୁ ଆଲୋକକୁ ଆସୁ। ନିଜ ପ୍ରତି ଆଉ ଅନ୍ୟମାନଙ୍କ ପ୍ରତି ସୁବିଚାର କରୁ। ତେବେ ଯାଇ ଶିକ୍ଷାର ମୂଲ୍ୟ ରହିବ।

**ମକୁନ୍ଦପୁର, ବାଙ୍କୀ**
**ମୋ-୯୪୩୭୪୬୮୦୧୬**

## ଏଇ ଭାରତରେ

ଜିଆଖତ ଉତ୍ପାଦନ କରି ବର୍ଷକୁ ୧ କୋଟି ଟଙ୍କାରୁ ଅଧିକ ରୋଜଗାର କରିବା ବିଷୟ ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏହା ମେରଟର ସନା ଖାନ୍‌ଙ୍କ ଦ୍ୱାରା ସମ୍ଭବ ହୋଇପାରିଛି। ଡାକ୍ତର ହେବା ପାଇଁ ଚାହୁଁଥିଲେ ସନା। ପ୍ରବେଶିକାରେ ସଫଳ ନ ହେବାରୁ ଇଞ୍ଜିନିୟରିଂ ପଢ଼ିଲେ। ଏହି ସମୟରେ ସେ ଭର୍ମିକମ୍ପୋଷ୍ଟ(ଜିଆଖତ) ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ପାଇବା ପରେ ସେହିଠାରୁ ତାଙ୍କ ଜୀବନର ଗତିପଥ ବଦଳିବା ଆରମ୍ଭ ହୋଇଗଲା। ପ୍ରଥମେ ସେ ତାଙ୍କ ଭାଇଙ୍କଠାରୁ ଟଙ୍କା ଆଣି ଏସ୍.ଜେ. ଅର୍ଗାନିକ୍ସ ଭର୍ମି କମ୍ପୋଷ୍ଟ କମ୍ପାନୀ ପ୍ରତିଷ୍ଠା କରିଥିଲେ। ଧୀରେ ଧୀରେ ତାଙ୍କ କମ୍ପାନୀ ଆଗକୁ ବଢ଼ିଲା ଓ ଖତ ଉତ୍ପାଦନ ବି ବଢ଼ିଲା। ସେ ୨୦୨୦ରେ ୫୦୦ ଟନ୍ ବର୍ଜ୍ୟ ଉପଯୋଗ କରି ୧୫୦ ଟନ୍ ଖତ ପାଇଥିଲେ। ଏବେ ଏହା ବୃଦ୍ଧି ପାଇଛି ଏବଂ ଏଥିରୁ ସେ ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ଏହି କାର୍ଯ୍ୟରେ ସେ ୩୦ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। କେବଳ ଏତିକି ନୁହେଁ, ସନା ୧୦୦ଟି ସ୍କୁଲରେ ବର୍ଜ୍ୟରୁ ଜିଆଖତ ପ୍ରସ୍ତୁତ କରିବା ଲାଗି ବ୍ୟବସ୍ଥା କରିଛନ୍ତି। ଏହା ବ୍ୟତୀତ ସେ ଜିଆଖତ ଉତ୍ପାଦନ ସମ୍ପର୍କରେ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୨୪ ନଭେମ୍ବର ୧୯୯୮

- ଭାରତୀୟ ପେଟେଣ୍ଟ ଆଇନର ସଂଶୋଧନ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ପ୍ରଦାନ।
- ବିଦ୍ରୋହୀମାନଙ୍କ ବିମାନ ଆକ୍ରମଣରୁ ପାର୍ଲାମେଣ୍ଟକୁ ରକ୍ଷା କରିବା ପାଇଁ ଶ୍ରୀଲଙ୍କା ପ୍ରତିରକ୍ଷା ବିଭାଗ ପକ୍ଷରୁ ପାର୍ଲାମେଣ୍ଟ ପରିସର ମଧ୍ୟରେ ବିମାନ ବିଧ୍ୱଂସୀ କ୍ଷେପଣାସ୍ତ୍ରମାନ ଖଞ୍ଜାଯାଇଛି।
- 'ଦି ଇରାକି-ଇଣ୍ଡିଆନ ଫ୍ରେଣ୍ଡସିପ୍' ସଙ୍ଗଠନ ପକ୍ଷରୁ ଇରାକ୍ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ 'ଶତାବ୍ଦୀର ମାନବ' ପୁରସ୍କାର ପ୍ରଦାନ ନେଇ ଘୋଷଣା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | 3 | | | | |
| 9 | | | | | 7 | | | |
| 7 | | | 8 | | | | 3 | 5 |
| | | 2 | 6 | | | | | |
| 6 | 8 | | | | | | 5 | |
| | | | 5 | | 4 | 8 | | |
| 2 | | | | | 5 | 9 | 6 | |
| | 9 | | 4 | | | | | |
| | | | 3 | | | 1 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 5 | 6 | 7 | 2 | 9 | 3 | 4 |
| 7 | 4 | 3 | 1 | 9 | 8 | 2 | 6 | 5 |
| 2 | 9 | 6 | 5 | 4 | 3 | 8 | 1 | 7 |
| 5 | 7 | 9 | 4 | 3 | 6 | 1 | 2 | 8 |
| 3 | 2 | 4 | 8 | 1 | 5 | 6 | 7 | 9 |
| 6 | 8 | 1 | 9 | 2 | 7 | 4 | 5 | 3 |
| 4 | 3 | 2 | 7 | 8 | 1 | 5 | 9 | 6 |
| 9 | 5 | 7 | 2 | 6 | 4 | 3 | 8 | 1 |
| 1 | 6 | 8 | 3 | 5 | 9 | 7 | 4 | 2 |

ଗତକାଲିର ଉତ୍ତର

# ସ୍ୱଦେଶ ଆତ୍ମାର ବାଣୀମୂର୍ତ୍ତି ତୁମେ



ବିମଳ ପ୍ରସନ୍ନ ଦାସ

୧୯୨୬, ନଭେମ୍ବର ୨୪ ତାରିଖ। ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାମୟ ଜୀବନରେ ମହାସିଦ୍ଧିର ବିଜୟ ବାର୍ତ୍ତା ଉଦ୍‌ଘୋଷିତ ହେଲା ''ଏଇ ଭାରତରେ ମହାମାନବର ସାଗରତୀରେ''। ଏହାର ଅବ୍ୟବହିତ ପରେ ୧୯୨୮ ମସିହାରେ ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କୁ ସାକ୍ଷାତ୍ କରି ନିଜର ଅମର କୃତି 'ନମସ୍କାର' କବିତାରେ ନିଜର ଉପଲବ୍ଧି ଲିପିବଦ୍ଧ କରିଛନ୍ତି:- ''ଅରବିନ୍ଦ ରବୀନ୍ଦ୍ରର ଘେନ ନମସ୍କାର ହେ ବନ୍ଧୁ, ହେ ଦେଶବନ୍ଧୁ, ସ୍ୱଦେଶ ଆତ୍ମାର ବାଣୀ ମୂର୍ତ୍ତି ତୁମେ''। ଆଜି ୯୭ତମ ସିଦ୍ଧି ଦିବସ।

ପ୍ରଥମ ଦୃଷ୍ଟିରେ ବୁଝିପାରିଲି ସେ ଆତ୍ମାକୁ ସତ୍ୟ ରୂପେ ଚାହିଁଛନ୍ତି ଏବଂ ପାଇଛନ୍ତି। ଏହା ତାଙ୍କ ଦୀର୍ଘ ତପସ୍ୟାର ଫଳ। ମୋ ମନ କହିଲା ସେ ହିଁ ତାଙ୍କ ଅନ୍ତର ଆଲୋକ ଦେଇ ବାହାରେ ଆଲୋକ ଜଳାଇବେ। ସେଥିପାଇଁ ତାଙ୍କ ମୁଖଶ୍ରୀରେ ଏପରି ସୌନ୍ଦର୍ଯ୍ୟଦୀପ୍ତ ଶାନ୍ତିର ଉଜ୍ଜ୍ୱଳ ଆଭା ମୁଁ ତାଙ୍କୁ କହି ଆସିଲି ଆତ୍ମାର ବାଣୀ ବହନ କରି ଆପଣ ଆମମାନଙ୍କ ମଧ୍ୟକୁ ଆସିବେ, ଏହି ପ୍ରତୀକ୍ଷାରେ ରହିଲୁ। ସେହି ବାଣୀରେ ଭାରତର ପ୍ରଜନ୍ୟ ନିନାଦିତ ହେବ-''ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ''। ଯଥାର୍ଥରେ ସେ 'ଭାରତ ଆତ୍ମାର ବାଣୀମୂର୍ତ୍ତି'।

ଋଷି ଶ୍ରୀଅରବିନ୍ଦଙ୍କ ଅନୁପମ ଭାଷାରେ ''ଭାରତ ଧ୍ୱଂସ ହୋଇ ନ ପାରେ। କାରଣ ମାନବ ସମାଜର ବିଭିନ୍ନ ଗୋଷ୍ଠୀ ମଧ୍ୟରେ କେବଳ ଭାରତ ଉପରେ ନ୍ୟସ୍ତ ରହିଛି ସମଗ୍ର ମାନବ ଜାତିର ହିତାର୍ଥେ ଏକ ଅପରିହାର୍ଯ୍ୟ, ଉଜ୍ଜ୍ୱଳତମ, ମହିମ୍ନ ସିଦ୍ଧି। ଏହାହିଁ ସମଗ୍ର ଜଗତର ଭବିଷ୍ୟତ ଧର୍ମ; ଯାହା ସମସ୍ତ ଧର୍ମ, ବିଜ୍ଞାନ ଓ ଦର୍ଶନର ସମନ୍ୱୟ ସାଧନ କରେ। ସେହିପରି ନୈତିକ କ୍ଷେତ୍ରରେ ତା'ର ଲକ୍ଷ୍ୟ ହେଲା ମନୁଷ୍ୟ ମଧ୍ୟରୁ ତା'ର ବର୍ବରତା ଦୂର କରିବା ଏବଂ ବିଶ୍ୱକୁ ଆର୍ଯ୍ୟଧର୍ମରେ ଦୀକ୍ଷିତ କରିବା।

ଭାରତ ଅନ୍ୟ ଦେଶ ପରି ନିଜ ସକାଶେ ଜାଗ୍ରତ ହୋଇନାହିଁ। ଦୁର୍ବଳକୁ ପାଦରେ ଦଳି ଦେବାକୁ ଉଠିନାହିଁ। ତା' ପାଖରେ ନ୍ୟସ୍ତ ଥିବା ଶାଶ୍ୱତ ଜ୍ୟୋତିକୁ ବିତରଣ କରିବ ବୋଲି ତା'ର ଉତ୍ଥାନ ହୋଇଛି। ଭାରତ ଚିରଞ୍ଜୀବୀ ବିଶ୍ୱ ତଥା ମାନବଜାତି ସକାଶେ। ନିଜ ପାଇଁ ନୁହଁ, ଆଜି ମଧ୍ୟ ତା'ର ସ୍ଥିତି ପଶ୍ଚାତ୍‌ରେ ସେହି ଯୁକ୍ତି ଓ ଯଥାର୍ଥତା।

ମାନବ ଜାତି ମଧ୍ୟରେ ଏପରି ଗୋଷ୍ଠୀ ରହିଛି, ଯାହା ଯୁଗ ଯୁଗାନ୍ତରରୁ ଏକ ବିଶାଳ, ମହାନ୍, ଦିବ୍ୟ ପରଂପରାକୁ ଅବ୍ୟାହତ ଭାବେ ଧାରଣ କରିଛି ଏବଂ ସେଥିପାଇଁ ବଞ୍ଚି ରହିଛି। ପୃଥିବୀର ବିଭିନ୍ନ ମାନବ ଗୋଷ୍ଠୀ ମଧ୍ୟରେ, ବିଭିନ୍ନ ରାଷ୍ଟ୍ର ମଧ୍ୟରେ, ଭାରତୀୟ ଜାତି ଏହିପରି ଗୋଷ୍ଠୀ, ଏହିପରି ଏକ ଉନ୍ନତ ମହାନ୍ ପରମ୍ପରାର ଅଧିକାରୀ ଏବଂ ଏକ ଦିବ୍ୟ ଭୂମିକାରେ ନିଜକୁ ଗଢ଼ିଥିବା ଦେଶ ଭାରତ ପୃଥିବୀର ଗୁରୁତୁଲ୍ୟ। ଏହାର ସ୍ୱଧର୍ମ ଆର୍ଯ୍ୟ, ସ୍ୱଭାବ ଶୁଦ୍ଧ, ଦୀପ୍ତ ଓ ଜ୍ୟୋତିର୍ମୟ। ଶ୍ରୀଅରବିନ୍ଦ ସ୍ପଷ୍ଟ କହିଛନ୍ତି, ବ୍ୟକ୍ତି ଯେପରି ଆତ୍ମବାନ୍, ସମଷ୍ଟି ବା ଗୋଷ୍ଠୀ ଠିକ୍ ସେପରି ଆତ୍ମବାନ୍। ବ୍ୟକ୍ତିର ଯେପରି ଏକ ଶୁଦ୍ଧ ଅନ୍ତଃପୁରୁଷ ରହିଛି, ସମଷ୍ଟିର ଯେପରି ଏକ ଜୀବନ୍ତ, ଜାତୀୟ ପୁରୁଷ ବା ଜାତୀୟ ଆତ୍ମା ଅଛି। ବ୍ୟକ୍ତିର ମୃତ୍ୟୁ ହେଲେ ତା'ର ଆତ୍ମା ଚୈତ୍ୟଭୂମିକୁ ଚାଲିଯାଏ। ଗ୍ରୀସ୍, ରୋମ୍, ବେବିଲୋନ୍, ଚାଇନା, ଜାପାନ, ଇଜିପ୍ଟ ପ୍ରଭୃତି ବହୁ ପ୍ରାଚୀନ ଦେଶର ଆତ୍ମା ଦିବ୍ୟାଲୋକରୁ ଅନ୍ତର୍ହିତ ହୋଇଛି। ଅର୍ଥାତ୍ ସେ ପ୍ରାଚୀନ ଦେଶର ସଭ୍ୟତା ଓ ସଂସ୍କୃତି ବିଲୁପ୍ତ ହୋଇଛି।



ସିଦ୍ଧି ଦିବସ ଉପଲକ୍ଷେ

କିନ୍ତୁ ଭାରତବର୍ଷ ଏକ ବିରଳ ବ୍ୟତିକ୍ରମ। ବହୁ ବାଧାବିଘ୍ନ ଓ ଉତ୍ଥାନ ପତନ ମଧ୍ୟରେ ନିଜର ସଂସ୍କୃତି ଓ ସଭ୍ୟତାକୁ ସେ ବଜାୟ ରଖିପାରିଛି। ଯେଉଁ ଶକ୍ତି ଓ ପ୍ରତିଭା ଦ୍ୱାରା ଜାତି ଜୀବିତ ରହେ ଏବଂ ନିଜର ଜୀବନ ତଥା କର୍ମକୁ ନିୟନ୍ତ୍ରଣ କରେ, ସେହି ଜାତୀୟ ଶକ୍ତି ଭାରତରେ ଅକ୍ଷୁଣ୍ଣ ରହିଛି- ଯାହାର ରୂପାନ୍ତର ସ୍ୱୟଂ ଭାରତ ମାତା। ଏହା ସାକ୍ଷାତ୍ ଜୀବନ୍ତ ଓ ଦିବ୍ୟଶକ୍ତି, ଦୁର୍ଗା, ମା' ଭବାନୀ। ଦେଶର ସେହିମାନେ ହିଁ କଲ୍ୟାଣ ସାଧନ କରନ୍ତି, ଯେଉଁମାନେ ଏହି ଶକ୍ତିକୁ ନିଜ ଅନ୍ତରାତ୍ମାରେ ଉପଲବ୍ଧି କରିପାରନ୍ତି। ଏହାହିଁ ଜାତିର ଅନ୍ତଃସ୍ଥଳ। ଶକ୍ତି, ସାମର୍ଥ୍ୟ, ତେଜ, ବୀର୍ଯ୍ୟ, ଶୌର୍ଯ୍ୟ ଓ ବୀରତ୍ୱର ଅନ୍ତୁଡ଼ିଶାଳ। ଏହା ମଧ୍ୟ ପ୍ରେମ, ପ୍ରଜ୍ଞା, ସୌନ୍ଦର୍ଯ୍ୟ, ସଂହତି ଓ ତ୍ୟାଗ ଓ ତପସ୍ୟାର ଜନ୍ମବେଦୀ।

କିନ୍ତୁ ସମଗ୍ର ପୃଥିବୀରେ ମୁଖ୍ୟତଃ ଦୁଇଟି ବିଚାରଧାରା ମାନବ ସମାଜର ଚିନ୍ତା ଓ ଚେତନାକୁ ନିୟନ୍ତ୍ରିତ କରି ଗଭୀର ଦ୍ୱନ୍ଦ୍ୱ ଓ ସଂଘର୍ଷ ସୃଷ୍ଟି କରିଛି। ବିଜ୍ଞାନ, ଯୁକ୍ତି, ବିଚାର, କର୍ମ, ଦକ୍ଷତା ବଳରେ ଜୀବନକୁ ଉପଭୋଗ କରିବା- ଏହାହିଁ ମୂଳକଥା। ଜୀବନର ଯେ କୌଣସି ଉଚ୍ଚତର ଆଧ୍ୟାତ୍ମିକ ମୂଲ୍ୟ ଅଛି, ତାହା ଏହି ବିଚାରରେ ନିରର୍ଥକ। ଏଠି ଜୀବନର ଅଗ୍ରଗତି ପରିବର୍ତ୍ତେ ସଫଳତା ହିଁ ଶେଷ କଥା। ଯେ କୌଣସି ଉପାୟରେ ଏହି ସଫଳତା ହାସଲ କରିବାକୁ ହେବ।

ମାତ୍ର ଏହି ବିଚାରଧାରା ବିରୁଦ୍ଧରେ ଭାରତର ଯୁକ୍ତି ହେଉଛି ଅଧ୍ୟାତ୍ମ ଶକ୍ତି ବଳରେ ବିଶ୍ୱର କଲ୍ୟାଣ। ସଂସାର ନୁହେଁ, ସଂସାରରୁ ମୁକ୍ତି ହିଁ ତାର ବାର୍ତ୍ତା। ଭୋଗ ପରିବର୍ତ୍ତେ ତ୍ୟାଗ ହିଁ ତା'ର ଆଦର୍ଶ। ଜୀବନର ଆପାତ ସଫଳତା ବଡ଼ କଥା ନୁହେଁ, ବରଂ ଅନ୍ତର୍ଜୀବନର ବିକାଶ ହିଁ ସାଧନାର ଉତ୍ସ। ବିଭିନ୍ନ ସମୟରେ ବହୁ ସନ୍ଥ ସାଧକଙ୍କର ନିରବଚ୍ଛିନ୍ନ ସାଧନା ଭାରତର ଏହି ମହାନ୍ ପରଂପରାକୁ ଅବ୍ୟାହତ ରଖି ପାରିଛି।

ମହାଯୋଗୀ ଶ୍ରୀଅରବିନ୍ଦ ଆଧ୍ୟାତ୍ମିକତା ଓ ବୈଜ୍ଞାନିକ ଜଡ଼ଚେତନା ମଧ୍ୟରେ ସୁନ୍ଦର ସମନ୍ୱୟ କରି ଭାରତୀୟ ଦର୍ଶନ ଓ ଆଦର୍ଶକୁ ମହିମାନ୍ୱିତ କରିଛନ୍ତି। ଏହି ଅଧ୍ୟାତ୍ମବାଦ ହେଲା ପୂର୍ଣ୍ଣାଙ୍ଗ ଧର୍ମୋର ଅତିମାନସତ୍ୱ। ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମବାଦରେ ଜଡ଼ ଓ ଚେତନା, ଭଗବାନ୍ ଓ ଜଗତ, ଜୀବନ ଓ ଦିବ୍ୟତା ମଧ୍ୟରେ ସେ ସାମଞ୍ଜସ୍ୟ ସ୍ଥାପନ କରିଛନ୍ତି। ସୁତରାଂ ଶ୍ରୀଅରବିନ୍ଦ ଯେଉଁ ଭାରତ ଆତ୍ମାର ବାଣୀମୂର୍ତ୍ତି, ତାହା ସେହି ପୁରାତନ ଭାରତ କିମ୍ବା ଧର୍ମ ଓ ରହସ୍ୟବାଦରେ ପୂର୍ଣ୍ଣ ମଧ୍ୟଯୁଗୀୟ ଭାରତ ନୁହେଁ, ଏହା ତାଙ୍କର ସ୍ୱପ୍ନର ଭାରତ; ଯାହା ନିଜ ଆଧ୍ୟାତ୍ମିକ ଶକ୍ତି ଉପରେ ବିଜ୍ଞାନ ଓ ଶିଳ୍ପତନ୍ତ୍ରକୁ ଗ୍ରହଣ କରି ଜୀବନକୁ ପରିପୂର୍ଣ୍ଣତା ଦେଇପାରିବ। ଆଜିପରି ପୁଣ୍ୟତିଥିରେ ତାଙ୍କର ବାଣୀ ବହନ କରି ମାନବ ଚେତନାକୁ ସମୃଦ୍ଧ କରୁ- ଏହାହିଁ ପ୍ରାର୍ଥନା।

**ମୋ: ୯୪୩୮୧୮୬୨୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ସଂକୀର୍ତ୍ତନ ସତ୍ୟାଗ୍ରହ କାହିଁକି

ମହାଶୟ,

ସାଧାରଣତଃ ଈଶ୍ୱରବିଶ୍ୱାସୀ, ଧର୍ମପରାୟଣ ବ୍ୟକ୍ତିମାନେ ସଂକୀର୍ତ୍ତନ ମାଧ୍ୟମରେ ଠାକୁରଙ୍କ ନାମ ସଂକୀର୍ତ୍ତନପୂର୍ବକ ସେମାନଙ୍କର ଆତ୍ମନିବେଦନ କରିଥା'ନ୍ତି। ଏହା ଏକାନ୍ତ ପବିତ୍ର ଓ ପ୍ରେମଭାବ ଧାରା ଗାୟନ କରାଯାଇଥାଏ। ଆତ୍ମୀୟତା ନ ଥାଇ ବାହ୍ୟଭାବରେ ସଂକୀର୍ତ୍ତନ କରିବାର ମାନେ କିଛି ନ ଥାଏ। ତେଣୁ କଥାରେ ଅଛି- ହରିବୋଲ ହରିବୋଲ ସଙ୍ଗେ ନ ହୁଏ ଗେଲ ନ ହେଲେ ହୋଇବ ସଲ। ମାତ୍ର ପରିତାପର ବିଷୟ ଏହି କି, ରାଜନେତାମାନେ ସରଳ ନିରୀହ ହରିପ୍ରେମୀଙ୍କୁ ଗାଡ଼ିରେ ବୁହାଇ ସଭାସମିତିରେ ନିଜର ପତିଆରା ବଢ଼ାଉଛନ୍ତି। ପାରିଶ୍ରାମିକ ନେଇ ସଭାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ ପଚାରିଲେ ସେମାନେ ଉତ୍ତର ଦେବାରେ ଅକ୍ଷମତା ପ୍ରକାଶ କରିଥା'ନ୍ତି। ରାଜନୈତିକ ଦଳର ନେତାଏ ବିଭିନ୍ନ ସମୟ ଆନ୍ଦୋଳନପୂର୍ବକ ସ୍ୱର ଉତ୍ତୋଳନ କରିଥାନ୍ତି। ବର୍ତ୍ତମାନ କଂଗ୍ରେସ ଦଳ ସଂକୀର୍ତ୍ତନ ସତ୍ୟାଗ୍ରହକୁ ଆପଣେଇଛି। ଗୋଟିଏ ଦିନ ପାଇଁ ସାରା ଓଡ଼ିଶାରେ କେତେକ ସଂକୀର୍ତ୍ତନ ଦଳଙ୍କୁ ସାମିଲ କରି ନେତାଏ ସଂକୀର୍ତ୍ତନ ପ୍ରଦର୍ଶନ କରି ନିଜର ମତବ୍ୟକ୍ତ କରୁଛନ୍ତି। ଏହା ଏକ ଅପ୍ରାସଙ୍ଗିକ ଘଟଣା। କାରଣ ସଂକୀର୍ତ୍ତନ ସତ୍ୟାଗ୍ରହରେ ଯୋଗଦେଇଥିବା ନେତାଙ୍କ ହାବଭାବରୁ ଜଣାପଡ଼ିଲା ଯେ, ସେମାନେ ଆଗରୁ କୌଣସି ଦିନ ସଂକୀର୍ତ୍ତନ କରିନାହାନ୍ତି। ସେମାନଙ୍କ ଖୋଳତାଳ ବଜାଇବା ଓ ସଂକୀର୍ତ୍ତନର ଢଙ୍ଗରୁ ସବୁ ବାରିହୋଇପଡ଼ିଥିଲା। ଭାବ ନ ଥାଇ ସଂକୀର୍ତ୍ତନକୁ କେବଳ ପ୍ରଚାରସର୍ବସ୍ୱ କରାଯାଉଥିଲା। ଏହି ପରିପ୍ରେକ୍ଷୀରେ ସଂକୀର୍ତ୍ତନ ସଂଙ୍ଘ ଓ ମହାସଂଘ ଏଥିନିମନ୍ତେ ଦୃଢ଼ ପ୍ରତିବାଦ କରିବା ଉଚିତ୍। ଏତଦ୍ ବ୍ୟତୀତ ରାଜନେତାମାନେ ସରଳପ୍ରାଣା ସଂକୀର୍ତ୍ତନପ୍ରେମୀ ସଦସ୍ୟଙ୍କୁ ଏପରି ଭାବରେ ବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ବିଶେଷ ଅନୁରୋଧ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ପରିଚିତ କେଉଁ ରୂପ ସେ ଦେଖିବା ଲାଗି
କୋଳେ ଶିଶୁ ଧରି ଚାହିଁଥିବ ଅନୁରାଗୀ,
ପାହାଡ଼ ଉପରେ ପରିଚିତ କଳା ଛାଇ
ଦେଖିବାକୁ ପରା ରହିଥିବ ପଥ ଚାହିଁ!
-(ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)








'ଧରିତ୍ରୀ' ୟୁଥ୍ କନ୍‌କ୍ଲେଭ୍ –୨୦୨୩ରେ ଅତିଥିଭାବେ ଯୋଗଦେବାକୁ ଆସିଥିବା ଅଭିନେତା ତଥା ୟୁଥ୍ ଆଇକନ୍ ସୋନୁ ସୁଦ୍‌ଙ୍କୁ ଗୁରୁବାର ଭୁବନେଶ୍ୱର ବିମାନ ବନ୍ଦରରେ ଧରିତ୍ରୀ ପରିବାର ପକ୍ଷରୁ ସ୍ୱାଗତ କରାଯାଉଛି।(ବାମରୁ) ଭୁବନେଶ୍ୱରସ୍ଥିତ ଧରିତ୍ରୀର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସୋନୁ ସୁଦ୍। ଧରିତ୍ରୀ କର୍ମଚାରୀଙ୍କ ଗହଣରେ ସୋନୁ ସୁଦ୍।



ଯାଦବ ପାୟେଙ୍ଗ



ଅରୁଣ କ୍ରିଷ୍ଣମୂର୍ତ୍ତି



ରିଚାର୍ଡ ମହାପାତ୍ର

# ଆଜି ଯୁବ ସମ୍ମିଳନୀ

ସାରା ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ଏବେ ଆହ୍ୱାନ ସୃଷ୍ଟି କରୁଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କ ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏକ୍ଷେତ୍ରରେ ସହଭାଗୀ କରାଇପାରିବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'। ଚଳିତବର୍ଷର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍'। ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସଚେତନତା କରିବା ପାଇଁ ଶୁକ୍ରବାର 'ଯୁବ ସମ୍ମିଳନୀ'ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ। 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ହେବାକୁ ଥିବା ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଦୁଇଟି ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଅଧିବେଶନରେ 'ଫରେଷ୍ଟ ମ୍ୟାନ୍ ଅଫ୍ ଇଣ୍ଡିଆ' ବା ଭାରତର ଅରଣ୍ୟ ମାନବ ଭାବେ ପରିଚିତ ଯାଦବ ପାୟେଙ୍ଗ ଯୋଗଦେବେ। ଯାହାଙ୍କୁ ଶୁଣିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ରହିଛି। ଏଥିରେ ଯୁବ ପରିବେଶବିତ୍ ବିହାରର ସ୍ନେହା ଶାହି ଯୋଗଦେବେ। ଭାରତର ୧୭ଜଣ ୟୁଏନ୍ ୟଙ୍ଗ୍ କ୍ଲାଇମେଟ୍ ଚାମ୍ପିୟନଙ୍କ ମଧ୍ୟରେ ସ୍ନେହା ଅନ୍ୟତମ। ବର୍ତ୍ତମାନ ନଦୀର ପୁନରୁଦ୍ଧାର କରିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି। ସେହିଭଳି ନଦୀ ପୁନରୁଦ୍ଧାର ଉପରେ କାର୍ଯ୍ୟ କରୁଥିବା ଯୁବ ପରିବେଶବିତ୍ ଅରୁଣ କ୍ରିଷ୍ଣମୂର୍ତ୍ତି ଯୋଗଦେବେ। 'ଡାଉନ୍ ଟୁ ଆର୍ଥ' ମାଗାଜିନ୍‌ର ପରିଚାଳନା ନିର୍ଦ୍ଦେଶକ ରିଚାର୍ଡ ମହାପାତ୍ର ଯୋଗଦେବେ। ପରିବେଶ ସମ୍ପର୍କିତ ଖବର ଲେଖି ଖାଲି ଯେ ଗଣମାଧ୍ୟମ କ୍ଷେତ୍ରରେ ନୁହେଁ ପାଠକଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି।

## ସୋନୁ, ରିକି ମୁଖ୍ୟ ଆକର୍ଷଣ

ପ୍ରଥମ ଅଧିବେଶନର ମୁଖ୍ୟ ଆକର୍ଷଣ ରହିବେ ଅଭିନେତା ତଥା ୟୁଥ୍ ଆଇକନ ସୋନୁ ସୁଦ୍। ପୂର୍ବରୁ ଲୋକମାନେ ତାଙ୍କୁ ଅଭିନେତା ଓ ଫିଲ୍ମ ପ୍ରଯୋଜକ ଭାବେ ଜାଣିଥିଲେ। ମାତ୍ର କୋଭିଡ୍ ପରେ ସେ ଲୋକଙ୍କ ପାଇଁ ଭଗବାନ୍‌ଙ୍କ ଦୂତ ସାଜିଥିଲେ। ଏପରି କି ଯୁବପିଢ଼ିଙ୍କ ପାଇଁ ଆଇକନ୍ ପାଲଟିଛନ୍ତି। ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ଼ ଭଳି ଇଣ୍ଡଷ୍ଟ୍ରିରେ ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ନିକଟରେ ଏମ୍‌ଟିଭିରେ ଚାଲିଥିବା ରୋଡିଜ୍ ଶୋରେ ମୁଖ୍ୟ ବିଚାରକ ଭାବେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା।

### 'କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍'

ଖଳନାୟକ ଚରିତ୍ରରେ ଦର୍ଶକଙ୍କ ଲୋକପ୍ରିୟ ସାଜିଥିବା ସୋନୁ ସୁଦ୍ କୋଭିଡ୍ ସମୟରେ ତାଙ୍କ ସାହାଯ୍ୟ, ସହଯୋଗ ପାଇଁ ଅଧିକ ଚର୍ଚ୍ଚିତ ହୋଇଥିଲେ। ତେଣୁ ତାଙ୍କୁ ଏହି କାର୍ଯ୍ୟକ୍ରମରେ ଦେଖିବା ଓ ତାଙ୍କ ଠାରୁ କିଛି ପ୍ରେରଣାଦାୟୀ କଥା ଶୁଣିବା ପାଇଁ ସମସ୍ତେ ଉତ୍ସାହିତ ଅଛନ୍ତି। ସେହିଭଳି ଅପରାହ୍ନରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତୀୟ ମ୍ୟୁଜିକ୍ କମ୍ପୋଜର ରିକି କେଜ୍ ଯୋଗଦେବେ। ଜଣେ ପରିବେଶବିତ୍ ଭାବେ ମଧ୍ୟ ତାଙ୍କର ଆଉ ଏକ ପରିଚୟ ରହିଛି। ତିନିଥର ଗ୍ରାମୀ ଆୱାର୍ଡ ପାଇଥିବା ରିକି ତାଙ୍କ ସଙ୍ଗୀତରେ ପରିବେଶକୁ ସ୍ଥାନ ଦେଇଥାନ୍ତି। ନ୍ୟୁୟର୍କ, ଜେନେଭାସ୍ଥିତ ଜାତିସଂଘ କାର୍ଯ୍ୟାଳୟ ସମେତ ୩୦ ରାଷ୍ଟ୍ରରେ ସେ ସଙ୍ଗୀତ ପରିବେଷଣ କରି ବିଶ୍ୱବାସୀଙ୍କ ହୃଦୟ ଜିଣିଛନ୍ତି। ରିକିଙ୍କ ଲାଇଭ୍ କନସର୍ଟ ଦେଖିବା ପାଇଁ ସମସ୍ତେ ଅପେକ୍ଷା କରି ରହିଛନ୍ତି।









ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବନ୍ଧୁମିଳନ ।

# ଘରେ ସାପ ଛାଡ଼ି ସ୍ତ୍ରୀ, ଝିଅଙ୍କୁ ହତ୍ୟା

**କବିସୂର୍ଯ୍ୟନଗର, ୨୩।୧୧ (କୃପାସିନ୍ଧୁ ସ୍ୱାଇଁ)**

## ଦେଢ଼ମାସ ପରେ ଘଟଣାର ପର୍ଦ୍ଦାଫାଶ

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଢେଇବର ଗାଁରେ ସାପ କାମୁଡ଼ାରେ ମା' ଓ ଝିଅଙ୍କ ମୃତ୍ୟୁ ଘଟଣା ଭିନ୍ନମୋଡ଼ ନେଇଛି। ଦେଢ଼ମାସ ପରେ ପୋଲିସ ଘଟଣାର ରହସ୍ୟ ଉନ୍ମୋଚନ କରିଛି। ମୃତ ମହିଳାଙ୍କ ସ୍ୱାମୀ ଘରେ ସାପ ଛାଡ଼ି ହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ଗୁରୁବାର ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଖଲି ପାତ୍ର ତାଙ୍କ ସାନ ଝିଅ ବାସନ୍ତୀଙ୍କୁ ସେହି ଗ୍ରାମର ନିଜ ଭଣଜା ଗଣେଶ ପାତ୍ରଙ୍କୁ ତିନି ବର୍ଷ ତଳେ ବାହା ଦେଇଥିଲେ । ଦୁଇବର୍ଷ ତଳେ ସେମାନଙ୍କର ଗୋଟିଏ କନ୍ୟାସନ୍ତାନ ଜନ୍ମ ହୋଇଥିଲା, ଯାହାକୁ ନେଇ ବିବାଦ ଉପୁଜିବା ସହ ସେତେବେଳେ ମାମଲା ଥାନାରେ ପହଞ୍ଚିଥିଲା। ପୋଲିସ ମାମଲା ରୁଜୁ କରି ଉଭୟଙ୍କୁ ବୁଝାଶୁଝା କରି ଛାଡ଼ିଦେଇଥିଲା। ତେବେ ଗତ ଅକ୍ଟୋବର ୬ ତାରିଖ ରାତିରେ ଏକ ନାଗସାପ ମା' ବାସନ୍ତୀ ଓ ଝିଅ ଦେବସ୍ମିତା(୨)ଙ୍କୁ ଦଂଶନ କରିଥିଲା। ଉଭୟଙ୍କୁ ହିଞ୍ଜିଳିକାଟୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ବଢ଼ାଇଥିଲା । ପୋଲସରା ଅଞ୍ଚଳର ଜଣେ ସାପୁଆଙ୍କଠାରୁ ଗଣେଶ ସେହିଦିନ ୨ ହଜାର ଟଙ୍କାରେ ଏକ ନାଗସାପ କିଣିଥିବା ପୋଲିସ ଜାଣିବାକୁ ପାଇଥିଲା। ସନ୍ଦେହ କରି ପୋଲିସ ଗଣେଶଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେ ସତକଥା ସ୍ୱୀକାର କରିଥିଲେ। ସେହିଦିନ ମା' ଝିଅ ରାତିରେ ଖାଇସାରି ଶୋଇଯିବା ପରେ ଗଣେଶ ହାତରେ କପଡ଼ା ଗୁଡ଼ାଇ ସାପଟିକୁ ଆଣି ଘରେ ଛାଡ଼ି ଦେଇଥିଲେ। ସାପଟି ପ୍ରଥମେ ବାସନ୍ତୀ ଓ ପରେ ଦେବସ୍ମିତାଙ୍କୁ ଦଂଶନ କରିଥିଲା ବୋଲି ଗଣେଶ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଗୁରୁବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ପ୍ରଭାତ ସାହୁ କହିଛନ୍ତି ।

# ଭିଏସ୍ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୨୩।୧୧ (ବନ୍ଦନା ସେଠୀ)**

ଭିଏସ୍ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ଓ ବାର୍ଷିକ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଭବନରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବରିଷ୍ଠ ନାଗରିକ ମହାସଂଘ ପାଇଁ ରାଜଧାନୀରେ ଏକ ଜମି ଓ ଘର ନିର୍ମାଣ ପାଇଁ ସହଯୋଗ କରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଦେବେନ୍ଦ୍ର କୁମାର ସୁଆର ଯୋଗଦେଇ କହିଲେ, ଏବେ ସମାଜରେ ବରିଷ୍ଠ ନାଗରିକଙ୍କ ଆବଶ୍ୟକତା ରହିଛି। ଏଥିସହ ଯୁବପିଢ଼ି ବରିଷ୍ଠ ନାଗରିକଙ୍କ ସାନିଧ୍ୟ ଲାଭ କଲେ ସେମାନଙ୍କର ନୈତିକ ଅବକ୍ଷୟ ହେବ ନାହିଁ ବୋଲି ମତ ଦେଇଥିଲେ। ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି କୃପାସିନ୍ଧୁ ସାହୁ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ଇଂ. ସୁରେଶ ଚନ୍ଦ୍ର କର ସଭା ପରିଚାଳନା କରିଥିଲେ। ସମ୍ପାଦକ ଭ୍ରମରବର ପ୍ରଧାନ ଆର୍ଥିକ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ପ୍ରଭାକର ମିଶ୍ର ଆସନ୍ତା ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଥିଲେ। ଦେବେନ୍ଦ୍ର କୁମାର ବିଶ୍ୱାଳ, ଗୌରୀ ଶଙ୍କର ପ୍ରହରାଜ, ମହେଶ୍ୱର ବିଶ୍ୱାଳ, ଡ. କୁମୁଦ ଚନ୍ଦ୍ର ମିଶ୍ର, ପ୍ରଫେସର ସୁରେନ୍ଦ୍ର ମୋହନ ଦାଶ, ତ୍ରିଲୋଚନ ରଥ, ବିଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ଇଂ. ଅକ୍ଷୟ କୁମାର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ



**ପୁରୀ, ୨୩।୧୧ (ଅଜିତ୍ ମହାନ୍ତି)**

କାର୍ତ୍ତିକ ମାସ ଶୁକ୍ଲପକ୍ଷ ଏକାଦଶୀ ତିଥି ଗୁରୁବାରଠାରୁ ଶ୍ରୀମନ୍ଦିରରେ ପଞ୍ଚକ ନୀତି ଆରମ୍ଭ ହୋଇଛି। ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଇଛନ୍ତି। ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ଶେଷ ହେବା ପରେ ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ ହୋଇଥିଲା। ଏହି ବେଶରେ ଶ୍ରୀବିଗ୍ରହମାନଙ୍କ ଗୋପାଳବଲ୍ଲଭ, ସକାଳ ଧୂପ, ବାଲଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି କରାଯାଇଥିଲା। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ତିନିଠାକୁରଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀଭୁଜ, ଶଙ୍ଖ, ଚକ୍ର, ହଳ, ମୂଷଳ, ଆଡକାନୀ, ଶ୍ରୀପୟର, ସୂର୍ଯ୍ୟଚନ୍ଦ୍ର, ଚନ୍ଦ୍ରିକା, ତଡ଼କୀ, ଓଡିଆଣୀ ପ୍ରଭୃତି ୩୦ରୁ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣକିରୀଟ ଶୋଭା ପାଇଥିଲା ଓ କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜାଯାଇଥିଲା। ମହାପ୍ରଭୁଙ୍କ ଏହି ବେଶ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡ୍‌ରେ ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରି ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ପଞ୍ଚକ ଦ୍ୱିତୀୟ ଦିବସ ଶୁକ୍ରବାର ଅବସରରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବ।

# ଏନ୍‌ଏଚ୍‌ଆର୍‌ସିରେ ମାମଲା, ୩୦ ଲକ୍ଷ କ୍ଷତିପୂରଣ ଦାବି

**ରସୁଲପୁର, ୨୩।୧୧ (ରଞ୍ଜିତ ରାଉତ)**

## ଶ୍ରେଣୀଗୃହରେ ଉଠ୍‌ବସ୍‌ବେଳେ ଛାତ୍ରଙ୍କ ମୃତ୍ୟୁ ଘଟଣା



ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତ ସାନଓରାଳି ଗ୍ରାମର ନିତ୍ୟାନନ୍ଦ ସେଠୀଙ୍କ ଏକମାତ୍ର ୧୧ ବର୍ଷର ପୁଅ ରୁଦ୍ରନାରାୟଣ ସେଠୀଙ୍କ ମୃତ୍ୟୁ ମାମଲା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ପହଞ୍ଚିଛି। ନ୍ୟାୟ ପାଇଁ ଲଢ଼େଇ ପରିବାର ଏନ୍‌ଏଚ୍‌ଆର୍‌ସିରେ ଉକ୍ତ ମାମଲା ଦାଏର କରି ତଦନ୍ତ ଦାବି କରିଛି। କ୍ଷତିଗ୍ରସ୍ତ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ ମାମଲାରେ ସମ୍ପୃକ୍ତ ଶିକ୍ଷକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ମାମଲାରେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ, ପୋଲିସ ଡିଜି ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଗତ ୨୦ ତାରିଖ ଅପରାହ୍ନରେ ସୂର୍ଯ୍ୟନାରାୟଣ ନୋଡାଲ ଉପ୍ରା. ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ର ରୁଦ୍ରନାରାୟଣ ତାଙ୍କ ସାଙ୍ଗମାନଙ୍କ ସହ ସ୍କୁଲ୍ ପରିସରରେ ଖେଳୁଥିଲେ। ଏହି ସମୟରେ ପାଠ ପଢ଼ାଇବାକୁ ଶିକ୍ଷକ ଶ୍ରେଣୀକକ୍ଷକୁ ପ୍ରବେଶ କରିଥିଲେ। ଶ୍ରେଣୀରେ କେତେଜଣ ପିଲା ଅନୁପସ୍ଥିତ ଥିବା ଜାଣି ସେମାନଙ୍କୁ ଡାକିଥିଲେ। ପରେ ଶ୍ରେଣୀଗୃହରେ ରୁଦ୍ରନାରାୟଣ ଓ ତାଙ୍କ ସାଙ୍ଗମାନଙ୍କୁ ଶିକ୍ଷକ ପାଠ ପଚାରିଥିଲେ। ରୁଦ୍ରନାରାୟଣ ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଶିକ୍ଷକ ତାଙ୍କୁ ଉଠବସ୍ ହେବାକୁ କହିଥିଲେ। ଶିକ୍ଷକଙ୍କ ନିର୍ଦ୍ଦେଶ ମୁତାବକ ରୁଦ୍ରନାରାୟଣ ଓ ତାଙ୍କ ସାଥୀମାନେ ସେଠାରେ ଉଠବସ୍ ହୋଇଥିଲେ। ରୁଦ୍ରନାରାୟଣ ୩/୪ଥର ଉଠବସ୍ ହେବା ପରେ ଚଟାଣରେ ଅଚେତ ହୋଇ ପଡ଼ି ଯାଇଥିଲେ। ଶିକ୍ଷକ ତାଙ୍କ ମୁହଁରେ ପାଣିସିଞ୍ଚି ଚେତା ଫେରାଇବାକୁ ଚେଷ୍ଟା କରିଥିଲେ। ସେଥିରେ ବିଫଳ ହେବାରୁ ତାଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଉକ୍ତ ଘଟଣା ସମ୍ପର୍କରେ ନ୍ୟାୟ ପାଇଁ ଲଢ଼େଇ ପରିବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରରୁ ଅବଗତ ହୋଇଥିଲା। ଉକ୍ତ ଖବର ଆଧାରରେ ଅନୁଷ୍ଠାନ ପକ୍ଷରୁ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରାଯାଇଛି।

# ବାଂଲାଦେଶକୁ କାଜୁ ରପ୍ତାନି କଲା ଓଡ଼ିଶା

**ଭୁବନେଶ୍ୱର, ୨୩।୧୧ (ସୁନିତ୍ ମିଶ୍ର)**

ଓଡ଼ିଶାର କାଜୁ ବାଂଲାଦେଶକୁ ରପ୍ତାନ ହେଉଛି। ବର୍ତ୍ତମାନ ଜାତୀୟ କାଜୁ ଦିବସ ଅବସରରେ ପ୍ରଥମ କରି ବାଂଲାଦେଶକୁ ଓଡ଼ିଶା କାଜୁ ରପ୍ତାନି କରିଛି । ଭାରତ ସରକାରଙ୍କ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନ ଓପେଡା ସଂସ୍ଥା, ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଓ ବିଶ୍ୱ ବାଣିଜ୍ୟ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କାଜୁ ଟ୍ରକ୍‌କୁ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ଶାଶ୍ୱତ ମିଶ୍ର ଏକ୍ସପୋର୍ଟ ଓ ମାର୍କେଟିଂ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଯେକୌଣସି ଉତ୍ପାଦର ରପ୍ତାନି ଓ ବାଣିଜ୍ୟ ପାଇଁ ଅନ୍ୟୂନପକ୍ଷେ ୩ ଗୋଟି ମାର୍କେଟ ରହିଥିବା ଦରକାର। କାରଣ ଗ୍ରାହକଙ୍କ ଚାହିଦା ଯଦି ବିପରୀତମୁଖୀ ହୁଏ ତେବେ ଯେକୌଣସି ସମୟରେ ମାର୍କେଟ୍ ବନ୍ଦ ହୋଇଯିବା ସମ୍ଭାବନା ଥାଏ । ସେଥିପାଇଁ ଉଭୟ ରାଜ୍ୟ, ଅନ୍ୟ ରାଜ୍ୟ ଓ ବିଦେଶକୁ ଉତ୍ପାଦ ରପ୍ତାନି କରିବା ବାଣିଜ୍ୟ ପାଇଁ ଶୁଭଙ୍କର । ଓଡ଼ିଶାର ଏକ ଅନୁକୂଳ ରପ୍ତାନି ନୀତି ପ୍ରଣୀତ ହୋଇଛି । ଏହି ନୀତି ଅନୁଯାୟୀ ବାହାର ଦେଶକୁ ଉତ୍ପାଦ ପଠାଯାଇପାରିବ । କିନ୍ତୁ କାଜୁ ପ୍ରୋସେସିଂ କ୍ଷେତ୍ରରେ ଏହାର ଗୁଣବତ୍ତା ବଢ଼ାଯିବାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉଦ୍ୟୋଗୀମାନଙ୍କୁ ଏକ କୋଟି ସବ୍‌ସିଡି ମଧ୍ୟ ପ୍ରଦାନ ହେବାର ନଜିର ଅଛି । ତେଣୁ କାଜୁ ଚାଷ ପାଇଁ ମଧ୍ୟ ସବ୍‌ସିଡି ପ୍ରଦାନ କରାଯାଉଛି । ଓଡ଼ିଶାର କାଜୁ ସିଙ୍ଗାପୁର, ବ୍ୟାଙ୍କକ୍ ଓ ଦୁବାଇକୁ ରପ୍ତାନି ହେଉଛି । ବାର୍ଷିକ ୧୨୦୦ କୋଟିର କାଜୁ ବ୍ୟବସାୟ ହେଉଛି ବୋଲି ପାଢ଼ୀ ସୂଚନା ଦେଇଛନ୍ତି।

# ମଙ୍ଗୁଳିଠାରୁ ଢେଙ୍କାନାଳ, ମଙ୍ଗୁଳି-ଭୁବନେଶ୍ୱର ପର୍ଯ୍ୟନ୍ତ ରାସ୍ତା ସମସ୍ୟାର ସମାଧାନ ନେଇ ବୈଠକ

**ଭୁବନେଶ୍ୱର, ୨୩।୧୧**

## ୨୫ରେ ଜାତୀୟ ରାଜପଥ ପରିଦର୍ଶନ କରିବେ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ

(ସୁନିତ୍ ମିଶ୍ର): ଜାତୀୟ ରାଜପଥ ୫୫ର ମଙ୍ଗୁଳିଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ ଏବଂ ଜାତୀୟ ରାଜପଥ ୧୬ର ମଙ୍ଗୁଳିଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ରାସ୍ତାରେ ଦୁର୍ଘଟଣା ଏଡ଼ାଇବା ପାଇଁ ଜାତୀୟ ରାଜପଥରେ ଥିବା ସମସ୍ୟା ସମାଧାନ କରିବା ଦିଗରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । ଗୁରୁବାର ଏହି ପରିପ୍ରେକ୍ଷୀରେ ଲୋକସେବା ଭବନଠାରେ ମନ୍ତ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣା ଏଡାଇବା ପାଇଁ ରାସ୍ତାରେ ଥିବା ଗାତଗୁଡ଼ିକର ତୁରନ୍ତ ମରାମତି, ଆବଶ୍ୟକ ସର୍ଭିସ୍ ରୋଡ୍ ନିର୍ମାଣ ଓ ବର୍ଷାଜଳର ନିଷ୍କାସନ ପାଇଁ ବିଭିନ୍ନ ସ୍ଥାନରେ ଡ୍ରେନ୍ ନର୍ମାଣ ସମେତ ଫ୍ଲାଇଓଭର ଏବଂ ଅଣ୍ଡରପାସ୍ ଆଦି ନିର୍ମାଣ ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ତୁରନ୍ତ ପଦକ୍ଷେପ ନେବା ଦିଗରେ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ କଟକ ଲୋକ ସଭା ସଦସ୍ୟ ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଯୋଗଦେଇ ଜାତୀୟ ରାଜପଥର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ବୈଠକର ସୂଚନା ଅନୁଯାୟୀ ଆସନ୍ତା ୨୫ରେ ମନ୍ତ୍ରୀ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍ ଜାତୀୟ ରାଜପଥର ବିଭିନ୍ନ ଅଞ୍ଚଳର କ୍ଷେତ୍ର ପରିଦର୍ଶନ କରିବେ। ଦୁର୍ଘଟଣା ଏଡ଼ାଇବା ପାଇଁ ମଙ୍ଗୁଳିଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ ରାସ୍ତାରେ ଥିବା ସମସ୍ତ ଗର୍ତ୍ତକୁ ତୁରନ୍ତ ମରାମତି କରିବା ପାଇଁ ବୈଠକରେ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଗାଡ଼ି ଚଳାଚଳ ଯୋଗୁ ଉଡୁଥିବା ଧୂଳିର ପ୍ରଭାବକୁ ଏଡ଼ାଇବା ପାଇଁ ନିୟମିତ ଜଳ ସିଞ୍ଚନ କରିବା ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ବୈଠକରେ ଜାତୀୟ ରାଜପଥ-୧୬ର ମଙ୍ଗୁଳିଠାରୁ ଭୁବନେଶ୍ୱର ରାସ୍ତାରେ ଜଗତପୁର ସର୍ଭିସ୍ ରୋଡ୍‌ର ମରାମତି, କଟକ ସଦର ଥାନା ସର୍ଭିସ୍ ରୋଡ୍ ମରାମତି, ଶିଖରପୁରରେ ବିଦ୍ୟୁତ୍ ଖୁଣ୍ଟି ଓ ଟ୍ରାନ୍ସଫର୍ମର ସ୍ଥାନାନ୍ତର, ହଂସପାଳ ଫ୍ଲାଇଓଭର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ଓ କଟକ ସହର ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ୍ ଆଦି ସମ୍ପର୍କରେ ଆଲୋଚନା ହୋଇଛି।

# ରାଷ୍ଟ୍ରପତି ପୁରସ୍କାର ପାଇବେ କିନ୍ନର ଦୀପା

**କଟକ, ୨୩।୧୧ (ଶିଳ୍ପା ପ୍ରିୟଦର୍ଶିନୀ)**



କିନ୍ନର ଦୀପା ସାହୁ।

ରାଷ୍ଟ୍ରପତି ପୁରସ୍କାର ପାଇବେ କଟକରେ ରହୁଥିବା କିନ୍ନର ଦୀପା ସାହୁ। ଆସନ୍ତା ୩୦ରେ ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୀପା ପୁରସ୍କୃତ ହେବେ ବୋଲି କିଛିଦିନ ପୂର୍ବରୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ତାଙ୍କ ନିକଟକୁ ଚିଠି ଆସିଛି। ଭାରତର ପ୍ରଥମ କିନ୍ନର ଭାବେ ଦୀପା ପିଏଚ୍.ଡିରେ ଅଧ୍ୟୟନ କରୁଛନ୍ତି। ଜଗତ୍‌ସିଂହପୁରର ମୂଳବାସିନ୍ଦା ଦୀପା ୧୨ ବର୍ଷ ବୟସରୁ ଘର ଛାଡ଼ି କଟକ ଶଙ୍କରପୁରର ମିଠି ମା'ଙ୍କ ପାଖରେ ରହୁଛନ୍ତି। ରାଣୀହାଟ ହାଇସ୍କୁଲରେ ସେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ପରେ ରେଭେନ୍‌ଶା ଜୁନିୟର କଲେଜରେ ଯୁକ୍ତ୨, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ଓ ଉଦ୍ଭିଦ ବିଜ୍ଞାନରେ ପିଜି କରିଛନ୍ତି। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନରେ ପିଏଚ୍.ଡି ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। ପାଠପଢ଼ା ସହ ଟ୍ରାନ୍ସଜେଣ୍ଡର କମ୍ୟୁନିଟି ୱେଲ୍‌ଫେୟାର, କିନ୍ନର ଏସ୍‌ଏଚ୍‌ଜି ଓ ବିଭିନ୍ନ ସଙ୍ଗଠନରେ ଜଡ଼ିତ ରହି ସାମାଜିକ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

ଦୀପା ଓଡ଼ିଶା ତଥା ଭାରତର କିନ୍ନର ସମାଜ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ବର୍ତ୍ତମାନ ସମାଜରେ କିନ୍ନରମାନେ ଚଳିବା ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବାବେଳେ ଦୀପା ନିଜର ପରିଶ୍ରମ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ହକ୍‌ଦାର ହୋଇଛନ୍ତି। ପରିବାରରେ ଦୀପା ଜନ୍ମ ହେବା ପରେ ସଦସ୍ୟମାନେ ବେଶ୍ ଖୁସି ଥିଲେ। କିନ୍ତୁ ଭଗବାନଙ୍କ ସୃଷ୍ଟି କିଛି ଅଲଗା ଥିଲା। ପୁଅ ହେଲେ ମଧ୍ୟ ଦୀପାଙ୍କୁ ପୁଅଙ୍କ ପୋଷାକ ଭଲ ଲାଗୁ ନ ଥିଲା। ବିଡ଼ମ୍ବନାର ବିଷୟ ୮ ବର୍ଷ ତଳେ ଏକ ଦୁର୍ଘଟଣାର ଶିକାର ହୋଇ ଦୀପା ନିଜର କହିବା ଶକ୍ତି ହରାଇ ବସିଛନ୍ତି। ସେବେଠୁ ସେ କଥା କହିପାରନ୍ତିନାହିଁ। ଗଳାରେ ଅସ୍ତ୍ରୋପଚାର ପରେ ବର୍ତ୍ତମାନ ସେ ସୁସ୍ଥ ରହିଛନ୍ତି। ତେବେ ଏହି ଜୀବନ ଯାତ୍ରା ମଧ୍ୟରେ ରାଷ୍ଟ୍ରପତି ପୁରସ୍କାର ଦୀପାଙ୍କ ମନୋବଳକୁ ଆହୁରି ମଜଭୁତ କରିବା ସହ ଆଗାମୀ ଦିନରେ ଥିବା ଲକ୍ଷ୍ୟକୁ ପୂର୍ଣ୍ଣ କରିବାରେ ହେବ ସହାୟକ। ଏ ସମ୍ପର୍କରେ ଦୀପା କହନ୍ତି, ଲୋକମାନେ କିନ୍ନର ସମାଜକୁ ଭଲ ପାଇବା ପାଇଁ ଚେଷ୍ଟା ଜାରି ରଖିଛି। ପାଠପଢ଼ା ପ୍ରତି ପ୍ରାଧାନ୍ୟ ଦେଉଛି। ସମାଜସେବା କରିବାକୁ ଭଲ ଲାଗେ। ମୋର ସମସ୍ତ ଶ୍ରେୟ ଆମ ଗ୍ରୁପର ମୁଖ୍ୟ ମିଠି ମା'ଙ୍କୁ ଦେବି।

# ଭୋର ୪ଟାରୁ ରାସ୍ତାରେ ବସିଲେ ଶତାଧିକ ଛାତ୍ରୀ

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଅଶାନ୍ତି

### ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା କର୍ମୀଙ୍କ ଦୁର୍ବ୍ୟବହାର

**ସୁନାବେଡ଼ା/ସେମିଳିଗୁଡ଼ା/କୋରାପୁଟ, ୨୩।୧୧ (କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼/ଅମିତାଭ ବେହେରା)**

କୋରାପୁଟ ଜିଲା ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସରେ ଛାତ୍ରୀ ଅଶାନ୍ତି ଦେଖାଦେଇଛି। ବିଭିନ୍ନ ସମସ୍ୟାକୁ ନେଇ ଅନ୍ୟୂନ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଗୁରୁବାର ଭୋର ପ୍ରାୟ ୪ଟାରୁ ବିଶ୍ୱବିଦ୍ୟାଳୟର ସମସ୍ତ ଫାଟକ ବନ୍ଦକରି ମୁଖ୍ୟ ରାସ୍ତାରେ ଧାରଣାରେ ବସିଥିଲେ। ଆମକୁ ମୌଳିକ ସୁବିଧାରୁ ବଞ୍ଚିତ କରା ନ ଯାଉ, ଆମକୁ ଉଚିତ ନ୍ୟାୟ ମିଳୁ ଆଦି ନାରା ଦେଇ ନିଜ ପ୍ରତିବାଦ ଜଣାଇଥିଲେ।

ସେମାନେ ଅଭିଯୋଗ କରିଛନ୍ତି, ଦୀର୍ଘଦିନ ହେବ ସେମାନେ ସଫା ପାଇଖାନା ବ୍ୟବହାର ଲାଗି ପାଉନାହାନ୍ତି। ପିଇବା ପାଣି, ଛାତ୍ରୀନିବାସରେ ୨୪ ଘଣ୍ଟିଆ ପାଣି, ଲାଇଟ ଏବଂ ଠିକ୍‌ମାନର ଖାଦ୍ୟ ଦେବାକୁ ଦାବିକରି ଅନେକଥର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମାତ୍ର କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ଗୁରୁତ୍ୱ ଦେଉନାହାନ୍ତି। ଛାତ୍ରୀମାନଙ୍କ ପୁଞ୍ଜିଭୂତ ଅସନ୍ତୋଷ ଗୁରୁବାର ଉଗ୍ରରୂପ ଧାରଣ କରିଥିଲା। ଏ ସମ୍ପର୍କରେ ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚିବାରୁ ସେମାନଙ୍କୁ ସେଠାରେ ଥିବା ସୁରକ୍ଷା କର୍ମୀ ଦୁର୍ବ୍ୟବହାର ପ୍ରଦର୍ଶନକରି ଠେଲାପେଲା କରିଥିଲେ। କେତେଜଣ ସୁରକ୍ଷା କର୍ମୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଗାଳିଗୁଲଜ ମଧ୍ୟ କରିଥିଲେ। ଏହାକୁ ଛାତ୍ରୀମାନେ ତୀବ୍ର ବିରୋଧକରି ଗଣମାଧ୍ୟମ ପ୍ରତିନିଧିଙ୍କୁ ସାଙ୍ଗରେ ନେଇ ସମସ୍ତ ଛାତ୍ରୀନିବାସ ବୁଲାଇ ସମସ୍ୟାଗୁଡ଼ିକୁ ଦେଖାଇଥିଲେ। ଛାତ୍ରୀନିବାସରେ ପ୍ରଦାନ କରାଯାଉଥିବା ଖାଦ୍ୟରେ କେବେ ଭାତରୁ ପୋକ,ଡାଲିରୁ ଗୋଟା ହଳଦୀ ଓ ତରକାରିରେ ପଡ଼ିଥିବା ପରିବାରୁ ପୋକ ବାହାରୁଥିବା ସେମାନେ ଅଭିଯୋଗ କରିଛନ୍ତି। ପାଇଖାନାଗୁଡ଼ିକୁ ସଫା କରାଯାଉ ନାହିଁ। ବେସିନ୍‌ରେ ପାଣି ଆସୁ ନ ଥିବା ବେଳେ ଗାଧୁଆଘରେ ମଧ୍ୟ ପାଣି ଠିକ୍ ରୂପେ ଆସୁ ନ ଥିବା ଅନ୍ତେବାସୀ ପ୍ରକାଶ କରିଛନ୍ତ। ବିଭିନ୍ନ ସମୟରେ ଛାତ୍ରୀମାନେ କରୁଥିବା ଅଭିଯୋଗକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚାପିଦିଅନ୍ତି। କେହି ମୁହଁ ଖୋଲିଲେ ସେମାନଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଉଥିବା ଏକାଧିକ ଛାତ୍ରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତି ଚକ୍ରଧର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ପାଣି ସମସ୍ୟା ବିଦ୍ୟୁତ୍ ନ ଥିବା ବେଳେ ଦେଖାଯାଉଛି। ଖାଦ୍ୟର ମାନ ବହୁତ ବଢ଼ିଛି। ଛାତ୍ରୀମାନଙ୍କ ଆଉ ଯାହା ସମସ୍ୟା ରହିଛି ଏନେଇ ଆଲୋଚନା ଲାଗି ଗୁରୁବାର ଆମର ଜରୁରୀ ବୈଠକ ବସି ଆଲୋଚନା ଚାଲିଛି। ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ତ୍ରିପାଠୀ କହିଛନ୍ତି। ଏଥିସହ ଫାଟକ ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା କର୍ମୀଙ୍କ ଦୁର୍ବ୍ୟବହାର ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଲେ, ଏହା ସମ୍ପୂର୍ଣ୍ଣ ଭୁଲ୍। ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯିବ। ଆଗାମୀ ଦିନରେ ଏହାର ପୁନରାବୃତ୍ତି ଯେପରି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କୁଳପତି କହିଥିଲେ। ଏଥିସହ ଫାଟକ ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା କର୍ମୀଙ୍କ ଦୁର୍ବ୍ୟବହାର ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଲେ, ଏହା ସମ୍ପୂର୍ଣ୍ଣ ଭୁଲ୍। ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯିବ। ଆଗାମୀ ଦିନରେ ଏହାର ପୁନରାବୃତ୍ତି ଯେପରି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କୁଳପତି କହିଥିଲେ।



ଛାତ୍ରୀମାନେ ରାସ୍ତା ଉପରେ ନ୍ୟାୟ ଦାବିକରି ପ୍ରତିବାଦ ଜଣାଉଛନ୍ତି।

## ରାସ୍ତାରେ ଜଳିଗଲା କାର୍



**କୋରାପୁଟ/ନାରାୟଣପାଟଣା, ୨୩।୧୧ (ଅମିତାଭ ବେହେରା/ ରାଜକିଶୋର ଜେନା):** କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ବୋରିଗି ଗ୍ରାମ ନିକଟରେ ଗୁରୁବାର ଅପରାହ୍ନରେ ଏକ କାର୍ ରାସ୍ତାରେ ଜଳିଯାଇଛି। କାରଟି ନାରାୟଣପାଟଣାରୁ ବୋରିଗି ଗ୍ରାମକୁ ଯାଉଥିବା ବେଳେ ଏହି ଘଟଣା ଘଟିଛି। ନାରାୟଣପାଟଣା ଅଞ୍ଚଳର ଏମ୍. ସନ୍ତୋଷ କାର୍ ଯୋଗେ ବୋରିଗି ଗ୍ରାମକୁ ଯାଉଥିବାବେଳେ କାର୍‌ରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଏହା ଦେଖି କାର୍‌ରେ ଥିବା ଏମ. ସନ୍ତୋଷଙ୍କ ସମେତ ଅନ୍ୟ ୩ ଜଣ ଯାତ୍ରୀ ତୁରନ୍ତ ବାହାରକୁ ଚାଲି ଆସିଯାଇଥିଲେ। ଫଳରେ କାହାର କିଛି କ୍ଷତି ହୋଇନାହିଁ।

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଡକ୍ଟରେଟ ଉପାଧି

**ପୁରୀ, ୨୩।୧୧(ଅଜିତ୍ ମହାନ୍ତି):** ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ଆନୁକୁଲ୍ୟରେ ଆୟୋଜିତ ଏକ ଅନ୍ତର୍ଜାତୀୟ କର୍ମଶାଳାରେ ୟୁରୋପୀୟ ଡିଜିଟାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ ଏହି କର୍ମଶାଳାରେ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନର ସଭାପତି ଡ. ଅଭିନ୍ନ ହୋତା, ୟୁରୋପୀୟ ଡିଜିଟାଲ ବିଶ୍ୱବିଦ୍ୟାଳୟର କୁଳପତି ଡ. ଫାରୁକ ଅବଦଲ, ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଓ ବିଶିଷ୍ଟ ସାମ୍ବାଦିକ କିଶୋର ଦ୍ୱିବେଦୀଙ୍କ ଉପସ୍ଥିତିରେ ଏହି ଡକ୍ଟରେଟ ଉପାଧି ମୁଖ୍ୟ ପ୍ରଶାସକ ଦାସଙ୍କୁ ପ୍ରଦାନ କରାଯାଇଛି। ଦାସ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିବାବେଳେ ବର୍ତ୍ତମାନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟରତ ଅଛନ୍ତି। ଦାସ ଜଣେ ଗାଳ୍ପିକ, କବି ଓ ସ୍ତମ୍ଭକାର ଭାବେ ସୁପରିଚିତ। ଏଥିସହ ସେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୨୩।୧୧(ଅସମାପିକା ସାହୁ)**

'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଅଧୀନରେ ୧୪ଟି ବର୍ଗରେ ପୁରସ୍କାର ପାଇଁ ଆବେଦନ ସମୟସୀମାକୁ ଆଉ ୫ଦିନ ବୃଦ୍ଧି କରାଯାଇଛି। ଆବେଦନକାରୀ ଆସନ୍ତା ୨୯ ତାରିଖ ବୁଧବାର ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ୱେବ୍‌ସାଇଟ୍ www. msp.odisha.gov.inରେ ଆବେଦନ କରିପାରିବେ। ଏନେଇ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା 'ମୋ ସ୍କୁଲ'ର ସଦସ୍ୟ ସଚିବ ଅନୁପମ ସାହା ସୂଚନା ଦେଇଛନ୍ତି। ପୂର୍ବରୁ ଆବେଦନର ଶେଷ ତାରିଖ ନଭେମ୍ବର ୨୪ ଥିଲା। ଏହା ବ୍ୟତୀତ ଜିଲା ଓ ବ୍ଲକସ୍ତରରେ ଆୟୋଜିତ ସ୍ୱତନ୍ତ୍ର କ୍ୟାମ୍ପଗୁଡ଼ିକରେ ଆବେଦନ କରିବାର ଶେଷ ତାରିଖ ନଭେମ୍ବର ୨୭କୁ ବୃଦ୍ଧି କରାଯାଇଛି। ଅଧିକ ବିବରଣୀ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ୱେବ୍‌ସାଇଟ୍‌ରେ ସମସ୍ତ ସୂଚନା ଉପଲବ୍ଧ ରହିଛି। ତେବେ ପ୍ରଥମ ପର୍ଯ୍ୟାୟରେ ଚଳିତବର୍ଷ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମେଧାବୀ, ମେଧାବୃତ୍ତି ଓ ନେତୃତ୍ୱ ପୁରସ୍କାର ଦେବା ପାଇଁ ଏହି ପ୍ରକ୍ରିୟା ଜାରି ରହିଛି।

ସୂଚନାଯୋଗ୍ୟ, ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକର ମେଧାବୀ ଛାତ୍ରୀଛାତ୍ର, ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷା ପ୍ରଶାସକ, ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ଉଲ୍ଲେଖନୀୟ ବ୍ୟକ୍ତିବିଶେଷ ଓ ବିଭିନ୍ନ ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯିବ। ରାଜ୍ୟସ୍ତରରେ ୧୯,୪୬୭ଟି ପୁରସ୍କାର ବାବଦରେ ୩୨,୧୭,୨୯,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ଜିଲାସ୍ତରରେ ୪,୬୮୦ଟି ପୁରସ୍କାର ପାଇଁ ୨୪,୫୮,୫୦,୦୦୦ ଟଙ୍କା ପୁରସ୍କାର ରାଶି ଦିଆଯିବ। ବ୍ଲକସ୍ତରରେ ୩୪,୮୫୪ଟି ପୁରସ୍କାର ବାବଦକୁ ୫୯,୯୭,୪୦,୦୦୦ ଟଙ୍କା ପ୍ରଦାନ କରାଯିବ। ମହାନଗର ନିଗମସ୍ତରରେ ୫୦ଟି ପୁରସ୍କାର ପାଇଁ ୬୫,୫୦,୦୦୦ ଓ ସବ୍‌ଡିଭିଜନାଲ୍ ସ୍ତରରେ ୫୮ଟି ପୁରସ୍କାର ଲାଗି ୧୧,୬୦,୦୦୦ ଟଙ୍କା ପୁରସ୍କାର ରାଶି ଦିଆଯିବ।

# ପୂର୍ବତନ ବିଧାୟକ ରସାନନ୍ଦ ସାହୁଙ୍କ ପରଲୋକ

**ଖୁଣ୍ଟୁଣୀ, ୨୩।୧୧ (ସଚ୍ଚିଦାନନ୍ଦ ପଣ୍ଡା)**

ଆଠଗଡ଼ ଓ ଟାଙ୍ଗୀ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରସାନନ୍ଦ ସାହୁ(୮୬)ଙ୍କର ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ପରଲୋକ ହୋଇଯାଇଛି। ସେ ଖାଇସାରି ଶେଯ ଉପରେ ବସିଥିବାବେଳେ ହଠାତ୍ ଟଳି ପଡ଼ିଥିଲେ। ଚିକିତ୍ସା ଲାଗି ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ଜନ୍ମସ୍ଥାନ କାଦୁଆନୂଆଗାଁ ଓ ଗୁରୁଡ଼ିଝାଟିଆ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ସେଠାରେ ତାଙ୍କ ମଝିଆ ପୁଅ ଅକ୍ଷୟ ସାହୁ ମୁଖାଗ୍ନି ଦେଇଥିଲେ।



୧୯୭୦ ମସିହାରେ ସେ କୁମାରପୁର ହାଇସ୍କୁଲରୁ ଶିକ୍ଷକତା ଛାଡ଼ି ସକ୍ରିୟ ରାଜନୀତିରେ ପାଦ ଥାପିଥିଲେ। ଆଠଗଡ଼ ବ୍ଲକ ଚେୟାରମ୍ୟାନ୍‌ରୁ ସେ ୧୯୮୦ରେ ଆଠଗଡ଼ ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହି ସମୟରେ ଜାନକୀ ବଲ୍ଲଭ ପଟ୍ଟନାୟକ କେନ୍ଦ୍ରରୁ ଆସି ଆଠଗଡ଼ରେ ପ୍ରତିନିଧିତ୍ୱ କରିବାକୁ ଚାହିଁବାରୁ ହାଇକମାଣ୍ଡଙ୍କ ନିଷ୍ପତ୍ତି ପରେ ରସାନନ୍ଦ ଜାନକୀଙ୍କୁ ଆଠଗଡ଼ ଆସନ ଛାଡ଼ି ଦେଇଥିଲେ। ପରେ ଜାନକୀ ଏଠାରୁ ନିର୍ବାଚନ ଜିତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ବଦଳରେ ଜାନକୀ ରସାନନ୍ଦଙ୍କୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲେ। ୧୯୮୫ରେ ଜାନକୀ ରସାନନ୍ଦଙ୍କ କାର୍ଯ୍ୟଦକ୍ଷତାକୁ ଦେଖି ତାଙ୍କୁ ଟାଙ୍ଗୀ-ଚୌଦ୍ୱାର ଆସନରେ ବିଧାନସଭାକୁ ସୁଯୋଗ ଦେଇ ନିର୍ବାଚିତ କରାଇଥିଲେ। ରସାନନ୍ଦଙ୍କ ସମୟରେ ରାଜ୍ୟର ବହୁ ବସ୍‌ଷ୍ଟାଣ୍ଡ ନିର୍ମିତ ହୋଇଥିଲା। ସେ ଗୁରୁଡ଼ିଝାଟିଆ କଲେଜ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ଶିଶୁ ମନ୍ଦିରର ପ୍ରତିଷ୍ଠାତା ଥିଲେ। ଆଠଗଡ଼ ମାଟି ଜଣେ ଦକ୍ଷ ଓ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ରସାନନ୍ଦଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଆଠଗଡ଼ର ପୂର୍ବତନ ବ୍ଲକ ସଭାପତି ପ୍ରଭାକର ପଟ୍ଟନାୟକ, କିଶୋର ସାମନ୍ତରାୟ, ପ୍ରତାପ ମହାପାତ୍ର, ହୃଦାନନ୍ଦ ସାହାଣୀ, ରଶ୍ମିରଞ୍ଜନ ସାହାଣୀ, ଶରତ ଖୁଣ୍ଟିଆ, ସରପଞ୍ଚଙ୍କ ପ୍ରତିନିଧି ସନାତନ ଦଳେଇ, ବିଦ୍ୟାଧର ନାୟକ, କଂଗ୍ରେସ ନେତା ବିଭୂତି ଭୂଷଣ ମିଶ୍ର, ଭାଜପା ନେତା ବ୍ରଜେନ୍ଦ୍ର ରାୟ, ରାମନାରାୟଣ ମହାନ୍ତି, ଅଭୟ କୁମାର ବାରିକଙ୍କ ସହିତ ବିଭିନ୍ନ ଦଳର କର୍ମୀ ଓ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

## ପାନପତ୍ର ଯୋଗାଣ ଉପରେ ଜିଏସ୍‌ଟି ଲେଭି ଛାଡ଼

**ଭୁବନେଶ୍ୱର, ୨୩।୧୧(ସୁନିତ୍ ମିଶ୍ର)**

ରାଜ୍ୟର ପାନଚାଷୀଙ୍କୁ ରାଜ୍ୟ ଯୋଜନାରେ ଅନ୍ତର୍ଭୁକ୍ତକରି ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଅତି କମ୍‌ରେ ୨୦୦ ବର୍ଗ ମିଟର ପରିଧିରେ ପାନବରଜ କରିଥିବା ଚାଷୀମାନେ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏଥି ପାଇଁ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ କରାଯାଇଥିବା ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ପାନବରଜ କରିଥିବା ଚାଷୀଙ୍କୁ ଏହାର ପରିଚାଳନା ପାଇଁ ୟୁନିଟ୍ ପିଛା ୨୫୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ଜଣେ ଚାଷୀଙ୍କୁ ସର୍ବାଧିକ ୨ଟି ୟୁନିଟ୍ ପାଇଁ ଏହି ସହାୟତା ମିଳିବ। ଏଥିସହ ପାନଚାଷ ପାଇଁ କିଷାନ୍ କ୍ରେଡିଟ୍ କାର୍ଡ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ। ପାନପତ୍ର ଯୋଗାଣ ଉପରେ ଜିଏସ୍‌ଟି ଲେଭିକୁ ଛାଡ଼ କରାଯାଇଛି।

# ଜିଆର୍‌ଏସ୍‌ଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

**ନାକଟିଦେଉଳ, ୨୩।୧୧ (ବୈକୁଣ୍ଠ ନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ମୃତଦେହ ଗୁରୁବାର ପଞ୍ଚାୟତ ରାସ୍ତାର ଏକ ନାଳ ନିକଟରୁ ଜବତ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେହି ହତ୍ୟା କରି ଏଠାରେ ଫିଙ୍ଗିଦେଇଥିବା ପରିବାର ଲୋକେ ପୋଲିସରେ ଅଭିଯୋଗ କରିଛନ୍ତି। ସାଲେଭଟା ପଞ୍ଚାୟତରେ ଜିଆର୍‌ଏସ୍ ଥିବା ପ୍ରଦ୍ୟୁମ୍ନ ପ୍ରାୟ ୫ମାସ ହେବ ଘୋଷରାମାଳ ପଞ୍ଚାୟତକୁ ବଦଳି ହୋଇଯାଇଥିଲେ। ଗତ ମଙ୍ଗଳବାର ସନ୍ଧ୍ୟାରେ ସେ ସ୍ତ୍ରୀ ଓ ୩ବର୍ଷର ଝିଅକୁ ଧରି ଭାଣିଜିର ଜନ୍ମ ଦିନରେ ଯୋଗଦେବାକୁ ଶିମିଳିପାଳ ଗ୍ରାମର ଭଉଣୀ ଘରକୁ ଯାଇଥିଲେ। ବୁଧବାର ସକାଳୁ ସେ ସେଠାରୁ ବାଇକ୍ ଧରି ଆବାସ ଯୋଜନାରେ ହିତାଧିକାରୀଙ୍କ ଘରର ଫଟୋ ଉଠାଇବା ପାଇଁ ଘୋଷରାମାଳ ଅଞ୍ଚଳକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ରାତି ପ୍ରାୟ ୯ଟା ସମୟରେ ନାଳ ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପାଇ ଗୁରୁବାର ସକାଳୁ ରେଢାଖୋଲ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର, ରେଢାଖୋଲ ଥାନା ଅଧିକାରୀ ସବିତାବାଳା ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇଥିଲେ। ପ୍ରଦ୍ୟୁମ୍ନଙ୍କ ମୁଣ୍ଡ ଓ ପେଟରେ ଆଘାତ ଲାଗିଥିବାରୁ ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ନେଇ ତାଙ୍କ ଭିଣୋଇ ଉମାକାନ୍ତ ଦାସ ଓ ବଡ଼ଭାଇ ପ୍ରଦୀପ କୁମାର ଦାଶ ଥାନାରେ ଅଭିଯୋଗ କରିଛନ୍ତି। ଏସ୍‌ଡ଼ିପିଓ ମେହେର କହିଛନ୍ତି, ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ରେଢାଖୋଲ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

# ପ୍ରତିପକ୍ଷଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

**କଟକ, ୨୩।୧୧ (କାର୍ତ୍ତିକ ସାହୁ)**

**ପରିବାର ଅଦାଲତ ରାୟ ବିରୋଧରେ ହାଇକୋର୍ଟ ମାମଲା**

- ହାଇକୋର୍ଟରେ ଡିସେମ୍ବର ୬ରେ ପରବର୍ତ୍ତୀ ଶୁଣାଣି
- ଏସ୍‌ଡିଜେଏମ୍ କୋର୍ଟରେ ମହଲତ ନେଲେ ବର୍ଷା



କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଦାଏର କରିଥିବା ମାମଲାରେ ପ୍ରତିପକ୍ଷ ବର୍ଷା ପ୍ରିୟଦର୍ଶିନୀଙ୍କୁ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣିବେଳେ ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଯୁକ୍ତି ଉପସ୍ଥାପନ କରିଥିଲେ। ଅନୁଭବ ତାଙ୍କ ସ୍ତ୍ରୀ ବର୍ଷାଙ୍କଠାରୁ ଛାଡ଼ପତ୍ର ପାଇଁ କରିଥିବା ଆବେଦନକୁ ଖାରଜ କରିବା ବେଆଇନ ବୋଲି ଦର୍ଶାଯାଇଥିଲା। ହାଇକୋର୍ଟ ଆଇନଜୀବୀ ମିଶ୍ରଙ୍କ ଯୁକ୍ତିକୁ ପ୍ରଶଂସା କରିଥିବା ସେ କହିଛନ୍ତି। ଆସନ୍ତା ଡିସେମ୍ବର ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁସାରେ, ଅନୁଭବ ଓ ତାଙ୍କ ସ୍ତ୍ରୀ ବର୍ଷାଙ୍କ ଛାଡ଼ପତ୍ର ମାମଲାର ଆବେଦନ ପରିବାର ଅଦାଲତରେ ଗତ ସେପ୍ଟେମ୍ବର ୨୨ରେ ଖାରଜ ହୋଇଥିଲା। ପରେ ଅନୁଭବ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଅନୁଭବଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ବର୍ଷାଙ୍କୁ ହାଜର ହେବା ନିମନ୍ତେ ନୋଟିସ ଜାରି କରିଥିଲେ। ଏଥିସହ ପରିବାର ଅଦାଲତରୁ ସେମାନଙ୍କ ବିବାହ ବିଚ୍ଛେଦ ସଂକ୍ରାନ୍ତୀୟ ଦସ୍ତାବିଜ୍ ହାଇକୋର୍ଟରେ ଦାଖଲ ପାଇଁ ଆଦେଶ ଦେଇଥିଲେ।

ଅପରପକ୍ଷରେ ବର୍ଷା ତାଙ୍କ ସ୍ୱାମୀ ଅନୁଭବଙ୍କ ବିରୋଧରେ କଟକ ଏସ୍‌ଡିଜେଏମ୍ କୋର୍ଟରେ ରୁଜୁ କରିଥିବା ଘରୋଇ ହିଂସା ମାମଲାର ଶୁଣାଣି ମଧ୍ୟ ଗୁରୁବାର ହୋଇଛି। ତେବେ ବର୍ଷାଙ୍କ ପକ୍ଷରୁ ଅଦାଲତଙ୍କଠାରୁ ମହଲତ ନିଆଯାଇଛି।

ସୂଚନାଯୋଗ୍ୟ, ଅନୁଭବ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ୨୦୨୦ରେ ବର୍ଷାଙ୍କ ପକ୍ଷରୁ ଘରୋଇ ହିଂସା ମାମଲା କଟକ ଏସ୍‌ଡିଜେଏମ୍ କୋର୍ଟରେ ଦାଏର ହୋଇଥିଲା। ସେ ପାରିବାରିକ ହିଂସାର ଶିକାର ହେଉଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ସେ କ୍ଷତିପୂରଣ ବାବଦକୁ ଅନୁଭବଙ୍କ ନିକଟରୁ ୧୫ କୋଟି ଟଙ୍କା, ଘରଭଡ଼ା ମାସିକ ୩୦ ହଜାର ଓ ତାଙ୍କର ଚଳିବାକୁ ମାସିକ ୫୦ ହଜାର ଟଙ୍କା ଦାବି କରିଥିଲେ। ଏଥିସହ ମହିଳା ହିଂସା ସୁରକ୍ଷା ଆଇନ ୨୦୦୫ ଅନୁସାରେ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବର୍ଷା ପ୍ରାର୍ଥନା କରିଥିଲେ। ଅନ୍ୟପକ୍ଷରେ କଟକର ପରିବାର ଅଦାଲତରେ ସେ ଅନୁଭବଙ୍କ ନିକଟରେ ରହିବାକୁ ଚାହୁଁଥିବା ଦର୍ଶାଇ ସ୍ୱାମୀ-ସ୍ତ୍ରୀ ଭାବେ ସେମାନଙ୍କ ସମ୍ପର୍କ ପୁନଃ ପ୍ରତିଷ୍ଠା ନିମନ୍ତେ ଆବେଦନ କରିଥିଲେ। କଟକ ପରିବାର ଅଦାଲତରେ ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ମାମଲାର ଶୁଣାଣି ଚାଲିଥିଲା। ତେବେ ନିକଟରେ ପରିବାର ଅଦାଲତ ବର୍ଷାଙ୍କ ଆବେଦନକୁ ଖାରଜ କରିଥିଲେ। ସେହିପରି ଅନୁଭବଙ୍କ ପକ୍ଷରୁ ବର୍ଷାଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ କରାଯାଇଥିବା ଆବେଦନକୁ ମଧ୍ୟ ପରିବାର ଅଦାଲତ ଖାରଜ କରିଥିଲେ।

# ଧାରଣାରେ ପ୍ରଯୋଜିକା ସନ୍‌ଲିସା

**ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ବଞ୍ଚାଇବାକୁ ସରକାରଙ୍କୁ ଗୁହାରି**

**ଭୁବନେଶ୍ୱର, ୨୩।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଶେଷରେ ଆନ୍ଦୋଳନକୁ ଓହ୍ଲାଇଲେ ପ୍ରଯୋଜିକା ସନ୍‌ଲିସା ପଟେଲ୍। ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ବଞ୍ଚାଇବା ସହ ନିଜ ପ୍ରଯୋଜିତ ଚଳଚ୍ଚିତ୍ର 'ପ୍ରଥା'କୁ ନ୍ୟାୟ ଦାବିରେ ଗୁରୁବାରଠାରୁ ସେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ଏଥିସହ ସେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ଏବଂ ସରକାରଙ୍କ ଆଗରେ ୫ଟି ଗୁରୁତ୍ୱପୂର୍ଣ୍ଣ ଦାବି ରଖିଛନ୍ତି। ବ୍ଲକ ମୁଖ୍ୟାଳୟରେ ଗୋଟିଏ ଲେଖାଏ ସିନେମା ହଲ୍ ପ୍ରତିଷ୍ଠା, ଅନ୍ୟ ରାଜ୍ୟଗୁଡ଼ିକ ପରି ମଲ୍ଟିପ୍ଲେକ୍ସ ଏବଂ ହଲ୍‌ଗୁଡ଼ିକ ଯେପରି ଓଡ଼ିଆ ଫିଲ୍ମକୁ ଚଲାଇବା ପାଇଁ ବାଧ୍ୟ ହେବେ ସେପରି କାର୍ଯ୍ୟାନୁଷ୍ଠାନ ନିଆଯିବା, ବିତରଣ, ପ୍ରଦର୍ଶନ, ସିନେମା ଚାଲିବା ପରେ ଟଙ୍କା ଫେରି ପାଇବା, ସମସ୍ତଙ୍କ ଭିତରେ ସମନ୍ୱୟ ରକ୍ଷା ସହ ଟିକସମୁକ୍ତ ସିନେମା ନିର୍ମାଣ ଲାଗି ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଏବଂ ସମସ୍ତଙ୍କ ସୁରକ୍ଷା ଅର୍ଥାତ୍ ଅନ୍‌ଲାଇନ ହେଉ କି ଅଫ୍‌ଲାଇନରେ



ଲୋୟର ପିଏମ୍‌ଜିରେ ଅନ୍ୟମାନଙ୍କ ସହ ଧାରଣାରେ ବସିଥିବା ପ୍ରଯୋଜିକା ସନ୍‌ଲିସା।

କେହି ଯେପରି କାହା ବିରୋଧରେ ଖଳ କାର୍ଯ୍ୟ କରିବାକୁ ଭୟ କରିବେ ସେ ନେଇ ଦୃଢ଼ ପଦକ୍ଷେପ ନେବାକୁ ସନ୍‌ଲିସା ଦାବି କରିଛନ୍ତି। ସେହିପରି ଇନ୍‌ଭେଷ୍ଟରମାନଙ୍କୁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ ସରକାରୀ ସହାୟତା ଦିଆଯାଉ ବୋଲି ସେ କହିଛନ୍ତି। ଶିଳ୍ପ ବିଭାଗର ଗୋ ସ୍ୱିଫ୍ଟ ଯୋଜନାରେ ଶିଳ୍ପାନୁଷ୍ଠାନ ଏବଂ ଶିଳ୍ପୋଦ୍ୟୋଗୀଙ୍କୁ ସହାୟତା ଯୋଗାଇ ଦିଆଯାଉଥିବାସ୍ଥଳେ ଚଳଚ୍ଚିତ୍ର ଶିଳ୍ପକୁ ଏଥିରୁ କାହିଁକି ବଞ୍ଚିତ କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ଓଡିଆ ଚଳଚ୍ଚିତ୍ର ସରକାରଙ୍କ କେଉଁ ବିଭାଗ ଅଧୀନରେ ରହିଛି ତାହା ମଧ୍ୟ ପ୍ରାୟଙ୍କୁ ଜଣାନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ସନ୍‌ଲିସା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ରହିଥିବା ସମସ୍ୟା ନେଇ ସରକାରୀ ସ୍ତରରେ ସମସ୍ତଙ୍କୁ ଅବଗତ କରାଇଥିଲେ। ମାତ୍ର କୌଣସି ସ୍ତରରୁ ତାଙ୍କୁ ନ୍ୟାୟ ମିଳି ନ ଥିବାରୁ ସେ ବାଧ୍ୟହୋଇ ଧାରଣାରେ ବସିଛନ୍ତି ବୋଲି ସନ୍‌ଲିସା କହିଛନ୍ତି। ତାଙ୍କ ସହ ଧାରଣାରେ ଅଭିନେତା ବୁଦ୍ଧାଦିତ୍ୟ, ପପୁ ପମ୍ ପମ୍, ଅଖିଳ ପଟ୍ଟନାୟକ, ପ୍ରଯୋଜକ ପ୍ରୀତମ ମହାନ୍ତି, ସଂଳାପକାର ଡ. ରଜନୀ ରଞ୍ଜନ, ସତୀଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଅନ୍ୟ ପ୍ରଯୋଜକ, କଳାକାର, ଟେକ୍ନିସିଆନ, ନିର୍ଦ୍ଦେଶକମାନେ ଯୋଗ ଦେବେ ବୋଲି ପ୍ରଯୋଜିକା ସନ୍‌ଲିସା କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସନ୍‌ଲିସାଙ୍କ ଚଳଚ୍ଚିତ୍ର 'ପ୍ରଥା' ମୁକ୍ତିଲାଭ ପରେ ପଶ୍ଚିମ ଓଡ଼ିଶାରେ ଏହାକୁ ବିରୋଧ କରାଯିବା ସହ ପୋଷ୍ଟର ଚିରି ପ୍ରତିବାଦ କରାଯାଇଥିଲା। ଫଳରେ ସେ ତାଙ୍କ ଫିଲ୍ମକୁ ପ୍ରେକ୍ଷାଳୟରୁ ଉଠାଇ ନେଇଥିଲେ। ଏହାପରେ ସେ ସରକାରୀ ସ୍ତରରେ ସହାୟତା ପାଇଁ ଚିଠି ଲେଖିବା ସହ ସମସ୍ତ ଚେଷ୍ଟା କରିବା ସତ୍ତ୍ୱେ ସବୁ ବିଫଳ ହୋଇଥିଲା।

# ଏଲ୍‌ଭିପିଇଆଇ ପକ୍ଷରୁ ସଚେତନତା ପଦଯାତ୍ରା

**ଭୁବନେଶ୍ୱର, ୨୩।୧୧(ଅନୁରାଧା ମହାରଣା)**

ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ (ଏଲ୍‌ଭିପିଇଆଇ) ପକ୍ଷରୁ ଏକ ସଚେତନତା ପଦଯାତ୍ରା ସହ ଶିଶୁ ଚକ୍ଷୁ ଯତ୍ନ ସପ୍ତାହ ଶେଷ ହୋଇଛି। ଏହି ପଦଯାତ୍ରାରେ ଶିଶୁଙ୍କ ରିଫ୍ରାକ୍ଟିଭ୍ ଏରର୍ ରୋଗ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅବସରରେ ଏଲ୍‌ଭିପିଇଆଇର ଉତ୍ସର୍ଗୀକୃତ ଶିଶୁ ଚକ୍ଷୁ ଯତ୍ନ ୟୁନିଟ୍ ମିରିୟମ୍ ହାଇମାନ୍ ଶିଶୁ ଚକ୍ଷୁ ଯତ୍ନ କେନ୍ଦ୍ରର ୧୫ବର୍ଷ ପୂର୍ତ୍ତି ପାଳନ କରାଯାଇଥିଲା। ଏଲ୍‌ଭିପିଇଆଇର ଚାଇଲ୍ଡ ସାଇଟ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଡାକ୍ତର ରମେଶ କେକୁନ୍ନୟା ଓ ଭୁବନେଶ୍ୱର ଏଲ୍‌ଭିପିଇଆଇର ମୁଖ୍ୟ ଡାକ୍ତର ଶ୍ରୀକାନ୍ତ ସାହୁ ଏହି ଶିଶୁ ରୋଗ କେନ୍ଦ୍ରରେ ନବନିର୍ମିତ ବହିଃବିଭାଗକୁ ଉଦ୍‌ଘାଟନ କରିବା ସହ ଉତ୍ତମ ଚକ୍ଷୁ ଚିକିତ୍ସା ସେବା ଯୋଗାଇଦେବା ଏବଂ ଶିଶୁଙ୍କ ଅନ୍ଧତ୍ୱ ଦୂର କରିବା ଦିଗରେ ସେଣ୍ଟରର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଲାଇଭ୍ ଆର୍ଟ ପ୍ରଦର୍ଶନୀ, ଶିଶୁଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତା, ଜ୍ଞାନବର୍ଦ୍ଧକ ସଚେତନତା ବାର୍ତ୍ତାଳାପ, ବିଶେଷଜ୍ଞଙ୍କ ବକ୍ତୃତା ଏବଂ ଦୂରଦୃଷ୍ଟିସମ୍ପନ୍ନ ଅସ୍ତ୍ରୋପଚାର କର୍ମଶାଳା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିଫ୍ରାକ୍ଟିଭ୍ ଏରର ଯେପରିକି ମାୟୋପିଆ (ସମୀପଦୃଷ୍ଟି), ହାଇପରମେଟ୍ରୋପିଆ (ଦୂରଦୃଷ୍ଟି) ଏବଂ ଆଷ୍ଟିଗମ୍ୟାଟିଜମ୍ ଆଖିଡୋଳାର ଆକାରରେ ଅସାମଞ୍ଜସ୍ୟ ହେତୁ ପ୍ରାୟତଃ ପଡ଼ିବା ସମୟରେ ମୁଣ୍ଡବିନ୍ଧା, ଆଖିଯନ୍ତ୍ରଣା ଏବଂ ଥକାପଣ ଭଳି ଲକ୍ଷଣ ଦେଖାଦିଏ ଏବଂ ପରେ ଶିଶୁମାନଙ୍କଠାରେ ଟେରାଦୋଷ ମଧ୍ୟ ହୋଇପାରେ। ଶିଶୁ ଚକ୍ଷୁ ଯତ୍ନ କେନ୍ଦ୍ରର ମୁଖ୍ୟ ଡାକ୍ତର ବିବେକ ୱାରକଡ଼ ରିଫ୍ରାକ୍ଟିଭ୍ ଏରର୍ ରୋଗର ପ୍ରାରମ୍ଭିକ ଲକ୍ଷଣକୁ ଚିହ୍ନଟ କରିବା ସହ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ଗୁରୁତ୍ୱାରୋପ କରିଥିଲେ। ଶିଶୁ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ଦେବସ୍ମିତା ମାଝୀ ରିଫ୍ରାକ୍ଟିଭ୍ ଏରର୍ ରୋଗ ନିର୍ଣ୍ଣୟ ନ ହେବା ଏବଂ ଚିକିତ୍ସା ନ ହେବା ଦ୍ୱାରା ଶିଶୁ ସଫଳତା ହାସଲ କରିବାରେ ବିଳମ୍ବ ହେବା, ପାଠପଢ଼ା, ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣ ଓ ସାମାଜିକ ଆଚରଣ ଉପରେ କୁପ୍ରଭାବ ପଡ଼ିବା ନେଇ କହିଥିଲେ। ମାୟୋପିଆରେ ପୀଡ଼ିତ ଶିଶୁମାନେ ଗୁରୁତର ଚକ୍ଷୁ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ଥିବା ବେଳେ ଶିଶୁଙ୍କ ସୁସ୍ଥତା ସୁନିଶ୍ଚିତ କରିବା ପାଇଁ ପରିବାର, ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ ଏବଂ ସରକାରଙ୍କ ସାମୂହିକ ଦାୟିତ୍ୱ ରହିଥିବା ସେ ଗୁରୁତ୍ୱାରୋପ କରିଥିଲେ ।

## ପ୍ରଥମ ପୃଷ୍ଠାରୁ

### ଭୂ-ସଂସ୍କାର ସଂଶୋଧନ...

ଅଥବା ସେମାନଙ୍କ ଉତ୍ତରାଧିକାରୀମାନେ ଏହି ସିକିମ ଜମିର ମୂଳ ରୟତଙ୍କୁ କିମ୍ବା ଉତ୍ତରାଧିକାରୀମାନଙ୍କୁ ପ୍ରଦାନ କରିବେ। କ୍ଷତିପୂରଣ ରାଶିର ପରିମାଣ ସରକାର ସମୟାନୁକ୍ରମେ ପରିବର୍ତ୍ତନ କରିପାରନ୍ତି। ଏହା ପରେ ଏହି ସିକିମ ଜମି ଉପରେ ଉପ-ରୟତ କିମ୍ବା ଅଧସ୍ତନ-ରୟତ ଅଥବା ସେମାନଙ୍କ ଉତ୍ତରାଧିକାରୀମାନେ ରୟତ ଭାବେ ଘୋଷିତ ହେବେ। ଏହି ଜମି ଉପରେ ସେମାନଙ୍କ ବଂଶାନୁକ୍ରମିକ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ପ୍ରାପ୍ତି ହେବେ।ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବିଲ୍‌କୁ ବିଧାନସଭାରେ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୩୦ ଜିଲାରେ ୨ ଲକ୍ଷ ୫୪ ହଜାର ରୟତଙ୍କ ନିକଟରେ ୧ ଲକ୍ଷ ୨୩ ହଜାର ଏକର ଜମି ସିକିମ ଭାବେ ରେକର୍ଡ ହୋଇରହିଛି। ଗଜପତି ଜିଲାରେ ସର୍ବାଧିକ ୧୧୨୬ ସିକିମ ଖାତାରେ ୯୩ ହଜାର ୨୫୦.୬୯ ଏକର ଜମି ରହିଛି।

# ବାଲନ୍ ଡି'ଅର୍ ବିଜୟିନୀ

## ଆଇଟାନା ବୋନମାଟି



ବିଶ୍ୱର କମ୍ ଖେଳାଳି ଗୋଟିଏ ବର୍ଷରେ ବାଲନ୍ ଡି'ଅର୍ ଫେମିନିନ୍ ଓ ବିଶ୍ୱକପର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିବାର ସୌଭାଗ୍ୟ ପାଇଛନ୍ତି। ଏପରି କରି ଇତିହାସ ରଚିଛନ୍ତି ସ୍ପେନ୍‌ର ମିଡ୍‌ଫିଲ୍ଡର ଆଇଟାନା ବୋନମାଟି। କେବଳ ଏହି ଦୁଇ ପୁରସ୍କାର ନୁହେଁ ଚଳିତ ସିଜନରେ ୟୁଫା ଓମେନ୍ସ ପ୍ଲେୟର ଅଫ୍ ଦ ଇୟର ଓ ୟୁଫା ଚାମ୍ପିୟନ୍ସ ଲିଗ୍ ପ୍ଲେୟର ଅଫ୍ ଦ ସିଜନ ପୁରସ୍କାର ମଧ୍ୟ ହାସଲ କରିଥିଲେ। ପ୍ରଥମ ଥର ପାଇଁ ସ୍ପେନ୍ ମହିଳା ଦଳ ଫିଫା ବିଶ୍ୱକପ୍ ଟାଇଟଲ ହାତେଇଥିବା ବେଳେ ବୋନମାଟିଙ୍କୁ ମିଳିଥିଲା ଶ୍ରେଷ୍ଠ ଖେଳାଳି ପୁରସ୍କାର। ଏହା ସହିତ ସେ ଦୁଇଟି ଦେଶ ସ୍ପେନ୍ ଓ କାଟାଲୋନିଆ ପକ୍ଷରୁ ଫୁଟବଲ ଖେଳିଛନ୍ତି। ୧୮ ଜାନୁୟାରୀ ୧୯୯୮ରେ ଆଇଟାନାଙ୍କ ଜନ୍ମ କାଟାଲୋନିଆରେ ହୋଇଥିବା ବେଳେ ପିଲାବେଳରୁ ହିଁ ସେ କ୍ରୀଡ଼ା ପ୍ରତି ଆକୃଷ୍ଟ ଥିଲେ। ୭ ବର୍ଷ ଯାଏ ବାସ୍କେଟବଲ ତାଙ୍କର ପ୍ରଥମ ପସନ୍ଦ ରହିଥିଲା। ତେବେ ଫୁଟବଲ ଖେଳିବା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। କାଟାଲୋନିଆର ଗାରାଫ ସହରରେ ବିକଶିତ ଫୁଟବଲ କ୍ଲବ ନ ଥିବାରୁ ବୋନମାଟି ଆରମ୍ଭରୁ ପୁଅପିଲାଙ୍କ ପାଇଁ ଉଦ୍ଦିଷ୍ଟ କ୍ଲବରେ ଅଭ୍ୟାସ ଆରମ୍ଭ କରିଥିଲେ। ପୁଅମାନେ ଅଧିକ ଶକ୍ତିଶାଳୀ ଥିବାରୁ ତାଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଥିଲା। ଭବିଷ୍ୟତରେ ଏହା ହିଁ ତାଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିଥିଲା ବୋଲି ବୋନମାଟି କୁହନ୍ତି।

ଗୋଟିଏ ବର୍ଷରେ ବାଲନ୍ ଡି'ଅର୍ ଫେମିନିନ୍ ଓ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲକରି ଇତିହାସ ରଚିଛନ୍ତି ସ୍ପେନ୍‌ର ମିଡଫିଲ୍ଡର ଆଇଟାନା ବୋନମାଟି। କେବଳ ଏହି ଦୁଇ ପୁରସ୍କାର ନୁହେଁ ଚଳିତ ସିଜନରେ ୟୁଫା ଓମେନ୍ସ ପ୍ଲେୟର ଅଫ୍ ଦ ଇୟର ଓ ୟୁଫା ଚାମ୍ପିୟନ୍ସ ଲିଗ୍ ପ୍ଲେୟର ଅଫ୍ ଦ ସିଜନ ପୁରସ୍କାର ମଧ୍ୟ ହାସଲ କରଛନ୍ତି...


ଲିଓନେଲ ମେସିଙ୍କ ସହ ଆଇଟାନା ବୋନମାଟି

୨୦୦୫ରେ ରାଇବ୍ସ କ୍ଲବ ପକ୍ଷରୁ ଖେଳିଥିବା ବେଳେ ୨୦୦୯ ଯାଏ ଏହା ଜାରି ରହିଥିଲା। ୨୦୧୦-୧୨ ମଧ୍ୟରେ ତାଙ୍କୁ କ୍ୟୁବ୍‌ଲେସ୍ ପକ୍ଷରୁ ସାଇନ୍ କରାଯାଇଥିଲା। ୨୦୧୨ରେ ବାର୍ସିଲୋନା କ୍ଲବର ମହିଳା ଦଳ ମ୍ୟାନେଜମେଣ୍ଟ ନଜରକୁ ଆସନ୍ତି ଆଇଟାନା। ପରବର୍ତ୍ତୀ ଦୁଇବର୍ଷ ବାର୍ସିଲୋନା ସହିତ ତାଙ୍କର ୟୁଥ୍ କ୍ୟାରିୟର ଜାରି ରୁହେ। ଏହି ସମୟରେ ଏକ ସ୍ୱର୍ଣ୍ଣିମ କ୍ୟାରିୟର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା।

ବାର୍ସିଲୋନାରେ ୟୁଥ୍ କ୍ୟାରିୟର ସମୟରେ କ୍ରମାଗତ ଦୁଇବର୍ଷ ଧରି ଶ୍ରେଷ୍ଠ ଖେଳାଳି ଭାବରେ ଜୁଭେନାଇଲ କ୍ୟାଡେଟ୍ ପୁରସ୍କାର ହାସଲ କରିଥିଲେ। ଏହାପରେ ତାଙ୍କୁ ବାର୍ସିଲୋନାର ବି' ଟିମ୍‌କୁ ପଦୋନ୍ନତି ମିଳିଥିଲା। ପ୍ରଥମ ସିଜନରେ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥିଲେ ମଧ୍ୟ ପରବର୍ତ୍ତୀ ସିଜନରେ ଦଳକୁ ଚାମ୍ପିୟନ କରିବାରେ ବୋନମାଟିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ସିଜନରେ ୧୪ ଗୋଲ ସ୍କୋର କରିଥିବା ବେଳେ ସିନିୟର ଟିମ୍‌ର ମ୍ୟାନେଜର ଜାଭି ଲରେସ୍ ତାଙ୍କୁ ପ୍ରମୋଶନ ଦେଇ ଦଳରେ ସାମିଲ କରିଥିଲେ।

୨୦୧୬-୧୭ ବୋନମାଟିଙ୍କ କ୍ୟାରିୟରର ବ୍ରେକ୍ ଥ୍ରୁ ବର୍ଷ ରହିଥିଲା। ବାର୍ସିଲୋନା ସିନିୟର ଦଳ ପକ୍ଷରୁ ପ୍ରଥମ ଥର ଖେଳିବାର ସୁଯୋଗ ପାଇଥିଲେ। ତେବେ ପ୍ରଥମ ସିଜନରେ ତାଙ୍କୁ କେବଳ ସବ୍‌ଷ୍ଟିଚ୍ୟୁଟ ଭାବରେ ବ୍ୟବହାର କରାଯାଉଥିଲା। କୋପା ଡେଲ୍ ରେନିଆ ଟୁର୍ନାମେଣ୍ଟରେ ବାର୍ସିଲୋନା ଫାଇନାଲ ଖେଳିଥିଲେ ମଧ୍ୟ ପରାଜିତ ହୋଇଥିଲା। ପରବର୍ତ୍ତୀ ଟୁର୍ନାମେଣ୍ଟ କୋପା କାଟାଲୋନିଆରେ ଖେଳିବାର ସୁଯୋଗ ପାଇଥିବା ବେଳେ ଏହା ଥିଲା ତାଙ୍କ କ୍ୟାରିୟରର ପ୍ରଥମ ସିନିୟର ଟାଇଟଲ୍। ଏହି ସିଜନରେ ୧୩ ମ୍ୟାଚ୍ ଖେଳି ୧୩ ଗୋଲ ଦେଇଥିବା ବେଳେ ସ୍ପେନ୍ ଜାତୀୟ ଦଳକୁ ଡାକରା ମିଳିଥିଲା। ସମାନ ବର୍ଷରେ ନିଜ ଜନ୍ମମାଟି କାଟାଲୋନିଆ ପାଇଁ ଦୁଇଟି ମ୍ୟାଚ ମଧ୍ୟ ଖେଳିଥିଲେ। କାଟାଲୋନିଆକୁ ଫିଫାର ସ୍ୱୀକୃତି ମିଳି ନ ଥିବା ବେଳେ ୨୦୧୯ ପରଠାରୁ ବୋନମାଟି କେବଳ ସ୍ପେନ୍ ପକ୍ଷରୁ ଖେଳିବା ପାଇଁ ନିଷ୍ପତ୍ତି ନେଲେ। ସ୍ପେନ୍ ପକ୍ଷରୁ ୫୮ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସେ ୨୧ ଗୋଲ ସ୍କୋର କରିଛନ୍ତି। ଅନ୍ୟପକ୍ଷରେ ବାର୍ସିଲୋନା ପକ୍ଷରୁ ୧୬୩ ମ୍ୟାଚ୍ ଖେଳି ୫୬ ଗୋଲ ସ୍କୋର କରିଛନ୍ତି।

ସ୍ପେନ୍ ଜାତୀୟ ଦଳ ପକ୍ଷରୁ ଖେଳିବା ପରେ ଜେନି ହର୍ମୋସୋ, ଆଲବା ରେଡୋନୋଡୋଙ୍କ ସହିତ ମିଶି ଏକ ଶକ୍ତିଶାଳୀ ମିଡ୍‌ଫିଲ୍ଡ ୟୁନିଟ୍ ଗଠନ କରିଥିଲେ। ୨୦୧୯ରେ ପ୍ରଥମ ଥର ସେ ବିଶ୍ୱକପ୍ ଖେଳିଥିଲେ ମଧ୍ୟ ସ୍ପେନ୍ ପ୍ରଥମ ରାଉଣ୍ଡରୁ ବିଦା ହୋଇଥିଲା। ଏହି ବିଶ୍ୱକପ୍‌ରେ ୩ ମ୍ୟାଚ୍‌ରେ ତାଙ୍କୁ ମାତ୍ର ୫୮ ମିନିଟ ଖେଳିବାକୁ ସୁଯୋଗ ମିଳିଥିଲା। ତେବେ ୨୦୨୩ରେ ଦଳକୁ ଚାମ୍ପିୟନ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫିଫା ମହିଳା ବିଶ୍ୱକପ୍ ୨୦୨୩ରେ ବୋନମାଟି ୩ଟି ଗୋଲ ସ୍କୋର କରିଥିବା ବେଳେ ଦୁଇଟି ଆସିଷ୍ଟ କରିଥିଲେ। ସ୍ପେନ୍‌କୁ ଚାମ୍ପିୟନ କରିବାରେ ୨୪ ବର୍ଷୀୟା ବୋନମାଟିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହା ସହ ଜେନି ହର୍ମୋସୋଙ୍କୁ ପଛରେ ପକାଇ ସେ ବିଶ୍ୱକପ୍‌ର ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ହାସଲ କରିଥିଲେ।

ଏହାବ୍ୟତୀତ ସମାନ ବର୍ଷରେ ବାର୍ସିଲୋନା ପକ୍ଷରୁ ୩୭ ମ୍ୟାଚ୍ ଖେଳି ୧୯ ଗୋଲ୍ ସ୍କୋର କରିଥିଲେ। ବାର୍ସିଲୋନା ୨୦୨୨-୨୩ରେ ଓମେନ୍ସ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରିଥିଲା। ସେହିଭଳି ବାଲନ୍ ଡି ଓର ପୁରସ୍କାର ଦୌଡ଼ରେ ଅନ୍ୟ ଖେଳାଳିଙ୍କୁ ପଛରେ ପକାଇ ଟାଇଟଲ ହାତେଇଥିଲେ ବୋନମାଟି। ଫାଇନାଲରେ ସେ ୨୬୬ ପଏଣ୍ଟ ପାଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ସାମ୍ କେର୍ ୮୬ ଓ ସ୍ପେନ୍‌ର ସଲମା ପାରାଲୁଏଲୋ ୪୯ ପଏଣ୍ଟ ପାଇଥିଲେ।

– ସରୋଜ ଜେନା

### ସଂକ୍ଷେପରେ...

ନାମ: ଆଇଟାନା ବୋନମାଟି
ମିଡଫିଲ୍ଡର, ୱିଙ୍ଗର
ଦଳ: ସ୍ପେନ୍, କାଟାଲୋନିଆ, ବାର୍ସେଲୋନା
ବାର୍ସେଲୋନା: ମ୍ୟାଚ୍-୧୬୩, ଗୋଲ୍-୫୬
ସ୍ପେନ୍: ମ୍ୟାଚ୍-୫୬, ଗୋଲ୍-୨୧
କାଟାଲୋନିଆ: ମ୍ୟାଚ୍-୨, ଗୋଲ୍-୧।

# ପ୍ରୋ-କବାଡ଼ି-୧୦

ପ୍ରୋ-କବାଡ଼ି ଲିଗ୍‌ର ୧୦ମ ସଂସ୍କରଣ ଡିସେମ୍ବର ୨ ତାରିଖରେ ଆରମ୍ଭ ହେବାକୁ ଯାଉଛି। ୨୦୨୪ ଫେବୃୟାରୀ ୨୧ ପର୍ଯ୍ୟନ୍ତ ଏହା ଚାଲିବ। ୧୨ ଦଳବିଶିଷ୍ଟ ପ୍ରତିଯୋଗିତାରେ ଜୟପୁର ପିଙ୍କ ପାନ୍ଥର୍ସ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ। ଗତ ସଂସ୍କରଣର ଫାଇନାଲରେ ଏହି ଦଳ ୩୩-୨୯ ପଏଣ୍ଟରେ ପୁନେରି ପଲଟନକୁ ହରାଇ ଟାଇଟଲ ହାସଲ କରିଥିଲା। ଅଂଶଗ୍ରହଣ କରିବାକୁ ଯାଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ବେଙ୍ଗାଲୁରୁ ବୁଲ୍ସ, ୟୁପି ଯୋଦ୍ଧା, ତାମିଲ ଥଲାଇଭାସ, ଦବଙ୍ଗ ଦିଲ୍ଲୀ, ହରିୟାଣା ଷ୍ଟିଲର୍ସ, ଗୁଜରାଟ ଜାଏଣ୍ଟ୍ସ, ୟୁ ମୁମ୍ବା, ପାଟନା ପାଇରେଟ୍ସ, ବେଙ୍ଗଲ୍ସ ୱାରିୟର୍ସ ଓ ତେଲୁଗୁ ଟାଇଟନ୍ସ। ଡିସେମ୍ବର ୨ରେ ଗୁଜରାଟ ଜାଏଣ୍ଟ୍ସ ଓ ତେଲୁଗୁ ଟାଇଟନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହେବ। ସେହିଦିନ ଅନ୍ୟ ଏକ ମ୍ୟାଚରେ ୟୁପି ଯୋଦ୍ଧାକୁ ଭେଟିବ ୟୁ ମୁମ୍ବା। ଗତ ସଂସ୍କରଣର ଚାମ୍ପିୟନ ଜୟପୁର ପିଙ୍କ୍ ପାନ୍ଥର୍ସ ଡିସେମ୍ବର ୪ରେ ରନରଅପ୍ ପୁନେରି ପଲଟନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

ପ୍ରୋ-କବାଡ଼ି ଲିଗ୍‌ର ୧୦ମ ସଂସ୍କରଣ ଡିସେମ୍ବର ୨ ତାରିଖରେ ଆରମ୍ଭ ହେବାକୁ ଯାଉଛି। ୨୦୨୪ ଫେବୃୟାରୀ ୨୧ ପର୍ଯ୍ୟନ୍ତ ଏହା ଚାଲିବ। ଗୁଜରାଟ ଜାଏଣ୍ଟ୍ସ ଓ ତେଲଗୁ ଟାଇଟନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହେବ। ସେହିଦିନ ଅନ୍ୟ ଏକ ମ୍ୟାଚରେ ୟୁପି ଯୋଦ୍ଧାକୁ ଭେଟିବ ୟୁ ମୁମ୍ବା। ଗତ ସଂସ୍କରଣର ଚାମ୍ପିୟନ ଜୟପୁର ପିଙ୍କ୍ ପାନ୍ଥର୍ସ ଡିସେମ୍ବର ୪ରେ ରନରଅପ୍ ପୁନେରି ପଲଟନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

### ସଫଳ ଦଳ ପାଇରେଟ୍ସ

ପ୍ରୋ-କବାଡି ଲିଗ୍‌ର ସବୁଠାରୁ ସଫଳ ଦଳ ହେଉଛି ପାଟନା ପାଇରେଟ୍ସ। ଏହି ଦଳ ସିଜନ ୩, ୪ ଓ ୫ରେ ଚାମ୍ପିୟନ ହୋଇ ଟାଇଟଲ ବିଜୟରେ ହ୍ୟାଟ୍ରିକ କରିଛି। ଏହାଛଡ଼ା ସିଜନ ୮ରେ ରନରଅପ୍, ପ୍ରଥମ ସିଜନରେ ତୃତୀୟ ଓ ଦ୍ୱିତୀୟ ସିଜନରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଜୟପୁର ପିଙ୍କ୍ ପାନ୍ଥର୍ସ ପ୍ରଥମ ଏବଂ ୯ମ ସିଜନରେ ଚାମ୍ପିୟନ ହୋଇ ଦ୍ୱିତୀୟ ସଫଳ ଦଳର ମାନ୍ୟତା ପାଉଛି। ଏହା ବ୍ୟତୀତ ଏହି ଦଳ ୪ର୍ଥ ସିଜନରେ ରନରଅପ୍ ହେବାର ମଧ୍ୟ ସୌଭାଗ୍ୟ ପାଇଥିଲା। ୟୁ ମୁମ୍ବା ଦ୍ୱିତୀୟ ସିଜନରେ ଚାମ୍ପିୟନ ହୋଇଥିବାବେଳେ ପ୍ରଥମ ଓ ତୃତୀୟ ସିଜନରେ ରନରଅପ୍ ଏବଂ ସିଜନ-୭ରେ ତୃତୀୟ ସ୍ଥାନ ପାଇଥିଲା। ସେହିପରି ବେଙ୍ଗାଲୁରୁ ବୁଲ୍ସ ସିଜନ-୬ରେ ଚାମ୍ପିୟନ ଓ ଦ୍ୱିତୀୟ ସିଜନରେ ରନରଅପ୍ ହୋଇଥିଲା। ୮ମ ଓ ୯ମ ସିଜନରେ ଏହି ଦଳ ତୃତୀୟ ସ୍ଥାନ ପାଇଥିଲା। ଟାଇଟଲ ହାସଲ କରିଥିବା ଅନ୍ୟ ଦଳ ହେଲା ବେଙ୍ଗଲ ୱାରିୟର୍ସ। ବେଙ୍ଗଲ ସିଜନ-୭ରେ ଚାମ୍ପିୟନ ହୋଇଥିବାବେଳେ ପଞ୍ଚମ ସିଜନରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଗୁଜରାଟ ଜାଏଣ୍ଟ୍ସ ୨ ଥର ଫାଇନାଲକୁ ଯାଇଥିଲେ ମଧ୍ୟ ଦୁର୍ଭାଗ୍ୟଜନକଭାବେ କେବେ ଟାଇଟଲ ସ୍ୱାଦ ଚାଖି ପାରିନାହିଁ। ପଞ୍ଚମ ଓ ୬ଷ୍ଠ ସିଜନରେ ଦଳ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି।

ରେକର୍ଡ ଦେଖିବାକୁ ଗଲେ ପାଟନା ପାଇରେଟ୍ସ ସର୍ବାଧିକ ୧୮୦ଟି ମ୍ୟାଚ ଖେଳିଛି। ୟୁ ମୁମ୍ବା ସର୍ବାଧିକ ୯୮ଟି ମ୍ୟାଚରେ ବିଜୟୀ ହୋଇଛି। ତେଲୁଗୁ ଟାଇଟନ୍ସ ସର୍ବାଧିକ ୯୭ଟି ମ୍ୟାଚରେ ପରାଜିତ ହୋଇଥିବାବେଳେ ୟୁ ମୁମ୍ବା ସର୍ବାଧିକ ୫୬ ପ୍ରତିଶତ ବିଜୟ ହାସଲ କରିଛି। ସବୁଠାରୁ କମ୍ ବିଜୟ ପ୍ରତିଶତ ତାମିଲ ଥଲାଇଭାସ (୨୬.୭୮) ନାମରେ ରହିଛି। ସବୁଠାରୁ ଅଧିକ ରେଡ୍ ପଏଣ୍ଟ ପ୍ରଦୀପ ନରୱାଲ (୧୫୪୨)ଙ୍କ ନାମରେ ରହିଛି। ସବୁଠାରୁ ଅଧିକ ଟ୍ୟାକ୍‌ଲ ପଏଣ୍ଟ (୪୨୪) ହାସଲ କରିଛନ୍ତି ଫଜିଲ ଆଟ୍ରାଚଲି।


୨୦୨୨ ସିଜନ ପ୍ରୋ-କବାଡ଼ି ଚାମ୍ପିୟନ ଜୟପୁର ପିଙ୍କ୍ ପାନ୍ଥର୍ସ ଦଳ ଅତିଥିଙ୍କ ଗହଣରେ।

### ବିଭିନ୍ନ ଦଳର ରେକର୍ଡ

| ଦଳ | ମ୍ୟାଚ | ବିଜୟ | ପରାଜୟ | ଡ୍ର | ବିଜୟ ପ୍ରତିଶତ |
|---|---|---|---|---|---|
| ବେଙ୍ଗଲ ୱାରିୟର୍ସ | ୧୭୩ | ୭୬ | ୭୬ | ୨୧ | ୪୩.୯୩ |
| ବେଙ୍ଗାଲୁରୁ ବୁଲ୍ସ | ୧୭୮ | ୮୬ | ୮୧ | ୧୧ | ୪୮.୩୧ |
| ଦବଙ୍ଗ ଦିଲ୍ଲୀ | ୧୭୩ | ୭୧ | ୮୬ | ୧୬ | ୪୧.୦୪ |
| ଗୁଜରାଟ ଜାଏଣ୍ଟ୍ସ | ୧୧୬ | ୬୦ | ୪୩ | ୧୩ | ୫୧.୭୨ |
| ହରିୟାଣା ଷ୍ଟିଲର୍ସ | ୧୧୨ | ୫୨ | ୪୮ | ୧୨ | ୪୬.୪୨ |
| ଜୟପୁର ପିଙ୍କ୍ ପାନ୍ଥର୍ସ | ୧୭୨ | ୮୧ | ୭୭ | ୧୪ | ୪୭.୦୯ |
| ପାଟନା ପାଇରେଟ୍ସ | ୧୮୦ | ୯୫ | ୬୮ | ୧୭ | ୫୨.୭୭ |
| ପୁନେରି ପଲଟନ | ୧୭୫ | ୭୭ | ୮୪ | ୧୪ | ୪୪.୦୦ |
| ତାମିଲ ଥଲାଇଭାସ | ୧୧୨ | ୩୦ | ୬୨ | ୨୦ | ୨୬.୭୮ |
| ତେଲଗୁ ଟାଇଟନ୍ସ | ୧୭୦ | ୫୪ | ୯୭ | ୧୯ | ୩୧.୭୬ |
| ୟୁ ମୁମ୍ବା | ୧୭୫ | ୯୮ | ୬୪ | ୧୩ | ୫୬.୦୦ |
| ୟୁପି ଯୋଦ୍ଧାସ | ୧୧୮ | ୫୪ | ୪୮ | ୧୬ | ୪୫.୭୬ |

### ପୂର୍ବ ସିଜନଗୁଡ଼ିକର ଫଳାଫଳ

| ସିଜନ | ଚାମ୍ପିୟନ | ଫଳାଫଳ | ରନରଅପ୍ | ଫାଇନାଲ ଭେନ୍ୟୁ |
|---|---|---|---|---|
| ୧ | ଜୟପୁର ପିଙ୍କ୍ ପାନ୍ଥର୍ସ | ୩୫-୨୪ | ୟୁ ମୁମ୍ବା | ମୁମ୍ବାଇ |
| ୨ | ୟୁ ମୁମ୍ବା | ୩୬-୩୦ | ବେଙ୍ଗାଲୁରୁ ବୁଲ୍ସ | ମୁମ୍ବାଇ |
| ୩ | ପାଟ୍‌ନା ପାଇରଟ୍ସ | ୩୧-୨୮ | ୟୁ ମୁମ୍ବା | ନୂଆଦିଲ୍ଲୀ |
| ୪ | ପାଟ୍‌ନା ପାଇରଟ୍ସ | ୩୭-୨୯ | ଜୟପୁର ପିଙ୍କ୍ ପାନ୍ଥର୍ସ | ହାଇଦ୍ରାବାଦ |
| ୫ | ପାଟନା ପାଇରଟ୍ସ | ୫୫-୩୮ | ଗୁଜରାଟ ଫର୍ଚୁନ ଜାଏଣ୍ଟ୍ସ | ଚେନ୍ନାଇ |
| ୬ | ବେଙ୍ଗାଲୁରୁ ବୁଲ୍ସ | ୩୮-୩୩ | ଗୁଜରାଟ ଫର୍ଚୁନ ଜାଏଣ୍ଟ୍ସ | ମୁମ୍ବାଇ |
| ୭ | ବେଙ୍ଗଲ ୱାରିୟର୍ସ | ୩୯-୩୪ | ଦବଙ୍ଗ ଦିଲ୍ଲୀ | ଅହମଦାବାଦ |
| ୮ | ଦବଙ୍ଗ ଦିଲ୍ଲୀ | ୩୭-୩୬ | ପାଟନା ପାଇରଟ୍ସ | ବେଙ୍ଗାଲୁରୁ |
| ୯ | ଜୟପୁର ପିଙ୍କ୍ ପାନ୍ଥର୍ସ | ୩୩-୨୯ | ପୁନେରି ପଲଟନ | ମୁମ୍ବାଇ |



## ଡିସା ପଏଣ୍ଟ

ନିରେନ୍ଦ୍ର ମୋଦି ଷ୍ଟାଡିୟମ
କମ୍ପୁଥିଲା
କମ୍ପୁଥିଲା ଦଶ ଦିଶା
ଏଥରକ ୱାର୍ଲ୍ଡ କପ୍
ଭାରତର
ଥିଲା ବଡ଼ ସ୍ୱପ୍ନ ଆଶା
(ଓଲ୍ଡ) ରୋଗ କଲା
ଲୋକହସା
ଯୁଦ୍ଧବେଳେ ଶୌଚ ଶର୍ମା
କୋ. ଗଲା
ଛାଡ଼ିଗଲା କପ୍ ନିଶା।

ନ କହିଲେ ବି ଫ୍ୟାନ ମୁଣ୍ଡ
ପିଟୁଛନ୍ତି
ଯିଏ ଯାହା ଦ୍ୱାର କିଳି
କିଏ ହାର ସହ୍ୟ ନ କରି
ଲାଇଫ
ଟିମ୍ ପାଇଁ ଦେଲା ବଳି
ଏ ଟିମ୍ ଏମିତି ପାଳି
ଏମିତି ସୁଯୋଗ ଆଉ ନ
ଆସିବ
ଉଇକ୍ ମନ ଭାଳି ଭାଳି।

ବାରବର୍ଷ ତପ ଶୁଖୁଆ
ପୋଡ଼ାରେ
ଗଲା ତେଇଶିକୁ ଚାହିଁ
ଦଶ ମ୍ୟାଚ ଜିତି ଫାଇନାଲ
ହାରିବା
ସମାନ ଯନ୍ତ୍ରଣା ଭାଇ
ଡାଇଗ୍ନୋଷ୍ଟିକ୍ ଠିକ୍ ନାହିଁ
କ୍ରିକେଟକୁ ମନୋରଞ୍ଜନ
ଭାବେ ଦେଖ
ଭଗବାନ ଭାବ ନାହିଁ।

–ସୁବାସ ଚନ୍ଦ୍ର ପ୍ରଧାନ

## ସଂକ୍ଷେପରେ

### ମହିଳାଙ୍କ ଗଳିତ ମୃତଦେହ ଜବତ

ରାଇରଙ୍ଗପୁର,୨୩।୧୧(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ଯାମଦା ଥାନା ଅଧୀନ ଜଟାପାଣି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଗୁରୁବାର ପୋଲିସ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି। ମୃତ ମହିଳା ଜଣକ ହେଲେ ରୁମାପାହାଡ଼ି ଗ୍ରାମର ତଅପୋଇ ମହାନ୍ତ(୪୦)। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ମୃତ ତଅପୋଇଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୯୪/୨୩) ରୁଜୁ କରିଛି। ଉଲ୍ଲେଖଯୋଗ୍ୟ ଗତ ୧୦ ତାରିଖରୁ ତଅପୋଇ ନିଖୋଜ ଥିଲେ।

### ବେଆଇନ ୩ ଇଟାଭାଟି ଉପରେ ୧.୨୫ ଲକ୍ଷ ଜରିମାନା

ତିହିଡ଼ି,୨୩।୧୧(ସଞ୍ଜିତ ବଳ): ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ବିଭିନ୍ନ ସ୍ଥାନରେ ଥିବା ବେଆଇନ ଇଟାଭାଟିରେ ତହସିଲଦାର ଦେବୀପ୍ରସନ୍ନ ସାରସ୍ୱତ ଗୁରୁବାର ଚଢ଼ାଉ କରି ୧ ଲକ୍ଷ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏଥିସହ ଜଣେ ଇଟାଭାଟି ମାଲିକ ଜରିମାନା ନ ଦେବାରୁ ତାଙ୍କ ଇଟାଭାଟିକୁ ଭାଙ୍ଗି ଦିଆଯାଇଛି। ସୂଚନା ଅନୁଯାୟୀ, କମାରିଆର ସୁଦାମ ନାୟକଙ୍କଠାରୁ ୬୦ହଜାର ଟଙ୍କା, ତିଳୋତ୍ତମା ସାହୁଙ୍କଠାରୁ ୩୫ହଜାର ଏବଂ ଗୋଲାପୋଖରୀର ରବୀନ୍ଦ୍ର ଦାସଙ୍କଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। କମାରିଆର ଅନ୍ୟ ଜଣେ ବ୍ୟକ୍ତି ଜରିମାନା ନ ଦେବାରୁ ତାଙ୍କ ଇଟାଭାଟିକୁ ଭାଙ୍ଗି ଦିଆଯାଇଛି। ରାଜସ୍ୱ ନିରୀକ୍ଷକ ଗୋଲକ ମୁର୍ମୁ, ସୁପରଭାଇଜର ଗିରିଶ ଚନ୍ଦ୍ର ନାୟକ ଓ କିରାଣି ଆକ୍ରମ ଅଲ୍ଲି ଖାଁଙ୍କ ସହ ପୀରହାଟ ପୋଲିସ ଚଢ଼ାଉ ବେଳେ ଉପସ୍ଥିତ ଥିଲେ।

### ମେଲାଣି ନେଲେ ମା' କାଳୀ



କେନ୍ଦୁଝର,୨୩।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହରରେ ଦୀର୍ଘ ୮୩ ବର୍ଷ ଧରି ପୂଜା ପାଇ ଆସୁଥିବା କାଳୀତୀର୍ଥର ମା' କାଳୀଙ୍କୁ ଏଗାର ଦିନର ପୂଜା ପରେ ଗୁରୁବାର ସନ୍ଧ୍ୟାରେ ମେଲାଣି ଦିଆଯାଇଛି। ଭସାଣି ଉତ୍ସବରେ ବିଭିନ୍ନ ବାଦ୍ୟ, ନୃତ୍ୟ ଓ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଛି। ଚଳିତବର୍ଷ କାଳୀତୀର୍ଥଠାରେ ପୂଜା ପାଉଥିବା ମା' କାଳୀଙ୍କୁ ବମ୍ବେ, ହରିୟାଣା ଏବଂ ଆନ୍ଧ୍ର ପ୍ରଦେଶର ଢୋଲ, ବାଜା ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ରର ପଟୁଆରରେ ମା'ଙ୍କ ଶୋଭାଯାତ୍ରା କରାଯାଇ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ଦୀର୍ଘ ୫୫ବର୍ଷ ଧରି ପୂଜା ପାଇ ଆସୁଥିବା ମା' କାଳୀଙ୍କୁ ମେଲାଣି ଦିଆଯାଇଛି। ଭସାଣକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଉଭୟ କମିଟିର ସଦସ୍ୟଙ୍କ ସମେତ ବହୁ ଲୋକ ସାମିଲ ହୋଇଥିଲେ। ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା।

# ଅସହାୟ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ

## ମାନବିକତା ଦେଖାଇଲେ ବ୍ଲକ ଅଧ୍ୟକ୍ଷା

ନୀଳଗିରି, ୨୩।୧୧(ପ୍ରଶାନ୍ତ ବିଶ୍ୱାଳ)

ରୋଗ ଯନ୍ତ୍ରଣାରେ ଖୋଲା ଆକାଶ ତଳେ ଶୀତ କାକରରେ ଜୀବନ ସହ ସଂଗ୍ରାମ କରୁଥିଲେ ଅସହାୟ ମହିଳା। ନା ଥିଲା ହିଂସ୍ରଜନ୍ତୁଙ୍କ ଭୟ, ନା ଥିଲା ଶୀତ କାକରକୁ ଡର। ଚାହିଁ ରହିଥିଲେ ସହାୟତାର ହାତକୁ। ଶେଷରେ ସାହାଯ୍ୟର ହାତ ବଢ଼ାଇଥିଲେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି। ନୀଳଗିରି ଉପଜିଲାପାଳ ଏବଂ ଏସ୍ଏସ୍ଏସ୍ଓଙ୍କୁ ପରାମର୍ଶ କରି ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲ ନେଇ ଚିକିତ୍ସା କରିବା ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ ଅଧ୍ୟକ୍ଷା।

କିଛିଦିନ ତଳେ ଉକ୍ତ ମହିଳା ଅସହାୟ ଅବସ୍ଥାରେ ନରଣପୁର ଆଖପାଖ ଅଞ୍ଚଳରେ ବୁଲୁଥିବା ବେଳେ ମାଗିଯାଚି ଖାଉଥିଲେ। ମାତ୍ର କୌଣସି କାରଣବଶତଃ ରୋଗାଗ୍ରସ୍ତ ହୋଇ ଗୋଡ଼ରେ ଘା' ସୃଷ୍ଟି ହୋଇ ପୋକ ହେବା ଫଳରେ ଚାଲି ବୁଲି ନ ପାରି ବୈଷ୍ଣବବନ୍ଧ ହାଟ ନିକଟରେ ପଡ଼ିରହିଥିଲେ। ଜନୈକ ଆଦିବାସୀ ଯୁବକ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା କରିବା ସହିତ ଅନେକ ରାଜନେତା, ସ୍ୱେଚ୍ଛାସେବୀଙ୍କ ସାହାଯ୍ୟ ଲୋଡ଼ିଥିଲେ। ଗଣମାଧ୍ୟମରେ ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଖବରପାଇ ଗୁରୁବାର ସ୍ଥାନୀୟ ଅଞ୍ଚଳର ତଥା ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି ସାହାଯ୍ୟର ହାତ ବଢ଼ାଇ ତାଙ୍କୁ ନୀଳଗିରି ହସ୍ପିଟାଲ ନେବାର ବ୍ୟବସ୍ଥା କରିଥିବାରୁ ଅଞ୍ଚଳବାସୀ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ ନୀଳଗିରି ମେଡିକାଲରେ ଚିକିତ୍ସା ହେଉଥିବା ଅସହାୟ ବୃଦ୍ଧା ମହିଳାଙ୍କ ବିଷୟରେ ଖବରପାଇ ନୀଳଗିରି ଅଞ୍ଚଳର



ଉଦ୍ଧାର ଅସହାୟ ମହିଳା।

ମହାବୀର ଫାଉଣ୍ଡେଶନ ପ୍ରତିଷ୍ଠାତା ବିଦ୍ୟାଧର ବାରିକ ପହଞ୍ଚି ସହାୟତାର ହାତ ବଢାଇବା ସହ ତାଙ୍କୁ ନୂଆବସ୍ତ୍ର, କମ୍ବଳ, ଫଳ ଏବଂ ଶୁଖିଲା ଖାଦ୍ୟ ତାଙ୍କୁ ଦେଇଥିଲେ ଏବଂ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ।

# ମା' ଅମ୍ବିକା, ରାଧାମୋହନ ମନ୍ଦିରର ହେବ ସୌନ୍ଦର୍ଯ୍ୟକରଣ

ବାରିପଦା,୨୩।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଅନୁଦାନ ଦେଲେ ରାଜ୍ୟ ସରକାର

ବାରିପଦାର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ଓ ରାଧା ମୋହନ ମନ୍ଦିରର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ରାଜ୍ୟ ଯୋଜନା ଓ ସମନ୍ୱୟ ବିକାଶ ବିଭାଗ ଚିଠି ନଂ.୧୯୫୧୮/୭।୧୧।୨୦୨୩ରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଅବଗତ କରାଯାଇଛି । ମା' ଅମ୍ବିକା ମନ୍ଦିର ସୌନ୍ଦର୍ଯ୍ୟକରଣ ନିମନ୍ତେ ୫୦ଲକ୍ଷ ଓ ରାଧା ମୋହନ ମନ୍ଦିର ନିମନ୍ତେ ୨୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କୁ ଜିଲାପାଳ ଜଣାଇବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଖୁସି ଦେଖାଦେଇଛି। ଗତ ୧୨ ଅଗଷ୍ଟରେ ୫-ଟି ଅଧ୍ୟକ୍ଷ ଭି.କାର୍ତ୍ତିକେୟନ ପାଣ୍ଡିଆନଙ୍କୁ ପୌରାଧ୍ୟକ୍ଷ ମହାନ୍ତି ଜନସାଧାରଣଙ୍କ ପକ୍ଷରୁ ଦୁଇଟି ମନ୍ଦିରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଅନୁରୋଧ କରିଥିଲେ। ବାରିପଦାବାସୀଙ୍କ ଉଦ୍‌ବେଗକୁ ସମ୍ମାନ ଜଣାଇ ସରକାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ, ଜିଲାପାଳ ଭରଦ୍ୱାଜ, ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ପୌରାଧ୍ୟକ୍ଷ ମହାନ୍ତ, ଉପାଧ୍ୟକ୍ଷା ସୀମା ଦାସ ଓ ସମସ୍ତ କାଉନସିଲରମାନେ କୃତଜ୍ଞତା ଜଣାଇଛନ୍ତି ।

# ଗୋଷ୍ଠୀ ସମ୍ପର୍କ ସାମାଜିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଲେଶ୍ୱର, ୨୩।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ଏକୀକୃତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ସ୍ଥାନୀୟ ମର୍ଦ୍ଦରାଜପୁରଠାରେ ଦୁଇଦିନିଆ ଗୋଷ୍ଠୀ ସମ୍ପର୍କ ସାମାଜିକ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇ ପ୍ରଥମ ଦିନରେ ମର୍ଦ୍ଦରାଜପୁର ଗ୍ରାମରେ ବିଦ୍ୟାଳୟ ପରିସର, କମ୍ୟୁନିଟି ସେଣ୍ଟର ଏବଂ ମନ୍ଦିର ପରିସର ସଫା, ବୃକ୍ଷରୋପଣ ଓ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ଉଦ୍ଭିଦ ବଣ୍ଟନ କରାଯାଇଥିଲା। ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ବିଭିନ୍ନ ରୋଗର କାରଣ ଓ ନିଦାନ, ସାକ୍ଷରତା, ସ୍ୱାସ୍ଥ୍ୟ ଓ ପରିମଳ, ପରିବେଶ ସଂରକ୍ଷଣ, ସ୍ୱଚ୍ଛ ଭାରତ ଅଭିଯାନ, ପଢ଼େ ଭାରତ ବଢ଼େ ଭାରତ, ବେଟି ବଚାଓ ବେଟି ପଢ଼ାଓ, କୌଶଳ ଭାରତ କୁଶଳ ଆଦି ଅନ୍ୟାନ୍ୟ ବିଷୟଗୁଡ଼ିକ ସମ୍ପର୍କିତ ସବିଶେଷ ଆଲୋଚନା କରାଯାଇଥିଲା।




ଚାରା ବଣ୍ଟନ କରୁଛନ୍ତି କୁଳପତି।

ସାକ୍ଷରତା ଓ 'ଭେକ୍ଟର ବର୍ନ' ରୋଗଗୁଡ଼ିକ ଉପରେ ଆଧାରିତ ଏକ ପଥପ୍ରାନ୍ତ ନାଟକ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସେହିଭଳି ପାଠପଢ଼ା ବନ୍ଦ କରିଦେଇଥିବା ଶିଶୁମାନଙ୍କ ଚିହ୍ନଟ ପାଇଁ ଓ ଅଭିଭାବକମାନଙ୍କ ସହିତ କାଉନସେଲିଂ ପାଇଁ 'ବ୍ୟାକ୍ ଟୁ ସ୍କୁଲ୍'' କାର୍ଯ୍ୟକ୍ରମ ସଂଗଠିତ କରାଯାଇଥିଲା। ପିତାମାତାଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତି, ଶିକ୍ଷାଗତ ସ୍ଥିତି, ସେମାନଙ୍କ ପିଲାମାନଙ୍କ ଶିକ୍ଷା ପ୍ରତି ପିତାମାତାଙ୍କ ମନୋଭାବ ସମ୍ପର୍କରେ ସର୍ଭେ କରାଯାଇଥିଲା। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସୋମା ନନ୍ଦ ପ୍ରାଥମିକ ଚିକିତ୍ସା ସହାୟତା ସତର୍କତା, ସ୍ୱାସ୍ଥ୍ୟ ଓ ପରିମଳ ସୁରକ୍ଷା ବିଷୟରେ ଆବଶ୍ୟକ ସୂଚନା ଦେଇଥିଲେ। ଏହାପରେ ଡିଜିଟାଲ୍ ସାକ୍ଷରତା, ବ୍ୟାଙ୍କ ସାକ୍ଷରତା ଏବଂ ବୟସ୍କମାନଙ୍କ ଶିକ୍ଷା ଉପରେ ସଚେତନତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ବିଭାଗ ମୁଖ୍ୟ ଓ ଅନ୍ୟାନ୍ୟ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ସଞ୍ଚାଳିତ ହୋଇଥିଲା।

### ବିଲ୍ ପୈଠ ଦାବିରେ ଯନ୍ତ୍ରୀଙ୍କୁ ଆକ୍ରମଣ କଲେ ଠିକାଦାର

ସିମୁଳିଆ/ଖଇରା, ୨୩।୧୧(ଉତ୍କଳବନ୍ଧୁ ପଣ୍ଡା)-ବାଲେଶ୍ୱର ଜିଲା ଖଇରା ବ୍ଲକରେ ବିଭିନ୍ନ ରାସ୍ତା ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଟେଣ୍ଡର ବାତିଲ ପରେ ମଧ ଚିଠିକୁ ଖାତିର ନ କରି କାର୍ଯ୍ୟ ଆରମ୍ଭ କରିଥିଲେ। ୨ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ଓ ୫ଟି ଆର୍‌ଡି ରାସ୍ତାର ମରାମତି ଦାୟିତ୍ୱ ନେଇଥିବା ଠିକାଦାରଙ୍କ ବେପରୁଆ କାର୍ଯ୍ୟ ବିରୋଧରେ ସାରଡାଙ୍ଗ, ଅଣ୍ଡାଇଲୋ, ନୂଆସାହି, ମହତୀପୁର, ପଳସା, ଗୋଳିହା, ମଳିହା, ଭୋଗୁପୁର ଆଦି ଗ୍ରାମର ଅଧିବାସୀ ପ୍ରତିବାଦର ସ୍ୱର ଉଠାଇଥିଲେ। ଉକ୍ତ ଖବର ଧରିତ୍ରୀ ସମେତ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗୀୟ ଯନ୍ତ୍ରୀ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଆରମ୍ଭ ହୋଇଥିଲା । ପ୍ରତିବାଦରେ ଉକ୍ତ ଠିକାଦାର ବୁଧବାର ରାସ୍ତା ବାବଦ ବିଲ୍ ଦାବିରେ ନିଜର ୧୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ସାଙ୍ଗରେ ଧରି ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟରେ ପଶି କନିଷ୍ଠଯନ୍ତ୍ରୀ ମନୋଜ କୁମାର ସେଣ୍ଟଙ୍କୁ ନିସ୍ଥୁକ ମାଡ ମାରିବା ସହ ହତ୍ୟା ଧମକ ଦେଇଥିବା ନେଇ ସିମୁଳିଆ ଥାନାରେ ଦେଇଥିବା ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ସିମୁଳିଆ ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜଙ୍କୁ ଯୋଗାଯୋଗ କରିବାରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

# ସ୍ତ୍ରୀ ଅଧିକାର ଦାବିରେ ଧାରଣା

ଚାନ୍ଦବାଲି,୨୩।୧୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମତୋ ମାଳବାଡ଼ ଗ୍ରାମରେ ସ୍ତ୍ରୀ ଅଧିକାର ଦାବି କରି ଜଣେ ମହିଳା ଦେଢ଼ ବର୍ଷର ଶିଶୁପୁତ୍ରକୁ ସାଙ୍ଗରେ ଧରି ମଙ୍ଗଳବାର ସକାଳଠାରୁ ସ୍ୱାମୀଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ଏନେଇ ଉଭୟ ପରିବାର ମଧ୍ୟରେ ବଚସା ହୋଇଛି। ଉକ୍ତ ମହିଳାଙ୍କ ବାପଘର ଚାନ୍ଦବାଲି ଥାନା ଅଧୀନ ମୂଳକାଏମା ଅଞ୍ଚଳରେ। ସେ ଅଭିଯୋଗ କରିଛନ୍ତି ଯେ, ମତୋ ମାଳବାଡ଼ ଗାଁର ଜଣେ ଯୁବକଙ୍କୁ ୨୦୨୦ରେ ସେ ବିବାହ କରିଥିଲେ। ସେମାନଙ୍କର ଦେଢ଼ ବର୍ଷର ପୁଅ ଅଛି। ଶାଶୁଘର ଲୋକଙ୍କ ନିର୍ଯାତନା ସହି ନ ପାରି ୬ ମାସ ହେବ ବାପଘରେ ରହି ଆସୁଥିଲେ। ଏହି ସୁଯୋଗରେ ତାଙ୍କ ସ୍ୱାମୀ ଅନ୍ୟତ୍ର ବାହା ହୋଇଥିବା ତାଙ୍କ ବାପଘର ଲୋକେ ଶୁଣିବାକୁ ପାଇଥିଲେ। ତାଙ୍କ ସ୍ୱାମୀ ବେଙ୍ଗାଲୁରୁରେ ରହୁଥିବା ବେଳେ ଘରକୁ ଆସିଥିବା ଜାଣି ମଙ୍ଗଳବାର ପରିବାର ଲୋକଙ୍କ ସହ ଶାଶୁଘରକୁ ଯାଇଥିଲେ। ଶାଶୁଘରେ ନିଜ ରୁମ୍‌ରେ ଅନ୍ୟ ଏକ ସ୍ତ୍ରୀ ଲୋକକୁ ଦେଖିବା ପରେ ଶାଶୁଘର ଲୋକଙ୍କ ସହ ବଚସା ଓ ପରେ ମାଡ଼ଗୋଳ ହୋଇଥିଲା। ଏ ସମ୍ପର୍କରେ ଖବରପାଇ ଥାନାଧିକାରୀ ପଞ୍ଚାନନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ। ଥାନାଧିକାରୀଙ୍କ ସୂଚନା ଅନୁସାରେ, ୨୦୨୨ରେ ଏକ ଯୌତୁକ ନିର୍ଯାତନା ମାମଲା ଏବେ ଅଦାଲତରେ ବିଚାରାଧୀନ ଅଛି। ମାମଲା ବିଚାରାଧୀନ ଥିବାବେଳେ ଅଭିଯୋଗକାରୀ ଜୋର ଜବରଦସ୍ତ ଅଭିଯୁକ୍ତଙ୍କ ଘରେ ପଶିବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଉଭୟଙ୍କୁ ଘଟଣା ବାବଦରେ ଆଲୋଚନା ପାଇଁ ଡକାଯାଇଛି। ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ସ୍ୱାସ୍ଥ୍ୟସେବା ଶିବିର




ଇମାମୀ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିର।

ବାଲେଶ୍ୱର, ୨୩।୧୧(ମାନସ ବିଶ୍ୱାଳ)

ରେମୁଣା ବାଲଗୋପାଳପୁର ଇମାମୀ କାଗଜକଳ ପକ୍ଷରୁ ସ୍ଥାନୀୟ କିଡ୍‌ଜୀ ସ୍କୁଲରେ ଗୁରୁବାର ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଲସେନ ଜଗଦ୍ଦେବଙ୍କ ନିର୍ଦ୍ଦେଶ ଅନୁଯାୟୀ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଜିତେନ୍ଦ୍ର ଦାସମହାପାତ୍ର, ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ଶୁଭେନ୍ଦୁ ମଦ୍ଧୁଆଳ, ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଶିବାନନ୍ଦ ରଥ ଯୋଗଦେଇ ରେମୁଣା ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ରୋଗୀଙ୍କର ଚିକିତ୍ସା କରିଥିଲେ। ମୁଖ୍ୟ ଚିକିତ୍ସାଳୟର ଫାର୍ମାସିଷ୍ଟ ସିଦ୍ଧାନ୍ତ ତରେଇ, ସୁଜିତ ପାତ୍ର, ଫାର୍ମାସିଷ୍ଟ ଛାତ୍ର ହିମାଂଶୁ ବେହେରା, ଆଲୋକ କୁମାର ପ୍ରଧାନ, ସହଯୋଗୀ ଚିତ୍ତରଞ୍ଜନ ଘଡ଼େଇ, ଇମାମୀ କାଗଜକଳର ମୁଖ୍ୟ ଚିକିତ୍ସାଧିକାରୀ ଡା. ଓଁକାର ମହାପାତ୍ର, ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସ, ସଞ୍ଜିତ କୁମାର ସାହୁ, ରମାକାନ୍ତ ଦାସ, ଅମିରୁଦ୍ଦିନ ଖାନ ଔଷଧ ବିତରଣ କରିଥିଲେ। ଇମାମୀ କାଗଜକଳ ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ସାଧାରଣ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲଙ୍କିଙ୍କ ନିର୍ଦ୍ଦେଶରେ ଜନସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଇଛି।

# ନ୍ୟାୟ ପାଇଁ ଅନଶନ କଲେ ପରିବାର




ଏସ୍‌ପିଙ୍କ ଅଫିସ୍ ଆଗରେ ଧାରଣାରତ ପରିବାର।

ଭଦ୍ରକ, ୨୩।୧୧(ସନାତନ ରାଉତ)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ କମାରଗାଁ ଗ୍ରାମର ଏକ ପରିବାର ନ୍ୟାୟ ଦାବିରେ ଗୁରୁବାର ଏସ୍‌ପିଙ୍କ ଅଫିସ ଆଗରେ ଅନଶନରେ ବସିଥିଲେ। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର କମଳାକାନ୍ତ ସେଠୀଙ୍କ ସ୍ତ୍ରୀ ସବିତାଙ୍କୁ ତାଙ୍କ ଘରେ କେହି ନ ଥିବାବେଳେ ପଡ଼ୋଶୀ ପୂର୍ବ ଶତ୍ରୁତାକୁ ନେଇ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଥିବା ନେଇ ବାସୁଦେବପୁର ଥାନାରେ ଅଭିଯୋଗ କରିବା ପରେ ଗତ ୧୨ ତାରିଖରେ ମାମଲା (ନଂ.୬୫୦/୨୩) ରୁଜୁ ହୋଇଛି। ହେଲେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଯିବା ସହ ଦଫା କୋହଳ କରାଯାଇଥିବା ଅଭିଯୋଗ ଆଣି ସପରିବାର ଧାରଣା ଦେଇଥିଲେ। ଖବରପାଇ ବାସୁଦେବପୁର ଥାନା ଏସ୍‌ଆଇ ଦୀପ୍ତିମଞ୍ଜରୀ ବଡ଼ଜେନା ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ଉକ୍ତ ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଅନଶନରୁ ଉଠିଥିଲେ।

### ବସ୍‌ରେ ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

ଭଦ୍ରକ, ୨୩।୧୧(ସନାତନ ରାଉତ)

ଧାମନଗରରୁ ଭଦ୍ରକ ଆସୁଥିବା ଏକ ବସ୍‌ରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗୁରୁବାର ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଯୁବକ ହେଉଛନ୍ତି ଯାଜପୁର ଜିଲା ଓଡ଼ସପୁର ଅଞ୍ଚଳର ସୋମନାଥ ଦାସ। ସୋମନାଥ ନିଜକୁ ଜଣେ ଯାତ୍ରା କଳାକାର ବୋଲି ପରିଚୟ ଦେଇଛନ୍ତି। ଅପରାହ୍ନରେ ଭଦ୍ରକ ବନ୍ତ ଛକରେ ବସ୍ ପହଞ୍ଚିବା ପରେ ଯୁବତୀ ପିସିଆର୍ ଭ୍ୟାନ୍‌କୁ ଫୋନ କଲ୍ କରି ଡାକି ଘଟଣା ସମ୍ପର୍କରେ ଜଣାଇଥିଲେ। ଯୁବତୀଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ କରାଯାଇ ସୋମନାଥଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ବିରେନ୍ଦ୍ର ସେନାପତି କହିଛନ୍ତି।

# ସର୍ଗି ଫୁଲ ପ୍ରତିଯୋଗିତାରେ ୩୬୪ ପ୍ରତିଯୋଗୀ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୩।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ରାଣିଭୋଳ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ତଥା ବିଜ୍ଞାନ ମେଳା ଏବଂ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପିଏଆଇଟିଡିଏ ରାମଚନ୍ଦ୍ର ସୋରେନ, ସ୍ୱତନ୍ତ୍ର ଅତିଥି ଭାବେ ପିଏ ଆଇଟିଡିଏ କପ୍ତିପଦା ନରେନ୍ଦ୍ର ଖମାରୀ, ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ନିରୀକ୍ଷକ ମାନସ ରଞ୍ଜନ ତ୍ରିପାଠୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲାସ୍ତରୀୟ ବିଜ୍ଞାନ ମେଳାରେ ୨୦ ପ୍ରକଳ୍ପ, ଭଲିବଲ ପ୍ରତିଯୋଗିତା ଏବଂ ସରଗି ଫୁଲ କାର୍ଯ୍ୟକ୍ରମରେ ଜିଲାର ୪ ଉପଖଣ୍ଡରୁ ମନୋନୀତ ହୋଇ ଆସିଥିବା ମୋଟ ୩୬୪ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଏବଂ ସମ୍ମାନିତ ଅତିଥି ପିଏଆଇଟିଡିଏ ରାଇରଙ୍ଗପୁର ପରୀକ୍ଷିତ ଦାଶ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରକାଶ କରିଛନ୍ତି।

# ସାମ୍ ଶାସନରେ ରାହାସ ପୂଜା ଆରମ୍ଭ



ପାଟଣା,୨୩।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସୁଆମ ଶାସନରେ କାର୍ତ୍ତିକ ମାସ ଏକାଦଶୀ ଗୁରୁବାରଠାରୁ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ମୃଣ୍ମୟୀ ମୂର୍ତ୍ତି ପୂଜା ଅନୁଷ୍ଠିତ ହୋଇଛି। କର୍ତ୍ତାଭାବେ ତପନ କର ନୀତିକାନ୍ତିରେ ପୂଜା ଅର୍ଚ୍ଚନା କରିଥିବା ବେଳେ ପୂଜକ ଭାବେ ସୁଶାନ୍ତ ଶେଖର ଦାଶ, ଗୌରଚନ୍ଦ୍ର ତ୍ରିପାଠୀ ଓ ଲୋକନାଥ ମିଶ୍ର ନୀତିକାନ୍ତିରେ ଦେବନୀତି ସମ୍ପାଦନ କରିଥିଲେ। କାର୍ତ୍ତିକ ମାସ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା, ଭଜନ ସମାରୋହ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ କୁହାଯାଇଛି। ରାହାସ ପୂଜାକୁ ଗ୍ରାମର ଯୁବକ ଆର୍ଯ୍ୟ ପ୍ରସାଦ ଦାଶ, ପ୍ରକାଶ ଦାଶ, ଭବତୋଶ ଶତପଥି, ଶକ୍ତିଶେଖର କର, ସିଦ୍ଧାର୍ଥ ଦାଶ, ସମିରି ଦାଶ, ଶୁଭମ ପତି, ଅରୁଣ ଦାଶ, ଚିରଞ୍ଜିବି ଦାଶ, ସୌମ୍ୟରଞ୍ଜନ ଦାଶ, ସୁମିତ ପତି, ରମ୍ୟ ରଞ୍ଜନ ମିଶ୍ର, ପବନ କର ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେନ୍ଦୁଝରର ୩ ପର୍ଯ୍ୟଟନସ୍ଥଳରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ

କେନ୍ଦୁଝର,୨୩।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ବଣଭୋଜୀ ଋତୁ ଆରମ୍ଭ ହୋଇଯାଇଛି। ଏହାରି ମଧ୍ୟରେ ବଣଭୋଜୀସ୍ଥଳ ତଥା ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଅଣ ସରକାରୀ ସଂଗଠନ (ଏନ୍‌ଜିଓ) ୟୁଥ୍ ଫର ୱାଟରର ସହଯୋଗରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଣଭୋଜୀସ୍ଥଳକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। କେନ୍ଦୁଝର ଜିଲାର ୩ କେନ୍ଦ୍ରକୁ ମିଶାଇ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୧ ଜିଲାର ୧୦୦ଟି ବଣଭୋଜୀ ସ୍ଥଳକୁ ଚିହ୍ନଟ କରାଯାଇଛି। କେନ୍ଦୁଝରର ବଡ଼ଘାଗରା ଜଳପ୍ରପାତ, ସାନଘାଗରା ଜଳପ୍ରପାତ, ଖଣ୍ଡାଧାର ଜଳପ୍ରପାତ ସ୍ଥାନ ପାଇଥିବା ବେଳେ ଅଭିଯାନରେ ଲୋକମାନଙ୍କୁ ସଚେତନ କରାଯିବ। ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀ, ଏନ୍‌ଜିଓ, ଇକୋ କ୍ଲବ୍, ସ୍ୱୟଂ ସହାୟିକା ମହିଳା, ଡିଇଏସ ଏବଂ ପଞ୍ଚାୟତ ଗୁଡ଼ିକ ସହଯୋଗ କରିବେ।

## ଭୀମକୁଣ୍ଡକୁ ସାମିଲ ଦାବି

ପାଟଣା,୨୩।୧୧(ବୀର କିଶୋର ଦାଶ): ରାଜ୍ୟ ପ୍ରଦୂଷଣ ବୋର୍ଡ ତରଫରୁ ମଙ୍ଗଳବାର ୧ ଶହ ପର୍ଯ୍ୟଟନ କେନ୍ଦ୍ରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଏଥିପାଇଁ ୟୁଥ୍ ଫର୍ ୱାଟର ଏନ୍‌ଜିଓ, ବିଭିନ୍ନ ସ୍ୱେଚ୍ଛାସେବୀ, ଇକୋ କ୍ଲବ୍, ସ୍ୱୟଂ ସହାୟକ ଗ୍ରୁପ, ଗ୍ରାମ ପଞ୍ଚାୟତ ଜରିଆରେ ସଚେତନା କରାଯିବ। ତେବେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ପାର୍ଶ୍ୱ ଭିମକୁଣ୍ଡ ନାମ ତାଲିକାରେ ଥିବା ବେଳେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପାର୍ଶ୍ୱ ଭିମକୁଣ୍ଡ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ପାଟଣା ତହସିଲ ଡୁମୁରିଆ ପଞ୍ଚାୟତ ଘାଟବାଲି ଯୋଡ଼ି ମୌଜାରେ ଥିବା ଏହି ପ୍ରସିଦ୍ଧ ଭୀମକୁଣ୍ଡ ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକ୍ ଫ୍ରି ଅଞ୍ଚଳରେ ସାମିଲ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ପର୍ଯ୍ୟଟନସ୍ଥଳକୁ ଦୈନିକ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ମାତ୍ର ସଚେତନତା ଅଭାବରୁ ଭୀମକୁଣ୍ଡରେ କୁଢ଼ କୁଢ଼ ପ୍ଲାଷ୍ଟିକ ବୋତଲ ସହ ମଦ ବୋତଲ ପଡ଼ିରହିଛି। ଏ ନେଇ ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ ଫ୍ରି ଅଞ୍ଚଳରେ ସାମିଲ କରିବାକୁ ସାମାଜିକକର୍ମୀ ଇଂ ବିଦ୍ୟାଧର ଦାଶ, ଅଜୟ ଦାଶ, ସ୍ଥାନୀୟ ଡୁମୁରିଆ ସରପଞ୍ଚ ଗୌରହରି ନାଏକ, ଆଇନଜୀବୀ ରାହାସ ବିହାରୀ ପୃଷ୍ଟି, ଭରସା ପରିବାରର ବିଜୟ ମହାନ୍ତ ଓ ମୁକ୍ତିତୀର୍ଥ କ୍ଲବ୍‌ର ସଭାପତି ଭାଗିରଥି ଦାଶ ପ୍ରମୁଖ ଦାବି କରିଛନ୍ତି।

" ସ୍ୱାଧୀନ ଭାରତର ଅମୃତକାଳରେ ପ୍ରଥମ ଥର ପାଇଁ ଦେଶ ଦାସତ୍ୱ ମାନସିକତାରୁ ମୁକୁଳି ନିଜ ଐତିହ୍ୟକୁ ନେଇ ସଗର୍ବେ ଅଗ୍ରସର ହେଉଛି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ତେଲଙ୍ଗାନାରେ ଭାଜପା ଜିତିଲେ ହାଇଦ୍ରାବାଦ ଅଧଘଣ୍ଟାରେ ଭାଗ୍ୟନଗର ହେବ

**ହାଇଦ୍ରାବାଦ, ୨୩।୧୧:** ତେଲଙ୍ଗାନାରେ ଭାଜପା କ୍ଷମତାକୁ ଆସିଲେ ୩୦ ମିନିଟ୍ ମଧ୍ୟରେ ହାଇଦ୍ରାବାଦକୁ 'ଭାଗ୍ୟନଗର' ଭାବେ ନାମିତ କରାଯିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ଚାର୍‌ମିନାରଠାରେ ଭାଜପାର ଏକ ରାଲିକୁ ସମ୍ବୋଧିତ କରି ହିମନ୍ତ କହିଥିଲେ, ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ହେବ ବୋଲି କେହି କେବେ କଳ୍ପନା କରି ନ ଥିଲେ। କେବଳ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଏହା ସମ୍ଭବ ହୋଇଛି। ପୂର୍ବରୁ ଦେଶରେ ଆତଙ୍କବାଦୀ ଆକ୍ରମଣ ବେଳେ କଂଗ୍ରେସ ସରକାର ସବୁବେଳେ ପଛଘୁଞ୍ଚା ଦେଉଥିଲେ। ମୋଦି ସର୍ଜିକାଲ ଷ୍ଟ୍ରାଇକ୍ ଦ୍ୱାରା ଆତଙ୍କବାଦୀଙ୍କୁ ଠିକଣା ଜବାବ ଦେଇଥିଲେ। ଫଳରେ ଏବେ ଆତଙ୍କବାଦୀ ଆକ୍ରମଣ ବନ୍ଦ ହୋଇଯାଇଥିବା ହିମନ୍ତ କହିଛନ୍ତି।

## ସୁପ୍ରିମକୋର୍ଟ ପ୍ରଥମ ମହିଳା ବିଚାରପତି ଫାତିମା ବିବିଙ୍କ ଦେହାନ୍ତ



**କୋଲାମ, ୨୩।୧୧:** ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଏମ୍. ଫାତିମା ବିବିଙ୍କର ଗୁରୁବାର କୋଲାମ ଜିଲାରେ ପରଲୋକ ହୋଇଯାଇଛି। ତାଙ୍କୁ ୯୬ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ଫାତିମା କୋଲାମର ଟ୍ରାଭାଙ୍କୋର ମେଡିକାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ମଧ୍ୟାହ୍ନ ୧୨ଟା ୩୦ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୨୭ରେ କେରଳର କଧନମଥିଟ୍ଟା ଜିଲାରେ ଜନ୍ମିତ ଫାତିମା କେରଳ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଥିରୁଭାନନ୍ଥପୁରମ୍‌ସ୍ଥିତ ଗଭର୍ନମେଣ୍ଟ ଲ' କଲେଜରେ ଆଇନ ପାଠ ପଢ଼ିଥିଲେ। ୧୯୮୩ରେ ସେ କେରଳ ହାଇକୋର୍ଟ ବିଚାରପତି ହେବା ପୂର୍ବରୁ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଏବଂ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ୍‌ର ଜୁଡ଼ିସିଆଲ ମେମ୍ବର ଭାବେ କାର୍ଯ୍ୟ କରିଥିଲେ। ୧୯୮୯ରେ ସେ ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ଉଚ୍ଚତର ନ୍ୟାୟିକ ପଦବୀରେ ଅବସ୍ଥାପିତ ହେବାରେ ସେ ଥିଲେ ପ୍ରଥମ ମୁସଲମାନ ମହିଳା। ୧୯୯୨ରେ ସେ ଅବସର ନେଇଥିଲେ। ୧୯୯୭ରେ ତାଙ୍କୁ ତାମିଲନାଡୁର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା। ସେ ଜାତୀୟ ମାନବାଧିକାର କମିଶନ ସଦସ୍ୟ ଏବଂ କେରଳର ପଛୁଆ ବର୍ଗ ଆୟୋଗ ଅଧ୍ୟକ୍ଷ ମଧ୍ୟ ଥିଲେ।



ଆମେରିକାରେ ନଭେମ୍ବର ୨୩ରେ ଥ୍ୟାଙ୍କ୍ସଗିଭିଙ୍ଗ୍ ଡେ' ପରେଡ୍ ପାଇଁ ରଖାଯାଇଥିବା ବିଶାଳ ବେଲୁନ୍।

### ମୋଦି 'ପନୌତି' ମନ୍ତବ୍ୟ
## ରାହୁଲଙ୍କୁ ଇସି ନୋଟିସ

**ନୂଆଦିଲ୍ଲୀ, ୨୩।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପନୌତି (ଅଶୁଭ) କହିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନିର୍ବାଚନ କମିଶନ (ଇସି) ଗୁରୁବାର ନୋଟିସ ଜାରି କରିଛନ୍ତି। ଗତ ମଙ୍ଗଳବାର ଏକ ନିର୍ବାଚନୀ ସଭାରେ ରାହୁଲ ଉଦ୍‌ବୋଧନ ଦେବାବେଳେ ପନୌତି ମୋଦି ଷ୍ଟାଡିୟମରେ ଉପସ୍ଥିତ ରହିବାରୁ ବିଶ୍ୱକପ୍ ଫାଇନାଲରେ ଭାରତ ହାରିଲା ବୋଲି କହିଥିଲେ। ଏନେଇ ଭାଜପା ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଥିଲା। ପନୌତି ମନ୍ତବ୍ୟ ଉପରେ ଶନିବାର ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ ଇସି କଂଗ୍ରେସ ନେତାଙ୍କୁ କହିଛନ୍ତି। ରାହୁଲ ବିଭିନ୍ନ ସଭାରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ସମ୍ମାନହାନିକାରକ ଶବ୍ଦ ପ୍ରୟୋଗ କରିବା ସହ ସତ୍ୟତା ଯାଞ୍ଚ ହୋଇ ନ ଥିବା ଅଭିଯୋଗ ଆଣିଥିବା ଭାଜପା କହିଥିଲା। ଆଦର୍ଶ ଆଚରଣ ବିଧିରେ ନେତାମାନଙ୍କୁ ବିପକ୍ଷ ରାଜନେତାମାନଙ୍କ ବିରୋଧରେ ସତ୍ୟତା ଯାଞ୍ଚ ହୋଇ ନ ଥିବା ଅଭିଯୋଗ ଆଣିବା ପାଇଁ ବାରଣ କରାଯାଇଥିବା ଇସି ନୋଟିସ୍‌ରେ ଉଲ୍ଲେଖ କରିଛନ୍ତି।

# ଆଜି ମୁକୁଳିବେ ୧୦ ମହିଳା, ଶିଶୁ

## ଅସ୍ତ୍ରବିରତିକୁ ଦିନେ ଘୁଞ୍ଚାଇଲା ଇସ୍ରାଏଲ

**ଗାଜା/ଜେରୁଜେଲମ୍, ୨୩।୧୧**

ଇସ୍ରାଏଲ-ହମାସ୍ ଯୁଦ୍ଧବିରତି ଦିନେ ଘୁଞ୍ଚିଛି। ଗୁରୁବାରଠାରୁ ୪ ଦିନ ପର୍ଯ୍ୟନ୍ତ ଅସ୍ତ୍ରବିରତି ପାଇଁ ପୂର୍ବରୁ ସହମତି ପ୍ରକାଶ ପାଇଥିବାବେଳେ ଇସ୍ରାଏଲ ଏହାକୁ ଘୁଞ୍ଚାଇ ଦେଇଛି। ଫଳରେ ଶୁକ୍ରବାର ସକାଳ ୭ଟାରୁ ଏହା ଆରମ୍ଭ ହେବ। ଅପରାହ୍ଣ ୪ଟାରେ ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀଙ୍କୁ ଛାଡ଼ିବା ଆରମ୍ଭ କରିବେ ବୋଲି କାତାର କହିଛି। ଦୁଇ ସଂଘର୍ଷରତ ପକ୍ଷଙ୍କ ମଧ୍ୟରେ କାତାର, ଇଜିପ୍ଟ ଓ ଆମେରିକା କୂଟନୀତିଜ୍ଞମାନେ ମଧ୍ୟସ୍ଥତା କରିଛନ୍ତି।

କାତାରର ମୁଖ୍ୟ ମଧ୍ୟସ୍ଥ ମୋହମେଦ ଅଲ୍-ଖୁଲାଇଫି କହିଛନ୍ତି, ପଣବନ୍ଦୀଙ୍କୁ ପର୍ଯ୍ୟାୟକ୍ରମେ ମୁକ୍ତ କରାଯିବ। ପ୍ରଥମ ଦିନରେ ଅନ୍ୟୁନ ୧୦ ମହିଳା ଓ ଶିଶୁଙ୍କୁ ଛଡ଼ାଯିବ। ୪ ଦିନ ଭିତରେ ସମସ୍ତ ମହିଳା ଓ ଶିଶୁଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅସ୍ତ୍ରବିରତି ଆରମ୍ଭ ହୋଇ ନ ଥିବାରୁ ଇସ୍ରାଏଲୀ ବଳ ଗୁରୁବାର ମଧ୍ୟ ଗାଜା ଷ୍ଟ୍ରିପ୍‌ର ବିଭିନ୍ନ ଭାଗରେ ରକେଟ୍ ମାଡ଼ ଜାରି ରଖିଛନ୍ତି। ଦିନକ ଭିତରେ ୩୦୦ ଏୟାର ଷ୍ଟ୍ରାଇକ୍ କରିଥିବା ଇସ୍ରାଏଲ କହିଛି। ଉତ୍ତର ଗାଜାର ସହରଗୁଡ଼ିକରେ ଗୁଳି ବିନିମୟ ଓ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି। ଦକ୍ଷିଣ ସୀମାରେ ଥିବା ରାଫାହ ସହରରେ ଅନେକ ହଜାର ବାସଚ୍ୟୁତ ପାଲେଷ୍ଟିନୀୟ ଆଶ୍ରୟ ନେଇଛନ୍ତି। ଇସ୍ରାଏଲ ଜେନେରାଲ ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ-ଜେନେରାଲ ହେର୍ଜି ହାଲେଭି ନିଜ କମାଣ୍ଡରମାନଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ଆମେ ଯୁଦ୍ଧ ବନ୍ଦ କରୁନାହୁଁ। ବିଜୟ ପ୍ରାପ୍ତି ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ପ୍ରକାଶ ଯେ, ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ହମାସ୍ ଆକ୍ରମଣରେ ୧,୨୦୦ ନିହତ ହୋଇଥିବାବେଳେ ଇସ୍ରାଏଲର ପ୍ରତିଆକ୍ରମଣରେ ୧୪,୫୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ପ୍ରାଣହାନି ଘଟିଲାଣି। ଇତିମଧ୍ୟରେ ଗାଜାର ତିନି-ଚତୁର୍ଥାଂଶ ଅର୍ଥାତ୍ ୧.୭ ନିୟୁତ ଲୋକ ବିସ୍ଥାପିତ ହୋଇ ଅନ୍ୟତ୍ର ପଳାୟନ କଲେଣି।

## ଅଲ୍ ଶିଫା ହସ୍ପିଟାଲ ମୁଖ୍ୟ ଗିରଫ



ମୁହାମ୍ମଦ ଅବୁ ସଲମିୟା

ଗାଜା ଷ୍ଟ୍ରିପ୍‌ର ସବୁଠୁ ବଡ଼ ମେଡିକାଲ ଅଲ୍ ଶିଫା ହସ୍ପିଟାଲ ନିର୍ଦ୍ଦେଶକ ମୁହାମ୍ମଦ ଅବୁ ସଲମିୟାଙ୍କୁ ଇସ୍ରାଏଲୀ ବଳ ଗୁରୁବାର ଗିରଫ କରିଛନ୍ତି। ଏଥିସହ ଉକ୍ତ ହସ୍ପିଟାଲର ଆହୁରି ଅନେକ କର୍ମଚାରୀଙ୍କୁ ମଧ୍ୟ ଅଟକ ରଖାଯାଇଥିବା କୁହାଯାଇଛି।

ଅଲ୍ ଶିଫା ହସ୍ପିଟାଲକୁ ହମାସ୍ ଆତଙ୍କବାଦୀ ନିଜ ଢାଲ ଭାବେ ବ୍ୟବହାର କରୁଥିବା ଦର୍ଶାଇ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ସୈନ୍ୟମାନେ କିଛିଦିନ ହେଲା ଏହାକୁ ଘେରି ରହିଥିଲେ। ଇତିମଧ୍ୟରେ ହସ୍ପିଟାଲ ତଳେ ହମାସ୍‌ର ଅଣ୍ଡରଗ୍ରାଉଣ୍ଡ ମୁଖ୍ୟାଳୟ ଚାଲିଥିବା ସେମାନେ ଜାଣିବାକୁ ପାଇଥିଲେ। ସେଠାରୁ କେତେକ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବାର ପ୍ରମାଣ ଗଣମାଧ୍ୟମକୁ ଦେଇଥିଲେ। ହମାସ୍ ନିୟନ୍ତ୍ରଣରେ ଥିବା ଉକ୍ତ ହସ୍ପିଟାଲକୁ ସଲମିୟା ପ୍ରତ୍ୟକ୍ଷ ଭାବେ ପରିଚାଳନା କରୁଥିବାରୁ ତାଙ୍କୁ ଗିରଫ କରାଯାଇଛି।

## ଏୟାରଷ୍ଟ୍ରାଇକ୍‌ରେ ରୁଷୀୟ ଅଭିନେତ୍ରୀ ନିହତ

### ସୈନ୍ୟଙ୍କ ପାଇଁ ଅଭିନୟ ବେଳେ ମଞ୍ଚ ଉପରେ ମିଶାଇଲ୍ ମାଡ଼

**ମସ୍କୋ, ୨୩।୧୧**

ୟୁକ୍ରେନ୍‌ର ଏୟାରଷ୍ଟ୍ରାଇକ୍‌ରେ ଜଣେ ରୁଷୀୟ ଅଭିନେତ୍ରୀ ନିହତ ହୋଇଛନ୍ତି। ରୁଷିଆ ନିୟନ୍ତ୍ରଣରେ ଥିବା ପୂର୍ବ ୟୁକ୍ରେନ୍‌ରେ ଅଭିନେତ୍ରୀ ପୋଲିନା ମେନ୍‌ଶିଖ୍(୪୦) ଡୋନ୍‌ବାସ୍ ଅଞ୍ଚଳରେ ରୁଷୀୟ ସୈନ୍ୟମାନଙ୍କ ପାଇଁ ଅଭିନୟ ପ୍ରଦର୍ଶନ କରୁଥିବାବେଳେ ମଞ୍ଚ ଉପରେ ମିଶାଇଲ୍ ମାଡ଼ ହୋଇଥିଲା। ଗତ ୧୯ ତାରିଖରେ ଏହି ଆକ୍ରମଣ ହୋଇଥିବା ଦୁଇ ଦେଶର ସେନା ଅଧିକାରୀ ସ୍ୱୀକାର କରିଛନ୍ତି। ଡୋନେସ୍କ ଅଞ୍ଚଳର ଏକ ଗାଁରେ କ୍ଷେପଣାସ୍ତ୍ର ମାଡ଼ ହେବାରୁ ଏକ ସ୍କୁଲ୍ ଓ ସାଂସ୍କୃତିକ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଜଣେ ସାଧାରଣ ନାଗରିକ ନିହତ ହୋଇଥିବାବେଳେ ସୈନ୍ୟଙ୍କ ମୃତାହତ ସମ୍ପର୍କିତ ଖବର ମିଳିନାହିଁ। ଅନ୍ୟପକ୍ଷରେ ସେନାର ପୁରସ୍କାର ବିତରଣ ଉତ୍ସବ ଚାଲିଥିବାବେଳେ ରୁଷିଆର ୮୧୦ତମ ସ୍ୱତନ୍ତ୍ର ନୌସେନା ଇନ୍‌ଫାଣ୍ଟ୍ରି ବ୍ରିଗେଡ୍‌କୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା ବୋଲି ୟୁକ୍ରେନ୍ କମାଣ୍ଡର ରବର୍ଟ ବ୍ରୋଭ୍‌ଡି କହିଛନ୍ତି। ଏହି ଆକ୍ରମଣରେ ୨୫ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଥିବା ସେ ସୂଚନା ଦେଇଛନ୍ତି।



ପୋଲିନା ମେନ୍‌ଶିଖ୍

# ଅଭିନେତା ପ୍ରକାଶ ରାଜ୍‌ଙ୍କୁ ଇଡି ସମନ

### ୧୦୦ କୋଟିର ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା

**ନୂଆଦିଲ୍ଲୀ, ୨୩।୧୧**

ଏକ ଜୁଏଲାରୀ କମ୍ପାନୀ ସହ ସମ୍ପୃକ୍ତ ୧୦୦ କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଅଭିନେତା ପ୍ରକାଶ ରାଜ୍‌ଙ୍କୁ ଜେରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ସମନ ଜାରି କରିଛି। ତ୍ରିଚିସ୍ଥିତ ଉକ୍ତ ଜୁଏଲାରୀ ଶୃଙ୍ଖଳ ଉପରେ ଇଡି ଚଢ଼ାଉ କରିଥିଲା। ଏହାର ତାମିଲନାଡୁ ଓ ପଣ୍ଡିଚେରୀରେ ଅନେକ ଶାଖା ରହିଛି। ଉକ୍ତ ସଂସ୍ଥା ଚିଟ୍‌ଫଣ୍ଡ ସ୍କିମ୍ ନାମରେ ଜମାକାରୀଙ୍କଠାରୁ ୧୦୦ କୋଟି ଟଙ୍କା ଠକିଥିବା ଅଭିଯୋଗ ହୋଇଛି। ଅଭିନେତା ପ୍ରକାଶ ରାଜ ଉକ୍ତ ଜୁଏଲାରୀ ସଂସ୍ଥାର ବ୍ରାଣ୍ଡ ଆମ୍ବାସାଡର ଭାବେ ଅନେକ ଦିନ କାର୍ଯ୍ୟ କରିଥିଲେ। ଅଭିଯୋଗ ଆଧାରରେ ପ୍ରଣବ ଜୁଏଲର୍ସ ଦ୍ୱାରା ଚଳାଯାଉଥିବା ଷ୍ଟୋରଗୁଡ଼ିକୁ ଗତ ଅକ୍ଟୋବରରେ ବନ୍ଦ କରିଦିଆଯାଇଥିଲା। ଏହାର ମାଲିକ ମଧନଙ୍କ ନାଁରେ ତାମିଲନାଡୁ ତ୍ରିଚିର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମାମଲା ଦାଏର କରିଥିଲା। ମଧନ ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ଗତ ମାସରେ ଲୁକ୍‌ଆଉଟ୍ ନୋଟିସ୍ ଜାରି ହୋଇଥିଲା।



## ଆମେରିକାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

**ୱାଶିଂଟନ, ୨୩।୧୧**

ଆମେରିକାର ଓହିଓସ୍ଥିତ ୟୁନିଭର୍ସିଟି ଅଫ୍ ସିନ୍‌ସିନାଟି ମେଡିକାଲ ସ୍କୁଲ୍‌ରେ ମଲିକ୍ୟୁଲାର ଆଣ୍ଡ ଡେଭେଲପମେଣ୍ଟାଲ ବାୟୋଲୋଜିରେ ଚତୁର୍ଥ ବର୍ଷ ଭାରତୀୟ ଛାତ୍ର ଆଦିତ୍ୟ ଆଦଲାଖା (୨୬)ଙ୍କୁ ଏକ କାର୍ ଭିତରେ ଗୁଳିକରି ହତ୍ୟା କରାଯାଇଛି। ଗତ ୯ରେ ତାଙ୍କୁ ଗୁଳିବିଦ୍ଧ ଅବସ୍ଥାରେ ଏକ କାର୍‌ରୁ ଠାବ ହୋଇଥିଲା। କାର୍‌ଟି ୱେଷ୍ଟର୍ନ ହିଲ୍ସ ଭାଏଡକ୍ଟ ଉପର ଡେକ୍‌ର ଏକ କାନ୍ଥକୁ ଧକ୍କା ଦେଇଥିଲା। ପୋଲିସ ଆଦିତ୍ୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରବାର ୨ ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା।

## ନାବାଳକଙ୍କୁ ୫୫ ଥର ଛୁରି ଭୁସି ତଣ୍ଟି କାଟିଲେ ନାବାଳକ

### ବିରିୟାନୀ କିଣିବା ପାଇଁ ଟଙ୍କା ନ ଦେବାରୁ ହତ୍ୟା

**ନୂଆଦିଲ୍ଲୀ, ୨୩।୧୧**

ପୂର୍ବ ଦିଲ୍ଲୀର ୱେଲ୍‌କମ୍ କଲୋନିରେ ଜଣେ ୧୬ ବର୍ଷର ବାଳକ ଅନ୍ୟ ଜଣଙ୍କୁ ୫୫ରୁ ଅଧିକ ଥର ଛୁରି ଭୁସିବା ପରେ ତଣ୍ଟି କାଟି ହତ୍ୟା କରିଛନ୍ତି। ସେ ମୃତଦେହକୁ ରାସ୍ତାରେ ଘୋଷାଡ଼ିବା ସହ ଅପରାଧ ଘଟାଇବା ବେଳେ ନାଚୁଥିବା ଦେଖିବାକୁ ମିଳିଛି। ଗତ ମଙ୍ଗଳବାର ରାତି ୧୧ଟା ୧୫ ମିନିଟରେ ଘଟିଥିବା ଏହି ଲୋମହର୍ଷଣକାରୀ ଘଟଣା କଲୋନିରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ୍ ହୋଇଥିଲା। ୨.୨୩ ମିନିଟ୍‌ର ଭିଡିଓରେ ଭୟଙ୍କର ଅପରାଧ ଦୃଶ୍ୟ ସହ ଅନ୍ୟମାନଙ୍କୁ ଅଭିଯୁକ୍ତ ଧମକ ଦେଉଥିବା ଦେଖାଯାଇଛି। ବୁଧବାର ସକାଳେ ଗିରଫ ହେବା ପରେ ସେ ଅପରାଧ ଘଟାଇଥିବା ସ୍ୱୀକାର କରିଛନ୍ତି। ମୃତକ ୧୭ ବର୍ଷୀୟଙ୍କ ସହ ଅଭିଯୁକ୍ତଙ୍କର ପୂର୍ବରୁ କୌଣସି ପରିଚୟ ନ ଥିଲା। ଅଭିଯୁକ୍ତ ତାଙ୍କ ପାଖକୁ ଯାଇ ବିରିୟାନୀ କିଣିବା ପାଇଁ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ହତ୍ୟା କରିଥିବା ଅଭିଯୁକ୍ତ ମାନିଛନ୍ତି।

## ଲଶ୍କର କମାଣ୍ଡରଙ୍କ ସମେତ ୨ ଆତଙ୍କବାଦୀ ନିହତ

### ରାଜୌରୀ ଏନ୍‌କାଉଣ୍ଟର
### ଶହୀଦଙ୍କ ସଂଖ୍ୟା ୫ ହେଲା

**ନୂଆଦିଲ୍ଲୀ, ୨୩।୧୧**

ଜମ୍ମୁ-କଶ୍ମୀରର ରାଜୌରୀ ଜିଲାରେ ସୁରକ୍ଷା କର୍ମୀ ଓ ଯବାନଙ୍କ ମଧ୍ୟରେ ବୁଧବାର ସକାଳୁ ଗୁଳି ବିନିମୟ ଜାରି ରହିଥିବାବେଳେ ଗୁରୁବାର ଆଉ ଜଣେ ଯବାନ ଶହୀଦ ହୋଇଛନ୍ତି। ଫଳରେ ଏନ୍‌କାଉଣ୍ଟର ବେଳେ ମୋଟ ଶହୀଦଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ବୁଧବାର ଦୁଇଜଣ କ୍ୟାପ୍‌ଟେନଙ୍କ ସମେତ ୪ ଜଣ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ଶହୀଦ ଯବାନମାନେ ହେଲେ କ୍ୟାପ୍‌ଟେନ ଏମ୍.ଭି. ପଞ୍ଜାଲ, କ୍ୟାପ୍‌ଟେନ୍ ଶୁଭମ୍ ଗୁପ୍ତା, ହାବିଲଦାର ଅବଦୁଲ୍ ମଜିଦ, ଲାନ୍ସ ନାଏକ୍ ସଞ୍ଜୟ ବିଷ୍ଟ ଏବଂ ପାରାଟ୍ରୁପର୍ ସଚିନ ଲାଉର। ଗୁଳି ବିନିମୟ ବେଳେ ଅନ୍ୟ ୩ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଉଧାମପୁରସ୍ଥିତ ସେନା କମାଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଗୁରୁବାର ଏନ୍‌କାଉଣ୍ଟର ବେଳେ ଲଶ୍କର-ଇ-ତୋଇବାର ଜଣେ କମାଣ୍ଡରଙ୍କ ସମେତ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଲଶ୍କର କମାଣ୍ଡର ଜଣକ କ୍ୱାରି କୋଡ୍ ନାମରେ ବର୍ଷେ ହେଲା ରାଜୌରୀ-ପୁଞ୍ଛ୍ ଅଞ୍ଚଳରେ ସକ୍ରିୟ ଥିଲେ। ରାଜୌରୀ ଜିଲାର ଧର୍ମଶାଳ ଅନ୍ତର୍ଗତ ବାଜିମାଲ ଅଞ୍ଚଳରେ ଦୁଇଦିନ ହେଲା ଏନ୍‌କାଉଣ୍ଟର ଜାରି ରହିଥିଲା। ଡ୍ରାଙ୍ଗ୍ରି ଏବଂ କାଣ୍ଡିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପଛରେ କ୍ୱାରି ମାଷ୍ଟରମାଇଣ୍ଡ ଥିଲେ ବୋଲି ବିଶ୍ୱାସ କରାଯାଉଥିଲା। ଆତଙ୍କବାଦୀ କାର୍ଯ୍ୟକଳାପକୁ ପୁଣିଥରେ ସକ୍ରିୟ କରାଇବା ଲାଗି ତାଙ୍କୁ ନିୟୋଜିତ କରାଯାଇଥିଲା। କ୍ୱାରିଙ୍କ ସହ ତାଙ୍କ ସହଯୋଗୀ ମଧ୍ୟ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି।

## ପୁଣି ଅଟକିଲା ଉଦ୍ଧାର କାର୍ଯ୍ୟ

### ଡ୍ରିଲିଂ ମେଶିନ ଥିବା ପ୍ଲାଟ୍‌ଫର୍ମରେ ଫାଟ

**ଉତ୍ତରକାଶୀ, ୨୩।୧୧**

ଉତ୍ତରାଖଣ୍ଡରେ ଭୁଶୁଡ଼ିଥିବା ସିଲ୍‌କ୍ୟାରା ଟନେଲରେ ଉଦ୍ଧାର କାର୍ଯ୍ୟକୁ ଗୁରୁବାର ପୁଣିଥରେ ସ୍ଥଗିତ ରଖାଯାଇଛି। ସୁଡ଼ଙ୍ଗ ଖନନ କାର୍ଯ୍ୟରେ ନିୟୋଜିତ ମେଶିନ୍ ଯେଉଁଠାରେ ରଖାଯାଇଥିଲା, ଉକ୍ତ ସ୍ଥାନରେ କେତେକ ଫାଟ ଦେଖାଦେଇଛି। ଫଳରେ ସୁଡ଼ଙ୍ଗରେ ଫସିଥିବା ୪୧ ଶ୍ରମିକଙ୍କ ଉଦ୍ଧାର ଲାଗି ଚାଲିଥିବା ଉଦ୍ୟମକୁ ଆଉ ଏକ ଝଟକା ଲାଗିଛି। ପୁଣିଥରେ ଖନନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ୨୫ ଟନ୍ ଓଜନର ଔଗର ମେଶିନ୍ ରଖାଯାଇଥିବା ପ୍ଲାଟ୍‌ଫର୍ମକୁ ସୁଦୃଢ଼ କରିବାକୁ ପଡ଼ିବ ବୋଲି ଅଧିକାରୀମାନେ କହିଛନ୍ତି। ମେଶିନ୍‌କୁ ପୁଣିଥରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି ବୋଲି ଅନ୍ତର୍ଜାତୀୟ ବିଶେଷଜ୍ଞ ଆର୍ନୋଲ୍ଡ ଡିକ୍ସ କହିଛନ୍ତି। ତେବେ ଡ୍ରିଲିଂ ପୁଣିଥରେ ଆରମ୍ଭ ହେବା ପରେ ଯେକୌଣସି ସମୟରେ ଶ୍ରମିକମାନଙ୍କୁ ଉଦ୍ଧାର କରାଯିବ ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସଦସ୍ୟ ତଥା ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସୟେଦ ଆଟା ହାସ୍‌ନୈନ ଆଶାବ୍ୟକ୍ତ କରିଛନ୍ତି।



ଉଦ୍ଧାରକାରୀ ଟିମ୍ ଶ୍ରମିକଙ୍କ ନିକଟରେ ପହଞ୍ଚିବା ପରେ ସେମାନଙ୍କୁ ଚକଲଗା ଷ୍ଟ୍ରେଚରରେ ବାହାରକୁ ଅଣାଯିବ। ସେମାନଙ୍କୁ ତୁରନ୍ତ ହସ୍ପିଟାଲ ନେବା ଲାଗି ସୁଡ଼ଙ୍ଗ ନିକଟରେ ୪୧ଟି ଆମ୍ବୁଲାନ୍ସ ପ୍ରସ୍ତୁତ ହୋଇ ରହିଛି। ଗୁରୁତର ଥିବା ଶ୍ରମିକଙ୍କୁ ଏୟାରଲିଫ୍ଟ କରିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ବୁଧବାର ଖନନ କାର୍ଯ୍ୟରେ ବେଶ୍ ଅଗ୍ରଗତି ଦେଖାଦେବାରୁ ଆଉ କିଛି ଘଣ୍ଟା ମଧ୍ୟରେ ଶ୍ରମିକମାନଙ୍କୁ ଉଦ୍ଧାର କରାଯିବା ନେଇ ଆଶା ସଞ୍ଚାର ହୋଇଥିଲା। ତେବେ ରାତିରେ କେତେକ ପ୍ରତିବନ୍ଧକ ଦେଖାଦେବାରୁ କାମ ଅଟକିଥିଲା। ଗୁରୁବାର ସକାଳୁ ଡ୍ରିଲିଂ ଆରମ୍ଭ ହୋଇଥିଲାବେଳେ ରାତି ସୁଦ୍ଧା କିମ୍ବା ଶୁକ୍ରବାର ସକାଳ ବେଳକୁ ଶ୍ରମିକମାନେ ବାହାରକୁ ଆସିବେ ବୋଲି ଆଶା କରାଯାଉଥିଲା। ତେବେ ପୁଣିଥରେ ଏଥିରେ ପ୍ରତିବନ୍ଧକ ଦେଖାଦେଇଛି।

୧୧ ଦିନ ହେଲା ସୁଡ଼ଙ୍ଗରେ ଫସିଥିବା ଶ୍ରମିକମାନେ ସୁରକ୍ଷିତ ଥିବାବେଳେ ସେମାନଙ୍କ ପାଖକୁ ଆବଶ୍ୟକ ଅକ୍ସିଜେନ୍, ଖାଦ୍ୟ, ପାଣି, ପୋଷାକ ଓ ଔଷଧ ପଠାଯାଉଥିବା ହାସ୍‌ନୈନ କହିଛନ୍ତି। ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ସ୍ଥାପନ ହୋଇଥିବାରୁ ଶ୍ରମିକମାନଙ୍କ ସହ କର୍ତ୍ତୃପକ୍ଷ ଏବଂ ସାଇକୋସୋସିଆଲ ୱାର୍କରମାନେ ସେମାନଙ୍କ ସହ ସିଧାସଳଖ କଥା ହେବା ସହ ବିଭିନ୍ନ ପରାମର୍ଶ ଦେଇପାରୁଛନ୍ତି। ସେପଟେ ଶ୍ରମିକମାନଙ୍କୁ ବାହାରକୁ କିପରି ଅଣାଯିବ ଓ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ ସେନେଇ ଏନ୍‌ଡିଆର୍‌ଏଫ୍ ଟିମ୍ ଘଟଣାସ୍ଥଳରେ ରିହରସାଲ କରୁଛନ୍ତି। ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପ୍ରଥମେ ପରୀକ୍ଷା କରାଯିବା ପରେ ଗୁରୁତର ଥିବା ଲୋକଙ୍କୁ ବିମାନରେ ନେଇ ଋଷିକେଶସ୍ଥିତ ଏମ୍ସରେ ଭର୍ତ୍ତି କରାଯିବାର ବ୍ୟବସ୍ଥା ହୋଇଛି। ଶ୍ରମିକଙ୍କ ପାଇଁ ହସ୍ପିଟାଲରେ ବେଡ୍ ପ୍ରସ୍ତୁତ ହୋଇ ରହିଛି।

# ନବକୃଷ୍ଣଙ୍କ ପୂର୍ଣ୍ଣ ଅବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ

ଅନୁଗୋଳ, ୨୩।୧୧ (ଅମିତ କୁମାର ସାମଲ)



ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ସ୍ଥାନୀୟ ସଭାଘର ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଅବକାରୀ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶିନୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବକୃଷ୍ଣଙ୍କ ପୂର୍ଣ୍ଣ ଅବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସଭାଘର ପରିସରରେ ଅନାବରଣ କରିଥିଲେ। ଏହା ପରେ ଅନୁଷ୍ଠିତ ସାଧାରଣ ସଭାରେ ମନ୍ତ୍ରୀ ପାତ୍ର କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂର ଦୃଷ୍ଟି ସମ୍ପନ୍ନ ଯୋଜନା ପାଇଁ ଓଡ଼ିଶା ସମଗ୍ର ଦେଶରେ ବିକାଶ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଛି। ସମ୍ମାନିତ ବକ୍ତା ଭାବେ ଡ. ଇନ୍ଦିରା ଦାସ, ଡ. କୁଳମଣି ନାୟକ ଏବଂ ମୁଖ୍ୟ ବକ୍ତା ଡ. ଧରଣୀ ଧର ନାଥ ଯୋଗଦେଇ ସ୍ୱର୍ଗତ ନବକୃଷ୍ଣଙ୍କ ସରଳ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ସ୍ୱର୍ଗତ ଚୌଧୁରୀଙ୍କୁ ଜଣେ ଅମାୟିକ, ମିଷ୍ଟଭାଷୀ ସରଳ ମଣିଷ ଭାବେ ବିବେଚନା କରିଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ସ୍ୱର୍ଗତ ଚୌଧୁରୀଙ୍କ ସମ୍ପର୍କରେ ପ୍ରକାଶିତ ପୁସ୍ତକମାଳା ଏବଂ ଅପ୍ରକାଶିତ ତଥ୍ୟ ସମ୍ପର୍କିତ ଲେଖା ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନକୁ ପ୍ରେରଣ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ବୁଦ୍ଧିଜୀବୀଙ୍କୁ ଅନୁରୋଧ କରିଥିଲେ। ଭବିଷ୍ୟତରେ ଏହାକୁ ଏକ ପୁସ୍ତକ ରୂପେ ପ୍ରକାଶିତ କରିବା ପାଇଁ ସେ ଚେଷ୍ଟା କରିବେ ବୋଲି କହିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାଏ, ଅନୁଗୋଳ ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ, ବାଜି ରାଉତ ଛାତ୍ରାବାସ ମୁଖ୍ୟ ଉପଦେଷ୍ଟା କ୍ରିଷ୍ଣା ମାହାନ୍ତି, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ତାମଡାର ଅଧ୍ୟକ୍ଷ ମାନକେତନ ଅମାତ, ବସୁଧା ଉପଦେଷ୍ଟା ଦୀନେଶ ପ୍ରଧାନ, ସଂସ୍କୃତି ବିଭାଗ ପୂଜ୍ୟ ପୁଜା ସଂସଦର ଲକ୍ଷ୍ମୀ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସାଧାରଣ ମଧ୍ୟରେ ଅସାଧାରଣ ଥିଲେ ନବକୃଷ୍ଣ

ଅନୁଗୋଳ, ୨୩।୧୧
(ଅମିତ କୁମାର ସାମଲ)



ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ରମା ମଞ୍ଜରୀ ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ବିରୁପାକ୍ଷ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବାଜି ରାଉତ ଛାତ୍ରାବାସ କାର୍ଯ୍ୟକାରିଣୀ ସଦସ୍ୟ ଡ. ବିଶଜିତ ରାୟ ଯୋଗଦେଇ ନବକୃଷ୍ଣଙ୍କ ସ୍ମୃତିଚାରଣ କରିବା ସହ ଅନନ୍ୟ ତଥା ସାଧାରଣ ମଧ୍ୟରେ ଅସାଧାରଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ଚୈତନ୍ୟ ସାହୁଙ୍କ ଲିଖିତ ମା' ରମାଦେବୀ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ଡ. ଇନ୍ଦିରା ଦାଶ ସାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ନବଜୀବନ ମଣ୍ଡଳ ର ସମ୍ପାଦକ ମୁରଲୀଧର ମୁଳିଆ ଧନ୍ୟବାଦ ଅର୍ପଣ କରିଥିଲେ। ଆନନ୍ଦ ଚନ୍ଦ୍ର ମହାପାତ୍ର, କୁଳମଣି ବେହେରା, କୀର୍ତ୍ତି ସ୍ମିତା, ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ବରାଳ, ଶିବରାମ ମିଶ୍ର, ଜଗନ୍ନାଥ ପାଢ଼ୀ, ବିଶ୍ୱରଞ୍ଜନ ପ୍ରଧାନ, ଲିପିକା ମହାପାତ୍ର, ସରସତୀ ସାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅପରାହ୍ନରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶିନୀ ପାତ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଛାତ୍ରାବାସ ପରିଦର୍ଶନ କରିଥିଲେ। ଛାତ୍ରାବାସ ମାର୍ଗଦର୍ଶକ କ୍ରିଷ୍ଣା ମହାନ୍ତି ଏଂ ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।

**NATIONAL INSURANCE COMPANY LIMITED**
(A Govt. Of India Undertaking
CIN : U10200WB1906GOI001713
BHUBANESWAR REGIONAL OFFICE
ନ୍ୟାଶନାଲ ଇନ୍ସ୍ୟୋରେନ୍ସ National Insurance Trusted Since 1906
6th Floor, IDCO Tower, Janpath, Bhubaneswar-751022, Mob: 8599082456, 7008582628

**TENDER NOTICE**

Tender No. : 160000/BBRO/IT/2023-24/01
Sealed Tenders in Two Bid system is invited from reputed firms for supply of UPS batteries for our offices across Odisha. Instructions for tenderers including eligibility criteria along with the prescribed format for tender are available from IT Department at the above address on all working days during office hours from **23/11/2023 to 07/12/2023**. Details are also available at **https://www.nationalinsurance.nic.co.in.** The tenders may be submitted in the Tender Box at above address. Company reserves the right to cancel any/all tenders without giving any reason
Date : 23/11/2023 Chief Regional Manager

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନେଇ ଆଲୋଚନା

ଆଠମଲ୍ଲିକ,୨୩।୧୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଶିକ୍ଷୟିତ୍ରୀ – ଶିକ୍ଷକ, ଅଭିଭାବିକା – ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶେଷକରି ଶିକ୍ଷାବିଭାଗ ତରଫରୁ ଘୋଷିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉପରରେ ଶିକ୍ଷକ ଆଦିତ୍ୟ କୁମାର ସାହୁ ବୁଝାଇବା ସହ ମୋ ସ୍କୁଲ ଅଭିଯାନ, ସ୍କୁଲ ପରିଚାଳନା କମିଟି, ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଭଲ କାର୍ଯ୍ୟ ପାଇଁ ପୁରସ୍କୃତ କରାଯିବାର ପ୍ରାବଧାନ ଅଛି ବୋଲି କହିଥିଲେ। ଶିକ୍ଷା ସମ୍ବନ୍ଧୀତ କିଛି ଅଭିଯୋଗ ଥିଲେ ଅଭିଭାବକ ସ୍କୁଲକୁ ଆସି ଜଣାଇ ପାରିବେ ବୋଲି ଅଭିଭାବକଙ୍କୁ ଶିକ୍ଷକ ଲୋକନାଥ ସାହୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏସ୍‌ସି କମିଟି ସଭାପତି ଗଦାଧର ସ୍ୱାଇଁ, ଶିକ୍ଷକ ଧବଳେଶ୍ୱର ଦେହୁରୀ, ସୁଧାଂଶୁ ବିଶ୍ୱାଳ, ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଶିକ୍ଷାନୀତି ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ଗଠନ ମୂଳକ ଉପଦେଶ ଦେଇଥିଲେ। ଶେଷରେ ଶିକ୍ଷକ ପ୍ରଦୀପ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେରାର ଅଭିଯୁକ୍ତଙ୍କ ଆତ୍ମହତ୍ୟା

ତାଳଚେର,୨୩।୧୧
(ମନୋଜ ନନ୍ଦ)

ପାରିବାରିକ କଳହରୁ ବଡ଼ଭାଇ ଅନିଲ ଭୋଇ (୩୮)ଙ୍କ ତଣ୍ଟି ଚିପି ହତ୍ୟା କରି ମଙ୍ଗଳବାର ଫେରାର ହୋଇଯାଇଥିବା ଅନୁଗୋଳ ଜିଲା ତାଳଚେର ବ୍ଲକ ଟେନ୍ତୁଲେଇ ଗ୍ରାମର ଅଭିଯୁକ୍ତ ସାନଭାଇ ପବନା ଭୋଇ (୩୫) ଗୁରୁବାର ଆତ୍ମହତ୍ୟା କରିଛନ୍ତି। ନିଜ ଗ୍ରାମର ଏକ ଗଛରେ ବେକରେ ଗାମୁଛା ବାନ୍ଧି ପବନା ଝୁଲି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ବିକ୍ରମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ନଂ. ୭/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଭଲିବଲ ଖେଳାଳିଙ୍କୁ ସହାୟତା



ଭଲି ଖେଳାଳିମାନଙ୍କୁ ଖେଳ ଉପକରଣ ବଣ୍ଟନ କରାଯାଉଛି।

ଛେଣ୍ଡିପଦା,୨୩।୧୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବୈତରଣୀ ୱେଷ୍ଟ କୋଲ ବ୍ଲକର ପ୍ରସ୍ତାବିତ ଖୋଲା କୋଇଲା ଖଣି ଅଞ୍ଚଳରେ ଗୁଜୁରାଟ ମେନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଜିଏମ୍‌ଡିସି) ପକ୍ଷରୁ ଭଲି ଖେଳାଳିଙ୍କୁ ଖେଳ ଉପକରଣ ବଣ୍ଟନ କରାଯାଇଛି। ବୈତରଣୀ ୱେଷ୍ଟ କୋଲ ବ୍ଲକରେ ଗୁଜୁରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ ପକ୍ଷରୁ ଟେଣ୍ଟୁଲୋଇ, ମାଛକୁଟା, ଖୁଣ୍ଟାନାଳୀ, ହାଣ୍ଡିଗୁଡା, ଜାମୁନାଳୀ ଛେଣ୍ଡିପଦା ପଞ୍ଚାୟତର ଯୁବ ଭଲିବଲ ଖେଳାଳୀଙ୍କୁ ଭଲିବଲ ଖେଳ ଉପକରଣ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଏମ୍‌ଡିସିର ମୁଖ୍ୟ ବ୍ରିଗେଡିୟର ମନୁ ମେହେର ହୋତ୍ରା, ପରିଚାଳନା ନିର୍ଦ୍ଦେଶକ ବିରେନ୍ଦ୍ର କୁମାର ମହାତୋ, କ୍ୟାପଟେନ ପି.କେ ପତି ଓ ବିଏନ୍‌ବିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବାର୍ଷିକ ଉତ୍ସବରେ ଲୁକ୍କାୟିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ଅନୁଗୋଳ, ୨୩।୧୧
(ଅମିତ କୁମାର ସାମଲ)

ସାମାଜିକ ଅନୁଷ୍ଠାନ ଆମ ପ୍ରତିଭା ଆମ ସ୍ୱାଭିମାନର ବାର୍ଷିକ ଉତ୍ସବ ଅନୁଗୋଳ ସଭାଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ଲୁକ୍କାୟିତ ତଥା ପ୍ରସ୍ଫୁଟିତ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ଜଳପୁରୁଷ ଭାବେ ପରିଚିତ ପଦ୍ମଶ୍ରୀ ଦୈତାରୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ମାନିତ କରିବା ସହ ଅନୁଷ୍ଠାନର ଉଚ୍ଚ ବିଚାରକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ପ୍ରତିଷ୍ଠାତା ଢେଙ୍କାନାଳ ଏମ୍‌ପି ମହେଶ ସାହୁ କହିଥିଲେ, ସାମାଜିକ କାର୍ଯ୍ୟ ଦ୍ୱାରା ସମାଜକୁ ଯୋଡ଼ିବା ଓ ସାମଗ୍ରିକ ବିକାଶରେ ସହଭାଗୀ ହେଉଥିବା ପ୍ରତ୍ୟେକଟି ବ୍ୟକ୍ତି ସମ୍ମାନ ପାଇବାର ଯୋଗ୍ୟ। ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ଲେଖକ ଡ. ଧରଣୀଧର ନାଥ ଅନ୍ତର୍ଜାତୀୟ ପ୍ରତିଭାମାନଙ୍କ ସଂଘର୍ଷମୟ କାହାଣୀ ବଖାଣି ଥିଲେ। ଅନୁଷ୍ଠାନ ସଭାପତି ତଥା ପୌରାଧକ୍ଷ ଅକ୍ଷୟ ସାମନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ତାମଡା ଅଧ୍ୟକ୍ଷ ମୀନକେତନ ଅମାନ୍ତ, ପ୍ରାକ୍ତନ ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଅନୁଷ୍ଠାନ ଉପଦେଷ୍ଟା ଭକ୍ତି ପ୍ରସାଦ ଦାସ, ସମ୍ପାଦକ ତଥା ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା) ଉପଦେଷ୍ଟା ଦୀନେଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ଜିଲାର ବିଭିନ୍ନ ବର୍ଗର ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସଚେତନତାମୂଳକ ଅଣୁ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ପର୍ଶୁରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପାରିଷଦ ବଳରାମ ଜେନା, ସାମାଜିକ କର୍ମୀ ପ୍ରତାପ ମହାପାତ୍ର, ସପେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ ଦେହୁରୀ, ଅବିନାଶ ସାହୁ, ଅମିତ ଦାଶ, ଉତ୍କଳ ରଞ୍ଜନ ପଣ୍ଡା, ପ୍ରକାଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଲିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୫ରେ ବିଜିୟୁର ୬ଷ୍ଠ ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର,୨୩।୧୧ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ)ର ୬ଷ୍ଠ ସମାବର୍ତ୍ତନ ଉତ୍ସବ ୨୦୨୩ ନଭେମ୍ବର ୨୫ରେ ବିଶ୍ୱବିଦ୍ୟାଳୟର ଭୁବନେଶ୍ୱରସ୍ଥିତ ଗୋଠପାଟଣା କ୍ୟାମ୍ପସ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ସମାବର୍ତ୍ତନ ଉତ୍ସବରେ ୬୮ଜଣ ସ୍ନାତକୋତ୍ତର ଏବଂ ୧୩୪ ଜଣ ସ୍ନାତକ ଛାତ୍ରୀଛାତ୍ରଙ୍କୁ ମ୍ୟାନେଜମେଣ୍ଟ,କମ୍ୟୁନିକେଶନ,କମର୍ସ,ସୋସିଆଲ ସାଇନ୍ସ ଏବଂ ଲ ଭଳି ବିଭାଗର ଡିଗ୍ରୀ ପ୍ରଦାନ କରାଯିବ। ଏସ୍.ପି.ଶୁକ୍ଲା, କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଚିଫ୍ ବ୍ରାଣ୍ଡ୍ ଅଫିସର, ପ୍ରେସିଡେଣ୍ଟ, ଡିଫେନ୍ସ-ମହିନ୍ଦ୍ରା ଗ୍ରୁପ୍ ଏବଂ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ବିଜିୟୁର ସମ୍ମାନଜନକ ଡି.ଲିଟ୍ ଉପାଧି ପ୍ରଦାନ କରାଯିବ। ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ଅଧ୍ୟକ୍ଷା ଜୟଶ୍ରୀ ମୋହତା ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବେ ବୋଲି ବିଜିୟୁ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ସମାବର୍ତ୍ତନ ଉତ୍ସବରେ ବୋର୍ଡ ଅଫ୍ ଗଭର୍ନାନ୍ସ ଏବଂ ବୋର୍ଡ ଅଫ୍ ମ୍ୟାନେଜମେଣ୍ଟର ସଦସ୍ୟ, ଫାକଲ୍ଟି,ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ମଧ୍ୟ ଉକ୍ତ ଉତ୍ସବରେ ସାମିଲ ହେବେ। ସେହିପରି ୨୦୨୩ ଶିକ୍ଷା ବର୍ଷରେ ଅନୁଷ୍ଠାନ ଅନେକ ସଫଳତା ହାସଲ କରିଛି। ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ସାରା ଦେଶରେ ନିଜର ପାରଦର୍ଶିତାକୁ ଦର୍ଶାଇଛି। ଛାତ୍ରୀଛାତ୍ରମାନଙ୍କ ସଫଳତା ପାଇଁ ୟୁନିଭର୍ସିଟି ଗର୍ବିତ ବୋଲି କୁଳପତି ପ୍ରଫେସର ପି.ପି.ମାଥୁର କହିଛନ୍ତି। ପରିଶେଷରେ ରେଜିଷ୍ଟ୍ରାର ବି.କେ. ଦାସ ଏବଂ ପ୍ରଫେସର ଜ୍ଞାନରଞ୍ଜନ ମିଶ୍ର ଉପସ୍ଥିତ ଖବରଦାତାଙ୍କୁ ସମାବର୍ତ୍ତନ ଉତ୍ସବର ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।


## ୧୨ତମଜନ୍ମ ବାର୍ଷିକ ଜନ୍ମ ଶୁଭେଚ୍ଛା



**ଅମ୍ଳାନ୍ ପଟ୍ଟନାୟକ (ଲିପୁ)**
ଗାନ୍ଧୀନଗର, ଜଟଣୀ

ଆଜି ତୋର ୧୨ତମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋତେ କୋଟି ପରମାୟୁ ଦିଅନ୍ତୁ ଏତିକି ପ୍ରାର୍ଥନା କରୁଛୁ ତୋର ମଙ୍ଗଳମୟ ହେଉ।
**ଶୁଭେଚ୍ଛା ସହ:** ବଡ଼ପାପା, ପାପା, ମାମା, ଟିକଦାଦା, ଖୁଡୀ, ବାବୁଦାଦା ଆଈ, ମୁନା ମାମୁ, ମାଈଁ, ଲୁନା ମାମୁ, ଅଜୁ ମଉସା, ମିନିମାଉସୀ, ନବ ମଉସା, ମାନୁ ମାଉସୀ, ଟିଲୁମଉସା, ରାନୁ ମାଉସୀ, ପୁପୁଭାଇ, ସିପୁଭାଇ, ଡୁଗୁ, ଗୁଡି, ନବ୍ୟା, ନୌମୀ, ଲିନା ଓ ପରିବାରବର୍ଗ।

ଧ-୧୮୫୮



G20 | Ministry of Skill Development & Entrepreneurship, Government of India | Skill India | Directorate General of Training

# ବିକଶିତ ଭାରତର ସଂକଳ୍ପ ଓ ଯୁବ ପ୍ରତିଭାର ଶକ୍ତି



ଦ୍ରୁତ ଗତିରେ ବଦଳୁଥିବା ବ୍ୟାବସାୟିକ ପରିବେଶ ଏବଂ ବଜାରରେ ପ୍ରାସଂଗିକ ରହିବାର ମନ୍ତ୍ର ହେଉଛି - ସ୍କିଲିଂ, ରି-ସ୍କିଲିଂ ଏବଂ ଅପସ୍କିଲିଂ
- ନରେନ୍ଦ୍ର ମୋଦୀ

## ନ୍ୟାସନାଲ୍ ସ୍କିଲ୍ ଟ୍ରେନିଙ୍ଗ୍ ଇନ୍‌ଷ୍ଟିଚ୍ୟୁଟ୍ (NSTI Plus), ଭୁବନେଶ୍ୱରର ଶିଳାନ୍ୟାସ ସମାରୋହ

୨୪ ନଭେମ୍ବର ୨୦୨୩ | ଜଟଣୀ, ଖୋର୍ଦ୍ଧା

### ଏନ.ଏସ.ଟି.ଆଇ. ପ୍ଲସ୍‌ର ବୈଶିଷ୍ଟ୍ୟ

- ଭୁବନେଶ୍ୱରର ଜଟଣୀଠାରେ ୭.୮ ଏକର ଜମିରେ ପ୍ରସ୍ତାବିତ ଷ୍ଟେଟ୍ ଅଫ ଆର୍ଟ ଟ୍ରେନିଙ୍ଗ୍ ବ୍ୟବସ୍ଥା ।
- ଯୁବ ପୀଢ଼ିଙ୍କ ପାଇଁ ଇଣ୍ଡଷ୍ଟ୍ରୀ ୪.୦ ଆଧାରିତ ଆଧୁନିକ ଦକ୍ଷତା ବିକାଶ ପାଇଁ ଏକ ଇଣ୍ଟିଗ୍ରେଟେଡ କମ୍ପ୍ଲେକ୍ସ।
- ଇଣ୍ଡଷ୍ଟ୍ରୀ ମାନଙ୍କର ଚାହିଦା ଅନୁରୂପ ଆଧୁନିକ କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ମାଷ୍ଟର ଟ୍ରେନରର ଟ୍ରେନିଙ୍ଗ ମଧ୍ୟ ଦିଆଯିବ।
- ବାର୍ଷିକ ୫୦୦ ପ୍ରଶିକ୍ଷକଙ୍କୁ ଲଙ୍ଗ-ଟର୍ମ ସିଆଇଟିଏସ ପ୍ରଶିକ୍ଷଣ ଲକ୍ଷ୍ୟ ଏବଂ ଅନ୍ୟ ୫୦୦ ପ୍ରଶିକ୍ଷକଙ୍କୁ ସର୍ଟ-ଟର୍ମ ଏବଂ ରିସ୍କିଲିଂ ପାଇଁ ପ୍ରଶିକ୍ଷଣର ଯୋଜନା।
- ଇଞ୍ଜିନିୟର, ସୁପରଭାଇଜର, ଟେକ୍ନିସିଆନ, ଏକ୍‌ଜିକ୍ୟୁଟିଭ ଏବଂ ବିଭିନ୍ନ ଶିକ୍ଷଣିକ ସଂସ୍ଥାମାନଙ୍କ ପାଇଁ ସଦସ୍ୟମାନଙ୍କୁ ମଧ୍ୟ ମିଳିବ ଆଧୁନିକ ପ୍ରଶିକ୍ଷଣ।
- ଇଣ୍ଡଷ୍ଟ୍ରୀମାନଙ୍କ ସହଭାଗିତାରେ ପାଠ୍ୟକ୍ରମ, ଟ୍ରେନିଙ୍ଗ୍ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ମଡ୍ୟୁଲ ତିଆରି ହେବ।
- ସ୍କୁଲ ଶିକ୍ଷକମାନଙ୍କ ପାଇଁ ମଧ୍ୟ କେପାସିଟି ବିଲ୍ଡିଙ୍ଗ ସେଣ୍ଟରର ଭୂମିକା ନେବ।
- ଏନ.ଆଇ.ଇ.ଏସ.ବି.ୟୁ.ଡି, ଇଗ୍ନୋ, ଏନ.ଆଇ.ଓ.ଏସ. ଏବଂ ସ୍କିଲ ଇଣ୍ଡିଆ ଇଣ୍ଟରନେସନାଲ ସେଣ୍ଟର ସଂସ୍ଥାମାନଙ୍କ ସହାୟତାରେ ଅଭ୍ୟାର୍ଥିମାନଙ୍କର ସାମଗ୍ରିକ ଦକ୍ଷତା ବିକାଶ କରାଯିବ।

**ମୁଖ୍ୟ ଅତିଥି**
**ଧର୍ମେନ୍ଦ୍ର ପ୍ରଧାନ**
ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

**ବିଶିଷ୍ଟ ଅତିଥି**
**ପ୍ରୀତିରଞ୍ଜନ ଘଡ଼ାଇ** — ମାନ୍ୟବର ରାଷ୍ଟ୍ରମନ୍ତ୍ରୀ, ଗ୍ରାମ୍ୟ ବିକାଶ, ଦକ୍ଷତା ବିକାଶ ଏବଂ ଯାନ୍ତ୍ରିକ ଶିକ୍ଷା ବିଭାଗ (ସ୍ୱାଧୀନ ଦାୟିତ୍ୱ) ଓଡ଼ିଶା ସରକାର
**ଅପରାଜିତା ଷଡଙ୍ଗୀ** — ମାନନୀୟା ସାଂସଦ, ଭୁବନେଶ୍ୱର
**ମୁଜିବୁଲ୍ଲା ଖାନ** — ମାନ୍ୟବର ସାଂସଦ (ରାଜ୍ୟସଭା)
**ସୁରେଶ କୁମାର ରାଉତରାୟ** — ମାନ୍ୟବର ବିଧାୟକ, ଜଟଣୀ

CBC 63101/13/0014/2324



DSPL-407

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଏବଂ ଜିଲ୍ଲା ସଂସ୍କୃତି ପରିଷଦର
ମିଳିତ ଆନୁକୂଲ୍ୟରେ ପ୍ରଥମଥର ପାଇଁ
ଜାତୀୟ ଜନଜାତି ସଙ୍ଗୀତ ଓ ନୃତ୍ୟ ଉତ୍ସବ

# ପରବ ୨୦୨୩
# PARAB 2023

(A National Tribal Dance & Music Festival)

୨୫ ରୁ ୨୭ ନଭେମ୍ବର, ୨୦୨୩
ସରକାରୀ ମହାବିଦ୍ୟାଳୟ ପଡ଼ିଆ, କୋରାପୁଟ, ଓଡ଼ିଶା





ଯୋଗାଯୋଗ: ୦୬୮୫୨-୨୫୦୭୦୦, ୨୫୦୨୫୫

OIPR-03007/13/0006/2324


# Classified Everyday
**0674-2580101, 2549949**



## REAL ESTATE

### SALE

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479.** D-75272

Chakeisihani Yellow Zone Gharabari Plot 1700Sqft @2500/- and @1500/-. 7008711445, 6372801963. D-1865

**Nakhara Trinath Bazar** ପାଖ **sqft.-950 to 2000/-** ଘରବାରି, **Electricity** ଥାଇ ତୁରନ୍ତ ଘରକରି ପାରିବେ, **9178704897.** D-75271

2634sqft. stitiban gharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No-9437281290, 8895729136. D-1835

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75270

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – **9437205314, 9937513595.** D-75265

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## HEALTH CARE

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

## AFFIDAVIT

By virtue of an affidavit sworn before Executive Magistrate, Jatni dt 23.11.2023 I Sunita Sahoo, W/o-Enmul Kalia Dora, Vill-Paikarapur, P.O/ PS-Jatni, Dist.-Khordha, Odisha declare that, I have changed my surname from Enmul Sunita Dora to Sunita Sahoo. Henceforth I shall be known as Sunita Sahoo for all purposes.
Sunita Sahoo
D-1863

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ନଟବର ସେଠୀ**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୪୦
ତିରୋଧାନ: ୧୪।୧୧।୨୦୨୩
ଜୀବନ ମିଛ ମୃତ୍ୟୁ ଧ୍ରୁବସତ୍ୟ। ସତ୍ୟପଥରେ ଚାଲିଗଲା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୁମର ଆତ୍ମା ତାଙ୍କ ପାଦପଦ୍ମରେ ଲୀନ ହୋଇଯାଉ।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୭୫୦୬୨

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଆଶା ପଟ୍ଟନାୟକ**
ଦାଣ୍ଡିମାଳ ସାହି ବଡ଼ଦାଣ୍ଡ, ପୁରୀ
ତିରୋଧାନ- କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ
ଚାହୁଁ ଚାହୁଁ ଦଶ ବର୍ଷ ବିତିଗଲା ତୁମର ଅନାବିଳ ନିଷ୍କପଟ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଆମର ପାଥେୟ ହୋଇ ରହିଛି। ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ।
ଧ-୭୩୫୫୦

### ଶ୍ରଦ୍ଧା ସୁମନ



**ଡା. ଶିରିଶ ଚନ୍ଦ୍ର ପରିଡ଼ା**
ଆନନ୍ଦବଜାର, ବେତନଟୀ
ଆବିର୍ଭାବ: ୧୮।୦୭।୧୯୩୮
ତିରୋଧାନ: ୧୫।୧୧।୨୦୨୩
ନିୟତିର କାଳଚକ୍ର ଆପଣଙ୍କୁ ଆମଠାରୁ ଦୂରେଇ ଦେଇଥିଲେ ମଧ୍ୟ ଆମ୍ଭପ୍ରତି ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ଓ ଶୁଭକାମନା ଚିରଦିନ ଅତୁଟ ରହିଥିବ ଏବଂ ଉଚ୍ଚକୋଟୀର ଚିନ୍ତା ଓ ଦର୍ଶନ, ଐତିହାସିକ ଓ ସାଂସ୍କୃତିକ ଗବେଷଣା ସାମଗ୍ରିକ ଭାବେ ବୃହତ୍ତର ସମାଜକୁ ଉଦ୍‌ବୁଦ୍ଧ କରୁଥିବ।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ:ଦେବାଶିଷ, ଅମ୍ବରୀଷ, ଅରିନ୍ଦମ ପରିଡ଼ା, ପରିବାର ତଥା ଆତ୍ମୀୟସ୍ୱଜନ ।
ଧ-୧୮୬୨

# ଘରୋଇ ସ୍କୁଲର ୧୧ ଛାତ୍ରୀଛାତ୍ର ଅସୁସ୍ଥ

## ଘଟଣା ଚାପିଦେବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କ ଉଦ୍ୟମ

ରାୟଗଡ଼ା,୨୩।୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠ ବାରିଖୋଲାସ୍ଥିତ ଏକ ଘରୋଇ ସ୍କୁଲରେ ଗୁରୁବାର ଅଘଟଣ ଘଟିଛି। ଚୈତନ୍ୟ ଟେକ୍ନୋ ସ୍କୁଲରେ ଗୁରୁବାର ପ୍ରାୟ ୧୧ଟାରେ ପିଲାଙ୍କୁ ଶିକ୍ଷାଦାନ ଚାଲିଥିବାବେଳେ ହଠାତ୍ ୧୧ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ପ୍ରଥମେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟର ପ୍ରଥମ ମହଲାରୁ ଖସିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହାର କିଛି ସମୟ ପରେ ଜଣକ ପରେ ଜଣେ ୧୦ ଛାତ୍ରୀଛାତ୍ର ହଠାତ୍ ଅଚେତ ହେବା ସହ ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମେଡିକାଲରେ ଦୀର୍ଘ ସମୟ ଧରି ଚିକିତ୍ସା ପରେ ୧୦ଜଣଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ଛାତ ଉପରୁ ପଡ଼ିଥିବା ଛାତ୍ରୀ ଚିକିତ୍ସାଧୀନ ଅଛନ୍ତି। ଆହତଙ୍କ ମଧ୍ୟରେ ୮ ଛାତ୍ରୀ ଓ ୩ ଛାତ୍ର ଥିବା ଜଣାପଡ଼ିଛି। ଅସୁସ୍ଥ ସମସ୍ତ ଛାତ୍ରୀଛାତ୍ର ଦଶମ ଓ ଏକାଦଶ ଶ୍ରେଣୀର ବୋଲି ଜଣାପଡ଼ିଛି। ପିଲାମାନେ ହଠାତ୍ କାହିଁକି ଅସୁସ୍ଥ ହୋଇପଡ଼ିଲେ ଏ ପର୍ଯ୍ୟନ୍ତ କିଛି କାରଣ ଜଣାପଡ଼ି ନାହିଁ। ଘଟଣାର ପ୍ରକୃତ ରହସ୍ୟ ସ୍କୁଲ କର୍ତ୍ତୃପକ୍ଷ ଗୋପନ ରଖିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି।

ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। କେତେଜଣ ଅଭିଭାବକ ଚିକିତ୍ସାଳୟରେ ପହଞ୍ଚି ଭିଡ଼ ଜମାଇଥିଲେ। ଆଉ କିଛି ଅଭିଭାବକ ଚୈତନ୍ୟ ଟେକ୍ନୋ ସ୍କୁଲକୁ ଯାଇ ପ୍ରକୃତ ଘଟଣା କ'ଣ ସେ ବିଷୟରେ ଜାଣିବା ପାଇଁ ଚାହିଁଥିଲେ। ହେଲେ ସ୍କୁଲ କର୍ତ୍ତୃପକ୍ଷ ଏହା କହିବା ପାଇଁ ଅରାଜି ହୋଇଥିଲେ। ଫଳରେ ସ୍କୁଲ ପରିଚାଳନାକୁ ନେଇ ପ୍ରଶ୍ନ ଉଠିଛି। ରାୟଗଡ଼ା ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ମେଡିକାଲରେ ଉପସ୍ଥିତ ଥିବା ସ୍କୁଲ କର୍ତ୍ତୃପକ୍ଷ କୋମ୍ମୁ କିରଣ କୁମାରଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଏଥିସହ ପୋଲିସ ଟିମ୍ ସ୍କୁଲକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରିଛି। ତେବେ ଏହି ଘଟଣାର ଅନୁସନ୍ଧାନ ଚାଲିଥିବା ଆଇଆଇସି କେ. କେ. ବି. କେ. କହଁର କହିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ଏମ୍. ରଜନୀ କହିଛନ୍ତି, କେତେଜଣ ପିଲା ସକାଳୁ ଜଳଖିଆ ଖାଇ ନ ଥିଲେ। ଟିଫିନ ଖାଇବା ପରେ ଏଭଳି ଅବସ୍ଥା ଘଟିଥିବା କହିଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଉଦ୍ୟମ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ଅଭିଭାବକ ମହଲରେ ଦାବି ହୋଇଛି।


ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା କରାଯାଉଛି।


## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
**NATIONAL COMPETITIVE BIDDING THROUGH e-Procurement**
No. O-1586 Bid Identification No. Online Tender / 80-2023-24/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 80-2023-24/ BPR | Road Works including 05 years Post Construction maintenance under MMSY-TRIP & MMSY-IMPVT. Existing RD Roads for the year 2023-24 | 23 Nos. | From Rs.212.90 lakhs to Rs.1056.81 lakhs | "B" Class, "A" Class & "Special" Class as applicable | 09 (Nine), 11 (Eleven) & 12 (Twelve) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 80-2023-24/BPR | 28.11.2023 at 10.00 A.M. | 11.12.2023 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: www.tendersodisha.gov.in.
OIPR-25071/11/0085/2324 Sd./- Chief Construction Engineer, R.W. Circle, Berhampur

## Government of Odisha
## Office of the Chief Construction Engineer Rural Works Circle, Sambalpur
E-mail Id:serwcirclesbp@yahoo.com
**Bid Identification No. Bridge tender Online RWCSBP-44/2023-24**
**No:3436, Dated: 21.11.2023**

**No.O-1576:**The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 04 (Four) Nos. of Bridge work under Biju Setu Yojana for the year 2022-23 & 2023-24.
1.Name of work : Bridge works under BSY for the year 2022-23 & 2023-24. 2. No.of Work: 04 (Four) nos. of Bridge works details as per DTCN. 3. Estimated Cost: Approximately cost Rs.300.07 lakhs to Rs.439.07 lakhs. 4. Class of Contractor: 'A' Class. 5. Cost of tender paper and mode of deposit: Rs.10,000/- per set. ( to be deposited Online) in favour concerned Executive Engineer. 6. Mode of submission of tender: Tender should be submitted only Online in website www.tendersorissa.gov.in (https//tendersodisha.gov.in). 7. EMD and mode of deposit: 1% of estimated cost of the work to be remitted online as mentioned in DTCN.

**8. Summary of key dates are provided below:**

| Procurement Officer | Bid Identification No. | Availability of Tender online for bidding | | Last date & time of seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Bridge Tender Online RWCSBP-44/2023-24 | 29.11.2023 at 11.00 A.M. | 13.12.2023 upto 5.00 PM | 08.12.2023 upto 5.00 PM | 14.12.2023 at 11.00 AM | To be intimated later |

* Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

Sd./- Chief Construction Engineer
Rural Works Circle, Sambalpur
OIPR-25091/11/0067/2324

## ORMAS
## ODISHA RURAL DEVELOPMENT AND MARKETING SOCIETY
Panchayati Raj and Drinking Water Department
OFFICE OF THE ZILLA PARISHAD, NAYAGARH, ODISHA - 752070
Phone No.: 06753-252512, Email: dsmsnayagarh@gmail.com, www.ormas.org
Letter No. 413/DSMS Date: 22.11.2023
**TENDER CALL NOTICE**
No. CAD-2979: Sealed tenders are invited from intending authorized firms/agencies/tent houses for tent & allied works for the Pallishree Mela to be organized at Stadium Ground, Nayagarh from 24th to 28th December 2023.
The tender papers along with detail specifications of the works may be downloaded from Nayagarh District website i.e. www.nayagarh.nic.in which was hoisted on 22.11.2023. The sealed tenders will be received upto 5 P.M. on 12th December 2023 at the office of DSMS, O/o. Zilla Parisad, Nayagarh.
Sd./- CDO-cum-EO, ZP, Nayagarh
OIPR-19262/11/0003/2324

## THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar - 751001
Ref. No. OSCB/DIT/5311/2023-24 Date: 21.11.2023
**REQUEST FOR PROPOSAL**
No. LL-60: "Request for Proposal for supply of Point-of-Sale Devices with printers and other QR Services for merchant establishment" are invited from eligible vendors.
Last date and time submission: 11.12.2023, 3 P.M.
Time and date of opening of Technical Bid: 12.12.2023, 11 A.M.
The details can be downloaded from the official website: www.odishascb.com
OIPR-39012/11/0025/2324 Sd./- Managing Director

See Career Appointment on every Wednesday & Saturday

## GOVERNMENT OF ODISHA No. B-1311
## OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]
**TENDER CALL NOTICE**
**Bid Identification No. SC (R&B)-GM-II-44/2023-24, No.10409, Dated 21.11.2023**
1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double cover system to be received in **ONLINE MODE** only for the work as detailed below:
2) Nature of Work : Building work
3) No. of work : 02 Nos.
4) Tender Cost : Rs. 10,000/-
5) Class of Contractor : 'B' Class
6) Availability of bid documents in the website : From 29.11.2023 10.00 AM to 11.12.2023 4.00 P.M.
7) Date of opening of Bid : 12.12.2023 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of tender.
Sd./- (S. Patel) Superintending Engineer, Ganjam (R&B) Division No.II
OIPR-34080/11/0034/2324

## Government of Odisha "e" Procurement Notice
**Bid Identification No.: Online-AGL-18 of 2023-2024**
No. O-1575:-

| | | | |
|---|---|---|---|
| 1. | Name of the Work | : | Bridge Work |
| 2. | Estimated Cost | : | Rs.49.11 lakhs to 98.22 lakhs |
| 3. | Period of Completion | : | 03 (Three) & 04 (Four) Calendar Months |
| 4. | Date & time of availability of bid document in the portal | : | From 28.11.2023 to 05.12.2023 upto 5.00 P.M. |
| 5. | Last Date/time for receipt of bids in the portal | : | 05.12.2023 upto 5.00 P.M. |
| 6. | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in
Sd./- Executive Engineer, R.W. Division, Angul
OIPR-25096/11/0019/2324

## GOVT. OF ODISHA No. O-1579
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-34/2023-24, Date: 20.11.2023
NOTICE INVITING TENDERS FOR BRIDGE WORKS IN ODISHA
NATIONAL COMPETITIVE BIDDING THROUGH e-Procurement
1. Name of the Work : Construction of Bridge Works in the District of Kalahandi and Nuapada
2. No. of Works : 03 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 28.11.2023 11.00 A.M. | 14.12.2023 5.00 P.M. | 13.12.2023 | 15.12.2023 at 11.00 A.M. |

Further details can be seen from the website "www.tendersorissa.gov.in".
Sd./- Chief Construction Engineer Rural Works Circle, Bhawanipatna
OIPR-25102/11/0046/2324

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର
ପତ୍ର ସଂଖ୍ୟା: ୬୫୦/ଡି.ସି.ପି.ୟୁ ତାରିଖ: ୦୭।୧୧।୨୦୨୩
**ବିଜ୍ଞପ୍ତି**
No. g-116: ଏହି ବିଜ୍ଞପ୍ତି ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ତା୧୬।୦୮।୨୦୨୩ରିଖ ସୋନପୁରସ୍ଥିତ ପଟାଭାଡ଼ି (ଆରଟିଓ ଅଫିସ୍) ପାଖରୁ ଏକ ଶିଶୁ କନ୍ୟା ଉଦ୍ଧାର କରାଯାଇ ସ୍ଥାନୀୟ ପଟାଭାଡ଼ିଠାରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (Specialized Adoption Agency)ରେ ଶିଶୁଟିକୁ ସୁରକ୍ଷିତ ଭାବରେ ରଖାଯାଇଅଛି। ଯଦି ଶିଶୁଟିର କୌଣସି ଜନ୍ମଗତ କିମ୍ବା ଆଇନ୍‌ଗତ ଅଭିଭାବକ ଥାଆନ୍ତି ତେବେ ଏହି ବିଜ୍ଞପ୍ତି ପ୍ରକାଶର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଫୋନ୍: 9437528364) ଉପର ମହଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର କିମ୍ବା ଅଧ୍ୟକ୍ଷ ଶିଶୁ ମଙ୍ଗଳ କମିଟି, ସୁବର୍ଣ୍ଣପୁର (ଫୋନ୍: 9938462325)ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ପତ୍ର ଦାଖଲ ସହ ଶିଶୁଟିକୁ ନେଇଯିବା ପାଇଁ ଅନୁରୋଧ। ଉକ୍ତ ସମୟ ସୀମା ପରେ ଆଉ କୌଣସି ଦାବି ଗ୍ରହଣ ଯୋଗ୍ୟ ହେବ ନାହିଁ ଏବଂ କିଶୋର ନ୍ୟାୟ ଅଧିନିୟମ-୨୦୧୫ ତଥା Adoption Regulation - 2017 ଅନୁସାରେ ଶିଶୁଟି ଆଇନ୍‌ତଃ ଦାୟମୁକ୍ତ ବୋଲି ବିଚାର କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| କ୍ର.ନଂ. | ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | CWC CASE ନମ୍ବର ଓ ତାରିଖ | ଫଟୋ |
|---|---|---|---|---|---|---|
| ୦୧ | ପ୍ରତିକ୍ଷ୍ୟା | ଝିଅ | ୫୦ ଦିନ | ପଟାଭାଡ଼ି ଆର୍‌ଟିଓ ଅଫିସ୍ ପାଖ | ୨୮/୨୩ ୧୮।୧୦।୨୦୨୩ |  |

OIPR-33052/11/0001/2324 ସ୍ୱା./- ଜିଲ୍ଲାପାଳ, ସୁବର୍ଣ୍ଣପୁର

## obcc No.CAD-2967
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
No.10524 Date:21.11.2023
File: SMT-1945
**NOTICE FOR CANCELLATION OF TENDER**
Tender for the work "Re-construction and Development of Shree Shree Patali Srikhetra Temple at Sonepur, Odisha" invited vide this office Bid Identification No.61/Tender/OBCC/2023-24 is hereby cancelled as per Sl.No.03 of above Tender Call Notice.
Sd./- Chief General Manager-III
OIPR-34161/11/0081/2324

## DISTRICT MINERAL FOUNDATION ANGUL, ODISHA
Tele: 06764-230745/E-mail: dmfangul@gmail.com
RFP No. 1003 Date: 22.11.2023
**REQUEST FOR PROPOSAL**
**Selection of Agency for "Management of Social Media Platform and to Provide Allied Services to DMFT, Angul"**
**No. CAD-2983:-** District Mineral Foundation Trust (DMFT), Angul invites RFP from eligible agencies for "Management of Social Media Platforms and to Provide Allied Services to DMFT, Angul as detailed in the bid document. The details of the RFP/Bid Documents are available in the District Website, i.e. www.angul.nic.in and can be downloaded from 22.11.2023. The last Date for receipt of the bid documents is 08.12.2023 (5.00 PM) through speed / registered post only.
Sd./- CDO, ZP -Cum-Chief Executive, DMF, Angul
OIPR-30027/11/0003/2324

## ଜିଲ୍ଲା ପରିଷଦ, ଦେବଗଡ଼
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ,ଓଡ଼ିଶା ସରକାର
Zilla Parishad, Deogarh
PANCHAYATIRAJ & DRINKING WATER DEPARTMENT
ପୁରୁଣାଗଡ଼,ଦେବଗଡ଼-୭୬୮୧୧୯,ଦୂରଭାଷ-୦୬୬୪୧-୨୨୬୩୩୦
Purunagarh,Deogarh-768119,Phone-06641-226330, Email:ori-ddeogarh@nic.in
Letter No.2512/ZP Date:22.11.2023
**CORRIGENDUM NOTICE**
**No.CAD-2975:**With reference to the tender notice No.2433/ Dtd.09.11.2023 for supply and installation of Interactive panel board the EMD amount also read as Rs.80,000/- (Rupees Eighty Thousand) only in place of @1% of tender cost, Further, some modification has been made in Section-III and Annexure-C which will be available in the District website:www.deogarh.nic.in.
Sd./-CDO-cum-EO, Zilla Parishad, Deogarh
OIPR-19366/11/0012/2324

## ବିଜ୍ଞାପନ
ନଂ.2939//ତାରିଖ 22.11.23
**No.M-56:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧାରୀ, କନ୍ଧମାଳ କାର୍ଯ୍ୟାଳୟରେ ଖାଲିଥିବା ୦୨ (ଦୁଇ) ଗୋଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପାଇଁ ଅନୁସୂଚିତ ଜନଜାତିର ପୁରୁଷ ପ୍ରାର୍ଥୀ (ଗୋମିତ୍ର) ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନର ଶେଷ ତାରିଖ ୧୪.୧୨.୨୦୨୩ ଅପରାହ୍ନ ୫.୦୦ଟା । ଆବେଦନକାରୀ ସବିଶେଷ ବିବରଣୀ ତଥା ଦରଖାସ୍ତ ଫର୍ମର ନମୁନା କନ୍ଧମାଳ ଜିଲ୍ଲା ୱେବସାଇଟ (kandhamal.nic.in) କୁ ଯାଇ ଡାଉନଲୋଡ କରିପାରିବେ ।
ସ୍ୱା./-ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ
କନ୍ଧମାଳ, ଫୁଲବାଣୀ
OIPR-06100/11/0001/2324

## OFFICE OF THE REGULATED MARKET COMMITTEE, ATTABIRA
At/Po-Attabira, Dist-Bargarh (Odisha)-768027
No.H-49: E-mail:attabirarmc@gmail.com
**Government of Odisha "e" Procurement of Notice**

| Sl. No. | Item | Details |
|---|---|---|
| 1 | The Sub-Collector Bargarh-cum-Chairman, RMC, Attabira invites percentage rate bids in Double Cover System in ONLINE MODE only for work as detailed below: | |
| 2 | Nature of the Work | Construction of building type works |
| 3 | No. of Work | 4 Nos. |
| 4 | Bid Cost | Rs.10000.00 online transfer |
| 5 | Value of Tender | Rs.516.79 lakhs to Rs.878.73 lakhs |
| 6 | Class of Contractor | "A" Class & "Special" Class |
| 7 | Availability of Bid documents in the website | Dt.24.11.2023 to Dt.11.12.2023 |
| 8 | Last date/time of receipt of bids in the portal | Dt.11.12.2023 upto 5.00 PM |
| 9 | Date of Opening of Bid | Dt.12.12.2023 at 11.30 AM |
| 10 | The Bidders have to participate in ONLINE bidding only. Further details can be seen from the website https://tendersorissa.gov.in. Any Addendum/Corrigendum/Cancellation of the Tender etc. can also be seen in the website:https://tendersorissa.gov.in. | |

Sd./-Sub-Collector, Bargarh-cum-Chairman, RMC, Attabira
OIPR-07043/11/0004/2324

## FOREST DEPARTMENT
## OFFICE OF THE DEPUTY DIRECTOR SIMILIPAL SOUTH WL DIVISION, BARIPADA
e-mail: dfo.similipalsouthwl@odisha.gov.in
**Government of Odisha, "e" Procurement Notice**
Bid Identification No. DD South-BPD-01/2023-24
**CORRIGENDUM NOTICE NO. 1**
No. MM-294: In continuation to Bid Identification No. DD South-BPD-01/2023-24, the critical date for online bidding and opening bid and period of completion of work has been changed as follows:

| Description | Existing Date & Time | Revised Date & Time |
|---|---|---|
| Bid document available date & received of Online Bid | 19.11.2023 at 10.00 A.M. to 28.11.2023 at 05.00 P.M. | 24.11.2023 at 10.00 A.M. to 04.12.2023 at 05.00 P.M. |
| Opening of Bid Document | 29.11.2023 at 11.00 A.M. | 05.12.2023 at 11.00 A.M. |
| Period of Completion | 04 Calendar Months | 03 Calendar Months |

All others terms and conditions are remained unchanged.
Sd./- Deputy Director
Similipal South WL Division, Baripada
OIPR-08127/11/0005/2324

## Government of Odisha "e" Procurement Notice
**Bid Identification No.: Online-AGL-17 of 2023-2024**
No. O-1574:-

| | | | |
|---|---|---|---|
| 1. | Name of the Work | : | Building Work |
| 2. | Estimated Cost | : | Rs.0.42 lakhs to 40.22 lakhs |
| 3. | Period of Completion | : | 01 (One) & 04 (Four) Calendar Months |
| 4. | Date & time of availability of bid document in the portal | : | From 29.11.2023 to 06.12.2023 upto 5.00 P.M. |
| 5. | Last Date/time for receipt of bids in the portal | : | 06.12.2023 upto 5.00 P.M. |
| 6. | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in
Sd./- Executive Engineer, R.W. Division, Angul
OIPR-25096/11/0018/2324

## obcc No.CAD-2966
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
No.10557 Date:21.11.2023
File: SMT-1961
**NOTICE INVITING TENDER**

| | | |
|---|---|---|
| 1. | Name of Work | Integrated development of Utkal Gourav Madhusudan Das birthplace, Satyabhamapur, Cuttack |
| 2. | Bid Identification No. of the Tender Document | 65/Tender/OBCC/2023-24 |
| 3. | Date of availability in e-procurement portal | From 29.11.2023 |
| 4. | Last date of receipt of pre-bid queries | Upto 5.00 PM of 05.12.2023 |
| 5. | Date and time for Pre-Bid Meeting | At 12.00 PM of 06.12.2023 |
| 6. | Date & Time for Pre-Bid Clarification | Dt.11.12.2023 |
| 7. | Last Date & Time of receipt of online bid | 21.12.2023 till 5.00 PM |
| 8. | Date of Opening of online technical bid | 22.12.2023 at 11.30 AM |
| 9. | Class of Bidder | Special Class & Class A |
| 10. | Period of Completion | 18 Months |

11. Further details can be seen from the e-Procurement portal https://www.tendersodisha.gov.in.
12. OBCC has the right to accept or reject the Notice/ RFP/Proposal without assigning any reason thereof.
Sd./- EIC-cum-Managing Director
OIPR-34161/11/0080/2324

## GOVERNMENT OF ODISHA No.A-880
## OFFICE OF THE EXECUTIVE ENGINEER KEONJHAR IRRIGATION DIVISION, KEONJHAR
**Notice Invitation of Tenders**
e-Procurement Notice No.-02/2023-24 on dated
E-mail Id: eekjrirrdivn@gmail.com

| | | | |
|---|---|---|---|
| 1 | Nature of the work | : | Building Work |
| 2 | No. of Works | : | 1 (One) no's |
| 3 | Value of Works | : | 39.74 Lakhs |
| 4 | Tender paper cost | : | As per DTCN |
| 5 | EMD/Bid Security | : | As per DTCN |
| 6 | Period of Compleiton | : | As per DTCN |
| 7 | Class of Contractors | : | As per DTCN |
| 8 | Procurement Officer | : | Executive Engineer, Keonjhar Irrigation Division, Keonjhar |
| 9 | Bid Identification No. | : | KIDN-10/2023-24 |
| 10 | Availability of Tender for Online Bidding | : | From 10 AM Dt. 23.11.2023 to 5.30 PM Dt.03.12.2023 |
| 11 | Date and Time for Tender Opening | : | Dt.04.12.2023 @ 11 AM onwards in O/o the Executive Engineer, Keonjhar Irrigation Division, Keonjhar |
| 12 | Date and Time for lottery (if required) | : | Dt.06.12.2023 @ 11 AM onwards in O/o the Executive Engineer, Keonjhar Irrigation Division, Keonjhar |

The Bidders have to participate in ONLINE bidding only. Further details can be seen from the e-procurement portal: www.tendersodisha.gov.in. Any addendum/ corrigendum/cancellation of tenders can be seen from the above portal.
Sd./- Executive Engineer, Keonjhar Irrigation Division, Keonjhar
OIPR-32476/11/0003/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA
No. O-1578 E-mail: eerw_kuchinda@yahoo.com
**"e" Procurement Notice for Bridge Work**
Identification No. Online Tender/08/RWD, Kuchinda/2023-24
1. Name of the Work : Bridge Work
2. Total Number of Works : 01 No.
3. Class of Contractor : Bridge Work ("B" Class of Contractor)
4. Period of Completion : 06 Calendar Months
5. Availability of Tender Online for Bidding : Dt.28.11.2023 to 12.12.2023
6. Last date & time of seeking tender clarification : Dt.12.12.2023 at 5.00 A.M.
7. Date & time of opening of tender Technical Bid : 11.12.2023 (11.00 A.M.)
8. Date & time of opening of tender Financial Bid : 18.12.2023 (11.00 A.M.)
Further details can be seen from the website: www.tendersodisha.gov.in.
Sd./- Superintending Engineer Rural Works Division, Kuchinda
OIPR-25151/11/0010/2324

## GOVERNMENT OF ODISHA No. B-1315
## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR
Mail ID: sepwdsbp@rediffmail.com
**e-Procurement**
BID IDENTIFICATION No. CCENC (R AND B)/25/2023-24
No. 6333 Dtd.21.11.2023
1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in Double Cover System in ONLINE MODE for the construction of Road Works and Building works as detailed in the DTCN from the eligible class of contractors.
2. No. of Works : 01 (ONE) (Road Work)
3. Tender Cost : Rs.10,000/-
4. Class of Contractor : "A" Class
5. Date & time of available in website & receipt of Bids : From 23.11.2023 to 17.00 hours of 29.11.2023
6. Date of opening of technical Bid : 29.11.2023 at 18.00 hours
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/addendum will be displayed in the website www.tendersodisha.gov.in.
Sd./- Chief Construction Engineer Northern (R&B) Circle, Sambalpur
OIPR-34035/11/0029/2324

**ଅବକାରୀ ଚଢ଼ାଉ, ୩ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ): ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ହଣ୍ଡପା ଥାନାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ମଦ ଜବତ କରାଯାଇଛି। ଏହି ଘଟଣାରେ ଡଙ୍ଗାଧର ଗ୍ରାମର ସୁଭଦ୍ରା ପ୍ରଧାନ, ସୋଲଣ୍ଡା ଗ୍ରାମର ମଞ୍ଜୁ ପ୍ରଧାନ, ଲୁହାମୁଣ୍ଡା ଗ୍ରାମର କାଳିଆ ସେଠିଙ୍କୁ ଗିରଫ କରାଯାଇଛି। ଏମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ, ଆଠମଲ୍ଲିକ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ ଚଢ଼ାଉ କରିଥିଲେ।

# ପୁନର୍ଜନ୍ମ ପାଇଲା ଯାଯାବର



ଗୋବିନ୍ଦପୁରଠାରେ ଥିବା ପଥପ୍ରାନ୍ତ ସୁବିଧାକେନ୍ଦ୍ରକୁ ବ୍ଲକସ୍ତରୀୟ ଫେଡେରେଶନକୁ ହସ୍ତାନ୍ତର କରାଯାଉଛି।

## ବ୍ଲକସ୍ତରୀୟ ମିଶନ ଶକ୍ତି ଫେଡେରେଶନକୁ ହସ୍ତାନ୍ତର

ଢେଙ୍କାନାଳ,୨୩।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ୫୫ନଂ ଜାତୀୟ ରାଜପଥର ଗୋବିନ୍ଦପୁରଠାରେ ରାସ୍ତା କଡରେ ଯାତ୍ରୀମାନଙ୍କ ସୁବିଧା ପାଇଁ ପର୍ଯ୍ୟଟନ ବିଭାଗରୁ ନିର୍ମିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଯାଯାବର ଗୁରୁବାର ପୁନର୍ଜନ୍ମ ପାଇଛି। ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରକୁ ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ରଙ୍କ ଉପସ୍ଥିତିରେ ସଦର ବ୍ଲକସ୍ତରୀୟ ମିଶନ ଶକ୍ତି ଫେଡେରେଶନକୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ସଦର ବ୍ଲକ ବିଡିଓ ଆୟୁଷୀ ମହାପାତ୍ର, ଜିଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ସେଫାଳି ସ୍ୱାଗତିକା, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଦର ବ୍ଲକସ୍ତରୀୟ ମିଶନ ଶକ୍ତି ଫେଡେରେଶନ ସଭାପତି ସୁଲୋଚନା ସାହୁଙ୍କୁ ପ୍ରକଳ୍ପକୁ ହସ୍ତାନ୍ତର କରାଯାଇଥିଲା। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୫୫ନଂ ଜାତୀୟ ରାଜପଥରେ ଯାଉଥିବା ଯାତ୍ରୀମାନଙ୍କ ସୁବିଧା ପାଇଁ ୧କୋଟି ୫୫ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୧୮-୧୯ ବର୍ଷରେ ଶେଷ ହୋଇଥିଲା। ଏହାପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ପ୍ରକଳ୍ପଟି ହସ୍ତାନ୍ତର ହୋଇପାରୁ ନ ଥିଲା। ଏପରିକି ଏହା ଅସାମାଜିକ ବ୍ୟକ୍ତିମାନଙ୍କ ଆଡାସ୍ଥଳିରେ ପରିଣତ ହୋଇଥିଲା। ନିର୍ମାଣ କାର୍ଯ୍ୟ ଶେଷ ପରେ ବ୍ୟବହାର ହୋଇପାରି ନ ଥିବାରୁ ଏହା ପରିସର ବଣବୁଦାରେ ପରିପୂର୍ଣ୍ଣ ହୋଇ ପ୍ରକଳ୍ପଟି ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲା। ଶେଷରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଯୋଗୁ ଏହି ପ୍ରକଳ୍ପକୁ ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟାଙ୍କ ଉପସ୍ଥିତିରେ ଢେଙ୍କାନାଳ ସଦର ବ୍ଲକ ଫେଡେରେଶନକୁ ହସ୍ତାନ୍ତର କରାଯାଇଛି।

## ସବୁ ବ୍ଲକ, ନଗରରେ ହେବ ତୁଳସୀ ଯାତ୍ରା

ଅନୁଗୋଳ, ୨୩।୧୧ (ଅମିତ କୁମାର ସାମଲ)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲାର ସମସ୍ତ ବ୍ଲକ ଓ ନଗରରେ ତୁଳସୀ ଯାତ୍ରା କାର୍ଯ୍ୟକ୍ରମ କରାଯିବ। କଂଗ୍ରେସ ନେତୃବୃନ୍ଦ, ଛାମୁଆ ସଙ୍ଗଠନ, କଂଗ୍ରେସର ବୁଥ୍‌ସ୍ତରର କର୍ମୀମାନେ ସମସ୍ତଙ୍କ ଠାରୁ ତୁଳସୀ ସଂଗ୍ରହ କରିବେ। ପ୍ରଦେଶ କଂଗ୍ରେସ ପକ୍ଷରୁ ମୁଖ୍ୟତଃ ୬ଟି ଦାବି ନେଇ ଏହି ତୁଳସୀ ଯାତ୍ରା କରାଯିବ ବୋଲି ଅନୁଗୋଳ ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଜଗନ୍ନାଥ ମନ୍ଦିରର ୪ ଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲାଯିବା, ରତ୍ନ ଭଣ୍ଡାରକୁ ତୁରନ୍ତ ଖୋଲି ଗଚ୍ଛିତ ଥିବା ଅଳଙ୍କାର ଗଣତି ଓ ତୁରନ୍ତ ମରାମତି କରାଯିବା, ଜଗନ୍ନାଥଙ୍କ ଅମୃତମଣୋହି ଜମି ଓ ଚାଷୀର ଚାଷ ଜମିକୁ ତୁରନ୍ତ ଜମି ମାଲିକଙ୍କୁ ଫେରାଇବା ଭାଙ୍ଗି ଦିଆଯାଇଥିବା ସବୁ ମଠ ଓ ମନ୍ଦିରକୁ ତୁରନ୍ତ ଅନ୍ୟତ୍ର ସ୍ଥାପନ କରିବା ଆଦି ଦାବିରେ ଏହି ତୁଳସୀ ଯାତ୍ରା କରାଯିବ। ଅନୁଗୋଳ ଜିଲା ଛାତ୍ର, ଯୁବକ, ମହିଳା, ଚାଷୀ, ଶ୍ରମିକ, ବ୍ୟବସାୟୀ ଓ ବିଭିନ୍ନ ବର୍ଗର ଲୋକ ଏହି ଯାତ୍ରାରେ ଅଂଶ ଗ୍ରହଣ କରିବା ପାଇଁ ଜିଲା କଂଗ୍ରେସ ସଭାପତି ମିଶ୍ର ନିବେଦନ କରିଛନ୍ତି।

## ଶୁଭେଚ୍ଛା ବାର୍ତ୍ତା



ଅତ୍ୟନ୍ତ ଆନନ୍ଦର ବିଷୟ ଯେ, ଓଡ଼ିଶାର ପ୍ରମୁଖ ଓଡ଼ିଆ ଖବରକାଗଜ 'ଧରିତ୍ରୀ' ଏହାର ପ୍ରକାଶନର ପଚାଶ ବର୍ଷ ପୂର୍ତ୍ତି ପାଳନ କରୁଛି ।

ପ୍ରତ୍ୟେକ ସାହିତ୍ୟ ତଥା ସଂସ୍କୃତି ଏହାର ନିଜସ୍ୱ ମାତୃଭାଷା ଦ୍ୱାରା ଅଧିକରୁ ଅଧିକ ପ୍ରକଟିତ ଏବଂ ପରିପୁଷ୍ଟ ହୁଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଶିକ୍ଷା ଓ ସଂସ୍କୃତିର ସମୃଦ୍ଧି ଦିଗରେ ଧରିତ୍ରୀର ରହିଛି ପ୍ରଗାଢ଼ ଉଦ୍ୟମ। ସମ୍ବାଦ ପରିବେଷଣ କ୍ଷେତ୍ରରେ ମଧ୍ୟ ଧରିତ୍ରୀର ପ୍ରଶଂସନୀୟ ଭୂମିକା ରହିଆସିଛି। ଫଳତଃ ଧରିତ୍ରୀ ଆଜି ଓଡ଼ିଶାର ପୁରପଲ୍ଲୀରେ ହୋଇପାରିଛି ସଦ୍‌ଭାବ ଓ ବିଶ୍ୱାସର ପାତ୍ର।

ସମୟାନୁକ୍ରମେ ଅନେକ ଉନ୍ନତ ବୈଷୟିକ ଜ୍ଞାନକୌଶଳର ତାଳେ ତାଳେ ଧରିତ୍ରୀ ଆଜି ହୋଇଛି ଆକର୍ଷଣୀୟ, ରଙ୍ଗିନ ତଥା ମନୋମୁଗ୍ଧକର। ଆଶା କରେ ଗଣତନ୍ତ୍ରର ଏକ ବଳିଷ୍ଠ ଚତୁର୍ଥ ସ୍ତମ୍ଭ ଭାବରେ ଧରିତ୍ରୀ ଆହୁରି ଅନେକ ଗୁଣବତ୍ତା ତଥା ଉତ୍କର୍ଷର ଆଧାର ଭାବରେ ଜନମାନସରେ ଅଧିକ ବିଶ୍ୱାସ ଓ ଆଦର ସୃଷ୍ଟି କରିବାରେ ସକ୍ଷମ ହେବ।

**ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓ**
**ପୂର୍ବତନ କେନ୍ଦ୍ରମନ୍ତ୍ରୀ**



ରାଜ୍ୟର ଅଗ୍ରଣୀ ଦୈନିକ ଖବରକାଗଜ 'ଧରିତ୍ରୀ' ୫୦ ବର୍ଷ ପୂରଣ କରୁଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ରାଜ୍ୟବାସୀଙ୍କ ସେବାରେ ଧରିତ୍ରୀ ବିଗତ ୫୦ ବର୍ଷ ଧରି ସୁଚାରୁରୂପେ ନିଜର ଦାୟିତ୍ୱ ନିର୍ବାହ କରିଆସିଛି। ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତାରେ ବିଶ୍ୱାସ ରଖି ଆଜି ଧରିତ୍ରୀ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇପାରିଛି। ଆଗକୁ ମଧ୍ୟ ଧରିତ୍ରୀ ଲୋକଙ୍କ ସ୍ୱର ହେବା ସହ ସାଧାରଣରେ ଆହୁରି ଗ୍ରହଣୀୟ ହେବ ବୋଲି ମୋର ବିଶ୍ୱାସ।

୫୦ ବର୍ଷର ଏହି ସ୍ୱର୍ଣ୍ଣିମ ଏବଂ ସଫଳ ଯାତ୍ରା ପାଇଁ ଧରିତ୍ରୀ ପରିବାରର ପ୍ରତିଟି ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି।

**ମନୋରଞ୍ଜନ ମଲ୍ଲିକ, ଓଏଏସ୍ (ଏସ୍‌ଏସ୍)**
**ଜିଲାପାଳ ଏବଂ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ, ଢେଙ୍କାନାଳ**



I am delighted to know that, the "DHARITRI" Newspaper is going to celebrate its 50th anniversary this year. Dharitri is always being a pillar to flourish the social, culture & religious heritage of Odisha.

I urge all members of Dharitri to strive for excellence in the regard.

I congratulate the entire Dharitri Team and wish the publication of souvenir in a grand success.

**Sri Gyanaranjan Mohapatra, OPS (SAG)**
**SP, Dhenkanal**

# ବ୍ରାହ୍ମଣୀ ଟ୍ରକ୍ ଆସୋସିଏଶନର ଧାରଣା



ଢେଙ୍କାନାଳ,୨୩।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରେ ଥିବା ରୁଙ୍ଗଟା ମାଇନ୍ସ କାରଖାନାକୁ ଯାଇଥିବା ରାସ୍ତାରେ ଗୁରୁବାର ସ୍ଥାନୀୟ ବ୍ରାହ୍ମଣୀ ଟ୍ରକ୍ ମାଲିକ ଆସୋସିଏଶନ କର୍ମକର୍ତ୍ତାମାନେ ଧାରଣାରେ ବସିଥିଲେ। କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି, କିଛି ବର୍ଷ ହେବ କାରଖାନାରୁ ମାଲ୍ ପରିବହନରେ ସ୍ଥାନୀୟ ଟ୍ରକ୍ ମାଲିକଙ୍କୁ ଅଣଦେଖା କରାଯାଉଛି। କମ୍ପାନୀ ପକ୍ଷରୁ ପରିବହନ ବ୍ୟବସ୍ଥା ନେଇ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ପାଳନ କରାଯାଉ ନାହିଁ। ଫଳରେ ବହୁ ଟ୍ରକ୍ ଠିଆ ହୋଇ ରହୁଛି। ଟ୍ରକ୍ ମାଲିକମାନେ ଋଣ ପରିଶୋଧ କରିପାରୁ ନ ଥିବାରୁ ଫାଇନାନ୍ସ କମ୍ପାନୀ ଟ୍ରକ୍ ଗୁଡିକୁ ଟାଣି ନେଉଛି। ଏଥିଯୋଗୁ ଗାଡି ମାଲିକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଏହି ଧାରଣା ଚାଲିଥିଲେ ବି କମ୍ପାନୀ କର୍ତ୍ତୃପକ୍ଷଙ୍କ ଦେଖା ମିଳି ନ ଥିଲା। କିନ୍ତୁ ଘଟଣାସ୍ଥଳରେ ପହଞ୍ଚିଥିବା ତହସିଲଦାର ଓ ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ବିଭିନ୍ନ ଆଳ ଦେଖାଇ ତଥା ପ୍ରଶାସନକୁ କୌଣସି ଅବଗତ ନ କରାଇ ଧାରଣା ଚଳାଇପାରିବ ନାହିଁ ବୋଲି କହି ଧମକ ଦେଇ ଜନସାଧାରଣଙ୍କୁ ଧାରଣାରୁ ଉଠାଇ ଦେଇଥିଲେ। ଏହାକୁ ନେଇ ଧାରଣାକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ନବୋଦୟ ବିଦ୍ୟାଳୟରେ ସଡ଼କ ସଚେତନତା ଅଭିଯାନ

ପରଜଙ୍ଗ,୨୩।୧୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଗୁରୁବାର ସଡ଼କ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅଗ୍ନି ନିର୍ବାପନ କାର୍ଯ୍ୟଶାଳା, ଚିତ୍ରାଙ୍କନ ପ୍ରତିଯୋଗିତା ଓ ସଡ଼କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ଥାନା ଉପ ଆରକ୍ଷୀ ଅଧୀକ୍ଷକ ଲୋରେନ ରାଉତରାୟ, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ, ସରାଙ୍ଗ ପାଣ୍ଠି ଅଧିକାରୀ ପ୍ରଶାନ୍ତ ସାହୁ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ହେଲମେଟ୍ ଓ ସିଟ୍ ବେଲ୍ଟର ବ୍ୟବହାର, ନିଶାସେବନ ଓ ଗାଡି ଚାଳଣା ଆଦି ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ପ୍ରତିମା ମିଶ୍ର ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇତିହାସ ଶିକ୍ଷକ ପଞ୍ଚାନନ ଜେନା ମଞ୍ଚ ପରିଚାଳନା କରିଥିଲେ।



## କାର୍ତ୍ତିକେଶ୍ୱର ପୂଜା: ବଇଣ୍ଡା ଉତ୍ସବମୁଖର

ବଇଣ୍ଡା,୨୩।୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ଗୁରୁବାରଠାରୁ ପବିତ୍ର କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ୫ ଦିନ ଧରି ଏହି ପୂଜା ପାଳନ କରାଯିବ। ଏ ନେଇ ବୁଧବାର ବଇଣ୍ଡା ହାଇସ୍କୁଲ ନିକଟରେ ଥିବା ପୋଖରୀରୁ କଳସରେ ପାଣି ଅଣାଯିବା ପରେ ବିଧିବଧ ଭାବେ ପୂଜା ଆରମ୍ଭ ହୋଇଛି। ରଙ୍ଗବେରଙ୍ଗ ଆଲୋକ ମାଳା ସାଙ୍ଗକୁ ଚୁମ୍ବକୀୟ ଲାଇଟ୍ ଯୋଗୁ ପୂଜା ମଣ୍ଡପ ଝଲସି ଉଠୁଛି। ଏହି ପୂଜା ଅବସରରେ ମଣ୍ଡପ ନିକଟରେ କୁନି କୁନି ଶିଶୁଙ୍କୁ ନେଇ ପ୍ରତ୍ୟେକ ଦିନ ଡ୍ୟାନ୍ସ ପୋଗ୍ରାମ କରାଯାଉଛି। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ସେହିପରି ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଉଛି। କମିଟି ସଭାପତି ଜିତେନ୍ଦ୍ର ବେହେରା, ଜମ୍ବୁ ସାହୁ, ବିନୀତ ସାହା, ମାନସ ସାହୁ, ସଞ୍ଜୟ ସାହୁ, ପ୍ରଶ୍ନ ବେହେରା, ରାଜେନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।



# ଟୋଲକବେଡ଼ାରେ କାର୍ତ୍ତିକେଶ୍ୱର ପୂଜା



କଣିହାଁ,୨୩।୧୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଅଞ୍ଚଳର ଟୋଲକବେଡା, ଡେରେଙ୍ଗ, ପଥରମୁଣ୍ଡା, ସାନତ୍ରିବିଡା ଆଦି ଗ୍ରାମରେ ଗୁରୁବାରଠାରୁ କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଛି। ପୂର୍ବାହ୍ନରେ କଳସଯାତ୍ରାକୁ ନେଇ ଶତାଧିକ ମହିଳାପୁରୁଷ ଅଂଶଗ୍ରହଣ କରିଥିଲେ। ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟୀ ମୂର୍ତ୍ତି ଶୋଭା ପାଉଥିବାବେଳେ ପୂଜା କମିଟି ତରଫରୁ ଆକର୍ଷଣୀୟ ମେଢ ଓ ସୁନ୍ଦର ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଛି। ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାବେଳେ ବିଭିନ୍ନ କମିଟି ତରଫରୁ ପ୍ରସାଦସେବନ ବ୍ୟବସ୍ଥା ହୋଇଛି। ପଥରମୁଣ୍ଡା ଗ୍ରାମ ପୂଜା କର୍ମରେ କର୍ତ୍ତା ଭାବେ ଦମ୍ପତି ସୁଶାନ୍ତ ସାହୁ, ସୁଜ୍ଞାନୀ ସାହୁ କର୍ମଦାୟିତ୍ୱ ତୁଲାଇଥିଲେ। ସେହିପରି ଟୋଲକବେଡା ଗ୍ରାମରେ ପୂଜାକୁ ନେଇ ପୂଜା କର୍ମରେ କର୍ତ୍ତା ଭାବେ ଦମ୍ପତି ଶ୍ରୀଧର ବେହେରା ସ୍ତ୍ରୀ ରଙ୍ଗଲତା ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟି ଓ ଗ୍ରାମବାସୀଙ୍କ ତରଫରୁ ସଭାପତି ଦୁଃଶାସନ ସାହୁ, ଗୋପବନ୍ଧୁ ସାହୁ, ଦେବରାଜ ପ୍ରଧାନ, ପିଣ୍ଟୁ ପ୍ରଧାନ, ସୌରଭ ପ୍ରଧାନ, ପିଣ୍ଟୁ ସାହୁ, ଲୁନା ସାହୁ, ସୁମନ ବେହେରା, ଚକ୍ର ସାହୁ, ଗିରିସ ସାହୁ, ସତ୍ୟାନନ୍ଦ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ସୋମବାରେ ସନ୍ଧ୍ୟାରେ ଟୋଲକବେଡା ଗ୍ରାମରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ଜଣାପଡିଛି।

## ବଧୂହତ୍ୟା ଘଟଣା: ୪ ଗିରଫ

କଣିହାଁ,୨୩।୧୧ (ସଚ୍ଚିଦାନନ୍ଦ ପ୍ରଧାନ)

ବଧୂହତ୍ୟା ଅଭିଯୋଗରେ କଣିହାଁ ଥାନା ପୋଲିସ ଗୁରୁବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଚଳିତ ମାସ ୮ ତାରିଖରେ ଲୋଧାଝରି ଗ୍ରାମର ଏକ କୂଅରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୭୪/୨୩ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଶାଶୁ ପଞ୍ଚାଳି ନାଏକ, ଯାଆ ସସ୍ମିତା ନାଏକ, ବୀଣା ନାଏକ ସହଯୋଗୀ ସନ୍ତୋଷ ନାଏକଙ୍କୁ ଗିରଫ କରାଯାଇଛି। ପାରିବାରିକ କଳହକୁ ନେଇ ତଣ୍ଟି ଚିପି ହତ୍ୟା ପରେ କୂଅରେ ଫିଙ୍ଗି ଦେଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ପ୍ରତିଯୋଗିତା ମନୋଭାବ ବୃଦ୍ଧି କର

## ଢେଙ୍କାନାଳ କଲେଜ ବୈଷୟିକ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଢେଙ୍କାନାଳ,୨୩।୧୧(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈଷୟିକ ବିଭାଗ ଏମ୍‌ବିଏ ଓ ଏମ୍‌ଏସ୍‌ସି ପକ୍ଷରୁ 'ସ୍ପିରିଚୁଆଲ ୱେଲନେସ୍-ଏ ଜର୍ନି ଟୁୱାର୍ଡ୍ସ ହୋଲନେସ୍' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ସଭାପତିତ୍ୱ କରି ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା ମନୋଭାବରେ ବୃଦ୍ଧି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗର ସଂଯୋଜକ ଡ. ଅନିରୁଦ୍ଧ ଖିଲାର ସଫଳତାର ୪ଟି ସ୍ତମ୍ଭ ଆଶା, ଅନୁଶାସନ, ସମର୍ପଣ ଓ ଉତ୍ସର୍ଗ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ଦାଶ, ଛାତ୍ରୀଛାତ୍ରଙ୍କ ଜୀବନରେ ଆଧ୍ୟାତ୍ମିକ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ଇଣ୍ଡସ୍ ଟାୱାର ଲିମିଟେଡ୍ ସଂସ୍ଥାର ନିର୍ଦ୍ଦେଶକ ଚିନ୍ମୟ ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ମନୋଭାବ, ଶାରୀରିକ, ସାମାଜିକ ଓ ଆଧ୍ୟାତ୍ମିକତାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଜୟେଶ ଦୌଲଦତଜାଦା ଛାତ୍ରୀଛାତ୍ରମାନଙ୍କ ଶାରୀରିକ, ମାନସିକ ଏକକୀକରଣ ଓ ଏକାଗ୍ରତା ଜରୁରୀ ବୋଲି ମତ ରଖିଥିଲେ। କମ୍ପ୍ୟୁଟର ବିଜ୍ଞାନ ବିଭାଗର ଡ. ମାନସୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏମ୍‌ବିଏ ପ୍ରଥମବର୍ଷ ଛାତ୍ର ସୁବ୍ରତ ରଣା ଅତିଥି ପରିଚୟନ ପ୍ରଦାନ କରିଥିଲେ। ଏମ୍‌ଏସ୍‌ସି ପ୍ରଥମବର୍ଷ ଛାତ୍ରୀ ଦୀପ୍ତିସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା, ସନ୍ତୋଷ କୁମାର ନନ୍ଦ, ସୁଶାନ୍ତ କୁମାର ପାଲ, ଅଧ୍ୟାପିକା ରୋଜାଲିନ ବେହେରା, ଇନ୍ଦିରା ପ୍ରିୟଦର୍ଶିନୀ ସାହୁ ଏବଂ ଏମ୍‌ଏସ୍‌ସି କମ୍ପ୍ୟୁଟର ବିଜ୍ଞାନ ଓ ଏମ୍‌ବିଏ ପ୍ରଥମ ଓ ଦ୍ୱିତୀୟବର୍ଷ ଛାତ୍ରୀଛାତ୍ରମାନେ ଆଲୋଚନାଚକ୍ରରେ ଭାଗ ନେଇଥିଲେ।




# ବୁଢେଶ୍ୱର ମହୋତ୍ସବ ଉଦ୍‌ଘାଟିତ

ଭୁବନ,୨୩।୧୧(ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ବୁଢେଶ୍ୱର ଶୈବ ପୀଠରେ ଗୁରୁବାର ବୁଢେଶ୍ୱର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବ ୭ ଦିନ ଧରି ଅନୁଷ୍ଠିତ ହେବ। ସକାଳେ ଭୁବନ ବ୍ଲକର ୧୮ଟି ପଞ୍ଚାୟତରୁ ମଶାଲ ଆସି କାଳୀବଜାର ଠାରେ ଏକତ୍ରିତ ହୋଇଥିଲା। ପରେ ମା' ବାଟ ମଙ୍ଗଳା ପୀଠରେ ପୂଜାର୍ଚ୍ଚନା ପରେ ସହର ପରିକ୍ରମା କରି ଶୈବପୀଠରେ ପହଞ୍ଚି ଥିଲା। ଏହି ମଶାଲକୁ ମା' ବାଟ ମଙ୍ଗଳାଠାରେ ତହସିଲଦାର ସିରିଏଲ ଶୁଭ୍ର ପଟେଲଙ୍କ ତତ୍ତ୍ୱାବଧାନରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଓ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ପୂଜା କରିଥିଲେ। ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ, ଏନ୍‌ଏସି କାଉନସିଲର ଅଞ୍ଚଳର ସମସ୍ତ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନ, ବଜାର କମିଟି ସମେତ ବିଗତ ଦିନରେ ବିଭିନ୍ନ ସ୍ତରରେ ରାଜନୈତିକ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ଶୈବପୀଠରେ ପହଞ୍ଚିବା ପରେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ମଶାଲକୁ ସ୍ୱାଗତ କରି ପୂଜାର୍ଚ୍ଚନା ପରେ ସୁସଜ୍ଜିତ ସ୍ଥାନରେ ରଖିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚଙ୍କ ସମେତ ସମସ୍ତ କଳାକାର ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ମହାଆଡମ୍ବରରେ ନଗରପାଳ ଓ ପୂର୍ବତନ ନଗରପାଳ କବିତା ବାରିକ ଘୁମୁରା ବାଦ୍ୟର ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବତନ ନଗରପାଳ ନରହରି ସାହୁ, କାଳୀଜାର ବଣିକ ସଂଘ ସଭାପତି ସମିର ସାହୁ, ବୁଢେଶର ମନ୍ଦିର ପରିଚାଳନା କମିଟି ସଭାପତି ସନାତନ ସାହୁ ଓ ନିରଞ୍ଜନ ପୃଷ୍ଟିଙ୍କ ସମେତ ବହୁ ମାନଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ବୋଇତ ବନ୍ଦାଣ ଉତ୍ସବ ଓ ଯଜ୍ଞ ସହିତ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ, ମନ୍ଦିର ପରିଚାଳନା କମିଟି ଓ ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ, କଲେଜର ଏନ୍‌ସିସି, ସାଉଟ, ଗାଇଡର କ୍ୟାଡେଟମାନେ ଉପସ୍ଥିତ ରହି ସହଯୋଗ କରିବେ ବୋଲି ଘୋଷଣା କରାଯାଇଛି।

# ପ୍ରଥମ ଟି୨୦ ଜିତିଲା ଭାରତ

**ବିଶାଖାପାଟଣା, ୨୩।୧୧**

ବିଶାଖାପାଟଣାରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚରେ ଅଷ୍ଟ୍ରେଲିଆକୁ ୨ ଉଇକେଟରେ ପରାସ୍ତ କରିଛି ଭାରତ। ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱ ଇନିଂସ ଆଗରେ ଫିକା ପଡିଲା ଜୋଶ ଇଂଲିଶଙ୍କ ଶତକ। ଜୋଶଙ୍କ ୫୦ ବଲରୁ ୧୧୦ ରନ ବଳରେ ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୨୦୮ ରନ୍ କରିଥିଲା। ଜବାବରେ ଭାରତ ୧୯.୫ ଓଭରରେ ୮ ଉଇକେଟ ହରାଇ ୨୦୯ ରନ୍ କରିଥିଲା।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଷ୍ଟିଭେନ୍ ସ୍ମିଥ୍ ଓ ମାଥ୍ୟୁ ଶର୍ଟଙ୍କ ଦ୍ୱାରା ଇନିଂସ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ୩୧ ରନ୍ ଯୋଡିବା ପରେ ପଞ୍ଚମ ଓଭରରେ ରବି ବିଷ୍ଣୋଇଙ୍କ ବଲରେ ଆଉଟ ହୋଇଥିଲେ ମାଥ୍ୟୁ ଶର୍ଟ(୧୧)। ତେବେ ଷ୍ଟିଭ୍ ସ୍ମିଥ୍(୫୨) ଓ ଜୋଶ ଇଂଲିଶ(୧୧୦) ଦ୍ୱିତୀୟ ଉଇକେଟରେ ୧୩୦ ରନ୍ ଯୋଡିଥିଲେ। ସ୍ମିଥ୍ ୪୧ ବଲ୍ ଖେଳି ୫୨ ରନ୍ କରିଥିବା ବେଳେ ଏହି ଇନିଂସରେ ସାମିଲ ଥିଲା ୮ ଚୌକା। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତତମ ଶତକ ରେକର୍ଡ କରିଥିବା ଇଂଲିଶ ୫୦ ବଲ୍ ଖେଳି ୧୧୦ ରନ୍ କରିଥିଲେ। ଏହି ଇନିଂସରେ ୧୧ ଚୌକା ଓ ୮ ଛକା ସାମିଲ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତତମ ଶତକରେ ଆରୋନ୍ ଫିଞ୍ଚଙ୍କ ସମକକ୍ଷ ହୋଇଛନ୍ତି ଇଂଲିଶ। ମାର୍କସ ଷ୍ଟୋଇନିସ୍ ୭ ଓ ଟିମ୍ ଡେଭିଡ୍ ୧୯ ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ରବି ବିଷ୍ଣୋଇ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୦୯ ରନ୍‌ର ଲକ୍ଷ୍ୟ ନେଇ ଇନିଂସ ଆରମ୍ଭ କରିଥିବା ଭାରତ ମାତ୍ର ୨୨ ରନ୍ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ଯଶସ୍ୱୀ ଜୟସ୍ୱାଲ ୮ ବଲ୍ ଖେଳି ସେ ୨ଟି ଲେଖାଏ ଛକା ଓ ଚୌକା ସହ ୨୧ ରନ୍ କରିଥିଲେ। ତେବେ ସୂର୍ଯ୍ୟକୁମାର ଯାଦବ(୮୦) ଓ ଇଶାନ କିଶନ(୫୮) ତୃତୀୟ ଉଇକେଟରେ ୧୧୨ ରନ୍ ଯୋଡିଥିଲେ। ଇଶାନ ୩୯ ବଲ୍ ଖେଳି ୨ ଚୌକା ଓ ୫ ଛକା ମାରିଥିଲେ। ଅନ୍ୟ ପକ୍ଷରେ ସୂର୍ଯ୍ୟକୁମାର ୪୨ ବଲ୍ ଖେଳି ୯ ଚୌକା ଓ ୪ ଛକା ମାରିଥିଲେ। ଶେଷ ଆଡକୁ ରିଙ୍କୁ ସିଂ ୧୪ ବଲ୍‌ରୁ ଅପରାଜିତ ୨୨ ରନ୍‌ର ଇନିଂସ ଖେଳି ଭାରତକୁ ବିଜୟୀ କରିଥିଲେ। ଶେଷ ଓଭରରେ ୩ ଖେଳାଳି ଆଉଟ ହୋଇଥିଲେ ହେଁ ରିଙ୍କୁ ଚମତ୍କାର ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ତନଭୀର ସାଂଘା ୨ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୨୦୮/୩ (ଜୋଶ ଇଂଲିଶ-୧୧୦, ଷ୍ଟିଭେନ୍ ସ୍ମିଥ-୫୨, ଟିମ୍ ଡେଭିଡ୍-୧୯*, ପ୍ରସିଦ୍ଧ କ୍ରିଷ୍ଣା-୧/୫୦, ରବି ବିଷ୍ଣୋଇ-୧/୫୪)।

ଭାରତ ୧୯.୫ ଓଭରରେ ୨୦୯/୮( ସୂର୍ଯ୍ୟକୁମାର ଯାଦବ-୮୦, ଇଶାନ୍ କିଶନ-୫୮, ରିଙ୍କୁ ସିଂ-୨୨*, ତନଭୀର ସାଂଘା-୨/୪୭, ଜାସନ ବେହ୍ରେଣ୍ଡ୍ରଫ-୧/୨୫,ମାଥ୍ୟୁ ଶର୍ଟ-୧/୧୩)।

# ବିଜୟ ସହ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୨୩।୧୧**
**(ସରୋଜ ଜେନା)**

## ବିଜୟ ହଜାରେ ଟ୍ରଫି

ଘରୋଇ ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫି ଗୁରୁବାରରୁ ଆରମ୍ଭ ହୋଇଥିବା ବେଳେ ବିଜୟ ସହ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଅଲରାଉଣ୍ଡ ସଫଳତା(୫ ଉଇକେଟ ଓ ୨୯ ରନ୍) ବଳରେ ଦଳ ତ୍ରିପୁରାକୁ ୪ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ତ୍ରିପୁରା ୧୦୭ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୬ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା।

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଦେବବ୍ରତ ପ୍ରଧାନଙ୍କ ୪ ଉଇକେଟ ଓ ବିପ୍ଳବଙ୍କ ୫ ଉଇକେଟ ସଫଳତା ବଳରେ ତ୍ରିପୁରା ୨୯ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ କରିଥିଲା। ଦଳର ୬ ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିବା ବେଳେ ମଣିଶଙ୍କର ମୁରା ସିଂ ସର୍ବାଧିକ ୨୪ ରନ୍ କରିଥିଲେ। ଏକଦା ୮୬/୫ ରହିଥିବା ତ୍ରିପୁରା ଅନ୍ତିମ ୫ ଉଇକେଟ ମାତ୍ର ୨୨ ରନ୍ ମଧ୍ୟରେ ହରାଇଥିଲା। ଅଧିନାୟକ ବିପ୍ଳବ ୫ ଉଇକେଟ ନେଇ ଏହି ବିପର୍ଯ୍ୟୟ ଘଟାଇଥିଲେ। ଦେବବ୍ରତ ୧୪ ରନ୍‌ରେ ୪ ଉଇକେଟ ନେଇଥିବା ବେଳେ ଅନ୍ୟ ଉଇକେଟଟି ପ୍ରୟାସ ସିଂଙ୍କ ଖାତାକୁ ଯାଇଥିଲା।


ବିପ୍ଳବ ସାମନ୍ତରାୟ

ବୋଲରଙ୍କୁ ସହାୟତା ମିଳୁଥିବା ପିଚ୍‌ରେ ଓଡ଼ିଶାର ଆରମ୍ଭ ମଧ୍ୟ ଦୟନୀୟ ରହିଥିଲା। ଦଳ ମାତ୍ର ୧୬ ରନ୍‌ରେ ଏହାର ୩ ଜଣ ଖେଳାଳିଙ୍କୁ ହରାଇଥିଲା। ଅନୁରାଗ ଷଡଙ୍ଗୀ(୧୧), ଶାନ୍ତନୁ ମିଶ୍ର(୧) ଓ କାର୍ତ୍ତିକ ବିଶ୍ୱାଳ(୦) ବିଫଳ ହୋଇଥିଲେ। ତେବେ ନିର୍ଭରଯୋଗ୍ୟ ଶୁଭ୍ରାଂସୁ ସେନାପତି(୪୧) ଓ ବିପ୍ଳବ ସାମନ୍ତରାୟ(୨୯) ଚତୁର୍ଥ ଉଇକେଟରେ ୫୬ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୭୨ରେ ବିପ୍ଳବ ଓ ୯୫ରେ ଶୁଭ୍ରାଂସୁ ପ୍ୟାଭିଲିୟନ୍ ଫେରିଥିଲେ ହେଁ ଓଡ଼ିଶା ବିଜୟର ନିକଟବର୍ତ୍ତୀ ହୋଇ ସାରିଥିଲା। ରାଜେଶ ଧୂପର ୧୪ ରନ୍‌ରେ ଅପରାଜିତ ରହି ଦଳକୁ ଫିନିଶ ଲାଇନ୍ ପାର କରାଇଥିଲେ। ତ୍ରିପୁରା ପକ୍ଷରୁ ମଣିଶଙ୍କର ମୁରା ସିଂ ଓ ରାଣା ଦତ୍ତ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ତ୍ରିପୁରା ୨୯ ଓଭରରେ ୧୦୭/୧୦(ମଣିଶଙ୍କର ମୁରା ସିଂ-୨୪, ଗଣେଷ ସତୀଶ-୧୫, ବିପ୍ଳବ ସାମନ୍ତରାୟ-୫/୩୨, ଦେବବ୍ରତ ପ୍ରଧାନ-୪/୧୪, ପ୍ରୟାସ ସିଂ-୧/୨୭)। ଓଡ଼ିଶା ୨୩.୨ ଓଭରରେ ୧୦୮/୬( ଶୁଭ୍ରାଂସୁ ସେନାପତ-୪୧, ବିପ୍ଳବ ସାମନ୍ତରାୟ-୨୯, ଣିଶଙ୍କର ମୁରା ସିଂ-୨/୧୯, ରାଣା ଦତ୍ତ-୨/୨୫)।

# ରଶିଦ୍ ଖାଁଙ୍କ ଅସ୍ତ୍ରୋପଚାର ହେବ

**ମେଲବୋର୍ନ, ୨୩।୧୧(ପି.ଟି.)**

ଆଫଗାନିସ୍ତାନ ଷ୍ଟାର ରଶିଦ ଖାଁଙ୍କ ପିଠିରେ ସାମାନ୍ୟ ଅସ୍ତ୍ରୋପଚାର ହେବ। ଫଳତଃ ଡିସେମ୍ବର ୭ରେ ହେବାକୁଥିବା ବିଗ୍ ବାଶ୍ ଲିଗ୍‌ରେ ସେ ଖେଳିପାରିବେ ନାହିଁ। ତାଙ୍କ ଟିମ୍ ଆଡିଲେଡ୍ ଷ୍ଟ୍ରାଇକର୍ସ ତରଫରୁ ଏହା ଘୋଷଣା କରାଯାଇଛି। ଇଂଲଣ୍ଡର ହ୍ୟାରି ବ୍ରୁକ୍ ମଧ୍ୟ ଦଳ ପାଇଁ ଉପଲବ୍ଧ ହେବେ ନାହିଁ। ରଶିଦ ୨୦୧୭ଠାରୁ ଷ୍ଟ୍ରାଇକର୍ସ ପାଇଁ ଖେଳି ଆସୁଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆର ଜେନେରାଲ ମ୍ୟାନେଜର ଟିମ୍ ନେଲସନ କହିଛନ୍ତି, ରଶିଦ ତାଙ୍କ ଦଳର ଜଣେ ଅନ୍ୟତମ ଫେଭରାଇଟ ଖେଳାଳି। ତାଙ୍କର ବହୁ ପ୍ରଶଂସକ ରହିଛନ୍ତି। ଟୁର୍ନାମେଣ୍ଟରେ ତାଙ୍କ ଅନୁପସ୍ଥିତି ଅନୁଭବ ହେବ।




# ଉଦ୍‌ଘାଟନୀ ଖେଲୋ ଇଣ୍ଡିଆ ପାରା ଗେମ୍ସ ୧୦ରୁ

**ନୂଆଦିଲ୍ଲୀ, ୨୩।୧୧(ପି.ଟି.)**

ଉଦ୍‌ଘାଟନୀ ଖେଲୋ ଇଣ୍ଡିଆ ପାରା ଗେମ୍ସ ଡିସେମ୍ବର ୧୦ରୁ ୧୭ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିରେ ୩୨ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ୧୩୫୦ ଆଥ୍‌ଲେଟ ୭ଟି ଖେଳରେ ଅଂଶଗ୍ରହଣ କରିବେ। ଏହି ଇଭେଣ୍ଟ ଦେଶରେ ପାରା ସ୍ପୋର୍ଟ୍ସ ପାଇଁ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ ବୋଲି କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ପ୍ରକାଶ କରିଛନ୍ତି। ରାଜଧାନୀରେ ରହିଥିବା ତିନୋଟି ସାଇ (ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ) ଷ୍ଟାଡିୟମ ଆଇଜି ଷ୍ଟାଡିୟମ, ଶୁଟିଂ ରେଞ୍ଜ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ପାରା ଆଥ୍‌ଲେଟିକ୍ସ, ପାରା ଶୁଟିଂ, ପାରା ଆର୍ଚେରୀ, ପାରା ଫୁଟ୍‌ବଲ, ପାରା ବ୍ୟାଡ୍‌ମିଣ୍ଟନ, ପାରା ଟେବୁଲ ଟେନିସ ଏବଂ ପାରା ୱେଟ୍‌ଲିଫ୍ଟିଂ। ପାରା ଗେମ୍ସରେ ହାଙ୍ଗଝୋ ଏସିଆନ ପାରା ଗେମ୍ସ ଷ୍ଟାର ଶିତଲ ଦେବୀ, ଭାବିନା ପଟେଲ, ଏକତା ଭ୍ୟାନ, ନୀରଜ ଯାଦବ, ସଂଘରାଜ, ମନୀଷ, ସେନାଲ ରାକେଶ କୁମାର ଓ ସରିତା ପ୍ରମୁଖ ସେମାନଙ୍କ ରାଜ୍ୟରୁ ପ୍ରତିନିଧିତ୍ୱ କରିବେ।

# ଅଷ୍ଟ୍ରେଲିଆ ଡେଭିସ୍ କପ୍ ସେମିଫାଇନାଲରେ

**ମାଲାଗା, ୨୩।୧୧(ଏପି)**

ଚେକ୍ ରିପବ୍ଲିକ୍‌କୁ ୨-୧ରେ ପରାସ୍ତ କରି ଅଷ୍ଟ୍ରେଲିଆ ଡେଭିସ୍ କପ୍ ଟେନିସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଦଳ ଫିନ୍‌ଲାଣ୍ଡକୁ ଭେଟିବ। କ୍ୱାର୍ଟରଫାଇନାଲ ମୁକାବିଲାର ପ୍ରଥମ ସିଙ୍ଗଲ୍ସରେ ଟୋମାସ ମ୍ୟାଚାକ୍ ୬-୪, ୭-୫ରେ ଜୋର୍ଡାନ ଥମ୍ପସନଙ୍କୁ ହରାଇ ଚେକ୍ ରିପବ୍ଲିକକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉର ୪-୬, ୭-୬ (୨), ୭-୫ରେ ଜିରି ଲେହେକାଙ୍କୁ ପରାସ୍ତ କରି ମୁକାବିଲାକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ପରେ ନିର୍ଣ୍ଣାୟକ ଡବଲ୍ସରେ ୨୦୨୨ ୱିମ୍ବେଲଡନ ଚାମ୍ପିୟନ ମାକ୍ସ ପର୍ସେଲ ଓ ମାଥ୍ୟୁ ଏବିଡେନ୍ ୬-୪, ୭-୫ରେ ଆଡାମ ପାଭଲାସେକ୍ ଓ ଲେହେକାଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। ଫଳରେ ଅଷ୍ଟ୍ରେଲିଆ କ୍ରମାଗତ ଦ୍ୱିତୀୟ ବର୍ଷ ସେମିଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛି। ମଙ୍ଗଳବାର ଫିନ୍‌ଲାଣ୍ଡ ଗତଥରର ଚାମ୍ପିୟନ କାନାଡାକୁ ୨-୧ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛି। ଅଷ୍ଟ୍ରେଲିଆ ଗତବର୍ଷ କ୍ରୋଏସିଆ ବିପକ୍ଷ ସେମିଫାଇନାଲରେ ବିଜୟ ହାସଲ କରିବା ପରେ ଫାଇନାଲରେ କାନାଡା ନିକଟରୁ ହାରିଯାଇଥିଲା। ଦ୍ୱିତୀୟ ସେମିଫାଇନାଲ ଶନିବାର ଏବଂ ଫାଇନାଲ ରବିବାର ଖେଳାଯିବ।

# ଇଣ୍ଡିଆନ ଓପନ ଗେଟ୍‌ବଲ ୨୬ରୁ

**ଭୁବନେଶ୍ୱର, ୨୩।୧୧**
**(ତପନ ସ୍ୱାଇଁ)**

ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟ ଚଳିତ ମାସ ୨୬ ଓ ୨୭ ତାରିଖରେ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଇଣ୍ଡିଆନ ଗେଟବଲ ୟୁନିୟନ (ଆଇଜିୟୁ) ଆନୁକୂଲ୍ୟରେ ହେବାକୁଥିବା ଉକ୍ତ ପ୍ରତିଯୋଗିତାରେ ତାଇୱାନ, ଥାଇଲାଣ୍ଡ, ପାକିସ୍ତାନ (ଭିଜା ଅପେକ୍ଷାରେ), ଇଣ୍ଡୋନେସିଆ ଏବଂ ଜାପାନ ଆଦି ବିଦେଶୀ ଦଳ ଏହି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଭାରତରୁ ହରିୟାଣା, ପଞ୍ଜାବ, ହିମାଚଳ ପ୍ରଦେଶ, ଆସାମ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଜମ୍ମୁ-କଶ୍ମୀର ଓ ତ୍ରିପୁରା ଦଳ ଏଥିରେ ଭାଗନେବ। ୫ ବିଦେଶୀ, ୧୦ ଅନ୍ୟ ରାଜ୍ୟଦଳକୁ ମିଶାଇ ମୋଟ ୨୪ଟି ଦଳ ୨ଟି ବର୍ଗ ଦଳଗତ ଓ ଡବଲ୍ସ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଚାମ୍ପିୟନ ଓ ରନରଅପ୍ ଦଳ ବ୍ୟତୀତ ସେମିଫାଇନାଲିଷ୍ଟ ଦଳ ଗୁଡ଼ିକୁ ମଧ୍ୟ ଟ୍ରଫି ପ୍ରଦାନ କରାଯିବ। ଏହା ବ୍ୟତୀତ ସମସ୍ତ ଅଂଶଗ୍ରହଣ କାରୀ ଦଳକୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଗେଟବଲ ୟୁନିୟନ ସଭାପତି ଦ୍ୱୈପାୟନ ପଟ୍ଟନାୟକ ଓ ସମ୍ପାଦକ ଦିଲୀପ କୁମାର ଦାସ ପ୍ରକାଶ କରିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ସଭାପତି ପ୍ରକାଶ ବୋତାଲା, ଉପସଭାପତି ଉମାକାନ୍ତ ପାଣି, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।












ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୪/୨୦୨୩ Bhubaneswar, Friday, November 24/ 2023

# ଫାଇନାଲରେ ଓଡ଼ିଶାର ତନଭି

**ଜାତୀୟ ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ**

ବଲାଙ୍ଗୀର, ୨୩।୧୧
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ୩୫ତମ ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ୍ ଶୁକ୍ରବାର ଫାଇନାଲ ମୁକାବିଲା ହେବ। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ବଲାଙ୍ଗୀର ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ସେମିଫାଇନାଲ ଖେଳର ବାଳିକା ସିଙ୍ଗଲ୍ସରେ ଓଡ଼ିଶାର ତନଭି ପତ୍ରି ତାମିଲନାଡୁର ହଂସିନୀ ଚନ୍ଦ୍ରମଙ୍କୁ ୨୧-୧୬ ଓ ୨୧-୮ରେ ସିଧାସଳଖ ପରାଜିତ କରି ଫାଇନାଲରେ ପହଞ୍ଚିଛନ୍ତି। ବାଳିକା ବିଭାଗର ଅନ୍ୟ ଏକ ସେମିଫାଇନାଲରେ କର୍ନାଟକର ସାଇନା ମନିମୁଥୁ ହରିୟାଣାର ଜୋଏଲ ରାଣାଙ୍କୁ ୧୨-୨୧, ୨୧-୧୬ ଓ ୨୧-୧୮ ସେଟ୍‌ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ଶୁକ୍ରବାର ଉଭୟ ଖେଳାଳିଙ୍କ ମଧ୍ୟରେ ଫାଇନାଲ ଖେଳାଯିବ। ବାଳକ ବିଭାଗରେ କର୍ନାଟକର ପୁଷ୍କର ସାଏ ୨୧-୧୪, ୧୫-୨୧ ଓ ୨୧-୭ରେ ପଶ୍ଚିମବଙ୍ଗର ସ୍ୱୟମ ଜ୍ୟୋତି ଘୋଷଙ୍କୁ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀର ହର୍ଷିତ ଖତ୍ରି ୨୧-୧୨, ୨୧-୧୨ ସିଧାସଳଖ ସେଟ୍‌ରେ ଆନ୍ଧ୍ରପ୍ରଦେଶର ହେମନ୍ତ ସିଂଙ୍କୁ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ଏହି ସବ୍‌ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ ଉପସଭାପତି ମୁରଲୀଧରନ, ବୈଷୟିକ କମିଟିର ରାକେଶ ଶେଖର, ଅନ୍ତର୍ଜାତୀୟ ରେଫରି ଏବଂ ଅମ୍ପାୟର ପିଆନ୍ସି ଦଥାନ, ସୁଧୀର ଭାର୍ବେ, ମ୍ୟାଚ କଣ୍ଟ୍ରୋଲର ଜି. ପ୍ରଶାନ୍ତ, ରେଫରି ଡ. ସତିଶ ମାଲ୍ୟା, ଡେପୁଟି ରେଫରି ରୀତା ଦାଶ, ସାଂଗଠନିକ ସମ୍ପାଦକ ଲିଲିନ କୁମାର, ରାଜ୍ୟ ଉପ-ସଭାପତି ପ୍ରଦୀପ ପଟ୍ଟନାୟକ, ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ତଥା ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ ସଂଯୋଜକ ସୁରୁଲାଲ ମଟାରୀ, ଦୀପକ ମହାନ୍ତି, ମନୋରଞ୍ଜନ ଦାଶ, ଶୁଭମ ଶର୍ମା ପ୍ରମୁଖ ଚାମ୍ପିୟନଶିପ ପରିଚାଳନା କରୁଛନ୍ତି।



ତୃତୀୟ ଦିବସରେ ଅନୁଷ୍ଠିତ ଏକ ମ୍ୟାଚ୍।

# ମାର୍ଲନ୍ ସାମୁଏଲ୍ସ ୬ ବର୍ଷ ବାସନ୍ଦ

**ଦୁବାଇ,୨୩।୧୧(ପି.ଟି.):** ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ ଖେଳାଳି ମାର୍ଲନ୍ ସାମୁଏଲ୍ସଙ୍କୁ ୬ ବର୍ଷ ବାସନ୍ଦ କରିଛି ଆଇସିସି। ଆବୁଧାବିର ଟି୧୦ ଲିଗ୍‌ରେ ବୁକିଙ୍କଠାରୁ ସେ କିଛି ଉପହାର ନେଇଥିବା ପ୍ରମାଣିତ ହେବା ଫଳରେ କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କୁ ବାସନ୍ଦ କରାଯାଇଛି। ବୁକିଙ୍କଠାରୁ ଉପହାର ନେଇ ସାମୁଏଲ୍ସ କ୍ରିକେଟକୁ କଳଙ୍କିତ କରିଛନ୍ତି ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଏପରିକି ମାମଲାର ତଦନ୍ତକାରୀ ଅଫିସରଙ୍କୁ ସାମୁଏଲ୍ସ ସହଯୋଗ କରି ନ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସାମୁଏଲ୍ସ ଟି୧୦ ଲିଗ୍ ଖେଳୁଥିବା ସମୟରେ ଏମିରେଟ୍ସ କ୍ରିକେଟ ବୋର୍ଡର ଦୁର୍ନୀତି ନିବାରଣ ଆଇନକୁ ୪ ଥର ଉଲ୍ଲଂଘନ କରିଥିବା ଜଣାପଡିଛି। ଏମିରେଟ୍ସ କ୍ରିକେଟ ବୋର୍ଡ ପକ୍ଷରୁ ୨୦୨୧ରେ ଆଇସିସି ନିକଟରେ ଅଭିଯୋଗ କରାଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅଗଷ୍ଟ ମାସରେ ସେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ନଭେମ୍ବର ୧୧ରୁ ଏହି ବ୍ୟାନ ଲାଗୁ କରାଯିବ।




# ଫାଇନାଲରେ ହାରିଲେ ହାରିକା

ଚେନ୍ନାଇ,୨୩।୧୧(ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ହାରିକା ଜୁଲିଅସ ବେୟର ମହିଳା ଅନଲାଇନ୍ ସ୍ପିଡ୍ ଚେସ୍ ଚାମ୍ପିୟନଶିପ ୨୦୨୩ର ଫାଇନାଲରେ ହାରି ଯାଇଛନ୍ତି। ଚାଇନାର ଗ୍ରାଣ୍ଡମାଷ୍ଟର ହୋଉ ୟିଫାନଙ୍କ ନିକଟରୁ ୧୧-୧୫ ସେଟରେ ସେ ପରାଜିତ ହୋଇଥିଲେ। ରନର୍ ଅପ୍ ରହିଥିବା ହାରିକାଙ୍କୁ ୪୨୩୦.୭୭ ଡଲାର ପୁରସ୍କାର ରାଶି ମିଳିଛି। ଫାଇନାଲ ମ୍ୟାଚର ପରାଜୟକୁ ନେଇ ହାରିକା ସାମାନ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ପଛକୁ ପଛ ମ୍ୟାଚ୍ ରହିବା କାରଣରୁ ଏହା ତାଙ୍କୁ ଥକେଇ ଦେଇଥିଲା। ଘରେ ରହି ଖେଳିବାକୁ ପଡିଥିବା ବେଳେ ଏହା ମୋର ପ୍ରିୟ ଫର୍ମାଟ ମଧ୍ୟ ନୁହେଁ। ତେବେ ଫାଇନାଲରେ ପ୍ରବେଶ କରିବାକୁ ନେଇ ମୁଁ ଖୁସି ଅଛି। ଏହି ଟୁର୍ନାମେଣ୍ଟ ମୋର ଅତ୍ୟନ୍ତ ପ୍ରିୟ ତେଣୁ ଆସନ୍ତା ବର୍ଷ ସଫଳ ହେବା ପାଇଁ ପ୍ରୟାସ କରିବି ବୋଲି କହିଛନ୍ତି ହାରିକା। ସେମି ଫାଇନାଲ ମ୍ୟାଚ୍‌ରେ ସେ ଗ୍ରାଣ୍ଡମାଷ୍ଟର କାଟେରିନା ଲାଗନୋଙ୍କୁ ୧୨-୧୦ରେ ପରାସ୍ତ କରିଥିଲେ।


ଡି. ହାରିକା

# ଆର୍ଜେଣ୍ଟିନା-ବ୍ରାଜିଲ କ୍ୱାର୍ଟରଫାଇନାଲ

ଜାକର୍ତ୍ତା, ୨୩।୧୧(ଏପି)

ଇଣ୍ଡୋନେସିଆରେ ଚାଲିଥିବା ୧୭ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍‌ର ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ଆର୍ଜେଣ୍ଟିନା ଓ ଗତଥରର ଚାମ୍ପିୟନ ବ୍ରାଜିଲ ପରସ୍ପରକୁ ଭେଟିବେ। ବୁଧବାର ଉଜ୍‌ବେକିସ୍ତାନ ୨୦୧୭ ଚାମ୍ପିୟନ ଇଂଲଣ୍ଡକୁ ୨-୧ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିବା ବେଳେ ଏହାର ଦିନକ ପରେ ଜର୍ମାନୀ ୩-୨ ଗୋଲ୍‌ରେ ୟୁଏସ୍‌କୁ ହରାଇ ଦେଇଛି। ଏହାର ଦିନକ ପରେ ଜର୍ମାନୀ ୩-୨ ଗୋଲ୍‌ରେ ୟୁଏସ୍‌କୁ ପରାସ୍ତ କରିଛି। କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ଶୁକ୍ରବାର ଆର୍ଜେଣ୍ଟିନା-ବ୍ରାଜିଲ ମ୍ୟାଚ ପୂର୍ବରୁ ଜର୍ମାନୀ ଓ ସ୍ପେନ ମଧ୍ୟରେ ମ୍ୟାଚ ଖେଳାଯିବ। ଟୁର୍ନାମେଣ୍ଟରେ ବ୍ରାଜିଲର ଟାଇଟଲ ଅଭିଯାନ ଆରମ୍ଭ ଭଲ ନ ଥିଲା। ଦଳ ଇରାନଠାରୁ ୩-୨ ଗୋଲ୍‌ରେ ପରାଜିତ ହୋଇଥିଲା। ମାତ୍ର ପରେ ନ୍ୟୁ କାଲେଡୋନିଆକୁ ୯-୦ଗୋଲ୍‌ରେ ପରାସ୍ତ କରିବା ସହ ଇଂଲଣ୍ଡ ବିପକ୍ଷରେ ୨-୧ ଗୋଲ୍‌ରେ ବିଜୟ ଦ୍ୱାରା ୨୦୧୯ ଚାମ୍ପିୟନ ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।




WORLD'S NO.1 22 YEARS IN A ROW# MOTORCYCLE & SCOOTER COMPANY
INDIA'S FIRST 5 YEAR WARRANTY^ *Conditions apply
i3S Technology Idle-Stop-Start System

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **As per the cumulative dispatch number till March 2023. #Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empanelled dealers on Wheels of Trust platform. ^Finance offer is at the sole discretion of the Financier, subject to its respective T&Cs. Available at select dealerships. *Offer amount and combination of offer may vary for model/variant and states and it is applicable on select models only. For more details, please visit your nearest authorised Hero outlet. Applicable on select models only. **Ex-showroom price of Glamour Drum in Bhubaneswar.

Exchange Powered By Wheels of Trust^^ SCAN FOR BEST RESALE VALUE

For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 7799766378, DD Hero - 7799766329, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S.K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, **Dharma Nagar** - 9289923187, Lakshmi Automotives, **Gajapati Nagar** - 9289922184, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero- 9289922736.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୪/୨୦୨୩ (୧୨ ପୃଷ୍ଠା) Bhubaneswar, Friday, November 24/2023 Page 12
୫୦ଶ ଭାଗ ୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 01

# ପରିବର୍ତ୍ତନ ଧାରାରେ ଓଡ଼ିଶାର ଜନଜାତି

● ଡ. ଦମୟନ୍ତୀ ବେଶ୍ରା

ଜଗତ ପରିବର୍ତ୍ତନଶୀଳ। ପ୍ରାକୃତିକ ହେଉ ଅଥବା ମନୁଷ୍ୟକୃତ, ଏହା ପ୍ରତିନିୟତ ପରିବର୍ତ୍ତନ ପଥରେ ଧାବମାନ। ପ୍ରଯୁକ୍ତି ବିଜ୍ଞାନର ବିକାଶ, ବୈଜ୍ଞାନିକ ଉଦ୍ଭାବନ, ଜଗତୀକରଣ, ରାଜନୀତିକ ଆବହାୱାର ପ୍ରଭାବରେ ଆଦିବାସୀସମାଜ ପରିବର୍ତ୍ତନ ଧାରାରେ ସାମିଲ ହୋଇଛି। ଦିନେ ବଣ, ଜଙ୍ଗଲ, ଡଙ୍ଗରରେ ବାସ କରୁଥିବା ଆଦିବାସୀ ନିଜକୁ ଧୋବଧାଉଳିଆଙ୍କ ସହିତ ସମତୁଲ କରିବା ପାଇଁ ଆଜି ଘଞ୍ଚ ଜଙ୍ଗଲରୁ ଉଡ଼ି ଆସି କଂକ୍ରିଟ୍ ଜଙ୍ଗଲର ସୁଉଚ୍ଚ ଅଟ୍ଟାଳିକାରେ ବସା ବାନ୍ଧିବାର ପ୍ରୟାସ କରୁଛି ବାରମ୍ବାର। କିନ୍ତୁ ଆଦିବାସୀ ରକ୍ତ ତା'ର ବଂଶଗତ ସ୍ୱଭାବରୁ ମୁକୁଳି ପାରିନାହିଁ, ପାରିବ ନାହିଁ; ଏହା ହିଁ ତା'ର ମୌଳିକତା, ତାହା ହିଁ ତା'ର ଆଦିବାସୀୟ ପରିଚୟର ସମ୍ପତ୍ତି। ଓଡ଼ିଶାରେ ୬୨ ଜନଜାତି ଅଛନ୍ତି। ୨୦୧୧ ମସିହା ଜନଗଣନା ଅନୁସାରେ କ୍ରମାନ୍ୱୟରେ ୫୦ ଆଦିବାସୀ ସମ୍ପ୍ରଦାୟ ସମ୍ପର୍କରେ ଏଠାରେ ସୂଚନା ଦେବା ଲାଗି ପ୍ରୟାସ କରାଯାଇଛି।।



## କନ୍ଧ

'କୁଇ' ଶବ୍ଦର ଓଡ଼ିଆ ରୂପାନ୍ତର ହେଉଛି କନ୍ଧ। କନ୍ଧମାନେ ପୂଜା କାର୍ଯ୍ୟ ଜାନି, ଲାମ୍ବା ଏବଂ ପୂଜାରୀ ଦ୍ୱାରା କରିଥା'ନ୍ତି। ସେମାନଙ୍କ ମୁଖ୍ୟପର୍ବ ଘଣ୍ଟ ପରବ, ଚଇତ ପରବ, କେଡୁ ପରବ, ମାଣ୍ଡିଆ ରାନୀ, କୋରୁବିହା ଏବଂ ଦଶେରା ପରବରେ ମଇଁଷି, ଛେଳି, ଘୁଷୁରି, ପାରା, କୁକୁଡ଼ା ଆଦି ବଳି ପଡ଼େ। ଦିଶାରୀ ଗ୍ରାମର ଗଣକ ରୂପେ କାର୍ଯ୍ୟ କରୁଥିବା ବେଳେ ବେଜୁ, ବେଜୁଣୀ କାଳିଶି ଲାଗି ଲୋକଙ୍କର ଭଲମନ୍ଦର ଭବିଷ୍ୟବାଣୀ କରନ୍ତି। ଗ୍ରାମର ସୁପରିଚାଳନା ପାଇଁ ସାଆନ୍ତ, ମଣ୍ଡଳ, ଜାନି, ବିସମାଝୀ ଏବଂ ବାରିକ ନିଯୁକ୍ତ ଥାଆନ୍ତି। ୨୦୧୧ ମସିହାର ଜନଗଣନା ଅନୁସାରେ କନ୍ଧ ସମାଜରେ ଶିକ୍ଷାର ହାର ୪୬.୯୫%।

ଶିକ୍ଷା ପ୍ରବେଶ କରିବା ପରେ କନ୍ଧମାନଙ୍କ ନିକଟରେ ପରିବର୍ତ୍ତନର ଛାପ ଦେଖାଦେଲାଣି। ଯୁବଗୋଷ୍ଠୀଙ୍କ ଅବସର ବିନୋଦନ କେନ୍ଦ୍ର ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା ବର୍ତ୍ତମାନ ନାହିଁ। ପାରମ୍ପରିକ ବାଦ୍ୟ ବିବାହ, ନୃତ୍ୟଗୀତରେ ଆଧୁନିକ ଶୈଳୀ ପ୍ରବେଶ କଲାଣି। ଯୁବଗୋଷ୍ଠୀ ରାଜନୀତିରେ ଅଂଶଗ୍ରହଣ କରି ସଫଳ ହେଲେଣି। ନିରକ୍ଷର କବି ପୂର୍ଣ୍ଣମାସୀ ଜାନି ଅନେକ ଭଜନ, ପ୍ରାର୍ଥନା, ପଦ ଆଦି ରଚନା କରି ପଦ୍ମଶ୍ରୀ ଉପାଧିର ଅଧିକାରିଣୀ ହୋଇପାରିଛନ୍ତି।

କନ୍ଧମାନେ ସଂଖ୍ୟାଦୃଷ୍ଟିରୁ ଓଡ଼ିଶାର ସର୍ବବୃହତ୍ ଜନଜାତି। ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଜିଲାଗୁଡ଼ିକରେ ଏମାନଙ୍କର ଘନ ବସତି ରହିଛି। ଗ୍ରାମଦେବତୀ ଯାତ୍ରାକୁଲି, ଜଳଦେବୀ ଗାଙ୍ଗିପେନୁ, ପାହାଡ଼ଦେବତା ଭୀମପେନୁ, ଜଙ୍ଗଲଦେବୀ ଲାଇପେନୁ, ଧନରଦେବୀ ସୀତାପେନୁ, ବର୍ଷାଦେବୀ ବିରନାପେନୁ ଆଦିଙ୍କୁ ସେମାନେ ପୂଜା କରନ୍ତି।

## ସାନ୍ତାଳ

ଓଡ଼ିଶାର ଦ୍ୱିତୀୟ ବୃହତ୍ ଜନଜାତି ହେଉଛନ୍ତି ସାନ୍ତାଳ। ତାଙ୍କର ଜନସଂଖ୍ୟା–୮,୯୪,୭୬୪ ଓ ଶିକ୍ଷାର ହାର–୫୫.୫୭%। ଏମାନେ ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ଯାଜପୁର ଆଦି ଜିଲାରେ ଅଧିକ ସଂଖ୍ୟାରେ ବାସ କରନ୍ତି। ତାଙ୍କର ମାତୃଭାଷା ସାନ୍ତାଳୀ, ଯାହା ଅଷ୍ଟ୍ରିକ ସମୂହର ଭାଷା। ସାନ୍ତାଳୀ ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ। ସାନ୍ତାଳୀ ଭାଷା ପାଇଁ ସ୍ୱତନ୍ତ୍ର ଲିପି ଅଲଚିକି ରହିଛି। ଏହାର ଉଦ୍ଭାବକ ଗୁରୁଗମକେ ପଣ୍ଡିତ ରଘୁନାଥ ମୁର୍ମୁ। ଶିକ୍ଷା ଓ ସାହିତ୍ୟ ଦୃଷ୍ଟିରୁ ସାନ୍ତାଳମାନେ ଅନ୍ୟାନ୍ୟ ଆଦିବାସୀଠାରୁ ଯଥେଷ୍ଟ ଆଗରେ। ପ୍ରଶାସନିକ ସେବା ତଥା ରାଜନୀତି କ୍ଷେତ୍ରରେ ମଧ୍ୟ ନିଜ ଦୃଢ଼ତାର ପରିଚୟ ସ୍ଥାପନ କରିଛନ୍ତି।

### ୫୦ ସମ୍ପ୍ରଦାୟ

କନ୍ଧ, ସାନ୍ତାଳ, ଗଣ୍ଡ, କୋହ୍ଲ, ମୁଣ୍ଡା, ସଉରା, ଭତରା, ପରଜା, ଓରାଓଁ, କିସାନ, ଭୂୟାଁ, ଭୂମିଜ, ଖଡ଼ିଆ, ବାଥୁଡ଼ି, କୋୟା, ବିଂଝାଲ, ଭୂମିଆ, ସାଉଁତି, ଗଦବା, ହୋ, ମିର୍ଦ୍ଧା, କୋଡ଼ା, ଜୁଆଙ୍ଗ, ମାଟିଆ, ଅମନାତ୍ୟ, ହଲ୍‌ବା, କନ୍ଧଗୌଡ଼, ମୁଣ୍ଡାରୀ, ଦଲ, କୋଣ୍ଡାଡୋରା, ମାହାଲି, ବଞ୍ଜାରା, ଧରୁଆ, ଜତାପୁ, କୁଲିସ୍, ଭୁଆ, ବଣ୍ଡା ପରଜା, ବିଂଝିଆ, ପେଣ୍ଟିଆ, ଲୋଧା, କୋହ୍ଲ ଲୋହାର, ଠାରୁଆ, ପେରେଙ୍ଗା, ଡିଡ଼ାୟୀ, ବଗତା, କୋଟିଆ, କୋଲି, ମହ୍ଲାର, କାୱାର ଏବଂ କୋଲ।

## କୋଟିଆ

ଖରା, ନାଗ, ଆନ୍ଥାଲୁ, ଗୋରୀପିଟା, କିଲୋ, ମାଛ, ଭାଲୁ, ଖିଲ, ହନୁ, ଖିନଗୁଡ଼ି, ସୁକରୀ ଏବଂ ପାଙ୍ଗୀ ଗୋତ୍ରଧାରୀ କୋଟିଆ କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ କନ୍ଧମାଳ ଜିଲାମାନଙ୍କରେ ବିକ୍ଷିପ୍ତ ଭାବରେ ବସବାସ କରନ୍ତି। ଦେଶିଆ ଓ ଓଡ଼ିଆ ଭାଷା ଏମାନଙ୍କର ମାତୃଭାଷା। କୋଟିଆ ପାଇକ ନାମରେ ଏମାନେ ମଧ୍ୟ ପରିଚିତ। ନାୟକ ତାଙ୍କର ଗ୍ରାମମୁଖ୍ୟ। ତାଙ୍କୁ ସହଯୋଗ କରନ୍ତି ଦିଶାରୀ, ପୂଜାରୀ, ଗୁରୁ ଏବଂ ଚଲାନ। ମୁଖ୍ୟ ଦେବତା ମୌଳିଦେବତା, ଯାହାକୁ ସେମାନେ କେନ୍ଦୁଗଛ ମୂଳରେ ପୂଜା କରନ୍ତି। ଜନସଂଖ୍ୟା–୭,୨୩୨ ଓ ଶିକ୍ଷାର ହାର–୪୪.୩୬%।




(ଏହି ଲେଖାର ବିସ୍ତୃତ ବିବରଣୀ ଧରିତ୍ରୀର ୫୦ତମ ଜନ୍ମଦିନ ବିଶେଷାଙ୍କରେ 'ଓଡ଼ିଶାର ୫୦ ଜନଜାତି' ଶୀର୍ଷକରେ ସ୍ଥାନ ପାଇଛି। ପାଠିକାପାଠକ ଆଦିବାସୀଙ୍କ ଉପରେ ଉକ୍ତ ପ୍ରବନ୍ଧରୁ ସମ୍ପୂର୍ଣ୍ଣ ସୂଚନା ଓ ତଥ୍ୟ ପାଇପାରିବେ)






# ୫୦ ମିଠାପିଠା



**ମିଠା ଏମିତି ଏକ ଶବ୍ଦ ଯାହା ଦୁଃଖ ମନରେ ଆନନ୍ଦ ଆଣିଥାଏ। ତାହାକୁ ଖାଇଲେ ପାଟି ସ୍ୱାଦ ହେବା ସହ ମନରେ ଏକ ପ୍ରକାର ଖୁସିର ଭାବନା ସୃଷ୍ଟି ହୋଇଥାଏ। ଏହା ଭଗବାନଙ୍କର ମଧ ପ୍ରିୟ ଖାଦ୍ୟ। ଏପରି କି ମା' ଲକ୍ଷ୍ମୀଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଦେଇ ମାନ ଭଞ୍ଜନ କରିଥିଲେ। ଏହା ଆମର ସଂସ୍କୃତି ଓ ପରମ୍ପରା ସହିତ ଓତଃପ୍ରୋତୋ ଭାବେ ଜଡ଼ିତ। ବିଭିନ୍ନ ପର୍ବପର୍ବାଣୀ ହେଉ ବା ବିବାହବ୍ରତ ଆଦିରେ ମିଠାର ସ୍ୱତନ୍ତ୍ର ଆଦର ରହିଛି। ଆମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଏଭଳି କିଛି ମିଠା ଅଛି, ଯାହାକି ଉକ୍ତ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଏଭଳି ୫୦ ମିଠା ଓ ପିଠାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

ପ୍ରସ୍ତୁତି: ଲାଲା ସୁନୀଲ କୁମାର ରଥ

**ରସଗୋଲା:** ଓଡ଼ିଶାରେ ସର୍ବାଧିକ ବ୍ୟବହାର ହେଉଥିବା ମିଠା ମଧ୍ୟରେ ରସଗୋଲା ହେଉଛି ଅନ୍ୟତମ। ଛେନା ଏବଂ ସୁଜିର ମିଶ୍ରଣରେ ଗୁଜୁରାତି ଓ ଅଳେଇଚ ପକାଇ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରାଯାଇଥାଏ। ପରେ ଏହାକୁ ଚିନି ଶିରାରେ ପକାଇ ଫୁଟାଯାଇଥାଏ। ପୌରାଣିକ କଥା ଅନୁଯାୟୀ, ରସଗୋଲାର ସର୍ବପ୍ରଥମ ପ୍ରମାଣ ଦାଣ୍ଡି ରାମାୟଣରେ ରହିଛି।

**ଗୋଲାପ ଜାମୁନ୍:** ମିଠାପ୍ରିୟ ଲୋକଙ୍କ ମଧ୍ୟରେ ଗୋଲାପ ଜାମୁନ ବା ଗୁଲାବ ଜାମୁନ ହେଉଛି ଅତି ପରିଚିତ ନାମ। ମଇଦା, ଛେନା, ଖୁଆ ଏବଂ ଚିନିରୁ ପ୍ରସ୍ତୁତ ଏହି ମିଠା ଖାଇବାକୁ ଯେତିକି ଟେଷ୍ଟି ଦେଖିବାକୁ ମଧ ସେତିକି ସୁନ୍ଦର। ଲୋକକଥା ଅନୁଯାୟୀ, ୧୩ଶତାବ୍ଦୀ ବେଳକୁ ଏହାର ଉତ୍ପତ୍ତି ହୋଇଥିଲା। ମଇଦା ଓ ଛେନା ମିଶ୍ରଣରୁ ପ୍ରସ୍ତୁତ ଗୁଳାକୁ ଘିଅରେ ଭଲଭାବେ ଛାଣି ପରେ ତାକୁ ମହୁ କିମ୍ବା ଚିନି ସିରାରେ ବୁଡ଼ାଇ ମିଠା ତିଆରି କରାଯାଉଥିଲା। ସେ ସମୟରେ ଏହାକୁ 'ଲୁକ୍‌ମତ୍ ଅଲ୍-କାଦୀ' ବୋଲି କହୁଯାଉଥିଲା। ଏବେ ଏହା ସବୁଠାରେ ଗୋଲାପ ଜାମୁନ ଭାବେ ପରିଚିତ।

**ଛେନାଝିଲ୍ଲି:** ଛେନାଝିଲ୍ଲିର ନାଁ ଯେମିତି କୌତୁକିଆ, ଖାଇବାକୁ ସେମିତି ସୁଆଦିଆ। ଛେନାଝିଲ୍ଲି ପ୍ରଥମେ ୧୯୪୦ରେ ପ୍ରସ୍ତୁତ ହୋଇଥିଲା। ଏହାକୁ ନିମାପଡ଼ାର ବିଶିଷ୍ଟ ମିଠା ବ୍ୟବସାୟୀ ସ୍ୱର୍ଗତ ଆର୍ତ୍ତବନ୍ଧୁ ସାହୁ ତିଆରି କରିଥିଲେ। ପ୍ରଥମେ ଚୁପୁଡ଼ା ଛେନାରେ ଅଳ୍ପ ପରିମାଣର ମଇଦା ମିଶାଯାଇଥାଏ। ପରେ ଗୁଜୁରାତି ଗୁଣ୍ଡ ଓ ମଇଦାକୁ ଭଲ ଭାବେ ମିଶ୍ରଣ କରାଯାଏ। ତା' ପରେ ଏକ କ୍ଷୁଦ୍ର କପଡ଼ାରେ ଏହି ମିଶ୍ରଣ ଛେନାକୁ ରଖାଯାଇ ଜିଲାପି ସଦୃଶ ଏହି ଛେନାକୁ ଗରମ ଘିଅ କଡ଼େଇରେ ପକାଯାଇ ଛଣାଯାଏ। ଛେନାର ରଙ୍ଗ ଲାଲ ହେବା ପରେ ତାକୁ ଗରମ ସିରାରେ ପକାଯାଏ।

**ମାଠପୁଲି, ଛେନା ଜିଲାପି, ଧନୁମୁଆଁ, କ୍ଷୀରସାଗର, ଲବଙ୍ଗଲତା, ଅମୃତି, ଦାତଁରି ଖଜା, ରସମଲାଇ, ଛେନାଷ୍ଟିମ୍, ପୋଡ଼ପିଠା, ରାବିଡ଼ି, କାଲାକନ୍ଦ, ମାଲପୁଆ, କାକରାପିଠା, ଫେଣି, ଶିଳପୁଆ ରସଗୋଲା, ଛେନାଗଜା, ଲଡ୍ଡୁ, ସୋନପାପଡ଼ି, ଛେନାମୁଡ଼୍କି, ପେଡ଼ା, ବୁନ୍ଦି, ଡାଲିଖଜା, ରୋଷ୍ଟେଡ ରସଗୋଲା, ନାନମାନ, କାଜୁବର୍ଫି, କ୍ଷୀରା, ସାକର, କାଜୁକଟ୍‌ଲୀ, ମଲାଇ ଚମ୍‌ଚମ୍, ଘେବର, ମୁଢ଼ିମୁଆଁ, ଚୁଡା ମୁଆଁ, ଛେନାମଣ୍ଡା, ସନ୍ଦେଶ ଏବଂ ନଡ଼ିଆ ଲଡ୍ଡୁ।**

**ଜିଲାପି:** ମଇଦାର ଏକ ଘୋଳକୁ ତେଲରେ ଗୋଲଗୋଲ ଭାବେ ଛାଣି ତାହାକୁ ଚିନି ସିରାରେ ପକାଇ ଜିଲାପି ପ୍ରସ୍ତୁତ କରାଯାଏ। ଏହା ସାଧାରଣତଃ ନାରଙ୍ଗୀ କିମ୍ବା ଈଷତ୍ କମଳା ରଙ୍ଗର ହୋଇଥାଏ। କୁଡୁମୁଡିଆ ସହ ପାଟିକୁ ମିଠା ଲାଗୁଥିବାରୁ ସବୁ ବର୍ଗର ଲୋକେ ଏହାକୁ ଖାଇବାକୁ ପସନ୍ଦ କରିଥାନ୍ତି।

**ଛେନାପୋଡ଼:** ବଳି ପଡୁଥିବା ଛେନାକୁ ନଷ୍ଟ ହେବାକୁ ନ ଦେବାକୁ ଯାଇ ପ୍ରଥମ ଛେନାପୋଡ ପୋଡ଼ପିଠାର ରୂପ ନେଇଥିଲା। ଏଥିରେ ଚାଉଳ ମିଶିଥିବାରୁ ପୋଡ଼ପିଠାର ସ୍ୱାଦ ଥିଲେ ମଧ ଏହା ଟାଣ ରହିଥିଲା। ପରେ ଛେନାରେ ସୁଜି, ଚିନି, କାଜୁ, ଗୁଜୁରାତି ମିଶାଇ କଦଳୀ ପତ୍ର ଦେଇ ପିତ୍ତଳ ଉପକରଣରେ ଛେନାପୋଡ ପ୍ରସ୍ତୁତ କରାଯାଇଥିଲା, ଯାହାକି ଲୋକଙ୍କ ଦ୍ୱାରା ଆଦୃତ ହୋଇଥିଲା। ନୟାଗଡ଼ ଜିଲା ଦଶପଲ୍ଲା ସାତପାଟଣା ଗ୍ରାମର ସ୍ୱର୍ଗତ ବିଦ୍ୟାଧର ସାହୁ ଏହି ମିଠା ପ୍ରଥମେ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଥିଲେ।

**କ୍ଷୀରଗଜା:** କ୍ଷୀରଗଜା ଓଡ଼ିଶାର ଆଉ ଏକ ଅନ୍ୟତମ ପ୍ରସିଦ୍ଧ ମିଠା। କ୍ଷୀରଗଜାର ମୁଖ୍ୟ ଉପାଦାନ ହେଉଛି ଖୁଆ। ପ୍ରଥମେ ଖୁଆରେ ମଇଦା, ଘିଅ ପକାଇ ଭଲଭାବେ ଗୋଳାଇ ଖାସ୍ତା ପ୍ରସ୍ତୁତ କରିବେ। ପରେ ସେଥିରେ ଅଳ୍ପ ଅଳ୍ପ ଖୀର ପକାଇ ଭଲଭାବେ ଚକଟି ଛୋଟଛୋଟ ଖଣ୍ଡରେ କାଟି ତେଲରେ ଛାଣିବେ। ସେଥିରୁ କାଢ଼ି ଚିନି ସିରାରେ ପକାଇ ଗଜା ପ୍ରସ୍ତୁତ ହୋଇଥାଏ। ଏହି ମିଠା ବାହାରୁ ସାମାନ୍ୟ ଟାଣ ଲାଗୁଥିବାବେଳେ ଭିତରୁ ନରମ ଲାଗିବା ସହ ଖାଇବାକୁ ଭଲ ଲାଗିଥାଏ।

**ମୁଗବରା:** ବଲାଙ୍ଗୀର ଜିଲା ଦେଓଗାଁ ଅଞ୍ଚଳରେ ମୁଗବରା ବା ରସ୍‌ବରାର ସ୍ୱତନ୍ତ୍ର ଚାହିଦା ଏବଂ ପ୍ରସିଦ୍ଧି ରହିଛି। ଏହା ଏକ ପାରମ୍ପରିକ ମିଠା। ମୁଗବରାରେ ମୂଳ ଉପାଦାନ ହେଉଛି ଦେଶୀମୁଗ, ତେଲ ଓ ଚିନି। ଆବଶ୍ୟକ ମୁଗକୁ ସଫାସୁତରା କରିବା ପରେ ଅତି ପାଲିସ କରି ଗ୍ରାଇଣ୍ଡିଂ କରାଯାଏ। ଗ୍ରାଇଣ୍ଡିଂ ହୋଇଥିବା ମୁଗ ପେଷ୍ଟକୁ ଗୋଲାକାର ବରା ସାଇଜ୍‌ରେ ତେଲରେ ଛଣାଯାଏ। ଛଣାଯାଇଥିବା ମୁଗବରାକୁ ପ୍ରସ୍ତୁତ ଚିନି ସିରାରେ ପକାଯାଏ। ମୁଗବରା ଏତେ ସୁସ୍ୱାଦୁ ଯେ ଥରେ ଖାଇଲେ ତାର ସ୍ୱାଦ ଭୁଲି ପାରିବେ ନାହିଁ।

**ଖାସ୍ତା ଗଜା:** ବାଲେଶ୍ୱର ଜିଲାର ପ୍ରସିଦ୍ଧ ଖାସ୍ତା ଗଜାର ସ୍ୱତନ୍ତ୍ର ଚାହିଦା ରହିଛି। କେବଳ ରାଜ୍ୟରେ ନୁହେଁ, ଦେଶ ବିଦେଶରେ ମଧ ଏହି ଗଜାର ପରିଚୟ ରହିଛି। ମଇଦା, ପାନମହୁରୀ, ବଡ଼ଅଳେଇଚ ମିଶ୍ରଣ ସହ ବିଶୁଦ୍ଧ ଘିଅ ଓ ଚିନିସିରାରେ ପ୍ରସ୍ତୁତ ଏହି ଗଜାର ସ୍ୱାଦ ନିଆରା। ମଇଦା, ପାନମହୁରି, ବଡ଼ଅଳେଇଚକୁ ଭଲ ଭାବରେ ମିଶ୍ରଣ କରାଯାଏ। ବିଶୁଦ୍ଧ ଘିଅରେ ଛଣାଯିବାପରେ ଗରମ ଚିନିସରାରେ କିଛି ସମୟ ବୁଡାଇ ରଖାଯାଇଥାଏ। ଏହା ପରେ ବାହାର କରାଯାଇ ଥଣ୍ଡା କରାଗଲା ପରେ ଖାଦ୍ୟ ପାଇଁ ଉପଯୁକ୍ତ ହୋଇଥାଏ।

**ମହେଶ୍ୱର ପାଗ :** ବ୍ରହ୍ମପୁର ସହରରେ ଋତୁ ଅନୁଯାୟୀ ମିଠା ପ୍ରସ୍ତୁତ ହେଉଛି। ହେଲେ ମହେଶ୍ୱର ପାଗ ସବୁଦିନିଆ ମିଠା। ଗାଁ ଗହଳିରେ ଏହାକୁ ମଇଶୁର ପାଗ ବୋଲି ମଧ କୁହାଯାଇଥାଏ। ଏଥିପାଇଁ ବେସନ, ଚିନି, ଘିଅ, କାଜୁ, ଗୁଜୁରାତି, ପିସ୍ତାବାଦମ ଆଦି ସାମଗ୍ରୀ ଦରକାର। ବେସନ ଯେତିକି ନେବାକୁ ପଡ଼ିବ ତା'ର ଚାରିଗୁଣ ଘିଅ ଓ ଚାରିଗୁଣ ଚିନି ଦରକାର। ଆବଶ୍ୟକ ଅନୁସାରେ ଗୁଜୁରାତି, କାଜୁ, ପିସ୍ତାବାଦାମ ପକାଇବା ଦରକାର। ଏହି ସମସ୍ତ ସାମଗ୍ରୀକୁ କରେଇରେ ଫୁଟାଇବାକୁ ପଡ଼ିବ। ଫୁଟାଇବାବେଳେ ଫେଣ ବାହାରିବା ପରେ ପାଗ ପ୍ରସ୍ତୁତ ହୋଇଯାଏ। ପରେ ଏହାକୁ ଏକ ଥାଳିରେ ବାହାର କରି ବିଭିନ୍ନ ଆକୃତି ଦିଆଯାଇ କଟାଯାଇଥାଏ।

**ପାଲୁଅ ଲଡ୍ଡୁ:** ଭଦ୍ରକର ପାଲୁଅ ଲଡ୍ଡୁର ଏକ ସ୍ୱତନ୍ତ୍ରତା ରହିଛି। ରାଜ୍ୟରେ ଯେତେ ପ୍ରକାର ମିଠା ଅଛି ୨ କିମ୍ବା ୫ଟି ଉପାଦାନରେ ତିଆରି ହୋଇଥାଏ କିନ୍ତୁ ପାଲୁଅ ଲଡ୍ଡୁ ୧୨ଟି ଉପାଦାନରେ ତିଆରି ହୋଇଥାଏ। ପାଲୁଅ, ସୁଜି ଓ ମଇଦା ମୁଖ୍ୟ ଉପାଦାନ ହୋଇଥିବା ବେଳେ ଖୁଆ, ଛେନା, ପାନମଧୁରୀ, ସୋଡ଼ା, ଅଦା, କାଜୁ, କିସ୍‌ମିସ୍, ଗୁଜୁରାତି, ଗୁଆଘିଅ ପରିମାଣ ଅନୁସାରେ ବ୍ୟବହାର ହୋଇଥାଏ।

**ଗୁଡ଼ଲଡ୍ଡୁ:** ମୟୂରଭଞ୍ଜ ଗୁଡ଼ ଲଡୁର ଏକ ସ୍ୱତନ୍ତ୍ର ସ୍ୱାଦ ରହିଛି। ପ୍ରଥମେ ଗୋଲମରିଚ, ଜୁଆଣି ଓ ଖାଇବା କର୍ପୂରକୁ ଗୁଣ୍ଡ କରି ଗୁଡ଼ରେ ତିଆରି ସିରାରେ ପକାଯାଏ। ଏହାପରେ ତେଲରେ ଛଣା ହୋଇଥିବା ବେସନ ବୁନ୍ଦିକୁ ଉକ୍ତ ଗରମ ସିରାରେ ପକାଇବାକୁ ପଡ଼େ। ବୁନ୍ଦିଆ ଗରମ ଥିବା ଅବସ୍ଥାରେ ୫ମିନିଟ ମଧ୍ୟରେ ଗୁଆଘିଅ ବୋଳା ହାତରେ ତାକୁ ଲଡ୍ଡୁ ରୂପ ଦିଆଯାଇଥାଏ। ଗୁଡ଼ରେ ପ୍ରସ୍ତୁତ ହେଉଥିବାରୁ ଏହାର ସ୍ୱାଦ ନିଆରା ସହିତ ଶରୀର ପାଇଁ କ୍ଷତିକାରକ ହୋଇ ନ ଥାଏ।

**ରସାବଳି:** ମେଳା ମହୋତ୍ସବରେ ରସାବଳିର ଚାହିଦା ଅଧିକ ରହିଥାଏ। ଛେନା, ଘିଅ, କ୍ଷୀର, ଚିନି, ଗୁଜୁରାତି, ଅଳେଇଚ, କେସର ଆଦି ଏହି ମିଠାରେ ବ୍ୟବହାର ହୋଇଥାଏ। ପ୍ରଥମେ ଚିପୁଡ଼ା ଛେନାରେ ଗୁଆଘିଅ, ଗୁଜୁରାତି, ଅଳେଇଚ ଗୁଣ୍ଡ ମିଶାଯାଇଥାଏ। ପରେ ଏହାକୁ କାକରା ଆକାରର କରାଯାଇ ଘିଅରେ ଛଣାଯାଇଥାଏ। ଏହା ଲାଲ୍ ରଙ୍ଗର ହୋଇଯିବା ପରେ କେସର ଯୁକ୍ତ ମିଠା କ୍ଷୀରରେ ପକାଯାଇଥାଏ।

**ମଗଜୀ ଲଡ୍ଡୁ:** ଢେଙ୍କାନାଳର ମଗଜୀ ଲଡ୍ଡୁ ବେଶ୍ ପ୍ରସିଦ୍ଧ। ମଗଜୀ ଲଡ୍ଡୁ ମଇଁଷି କ୍ଷୀର ଛେନାରେ ପ୍ରସ୍ତୁତ ହୋଇଥାଏ। ମଇଁଷି କ୍ଷୀର ଛେନାରେ ଚିନି, ଗୁଜୁରାତି ପାଉଡର ପକାଇ ଏହାକୁ ୪୫ ମିନିଟ ଧରି ଚୁଲିରେ ବସାଯିବା ସହ ଘଣ୍ଟା ଯାଇଥାଏ। ପରେ ଏହା ଥଣ୍ଡା ହୋଇଗଲେ ମିଠା ଭଳି ଆକାର ଦିଆଯାଇ ବିକ୍ରି ପାଇଁ ପ୍ରସ୍ତୁତ କରାଯାଇଥାଏ।

**ଆରିସା:**ଆରିସା ପିଠା ଏକ ପରିଚିତ ନାଁ। ଏହାର ପ୍ରସ୍ତୁତି ପ୍ରଣାଳୀ ବହୁତ ସହଜ। ଚାଉଳ ଗୁଣ୍ଡ, ଗୁଡ଼, ଗୁଜୁରାତି, ଚୋପା ଛଡ଼ା ରାଶି ଏହାର ମୁଖ୍ୟ ଉପାଦାନ ଅଟେ। ପ୍ରଥମେ ଅରୁଆ ଚାଉଳକୁ ପାଣିରେ ୨ଘଣ୍ଟା ଭିଜାଇବା ପରେ ଏହାକୁ ଛାଣି ଶୁଖା ଯାଇଥାଏ। ପରେ ତାକୁ ଗ୍ରାଇଣ୍ଡିଂ କରି ଚୂନା କରିବାକୁ ହେବ। ପରେ ଗରମ ଗୁଡ଼ରେ ଚାଉଳ ଚୂନା ଓ ଗୁଜୁରାତି ଗୁଣ୍ଡ ପକାଇ ଗୋଳାଯାଇଥାଏ। ଏହା ଥଣ୍ଡା ହେବା ପରେ ଏହାକୁ କାକରା ପିଠା ଭଳି ହାତରେ ଆକୃତି ଦେବା ପରେ ଚୋପାଛଡ଼ା ରାଶି ଲଗାଯାଇ ତେଲରେ ଛଣାଯାଇଥାଏ।

ଏହି ଲେଖାର ସବିଶେଷ ବିବରଣୀ ଧରିତ୍ରୀର ୫୦ ତମ ଜନ୍ମଦିନ ବିଶେଷାଙ୍କରେ '୫୦ ମିଠାପିଠା' ଶୀର୍ଷକରେ ଲେଖା ସ୍ଥାନ ପାଇଛି। ପାଠିକାପାଠକ ଉକ୍ତ ଲେଖାରୁ ମିଠା ଓ ପିଠା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପାଇପାରିବେ।
















Your classified advertisement published in Dharitri will be listed free in Dharitri online edition :
www.dharitri.com



# କୁମ୍ଭକ୍ଷେତ୍ର
## ଯେଉଁଠି ପ୍ରକୃତି-ମଣିଷ ଏକାକାର



ଚାରିପଟେ ଘେରି ରହିଛି ଝରଣା, ପାହାଡ଼, ପର୍ବତ, ଜଙ୍ଗଲ। ମଝିରେ ରହିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତର କୁମ୍ଭକ୍ଷେତ୍ର। ଯେଉଁଠି ପ୍ରକୃତି-ମଣିଷ ହୋଇଛନ୍ତି ଏକାକାର। ପ୍ରକୃତିର ଅବଦାନ ସାଙ୍ଗକୁ ମନୁଷ୍ୟକୃତ ଇକୋ କ୍ୟାମ୍ପ ଓ କିୟୋର ପାଲଟିଛି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର।




କୁଲଡ଼ିହା ଅଭୟାରଣ୍ୟର ପାର୍ଶ୍ୱବର୍ତ୍ତୀ ମଦିଆ ଜନଜାତିର ଲୋକମାନେ ଏଠାରେ କାହିଁ କେଉଁ କାଳରୁ ବସବାସ କରିଆସୁଛନ୍ତି। ମାଟିରେ ବିଭିନ୍ନ ପ୍ରକାର ସାମଗ୍ରୀ ଗଢ଼ିବା ସେମାନଙ୍କ ପେଶା। ଏପରିକି ନୀଳଗିରି ରାଜାଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ମନ୍ଦିର ଲାଗି ଆବଶ୍ୟକ ପଡୁଥିବା ଦୀପ, ହାଣ୍ଡି, ଢ଼ାଳ ଭଳି ମାଟିର ସାମଗ୍ରୀ ଯୋଗାଇଆସୁଛନ୍ତି। ବର୍ତ୍ତମାନ ରାଜାଙ୍କ ଶାସନ ନ ଥିଲେ ମଧ ଜଗନ୍ନାଥ ମନ୍ଦିର ଲାଗି ଆବଶ୍ୟକ ପଡୁଥିବା ମାଟି ସାମଗ୍ରୀ ଯୋଗାଇ ଆସିବାରେ ଅବହେଳା କରିନାହାନ୍ତି। ଏହି ଅଞ୍ଚଳକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ କିଛିଦିନ ପୂର୍ବରୁ ବିଶିଷ୍ଟ ଶିଳ୍ପୀ କେଶୁ ଦାସ ପ୍ରୟାସ ଆରମ୍ଭ କରିଛନ୍ତି। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ସୋସିଆଲ ମିଡିଆର ସହାୟତା ନେଇଛନ୍ତି। ସେହି ଅଞ୍ଚଳର ବିଭିନ୍ନ ଫଟୋ, ଲୋକଙ୍କ ବୃତ୍ତି, ଚଳଣି, ସାଂସ୍କୃତିକ ମୂଲ୍ୟବୋଧକୁ ସ୍ଥାନ ଦେଇଛନ୍ତି। ନିକଟସ୍ଥ କୁଲଡ଼ିହା ଅଭୟାରଣ୍ୟ ପାଦଦେଶ ବାଆବନ୍ଧ ଅଞ୍ଚଳର ବୁଆଳି ବନ୍ଧରେ ଥିବା ଜଳରାଶିରେ ପାରମ୍ପରିକ ହାଣ୍ଡିଭେଳାରେ ଭ୍ରମଣ ସୁବିଧା ସହିତ କାର୍ଯ୍ୟରତ ଆଦିବାସୀ କୁମ୍ଭାରଙ୍କ ସହ ସାକ୍ଷାତ କରାଇବା, ଜଙ୍ଗଲରେ ବିଭିନ୍ନ ପ୍ରଜାତି ପକ୍ଷୀଙ୍କର କିଚିର ମିଚିରି ରାବ, ନିକଟସ୍ଥ ବ୍ରାହ୍ମଣୀ ଝରଣାର କୁଳୁକୁଳୁ ନାଦ, ପାହାଡ଼ ଉପରେ ବ୍ରାହ୍ମଣୀ ଠାକୁରାଣୀ ଦର୍ଶନ, କିମ୍ବଦନ୍ତୀ ଭୀମ ଆଣ୍ଠୁଆ ବିରାଟ ଚଟରା ଓ କୁଣ୍ଡ, ଐତିହାସିକ ବାଘ ଘର, ପ୍ରାକୃତିକ ଦୁଇ ମହଲା ପାହାଡ଼ି ଗୁମ୍ଫା, ଅବଲୁପ୍ତ ଖପରା କଳା ଓ କଳାକାରଙ୍କ ସହ ମିଳନ, ଆଦିବାସୀ କୁମ୍ଭାରର ପାରମ୍ପରିକ ନୃତ୍ୟର ଝଲକ, କୁମ୍ଭ ଘର, ଭେଳା ଘର, ଗଛ ଘର, ହ୍ରଦ ଘର ସହ ଛପର, ଟାଇଲ, ହୁଗୁଲା, ଖପରା ଘର ଓ ଦୋକାନୀମୁକ୍ତ ଦୋକାନ ଭଳି କେତେକ ପ୍ରାକୃତିକ ଏବଂ ମନୁଷ୍ୟକୃତ ଅବଦାନକୁ ଏକାଠି କରିଛନ୍ତି। ତାଙ୍କ ମତରେ ଭଗବାନ (ଭ+ଗ+ବ+ଅ+ନ) ଭ- ଭୂମି, ଗ- ଗଗନ, ବ- ବାୟୁ, ଅ- ଅନଳ, ନ- ନୀର ର ଅପୂର୍ବ ସମ୍ଭାରକୁ କୁଲଡ଼ିହା ଅଭୟାରଣ୍ୟର ପାଦଦେଶରେ ଅଙ୍ଗେ ଅଙ୍ଗେ ଅନୁଭବ କରିପାରିବାର ପ୍ରୟାସ ଆରମ୍ଭ କରିଛନ୍ତି। ଏଠାରେ ମଧ ପର୍ଯ୍ୟଟକଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା ଉପଲବ୍ଧ ରହିଛି।

> ବର୍ତ୍ତମାନ ରାଜାଙ୍କ ଶାସନ ନ ଥିଲେ ମଧ ଜଗନ୍ନାଥ ମନ୍ଦିର ଲାଗି ଆବଶ୍ୟକ ପଡୁଥିବା ମାଟି ସାମଗ୍ରୀ ଯୋଗାଇ ଆସିବାରେ ଅବହେଳା କରିନାହାନ୍ତି। ଏହି ଅଞ୍ଚଳକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ କିଛିଦିନ ପୂର୍ବରୁ ବିଶିଷ୍ଟ ଶିଳ୍ପୀ କେଶୁ ଦାସ ପ୍ରୟାସ ଆରମ୍ଭ କରିଛନ୍ତି।

ଏହି ସ୍ଥାନଠାରୁ ନୀଳଗିରି ଜଗନ୍ନାଥ ମନ୍ଦିରକୁ ୫ କି.ମି. ହୋଇଥିବା ବେଳେ ବାଲେଶ୍ୱର ରେଳଷ୍ଟେଶନରୁ ୨୫କି.ମି. ହେବ। ଆଖପାଖ ଅଞ୍ଚଳରେ ଥିବା ଭୂଧାରଚଣ୍ଡୀ ମନ୍ଦିର ୫କି.ମି. ହୋଇଥିବା ବେଳେ ପଞ୍ଚଲିଙ୍ଗେଶ୍ୱର ୧୨କି.ମି., ଅଯୋଧ୍ୟା ମ୍ୟୁଜିୟମ୍ ୧୫କି.ମି., ପଥର ବାସନ ପାଇଁ ପ୍ରସିଦ୍ଧ ବଉଳଗଡ଼ିଆ ୧୮କି.ମି. ଦୂରରେ ଅବସ୍ଥିତ। ଏଠାକୁ ଯିବା ପାଇଁ ନୀଳଗିରିଠାରୁ କାର୍ ଯୋଗେ ଯାଇପାରିବେ।

—ମାନସ ବିଶ୍ୱାଳ, ବାଲେଶ୍ୱର

# ଲୋକକଳାର ସଂରକ୍ଷକ ପ୍ରଫେସର ରଜତ



ପ୍ରଫେସର ରଜତ କୁମାର ପାଣିଗ୍ରାହୀ। ବୃତ୍ତିରେ ଅଧ୍ୟାପକ ହେଲେ ମଧ ଲୁପ୍ତ ହେଉଥିବା ଲୋକକଳା ପାଇଁ ସେ ସାଜିଛନ୍ତି ସଂରକ୍ଷକ। ଏହା ତାଙ୍କର ଏକପ୍ରକାର ନିଶା ପାଲଟିଛି। ନୂଆପଡ଼ା ଜିଲାର ରାଜ୍‌କୋମନାରେ ଜନ୍ମିତ ରଜତ ବର୍ତ୍ତମାନ ବଲାଙ୍ଗୀର ଜିଲାର ଯୁବୋଦୟ ଜୁନିୟର୍ କଲେଜର ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଅଛନ୍ତି। ଶିକ୍ଷାଦାନ ସାଙ୍ଗକୁ ଲୋକକଳାକୁ ସଂରକ୍ଷଣ କରିବା ଦିଗରେ ସେ ସମୟ କାଢ଼ନ୍ତି। ତେବେ ୨୦୧୨ରୁ ଆରମ୍ଭ ହୋଇଛି ଏହି ଯାତ୍ରା। ଆଜକୁ ପ୍ରାୟ ୧୧ବର୍ଷ ଧରି ସେ ଏହି ଦିଗରେ କାମ କରୁଛନ୍ତି। ବ୍ୟକ୍ତିଗତ ସ୍ତରରେ ଆରମ୍ଭ ହୋଇଥିବା ଏହି ପ୍ରୟାସରେ ବର୍ତ୍ତମାନ ଆଉ ୨ଜଣ ମଧ ଯୋଡ଼ି ହୋଇଛନ୍ତି। ଜଣେ ଭିଡିଓ ଗ୍ରାଫର୍‌ଙ୍କ ସହ ଆଉ ଜଣେ ସମ୍ପାଦନା ଦାୟିତ୍ୱରେ ଅଛନ୍ତି। ବାଇକ୍‌ରେ ଗାଁରୁ ଗାଁ ବୁଲିବା ସହ ଲୋକକଳା ସମ୍ପର୍କିତ ତଥ୍ୟ ସେ ସଂଗ୍ରହ କରନ୍ତି। ସେ ମାଟିର କଳା ନାମକ ଏକ ସଙ୍ଗଠନ ଗଢିଛନ୍ତି। ଶିକ୍ଷାଦାନ କରି ପ୍ରାପ୍ତ ହେଉଥିବା ଅର୍ଥକୁ ସେ ଏହି ଦିଗରେ ଖର୍ଚ୍ଚ କରନ୍ତି। ଏକ ଯୁବପିଢି ଭାବେ ଲୋକକଳା ସଂରକ୍ଷଣ ଦିଗରେ ତାଙ୍କର ଏହି ପ୍ରଚେଷ୍ଟା ପ୍ରଶଂସନୀୟ ହୋଇପାରିଛି। ଏମିତିକି ୨ଜଣ ଛାତ୍ର ରଜତଙ୍କ ଉପରେ ଲୋକକଳା ପ୍ରତି ତାଙ୍କ ଅବଦାନ ନେଇ ଏକ ପ୍ରେଜେଣ୍ଟେସନ୍ ମଧ ଦେଇଛନ୍ତି।

—ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର,

### ୨୦୧୭ରୁ ସୋସିଆଲ ମିଡିଆରେ ପ୍ରଚାର ଆରମ୍ଭ

୨୦୧୭ରୁ ସୋସିଆଲ ମିଡିଆ ମାଧ୍ୟମରେ ଲୋକକଳାକୁ ପ୍ରଚାର ପ୍ରସାର କରିବାର ପ୍ରୟାସ ଆରମ୍ଭ ହୋଇଛି। ୟୁଟ୍ୟୁବ ଓ ଫେସବୁକ୍‌ରେ ମାଟିର କଳା ନାମକ ଏକ ଚ୍ୟାନେଲରେ ସେ ଭିଡିଓ ଅପଲୋଡ କରୁଛନ୍ତି। ପାଖାପାଖି ୯୦ ଭିଡିଓ ସହ ୟୁଟ୍ୟୁବରେ ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ତାଙ୍କ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରି ସାରିଛନ୍ତି। କିଷାନ୍ ଲୋକନାଚ, ଚିନା ଲୋକନାଚ, ଘୁମରା ଲୋକକଳା, ପୁଲୁଲୁ ନାଚ, ସୁନାଦେଇ ଯାତ୍ରା, ଦେବଗୁରୁ ଲୋକ ସଂସ୍କୃତି, ସମ୍ପୁଦି ଲୋକଗୀତ, ସାରଙ୍ଗୀ ଲୋକବାଦ୍ୟ, ବିଜୟଗଡ଼ର ବୁଏଲ୍ ଯାତ୍ରା, ବାନ୍ଧକଳା ଉପରେ ଆଧାରିତ ଭଳି ଲୋକକଳା, ସଂସ୍କୃତିକୁ ସେ ସଂରକ୍ଷଣ କରିବାରେ ଚେଷ୍ଟା କରିସାରିଛନ୍ତି। ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଗାଁ ବୁଲିବା ସହ ୮୦ହଜାରରୁ ଅଧିକ କିଲୋମିଟର ଯାତ୍ରା କରିସାରିଲେଣି।

### ଲୋକକଳାର ସଂଗ୍ରହାଳୟ

ନିକଟ ଭବିଷ୍ୟତରେ ଏକ ମ୍ୟୁଜିୟମ୍ କରିବାକୁ ସେ ଯୋଜନା କରିଛନ୍ତି। ଯେଉଁଠି ସେ ସଂଗ୍ରହ କରିଥିବା ତଥ୍ୟ ରହିବ। ଏଥିସହ ବର୍ତ୍ତମାନ କିଛି ସଂଗୃହୀତ ପୁରୁଣା ଲୋକବାଦ୍ୟ ମଧ ପ୍ରଦର୍ଶିତ ହେବ। ସେହିପରି ଏକ ୱେବସାଇଟ୍ ପ୍ରସ୍ତୁତ କରାଯାଇ ଯେଉଁଥିରେ ସମସ୍ତ ତଥ୍ୟ ଅନଲାଇନ୍‌ରେ ଉପଲବ୍ଧ ହେବ। ଯାହାକି ପରପିଢ଼ି ବା ଗବେଷଣା କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ସହାୟକ ହେବ।



> ପ୍ରଥମେ ମୁଁ ଏକା ଥିଲି। ଏବେ ମୋ ସହ ସତ୍ୟନାରାୟଣ ପାଣିଗ୍ରାହୀ ଓ ଗଣେଶ ପ୍ରଧାନ ନାମକ ୨ସହକର୍ମୀ ଯୋଡ଼ି ହୋଇଛନ୍ତି। କେବଳ ଅର୍ଥ ଉପାର୍ଜନ କଲେ ହେବ ନାହିଁ, ଏହି ସଂସ୍କୃତି କିଭଳି ସବୁଦିନ ପାଇଁ ଜୀବିତ ରହିବ ତାହାର ଚେଷ୍ଟା ସମସ୍ତେ କରିବା ଦରକାର।
>
> —ରଜତ କୁମାର ପାଣିଗ୍ରାହୀ







# ସଂଘର୍ଷ ଭିତରେ ସଫଳତା


ଯୁବ ଚିତ୍ରଶିଳ୍ପୀ କୁଲଦୀପ ବର୍ମା

୨୦୧୪ରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ ସମ୍ବଲପୁର ଆସିଥିବା ସମୟରେ ୨୨ବର୍ଷ ବୟସର ଜଣେ ଯୁବ କଳାକାର ତାଙ୍କ ପ୍ରତିଛବି ଆଙ୍କି ତାଙ୍କୁ ମଞ୍ଚରେ ପ୍ରଦାନ କରିଥିଲେ। ସେହି ଜୀବନ୍ତ ଚିତ୍ରକଳା ଦେଖି ଅବଦୁଲ କଲାମ ତାଙ୍କୁ ପ୍ରଶଂସା କରିଥିଲେ। ଏହା ପରଠାରୁ ସେ ସମ୍ବଲପୁର କିମ୍ବା ବାହାରେ ଯେଉଁଠି ବି ସୁଯୋଗ ମିଳେ ନିଜ ଚିତ୍ରକଳା ପ୍ରଦର୍ଶନ କରି ପ୍ରଶଂସିତ ହୋଇଚାଲିଛନ୍ତି। ସେ ହେଉଛନ୍ତି ସମ୍ବଲପୁରର ଯୁବ ଚିତ୍ରଶିଳ୍ପୀ କୁଲଦୀପ ବର୍ମା। ତାଙ୍କର ନିଖୁଣ କଳାକୃତି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ନିଜର ସୃଜନଶୀଳତା ଯୋଗୁ ସେ ଜଣେ ସଫଳ ଚିତ୍ରକାର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି।

ଚିତ୍ରଶିଳ୍ପୀ ଭାବେ ତାଙ୍କୁ ଅନେକ ସଫଳତା ମିଳିଛି ସତ, ହେଲେ ତାଙ୍କ ଜୀବନ କଟିଛି ଅନେକ ସଂଘର୍ଷ ଭିତରେ। ସମ୍ବଲପୁର ଜିଲା ହୀରାକୁଦ ନିକଟ ଗଡମୁଣ୍ଡାରେ ୧୯୯୨ରେ ତାଙ୍କର ଜନ୍ମ। ବାପା କନ୍ଦର୍ପ ବର୍ମା ଓ ମାଆ ହେଉଛନ୍ତି ବେଦମତି ବର୍ମା। ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ସମୟରେ ଚିତ୍ରକଳା ପ୍ରତି ରୁଚି ଦେଖି ତାଙ୍କ ବାପା ଗୁରୁ ପ୍ରଶାନ୍ତ ମାଝିଙ୍କ ପାଖରେ ଆଣି ଛାଡିଥିଲେ। କଳା ଓ କଳାକାର ଅନୁଷ୍ଠାନରୁ ସେ ଚିତ୍ରକଳା ଶିକ୍ଷା କରିବା ସହ ତାଙ୍କର ପ୍ରତିଭା ପ୍ରଦର୍ଶନ କରି ଗୁରୁମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ତେବେ ଦଶମରେ ପଢୁଥିବା ସମୟରେ ହଠାତ୍ ତାଙ୍କ ବାପାଙ୍କ ପରଲୋକ ହୋଇଯାଇଥିଲା। ଏଥିରେ ସେ ଭାଙ୍ଗିପଡିଥିବାବେଳେ ଗୁରୁ ପ୍ରଶାନ୍ତ ମାଝି ଓ ଗୁରୁ ସଞ୍ଜୟ ସାହୁ ତାଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ। ପୁନଶ୍ଚ କରୋନା ସମୟରେ ତାଙ୍କ ଉପରେ ଆଉ ଏକ ବୋଝ ମାଡିବସିଥିଲା। ମା' ତାଙ୍କୁ ଛାଡି ଆରପାରିକୁ ଚାଲିଗଲେ। ପୁଣିଥରେ ଗୁରୁମାନେ ସହଯୋଗର ହାତ ବଢାଇ କଳାକ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାକୁ ଉତ୍ସାହିତ କରିଥିଲେ। ମନକୁ ବୁଝାଇ ସେ ତାଙ୍କର ସଂଘର୍ଷମୟ ଜୀବନ ଆରମ୍ଭ କରିଥିଲେ। ଏବେ ସେ ସାକ୍ଷୀପଡ଼ାରେ ଏକ ଭଡ଼ାଘରେ ରହି ପିଲାଙ୍କୁ ଚିତ୍ରକଳା ଶିକ୍ଷା ଦେବା ସହ ଚିତ୍ର ଆଙ୍କି ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

୨୦୧୬ରେ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତାରେ ସେ ନବୀନ ପଟ୍ଟନାୟକଙ୍କ ଚିତ୍ର ଆଙ୍କି ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦୧୯ରେ ମହାଳୟା ଅବସରରେ ମହାନଦୀ ପାଣିରେ ଜଣେ ଯୁବତୀଙ୍କ ପ୍ରତିଛବିରେ ମା' ସମଲେଶ୍ୱରୀଙ୍କ ଚିତ୍ର ଲୋକଙ୍କୁ ବେଶ୍ ଆକର୍ଷିତ କରିଥିଲା। ସେହିପରି ୨୦୨୦ ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ୍ ଅବସରରେ ବୀର ସୁରେନ୍ଦ୍ର ସାଏ, ଗଙ୍ଗାଧର ମେହେର ଓ ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ସମ୍ବଲପୁରୀ ବସ୍ତ୍ର ପିନ୍ଧାଇ ସମ୍ବଲପୁରୀ ଦିନ୍ ଦେଖିବାକୁ ଆସିଥିବା ଚିତ୍ର ଚର୍ଚ୍ଚିତ ହୋଇଥିଲା। ଚିତ୍ରକଳାର ପ୍ରଚାର ପ୍ରସାର ପାଇଁ ନିଜର ଉଦ୍ୟମ ଅବ୍ୟାହତ ରଖିବେ ବୋଲି କୁଲଦୀପ ପ୍ରକାଶ କରିଛନ୍ତି। ଆଜି ସମ୍ବଲପୁରର ବିଭିନ୍ନ ଘର, ହୋଟେଲରେ ତାଙ୍କର କଳାକୃତି ଶୋଭାପାଉଛି।

—ଭବାନୀ ଶଙ୍କର ଭୋଇ








ଓଡ଼ିଶାରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଋଦ୍ଧିମନ୍ତ କରିବାରେ ଜନପ୍ରିୟ ଖବରକାଗଜ 'ଧରିତ୍ରୀ'ର ଭୂମିକା ଅନସ୍ୱୀକାର୍ଯ୍ୟ। ପ୍ରଥିତଯଶା ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଉଚ୍ଚାଦର୍ଶରେ ପ୍ରେରିତ ହୋଇ ସମାଜବାଦୀ ସୋସାଇଟି ଦ୍ୱାରା ୨୪ ନଭେମ୍ବର, ୧୯୭୪ରେ 'ଧରିତ୍ରୀ' ଆତ୍ମପ୍ରକାଶ କରିଥିଲା। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ 'ଧରିତ୍ରୀ' ଓଡ଼ିଶାର ପାଠକମାନଙ୍କ ମଧ୍ୟରେ ବୌଦ୍ଧିକ ଚିନ୍ତା ଓ ଚେତନାର ସୂତ୍ରପାତ କରିଥିଲା। ପରବର୍ତ୍ତୀ ସମୟରେ ସାଂସଦ ଶ୍ରୀ ତଥାଗତ ସତପଥୀଙ୍କ ବଳିଷ୍ଠ ସମ୍ପାଦନାରେ 'ଧରିତ୍ରୀ' ଏକ ବିଶ୍ୱସନୀୟ ଖବରକାଗଜ ହେବାର ଗୌରବ ଲାଭ କରିଛି। ଏହାସହ 'ଧରିତ୍ରୀ' ଓଡ଼ିଶାରେ ଏକ ନୂଆ ବୌଦ୍ଧିକ ପରମ୍ପରାର ଅଗ୍ରଦୂତ ହେବା ସଙ୍ଗେ ସଙ୍ଗେ ସମ୍ବେଦନଶୀଳ ସାମ୍ବାଦିକତାକୁ ସୁପ୍ରତିଷ୍ଠିତ କରିଛି। 'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ହେଉଛି ଏହାର ପ୍ରାଣ-ପ୍ରତିଷ୍ଠାତାଙ୍କ ଉଚ୍ଚାଦର୍ଶ ତଥା ସମ୍ବେଦନଶୀଳ ସାମ୍ବାଦିକତାକୁ ପାଥେୟ କରି ଏକ 'ବିକଶିତ ଓଡ଼ିଶା'ର ନିର୍ମାଣ ପାଇଁ ସମର୍ପିତ ହେବାର ଅବସର।

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରତିଷ୍ଠାତା ଓ ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର ହାର୍ଦ୍ଦିକ ଓ ଅଶେଷ ଅଭିନନ୍ଦନ।

**– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ**



ଚଳିତବର୍ଷ 'ଧରିତ୍ରୀ' ୫୦ବର୍ଷରେ ପଦାର୍ପଣ କରୁଛି ଜାଣି ଖୁସି ଲାଗିଲା। ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ 'ଧରିତ୍ରୀ'କୁ ମୋର ଶୁଭେଚ୍ଛା। ସାମ୍ବାଦିକତା କ୍ଷେତ୍ରରେ 'ଧରିତ୍ରୀ' ନୂତନ ପଥ ପ୍ରଦର୍ଶକ। ଜନସାଧାରଣଙ୍କ ସମସ୍ୟା ଉପସ୍ଥାପନରେ 'ଧରିତ୍ରୀ'ର ଭୂମିକା ଅଭିନନ୍ଦନୀୟ। ସମ୍ପାଦକ ଓ 'ଧରିତ୍ରୀ' ସହ ଯୋଡ଼ି ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କୁ ମୋର ଶୁଭେଚ୍ଛା।

**– ରମାକାନ୍ତ ରଥ, ବିଶିଷ୍ଟ ସାହିତ୍ୟିକ**



'ଧରିତ୍ରୀ' ୨୦୨୩ ନଭେମ୍ବର ୨୪ରେ ୫୦ ବର୍ଷରେ ପଦାର୍ପଣ କରିବ। ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର ଲେଖା ପ୍ରକାଶ ପାଉଥିବା ଖୁବ ଆନନ୍ଦର ବିଷୟ। ଗତ ୫ ଦଶନ୍ଧି ଧରି ସତ୍ୟ, ନ୍ୟାୟ, ନିରପେକ୍ଷ ତଥା ନିର୍ଭୀକ ଖବର ପରିବେଷଣ କରି ଧରିତ୍ରୀ ଢେର ପାଠକୀୟ ଆଦୃତି ହାସଲ କରି ରାଜ୍ୟ ଓ ଦେଶ ବିଦେଶରେ ସୁନାମ ଅର୍ଜନ କରିପାରିଛି। ଆଗାମୀ ଦିନଗୁଡ଼ିକରେ ଧରିତ୍ରୀ ନିଜର ନୈତିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖି ସେହିପରି ଖବର ପ୍ରସାର କରିବ ବୋଲି ମୋର ଆଶା ଓ ବିଶ୍ୱାସ। ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

**– ପ୍ରତାପ କେଶରୀ ଦେବ, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶକ୍ତି ମନ୍ତ୍ରୀ**



ଧରିତ୍ରୀ ଏକ ପ୍ରଗତିଶୀଳ ଓଡ଼ିଆ ଖବରକାଗଜ ଭାବେ ୫୦ବର୍ଷ ପୂର୍ବରୁ ଜନ୍ମ ନେଇ ନିରନ୍ତର ଭାବେ ଓଡ଼ିଶାର ପାଠକମାନଙ୍କୁ ଚୁମ୍ବକୀୟ ଆକର୍ଷଣରେ ବାନ୍ଧି ରଖିବାର କଳାକୌଶଳକୁ ପ୍ରତିପାଦିତ କରିଆସିଛି। ଏହାର ଜନ୍ମଜାତକ ସହିତ ମହାନ୍ ସାରସ୍ୱତ ସାଧକ କାଳିନ୍ଦୀଚରଣ ପାଣିଗ୍ରାହୀ, ଅଗ୍ନିକନ୍ୟା ସାମ୍ୟବାଦୀ ନନ୍ଦିନୀ ଶତପଥୀ, ଆଜିର ସମ୍ପାଦକ ଖୁବ୍ ସ୍ୱାଧୀନଚେତା, ନିର୍ଭୀକ ଶ୍ରୀଯୁକ୍ତ ତଥାଗତ ସତପଥୀ, ସାମ୍ୟବାଦୀ, ସାରସ୍ୱତ ଚେତନାର ଆଲୋକବର୍ତ୍ତିକା ଭଗବତୀ ଚରଣ ପାଣିଗ୍ରାହୀଙ୍କ ଛାୟା ଆଶିଷ 'ଧରିତ୍ରୀ'କୁ ତା'ର ଆଦର୍ଶ ଓ ଲକ୍ଷ୍ୟରୁ ପଥଚ୍ୟୁତ କରିନି। ଆଜିର ଦିନରେ ତିଷ୍ଠି ରହିବା ପାଇଁ ଅନେକ ଖବରକାଗଜ ବ୍ୟବସାୟ, ରାଜନୀତିକ ପ୍ରଭାବରୁ ନିଜକୁ ମୁକ୍ତ କରିପାରୁ ନ ଥିଲାବେଳେ 'ଧରିତ୍ରୀ' ତା'ର ବ୍ୟତିକ୍ରମ। ଦୀର୍ଘ ସମୟର ଯାତ୍ରା ନିଶ୍ଚୟ କଷ୍ଟକର ହୋଇଛି। କିନ୍ତୁ ପ୍ରତ୍ୟେକ ମଣିଷକୁ ଠିକ୍ ରାସ୍ତା ଦେଖାଇବାର ରାହା ହୋଇ ରହିଆସିଛି। ୫୦ ବର୍ଷ ପୂର୍ତ୍ତି ଅବସରରେ ଏହାର ଶୁଭକାମନା କରୁଛି। ଭବିଷ୍ୟତର ଯାତ୍ରା ଅଧିକ ଫଳପ୍ରଦ ହେଉ।

**– ଶଶିଭୂଷଣ ବେହେରା, ବିଧାୟକ, କେନ୍ଦ୍ରାପଡ଼ା**



'ଧରିତ୍ରୀ' ଖବରକାଗଜ ଆସନ୍ତା ନଭେମ୍ବର ୨୪ରେ ୫୦ ବର୍ଷରେ ପଦାର୍ପଣ କରିବ। କାଲି ଭଳି ଲାଗୁଛି। 'ଧରିତ୍ରୀ' ତା'ର ଲକ୍ଷ୍ୟରେ ପ୍ରତିଦିନ ଆଗେଇ ଚାଲିଛି। ଏକ ନିରପେକ୍ଷ ସମ୍ବାଦପତ୍ର ଭାବେ ନିଜକୁ ପ୍ରତିଷ୍ଠା କରିବାରେ ବହୁ ତ୍ୟାଗ ସ୍ୱୀକାର କରିଛି। ଓଡ଼ିଶାର ଜନମାନସରେ 'ଧରିତ୍ରୀ'ର ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ଅନେକ ସମ୍ବାଦପତ୍ର ଅର୍ଥାଭାବରୁ ସରକାରୀ ବିଜ୍ଞାପନ ଉପରେ ନିର୍ଭରଶୀଳ ହୋଇଛନ୍ତି। 'ଧରିତ୍ରୀ'ର ଶୁଭେଚ୍ଛୁ ଓ ପାଠକମାନଙ୍କ ପ୍ରୋତ୍ସାହନ ହିଁ 'ଧରିତ୍ରୀ'କୁ ଏକ ନିର୍ଭୀକ ଓ ନିରପେକ୍ଷ ରହିବାକୁ ସମର୍ଥ କରିଛି। 'ଧରିତ୍ରୀ' ଆଗାମୀ ୫୦ ବର୍ଷରେ ବହୁ ଆହ୍ୱାନର ସାମ୍ନା କରିବାର ଶକ୍ତିକୁ ଠୁଳ କରିପାରିବ ବୋଲି ମୋର ବିଶ୍ୱାସ। ଏହି ଶୁଭ ଅବସରରେ 'ଧରିତ୍ରୀ' ପରିବାରକୁ ମୋର ଶୁଭେଚ୍ଛା।

**– ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ**



ଅଗ୍ରଣୀ ଓଡ଼ିଆ ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ବର୍ଷ ଅବସରରେ ଆଗାମୀ ନଭେମ୍ବର ୨୪ତାରିଖରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସମ୍ମିଳନୀ DHARITRI YOUTH CONCLAVE 2023- CLIMATE CHANGE: THE PATH AHEAD ଅନୁଷ୍ଠିତ ହେଉଥିବା ଅତ୍ୟନ୍ତ ଆନନ୍ଦର କଥା। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧି, ବିଭିନ୍ନ ସଙ୍ଗଠନ, ପ୍ରଶାସନ ଆଦି ସବୁସ୍ତରରେ ପ୍ରସ୍ତୁତି ତଥା ସମ୍ମିଳିତ ପ୍ରୟାସର ଆବଶ୍ୟକତା ରହିଛି। ସେହିପରି ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ପ୍ରସଙ୍ଗରେ ଜନସାଧାରଣଙ୍କୁ ସଚେତନ କରିବାରେ ଗଣମାଧ୍ୟମ ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି। ଗ୍ଲୋବାଲ ୱାର୍ମିଂ, ସବୁଜ ଶକ୍ତିର ବିକାଶ, ଓଜୋନ ସ୍ତର ହ୍ରାସ, ଗ୍ରୀନ୍ ହାଉସ୍ ଗ୍ୟାସ୍ ପ୍ରଭାବ ଇତ୍ୟାଦି ବିଷୟରେ ବିଶ୍ୱ ଗଣମାଧ୍ୟମରେ ବ୍ୟାପକ ରିପୋର୍ଟିଂ ହେଉଥିବା ବେଳେ ଏ କ୍ଷେତ୍ରରେ 'ଧରିତ୍ରୀ'ର ଉଲ୍ଲେଖନୀୟ ଯୋଗଦାନ ରହିଆସିଛି। ଆୟୋଜିତ ୟୁଥ କନ୍‌କ୍ଲେଭରେ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ କାର୍ଯ୍ୟ କରୁଥିବା ପ୍ରମୁଖ ଅନୁଷ୍ଠାନର ନେତୃବୃନ୍ଦ, ବିଭିନ୍ନ ସହଯୋଗୀ ଅନୁଷ୍ଠାନ, ପରିବେଶବିତ୍ ଏବଂ ବିଶେଷଜ୍ଞ, ଗଣମାଧ୍ୟମର ପ୍ରତିନିଧି, ପତ୍ରପତ୍ରିକାର ସମ୍ପାଦକ, ଅଭିନେତାଙ୍କ ଯୋଗଦାନ ଓ ଆଲୋଚନାରେ ଅଂଶଗ୍ରହଣ, ନିଶ୍ଚିତ ଭାବରେ ଯୁବବର୍ଗଙ୍କ ପାଇଁ ଉପାଦେୟ ହେବ ବୋଲି ଆଶାକରୁଛି। ମୁଁ ଏହି ଅବସରରେ 'ଧରିତ୍ରୀ'ର ସମସ୍ତ କର୍ମକର୍ତ୍ତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

**– ପ୍ରଦୀପ କୁମାର ଜେନା, ମୁଖ୍ୟ ଶାସନ ସଚିବ**




ଦୀର୍ଘ ୫ ଦଶନ୍ଧି ଧରି ଧରିତ୍ରୀ ନିରପେକ୍ଷ ଏବଂ ଗୁରୁତ୍ୱପୂର୍ଣ୍ଣ ଖବର ପ୍ରକାଶ କରି ପାଠକୀୟ ମହଲରେ ଆଦୃତି ଲାଭ କରିଛି। ବିଶେଷ କରି କ୍ରୀଡ଼ା, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହିତ ଲୋକମାନଙ୍କ ବିଭିନ୍ନ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଆଗାମୀ ଦିନରେ ଧରିତ୍ରୀ ପୂର୍ବଭଳି ନିଜର ଗୁରୁ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବ ବୋଲି ଆଶା ଓ ବିଶ୍ୱାସ। ୫୦ତମ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାରକୁ ମୋର ଶୁଭେଚ୍ଛା ଓ ଶୁଭ କାମନା।

**– ବିଶାଳ ଦେବ, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ**



'ଧରିତ୍ରୀ'ର ୫୦ବର୍ଷ ଉପଲକ୍ଷେ ଅନେକ ଶୁଭେଚ୍ଛା ଓ ଶୁଭକାମନା। ମୁଁ 'ଧରିତ୍ରୀ'ର ଜଣେ ନିୟମିତ ପାଠକ। ଛାତ୍ରାବସ୍ଥାରୁ 'ଧରିତ୍ରୀ' ପଢ଼ିଆସୁଛି। ନିର୍ଭୀକ ଏବଂ ନିରପେକ୍ଷ ସାମ୍ବାଦିକତାରେ 'ଧରିତ୍ରୀ'ର ସ୍ଥାନ ସ୍ୱତନ୍ତ୍ର। ବିଶେଷକରି ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଯେଉଁମାନେ ସମାଜର ମୁଖ୍ୟ ସ୍ରୋତରେ ନାହାନ୍ତି, ସେମାନଙ୍କ ସମସ୍ୟା ଏବଂ ଦେଶ ତଥା ବିଦେଶରେ ଘଟୁଥିବାର ବିଭିନ୍ନ ଘଟଣାର ଠିକ୍ ତଥ୍ୟ ଦେଇ ଅତି ସୁନ୍ଦର ଭାବେ ଧରିତ୍ରୀରେ ଉପସ୍ଥାପନା କରାଯାଏ। 'ଧରିତ୍ରୀ'ର ବିଶେଷତ୍ୱ ହେଉଛି ଏହାର ସମ୍ପାଦକୀୟ। 'ଧରିତ୍ରୀ'ର ଆଗାମୀ ଦିନ ପାଇଁ ମୁଁ ଉତ୍ତରୋତ୍ତର କାମନା କରୁଛି।

**– ଆକାଶ ଦାସ ନାୟକ, ଅଧ୍ୟକ୍ଷ, ମୋ କଲେଜ**



୧୯୭୪ ନଭେମ୍ବର ୨୪ରୁ ୨୦୨୩ ଦୀର୍ଘ ପଚାଶ ବର୍ଷର ଏକ ମହାର୍ଘ ଓ ସଫଳ ଯାତ୍ରା। ପାଞ୍ଚ ଦଶନ୍ଧିର ଏହି ଗୁରୁତ୍ୱପୂର୍ଣ୍ଣ ଓ ଘଟଣାବହୁଳ ଯାତ୍ରାରେ 'ଧରିତ୍ରୀ' ସବୁବେଳେ ଧରା ଓ ଧାରାର କଥା ଉପସ୍ଥାପିତ କରିଆସିଛି। ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ତାଙ୍କ ସୁଯୋଗ୍ୟା କନ୍ୟା ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ମାନସ ସନ୍ତାନ 'ଧରିତ୍ରୀ' ତାର ସ୍ୱର୍ଣ୍ଣିମ ଯାତ୍ରାରେ ବର୍ତ୍ତମାନର ସଫଳ ସମ୍ପାଦକ ତଥାଗତ ସତପଥୀଙ୍କ ଦିଗ୍‌ଦର୍ଶନରେ ଗୋଟିଏ ପରେ ଗୋଟିଏ ମାଇଲଖୁଣ୍ଟ ଅତିକ୍ରମ କରିଚାଲିଛି ଏବଂ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିପାରିଛି। ଏହା ଭିଡ଼ ଭିତରର ଅନ୍ୟ ଏକ ସ୍ୱର ନୁହେଁ ବରଂ ଭିଡ଼ର ସ୍ୱରକୁ ସବୁବେଳେ ଲୋକଲୋଚନକୁ ଆଣିବାରେ ସମର୍ଥ ହେଉଛି। ଏ ସ୍ୱର୍ଣ୍ଣିମ ଯାତ୍ରା ସଫଳ ହେଉ। ଶତେକ ଶରତର ଆୟୁ ଓ ଯଶରେ ମଣ୍ଡିତ ହେଉ 'ଧରିତ୍ରୀ'।

**– ରଞ୍ଜନ କୁମାର ଦାସ, ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର, ପୁରୀ**



ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଓ ବହୁଳ ପ୍ରସାରିତ ଦୈନିକ ଖବରକାଗଜ 'ଧରିତ୍ରୀ' ଇତିମଧ୍ୟରେ ୫୦ ବର୍ଷରେ ପଦାର୍ପଣ କରିଛି। ଗତ ୫ ଦଶନ୍ଧି ଧରି ନିରନ୍ତର ନିଷ୍ପକ୍ଷ ଓ ସାଲିସ୍‌ବିହୀନ ଖବର ପରିବେଷଣ କରି 'ଧରିତ୍ରୀ' ତା'ର ପାଠିକାପାଠକଙ୍କ ନିକଟରେ ଏକ ସ୍ୱାତନ୍ତ୍ର୍ୟ ବଜାୟ ରଖିଆସିଛି। ଗଣମାଧ୍ୟମ ହେଉଛି ସମାଜର ଦର୍ପଣ ସଦୃଶ ଏବଂ ସାଧାରଣ ଜନତା ଓ ଶାସନ-ପ୍ରଶାସନ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିଥାଏ। ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରଖିବା କ୍ଷେତ୍ରରେ 'ଧରିତ୍ରୀ' ନିୟମିତ ଭାବେ ତାହା ନିର୍ବାହ କରିଆସୁଛି। 'ଧରିତ୍ରୀ'ର ଏହି ଧାରା ଭବିଷ୍ୟତରେ ମଧ୍ୟ ବଜାୟ ରହିବ ବୋଲି ଆମର ଆଶା ଓ ବିଶ୍ୱାସ। ଏହି ଅବସରରେ 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀଙ୍କୁ ମୁଁ କୃତଜ୍ଞତା ଜଣାଇବା ସହ 'ଧରିତ୍ରୀ' ପରିବାରର ସମସ୍ତ ସଦସ୍ୟା ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି।

**– ଅଚ୍ୟୁତ ସାମନ୍ତ, ଲୋକ ସଭା ଏମ୍‌ପି, ତଥା ପ୍ରତିଷ୍ଠାତା, କିଟ୍ ଓ କିସ୍**



ଦୀର୍ଘ ୫୦ ବର୍ଷ ଧରି ଧରିତ୍ରୀ ନିରବଚ୍ଛିନ୍ନ ଭାବେ ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ କରିଆସୁଛି। ନିରପେକ୍ଷତା ପାଇଁ ଏହା ପାଠିକାପାଠକ ମହଲରେ ବେଶ ଆଦୃତି ଲାଭ କରିଛି। ଧରିତ୍ରୀର ମୁଁ ଜଣେ ନିୟମିତ ପାଠକ। ପ୍ରତିଦିନ ସକାଳେ ମୁଁ ଧରିତ୍ରୀ ପଢ଼େ। ଗତ ୫ ଦଶନ୍ଧି ଧରି ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏହି ଅବସରରେ ସମ୍ପାଦକ ଓ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

**– ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ**



ଧରିତ୍ରୀ ଆରମ୍ଭରୁ ମୋର ସମ୍ପର୍କ ରହିଛି। ଦେଶରେ ଜରୁରିକାଳୀନ ସ୍ଥିତିରେ ମଧ୍ୟ ଧରିତ୍ରୀରେ ଆମେ ସାହାସ କରି ଲେଖା ଲେଖୁଥିଲୁ। ପ୍ରତ୍ୟେକ ବର୍ଷର ବାର୍ଷିକ ଉତ୍ସବ ଓ ଶ୍ରୀଅରବିନ୍ଦଙ୍କ ତିଥିରେ ଓତଃପ୍ରୋତ ଭାବେ ଜଡ଼ିତ ରହୁଥିଲୁ। ରାଜ୍ୟ ବାହାରୁ ଅନେକ ସାହିତ୍ୟିକଙ୍କୁ ନିମନ୍ତ୍ରଣ କରାଯାଉଥିଲା। ଭୁବନେଶ୍ୱର ସାଂସ୍କୃତିକ କ୍ରିୟା କଳାପରେ ବହୁ ପ୍ରସାର ଘଟୁଥିଲା। ଭୁବନେଶ୍ୱର କ୍ରମଶଃ ଏକ ନୂଆ ରାଜଧାନୀର ଅମଲାତାନ୍ତ୍ରିକ ପରିଚୟ ବହିର୍ଭୂତ ହୋଇ ଏକ ସାଂସ୍କୃତିକ ପରିଚୟ ପ୍ରାପ୍ତ ହେଲା। ଏହି ପ୍ରକାରରେ ଧରିତ୍ରୀର ଯୋଗଦାନ ଏକ ଐତିହାସିକ ସିଦ୍ଧି। ବହୁ ବର୍ଷ ଧରି ମର୍ଯ୍ୟାଦାର ସହ କାର୍ଯ୍ୟ କରିଆସୁଛି। ଆଗକୁ ଏଭଳି ଧରିତ୍ରୀର ଯାତ୍ରା ଅବ୍ୟାହତ ରହିବା ନେଇ ମୁଁ ନିଜର ସାଧୁବାଦ ଓ ଆଶୀର୍ବାଦ ଜଣାଉଛି।

**– ଶାନ୍ତନୁ ଆଚାର୍ଯ୍ୟ, ବିଶିଷ୍ଟ ସାହିତ୍ୟିକ**



୫୦ ବର୍ଷ ଅତିକ୍ରମ କରିବା ଏକ କଠିନତମ ଯାତ୍ରା। ଏ ଯାତ୍ରାକୁ ସଫଳତାର ସହ ଧରିତ୍ରୀ ପରିବାର ଜାରି ରଖିଥିବାରୁ ସମସ୍ତଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ହେବ। ଧରିତ୍ରୀ ଓଡ଼ିଶାର ଏକ ଜନପ୍ରିୟ ଖବରକାଗଜ। ନୟାଗଡ଼ର ମାଓବାଦୀ ଆକ୍ରମଣ ଘଟଣା ଭଳି ଅନେକ ସମ୍ବେଦନଶୀଳ ଖବରକୁ ନିଆରା ଢଙ୍ଗରେ ଓ ଭିନ୍ନ ସ୍ୱାଦରେ ପରିବେଷଣ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପ୍ରତ୍ୟେକ ଘଟଣାକୁ ଅତ୍ୟନ୍ତ ଯତ୍ନ ଏବଂ ସତର୍କତାର ସହ ପ୍ରକାଶ କରି ଧରିତ୍ରୀ ସବୁବେଳେ ଜନସାଧାରଣଙ୍କ ସତ୍ୟ ଜାଣିବାର ଭୋକକୁ ମେଣ୍ଟାଇ ଆସିଛି। ସତ ଲେଖିବାର ସାହସ 'ଧରିତ୍ରୀ'ର ଅଛି। ଏଭଳି ଉଦ୍ୟମ ସର୍ବଦା ଜାରି ରହୁ। ୫୦ ବର୍ଷ ପଦାର୍ପଣ ଅବସରରେ ଧରିତ୍ରୀ ପରିବାରକୁ ମୋର ଅଜସ୍ର ଶୁଭେଚ୍ଛା ଓ ଶୁଭକାମନା।

**– ଅରୁଣ କୁମାର ସାହୁ, ବିଧାୟକ, ନୟାଗଡ଼**



ଧରିତ୍ରୀ ଖବରକାଗଜର ୫୦ବର୍ଷ ପାଳନ ଅବସରରେ ମୋ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଦୀର୍ଘ ୫୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଲୋକଙ୍କ ସହିତ ଯୋଡ଼ି ହୋଇ ରହିଆସିଛି ଏହି ଖବରକାଗଜ। ବିଶେଷକରି ଯଦି ମୁଁ ମୋ କଥା କହିବି, ତେବେ ମୋ କ୍ୟାରିୟର ପ୍ରାରମ୍ଭରୁ ହିଁ ମୋତେ ସବୁବେଳେ ସହଯୋଗ କରିଆସିଛି, ଯାହା ଅଦ୍ୟାବଧି ଜାରି ରହିଛି। ଆଉ ଯଦି କ୍ରୀଡ଼ା ପ୍ରକାଶନ କଥା କହିବି, ତେବେ ପ୍ରତ୍ୟେକ ଖେଳକୁ ସମାନ ଗୁରୁତ୍ୱ ଦେଇଆସିଛି ଧରିତ୍ରୀ। ଏହି ଖବରକାଗଜର ୫୦ ବର୍ଷରେ ପଦାର୍ପଣ ଆମ ସମସ୍ତଙ୍କ ପାଇଁ ନିଶ୍ଚୟ ଖୁସି ଓ ଗର୍ବର ବିଷୟ। ଏହାର ପ୍ରତିଷ୍ଠାତା ଓ ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର ହାର୍ଦ୍ଦିକ ଓ ଅଶେଷ ଅଭିନନ୍ଦନ।

**– ଦିଲୀପ ତିର୍କୀ, ଅଧ୍ୟକ୍ଷ, ହକି ଇଣ୍ଡିଆ**



ଓଡ଼ିଶାର ପ୍ରତିଷ୍ଠିତ ଖବରକାଗଜ 'ଧରିତ୍ରୀ' ୫୦ ବର୍ଷରେ ପଦାର୍ପଣ କରିଛି। ଏହା ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ଦୀର୍ଘ ୫ ଦଶନ୍ଧି ଧରି ସତ୍ୟ, ନିରପେକ୍ଷ ଓ ନିର୍ଭୀକ ଖବର ପରିବେଷଣ କରି ପାଠକପାଠିକାଙ୍କ ନିକଟରେ ବେଶ ଆଦୃତି ଲାଭ କରିଛି। ଏହି ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀର ସମ୍ପାଦକ, ପୁରପଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଧରିତ୍ରୀର ସମସ୍ତ ଖବରଦାତା ଓ ପାଠକପାଠିକାଙ୍କୁ ହୃଦୟରୁ ସଦିଚ୍ଛା ଜ୍ଞାପନ କରୁଛି। ଏଥିସହିତ ଦାୟିତ୍ୱସମ୍ପନ୍ନ ଦୈନିକର ଦୀର୍ଘସ୍ଥାୟିତ୍ୱ କାମନା କରୁଛି।

**– ଶରତ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ ସଭାପତି, ଓଡ଼ିଶା**



ଓଡ଼ିଶାର ପ୍ରମୁଖ ଓଡ଼ିଆ ଦୈନିକ ଖବରକାଗଜ ଧରିତ୍ରୀ ୫୦ ବର୍ଷରେ ପଦାର୍ପଣ କରୁଛି। ଓଡ଼ିଶାର ଅନ୍ୟତମ ଯୁଗପୁରୁଷ ସ୍ୱର୍ଗତ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ବିଚାରଧାରା ଓ ତାଙ୍କ ସୁଯୋଗ୍ୟା କନ୍ୟା ତଥା ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ମାର୍ଗଦର୍ଶନ ମାଧ୍ୟମରେ ଧରିତ୍ରୀ ତା'ର ନିରନ୍ତର, ନିଃସ୍ୱାର୍ଥପର ଓ ନିର୍ଭୀକ ପତ୍ରକାରିତା ମାଧ୍ୟମରେ ଦୀର୍ଘ ପାଞ୍ଚ ଦଶନ୍ଧି ଧରି ବଜାୟ ରଖିଥିବାରୁ ମୁଁ ଧରିତ୍ରୀ ପରିବାରକୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି। ମଙ୍ଗଳମୟ ଜଗନ୍ନାଥଙ୍କ କୃପାରୁ ଧରିତ୍ରୀର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।

**– ଅରୁଣା ମହାନ୍ତି, ବିଶିଷ୍ଟ ନୃତ୍ୟାଙ୍ଗନା**



ଆମମାନଙ୍କ ମା' ହେଉଛି ଧରିତ୍ରୀ, ଯାହା ଉପରେ ଆମେ ପାଦ ଦେଇ ପ୍ରତ୍ୟେକଟି କାମ କରୁଛୁ। ତା' ଛାତି ଉପରେ ଯେବେ ଆମେ ପାଦ ଦେଉଛନ୍ତି, ଆମେ କେବେ ଚିନ୍ତା କରନ୍ତିନି ତାକୁ କେତେ କଷ୍ଟ ହେଉଛି। ଠିକ୍ ସେହିପରି ଧରିତ୍ରୀ ଖବରକାଗଜ ତା' ବାଟରେ ଯାଉଛି। ୫୦ବର୍ଷ ପଦାର୍ପଣ କରିବା ଯେ କେତେ କଷ୍ଟକର ତାହା 'ଧରିତ୍ରୀ' ଜାଣିଛି। ଆଉ ତା' ସହ ଯୋଡ଼ି ହୋଇଥିବା ବ୍ୟକ୍ତିବିଶେଷ। ଏହି ଦୀର୍ଘତମ ଯାତ୍ରାରେ ଧରିତ୍ରୀ କେତେ ଦୁର୍ଦ୍ଦିନ ଦେଖିଛି, କେତେ ଭଲ ଦିନ ବି ଦେଖିଛି। ତା' ସତ୍ତ୍ୱେ ଆଗେଇ ଚାଲିଛି। ତେଣୁ ପତ୍ରକାରିତା କରୁଥିବା ସମସ୍ତ ବ୍ୟକ୍ତି ଖବର ପରିବେଷଣ ପ୍ରତି ସମ୍ବେଦନଶୀଳ ହେବା ଉଚିତ୍। ଏହା କେବଳ ଏକ ଖବରକାଗଜ ନୁହେଁ ଏହା ଏକ ଆବେଗ।

**– ସିଦ୍ଧାନ୍ତ ମହାପାତ୍ର, ଅଭିନେତା**



ସକାରାତ୍ମକ ବାର୍ତ୍ତା ସହ ପରିବେଶ ସମ୍ପର୍କିତ ଖବର ପରିବେଷଣରେ ଧରିତ୍ରୀର ସ୍ୱତନ୍ତ୍ର ଅବଦାନ ରହିଛି। ଧରିତ୍ରୀ ସହ ସାଧାରଣ ଲୋକଙ୍କ ବିଶ୍ୱାସ ଯେମିତି ରହିଛି, ସେମିତି ସମ୍ପର୍କ ମଧ୍ୟ ବଜାୟ ରହିଛି। ପିଲାଙ୍କ ଧରିତ୍ରୀଠୁ ନେଇ କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ଖବର ଦେଖିବାକୁ ମିଳିଛି। ଶୁଣିଲି ୟୁଥ୍ କନ୍‌କ୍ଲେଭ୍ ହେଉଛି। ଏକ ଅନୁଷ୍ଠାନ ପରିବେଶ ଓ ପିଲାଙ୍କ ସହ ତାର ୫୦ବର୍ଷ ପାଳନ କରିବା ସତରେ ଏକ ନିଆରା ପଦକ୍ଷେପ। ବର୍ତ୍ତମାନ ସମୟରେ ସମାଜର ଆବଶ୍ୟକତାକୁ ନେଇ ଏହି କନ୍‌କ୍ଲେଭ ଆୟୋଜନ ହୋଇଛି। ୫୦ବର୍ଷ ପାଳନ ସବୁବେଳେ ସ୍ୱତନ୍ତ୍ର। ଧରିତ୍ରୀ ଯୁବପିଢ଼ିଙ୍କୁ ଏମିତି ପ୍ରେରଣା ଯୋଗାଉଥାଉ।

**– ସୁଦର୍ଶନ ପଟ୍ଟନାୟକ, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ**



ମୋ ବାପାଙ୍କ ସମୟରୁ ହିଁ ଧରିତ୍ରୀ ସହ ବହୁତ ଭଲ ସମ୍ପର୍କ। ନନ୍ଦିନୀ ଶତପଥୀ ବାବାଙ୍କୁ ଖୁବ୍ ସ୍ନେହ କରୁଥିଲେ। ସେମାନଙ୍କ ପରେ ମଧ୍ୟ ଏବେ ଧରିତ୍ରୀ ସହ ଏକ ପାରିବାରିକ ସମ୍ପର୍କ ବଜାୟ ରହିଛି। ସୃଜନ ଆରମ୍ଭରୁ ୩୦ବର୍ଷର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଧରିତ୍ରୀ ସହ ଯୋଡ଼ି ହୋଇ ରହିଛି। ଏକ ଖବରକାଗଜ ସଂସ୍ଥା ଦୀର୍ଘ ୫୦ବର୍ଷ ଅତିକ୍ରମ କରିବା କିଛି ସହଜ କଥା ନୁହେଁ। ଧରିତ୍ରୀ ସବୁବେଳେ ଉଚ୍ଚକୋଟୀର ସ୍ଥାନରେ ଥାଉ ଏତିକି ହିଁ ଶୁଭେଚ୍ଛା ଓ ଶୁଭକାମନା।

**– ରତିକାନ୍ତ ମହାପାତ୍ର, ନିର୍ଦ୍ଦେଶକ ସୃଜନ**



'ଧରିତ୍ରୀ' ଅର୍ଥ ବସୁନ୍ଧରା। ପୃଥିବୀ ଓ ବସୁନ୍ଧରା କଥା 'ଧରିତ୍ରୀ'ରେ ସବୁବେଳେ ବାହାରୁ ଥାଉ। ଆଉ ସୁନ୍ଦର ଭାବେ ସମ୍ପାଦିତ ହୋଇ ବାହାରୁ। 'ଧରିତ୍ରୀ' ଆଗକୁ ବଢୁଛି। ଏବେ ୫୦ବର୍ଷରେ ପଦାର୍ପଣ କରିଛି। ମୋର ଶୁଭେଚ୍ଛା ଏମିତି ଆଗକୁ ଆହୁରି ବଢୁଥାଉ। ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ 'ଧରିତ୍ରୀ' ପରିବାରକୁ ମୋର ଶୁଭେଚ୍ଛା ଓ ଶୁଭକାମନା।

**– ସୀତାକାନ୍ତ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ**



Heartiest congratulations on achieving the impressive milestone of five decades of steadfast dedication to serving the public! Your enduring commitment to delivering uninterrupted, high-quality news has undeniably left an indelible mark on the community.

Dharitri has made a profound impact by informing, educating, and engaging the community. Your unwavering commitment to journalistic integrity has set a standard that others aspire to achieve. May the next fifty years bring even greater success, influence, and positive change.

Congratulations on this extraordinary achievement!

– Shilpi Sahoo, Chairperson, Sai International Education Group



ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଖବରକାଗଜ ଧରିତ୍ରୀ ପ୍ରକାଶନର ୫୦ ବର୍ଷ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟ ଓ ପାଠକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଦୀର୍ଘ ୫୦ବର୍ଷ ଧରି ନିରବଚ୍ଛିନ୍ନ, ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶ କରି ଧରିତ୍ରୀ ଯେଉଁ ପାଠକୀୟ ଆଦୃତି ଲାଭ କରିଛି ତାହା ଆଗାମୀ ଦିନରେ ଆହୁରି ଅଧିକ ବୃଦ୍ଧି ପାଇବ ବୋଲି ମୋର ପୂର୍ଣ୍ଣ ଆଶା ଓ ବିଶ୍ୱାସ।

**– ପ୍ରଦୀପ କୁମାର ଅମାତ, ସୂଚନା ଲୋକ ସମ୍ପର୍କ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ**



ଏହି ଖବରକାଗଜ ଯେତେବେଳେ ପ୍ରକାଶ ପାଇଲା ଏକ ନୂତନ ରକ୍ତ ପ୍ରବାହ ଖେଳାଇ ଦେଇଥିଲା। କାରଣ ସେତେବେଳର ସମ୍ପାଦକ ସାହିତ୍ୟ ଓ ଆଧ୍ୟାତ୍ମିକତା ଦ୍ୱାରା ପରିପୁଷ୍ଟ ଥିଲେ। ପ୍ରତିଦିନ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ବାଣୀ ଏହାର ପୃଷ୍ଠା ମଣ୍ଡନ କରୁଥିଲା। ପ୍ରତିବର୍ଷ ଆୟୋଜିତ ସାରସ୍ୱତ ସଭାରେ କବି ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏହା ଓଡ଼ିଶାବାସୀଙ୍କ ମନରେ ବହୁ ଆଶା ଓ ଆଗ୍ରହ ବୁଣି ଦେଇଥିଲା। ଏବେର ସମ୍ପାଦକଙ୍କ ସୁପରିଚାଳନାରେ ଏହା ଅଗ୍ରଗାମୀ ହେବାରେ ଲାଗିଛି। ଧରିତ୍ରୀ ରାଜନୀତି ଓ ସାହିତ୍ୟର ଏକ ସମ୍ମିଳିତ ମୁଖପତ୍ର। ଇତିମଧ୍ୟରେ ଧରିତ୍ରୀ ସୁବର୍ଣ୍ଣ ଜୟନ୍ତୀରେ ପଦାର୍ପଣ କରିଛି। ଆଗକୁ ମଧ୍ୟ ଏହି ଯାତ୍ରା ଅବ୍ୟାହତ ରହୁ ଏତିକି ଭଗବାନଙ୍କ ପାଖେ ପ୍ରାର୍ଥନା।

**– ପ୍ରତିଭା ଶତପଥୀ, କବୟିତ୍ରୀ**



ରଜତ ଜୟନ୍ତୀ ଉତ୍ସବ (୧୯୯୮)



ଧରିତ୍ରୀର ପ୍ରଥମ ପ୍ରକାଶନ, ୨୪ ନଭେମ୍ବର ୧୯୭୪



ଚର୍ଚ୍ଚିତ ଘଟଣା: ଥାନା ହାଜତରେ ପୋଲିସ ଯୁବକଙ୍କୁ ମୃତ ପିଆଉଥିବା ଦୃଶ୍ୟ



ଧରିତ୍ରୀ ଦେଖାଇଲେ ଉପହାର (୨୦୦୨)



ଗୁଜରାଟର ଭୂକମ୍ପଗ୍ରସ୍ତ ବୀରଭଦ୍ରକା ଗ୍ରାମରେ ଧରିତ୍ରୀ ରିଲିଫ ଟିମ୍ (୨୦୦୧)



ଧରିତ୍ରୀ ଜନ୍ମୋତ୍ସବର ଖବର ପ୍ରକାଶ (୨୫ ନଭେମ୍ବର, ୧୯୭୪)



ପ୍ରଥମ ସ୍ୱାଧୀନତା ଦିବସ ବିଶେଷାଙ୍କ (୧୯୭୫)



ପ୍ରଥମ ଓଡ଼ିଶା ଦିବସ ବିଶେଷାଙ୍କ, (୧ଏପ୍ରିଲ ୧୯୭୬)



ପ୍ରଭାତୀ ସଂସ୍କରଣ ଆରମ୍ଭ (୯ ସେପ୍ଟେମ୍ବର ୧୯୯୦)



ଧରିତ୍ରୀର ସମ୍ବଲପୁର ଛପା ଆରମ୍ଭ (୯ ଜୁନ୍, ୨୦୦୫)



ଅନୁଗୋଳରୁ ଛପା ଆରମ୍ଭ (୨ ମାର୍ଚ୍ଚ ୨୦୧୪)



ରାୟଗଡାରୁ ଛପା ଆରମ୍ଭ (୫ ନଭେମ୍ବର ୨୦୧୦)




ଧରିତ୍ରୀ ଆୟୋଜିତ 'ଊର୍ଜା' କାର୍ଯ୍ୟକ୍ରମ (୨୦୦୪)




ଭାଲେଣ୍ଟାଇନ୍ସ ଡେ' ପୁରସ୍କାର ପ୍ରଦାନ ଉତ୍ସବ (୨୦୦୨)




ଧରିତ୍ରୀ ପକ୍ଷରୁ ନୂଆଦିଲ୍ଲୀରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ (୨୦୧୬)




ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲରେ ରିଲିଫ୍ ବଣ୍ଟନ (୨୦୦୮)




ଧରିତ୍ରୀ ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା ଅଭିଯାନ (୨୦୧୮)




ଧରିତ୍ରୀ-ଇଏଫ୍ଆଇ ମିଳିତ ପ୍ରୟାସରେ ଜଳାଶୟ ପୁନରୁଦ୍ଧାର କାର୍ଯ୍ୟାରମ୍ଭ (୨୦୨୩)




ମାଇଁ ପେପର ବ୍ୟାଗ୍ ଚ୍ୟାଲେଞ୍ଜ ପୁରସ୍କାର ପ୍ରଦାନ (୨୦୨୦)




ସେଲ୍ଫି କର୍ନର ପୁରସ୍କାର ପ୍ରଦାନ (୨୦୧୮)




ସାହିତ୍ୟାୟନ ବନ୍ଧୁମିଳନ (୨୦୧୭)




ବିଜ୍‌ନେସ ଏମିନେନ୍ସ ଆୱାର୍ଡ ପ୍ରଦାନ ଉତ୍ସବ (୨୦୨୧)




ଅତୁଟ ବନ୍ଧନ ବାର୍ତ୍ତା ପୁରସ୍କାର ପ୍ରଦାନ (୨୦୨୧)




ଧରିତ୍ରୀର ପ୍ରଥମ ୟୁଥ୍ କନ୍‌କ୍ଲେଭ୍ (୨୦୨୧)




ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକଠାରେ ବକ୍ତୃତା ପ୍ରତିଯୋଗିତା (୨୦୨୩)




କୁଇଜ୍ ବିଜେତାଙ୍କୁ ପୁରସ୍କାର (୨୦୧୬)

ଧରିତ୍ରୀ DHARITRI 50 Years

# ସ୍ୱନକ୍ଷତ୍ର ବିଶେଷ

ଭୁବନେଶ୍ୱର, ଶୁକ୍ରବାର, ୨୪ ନଭେମ୍ବର, ୨୦୨୩






ଧରିତ୍ରୀର ପ୍ରଥମ ଜନ୍ମବାର୍ଷିକୀ ବିଶେଷାଙ୍କ (୧୯୭୫)।




ପିଲାଙ୍କ ଧରିତ୍ରୀ




ନୂଆରୂପରେ ଛୁଟିଦିନ




ସାହିତ୍ୟାୟନ




ଧରିତ୍ରୀ ଫିଚର ପୃଷ୍ଠା ‘ ସ୍ୱାସ୍ଥ୍ୟ ବିଜ୍ଞାନ’




‘ନାରୀ’




‘କୃଷି ଜୀବନ’




‘ବିଚିତ୍ରା’




କ୍ରୀଡ଼ାଜଗତ




ଆଗାମୀ ଆଶା




ମେଟ୍ରୋ ମିଜାଜ

## କାର୍ଟୁନ ଟ୍ରେଣ୍ଡ...























# ଅନ୍ୟଠୁ ଭିନ୍ନ



ଯେଉଁଠୁ ମୁଁ ଖବର ଲେଖିବା ଶିଖିଲି ତା' ଉପରେ ମାତ୍ର ୪୦୦ଟି ଶବ୍ଦ ଲେଖିବା ଯେ ଏତେ ଦୁଷ୍କର ହେବ, ଭାବିନଥିଲି। ଅନେକ ଥର ଚେଷ୍ଟା କରିଛି, କିନ୍ତୁ ସ୍ମୃତି ଓ ଭାବପ୍ରବଣତାର ବିସ୍ଫୋରଣ ମୋତେ ଅଟକାଇ ଦେଇଛି। ବିଳମ୍ବର ତାହା ହିଁ କାରଣ।

ଫ୍ଲାସ୍‌ବ୍ୟାକରେ ଯିବାକୁ ହେବ। ମୋର ବୃତ୍ତିଗତ ଜୀବନର ଆରମ୍ଭ ଧରିତ୍ରୀରୁ। ଏଇଠି ମୋର ଜନ୍ମ, ଏଇଠି ଗଢ଼ା ହୋଇଛି। ୩୯ବର୍ଷ ତଳେ ଧରିତ୍ରୀରେ ମୁଁ କାମ ଆରମ୍ଭ କରିଥିଲି। ତା' ପର ୧୯ବର୍ଷ ମୋ' ପାଇଁ ସାଧନା ଓ ଶିକ୍ଷାର କାଳଖଣ୍ଡ ଥିଲା। ତାରୁଣ୍ୟ ଓ ଅଭିଜ୍ଞତାର ମଝାମଝି କ୍ଷଣ।

ଗୋଟିଏ ଧାଡ଼ିରେ ବର୍ଣ୍ଣନା କଲେ ମୋ ପାଇଁ କଠୋର ଶୃଙ୍ଖଳା, ପରିଶ୍ରମ, ନିର୍ଭୀକତା, ଦୃଢ଼ ଇଚ୍ଛାଶକ୍ତି ଏବଂ ଯେକୌଣସି ପରିସ୍ଥିତିକୁ 'ନା' ନ କହି ଅତିକ୍ରମ କରିବା ଓ ଜିତିବାର ଅନ୍ୟ ନାମ ଧରିତ୍ରୀ।

ଗତାନୁଗତିକତାଠାରୁ ଦୂରେଇ ଯିବାରେ 'ରିସ୍କ' ଅଛି। କିନ୍ତୁ ମଜା ବି। କାରଣ ପ୍ରତ୍ୟେକ ଆହ୍ୱାନ ଆଗରେ ସଫଳତା ହିଁ ଥାଏ। ମୋ ବିଶ୍ୱାସରେ ଏହା ଧରିତ୍ରୀର ବୀଜମନ୍ତ୍ର।

ଧରିତ୍ରୀ ଆରମ୍ଭ ହେବାର ପ୍ରଥମ ୧୦ବର୍ଷ କେବଳ ଏକ 'ଭଲ ଓ ସମ୍ଭ୍ରାନ୍ତ' ଓଡ଼ିଆ ଖବରକାଗଜ ଥିଲା। ଭାଷା ଓ ସାହିତ୍ୟ ଉପରେ ଗୁରୁତ୍ୱ ଥିଲା। ୮୦ ଦଶକର ଶେଷ ପାଦରେ ଅଚାନକ ଏକ ନୂଆ ମୋଡ଼ ଆସିଲା। ତଥାଗତ ସତପଥୀ ସମ୍ପାଦକ ଭାବେ ଯୋଗ ଦେଲେ। ନୂଆ ଚ୍ୟାଲେଞ୍ଜ ନେଲେ। ସାଧାରଣ ଲୋକ ଯାହା ପଢ଼ିବାକୁ ଚାହୁଁଥିଲେ ତାହା ପ୍ରକାଶ ପାଇଲା ଧରିତ୍ରୀରେ। ଯୁବପିଢ଼ି ପାଇଁ ଖେଳ ଖବର ଗୁରୁତ୍ୱ ପାଇଲା। ଗୁରୁତ୍ୱ ପାଇଲା ଜାତୀୟ/ଅନ୍ତର୍ଜାତୀୟ କଥା ସବୁ। ସୁନ୍ଦର ଫଟୋ, ବିଶେଷତଃ 'ବୋଲ୍ଡ' କିସମର ଫଟୋ ଏବଂ ଗ୍ଲାମର ଦୁନିଆର ଗୁମର କଥା। ଏସବୁ ହଇଚଇ ଖେଳାଇ ଦେଇଥିଲା ପାଠକ ମହଲରେ। କିଛି ବିରୋଧ କଲେ, କିଛି ଆଖି ତରାଟିଲେ ଅଥଚ ପଢ଼ିବା ଛାଡ଼ିଲେନି। ଏମିତି ହେବା ଭିତରେ ନୂଆ ପାଠକଙ୍କର ଏକ ବିଶାଳ ଢେଉ ସୃଷ୍ଟି ହେଲା ଧରିତ୍ରୀ ସପକ୍ଷରେ।

ସାଧାରଣ ଲୋକ ସ୍ୱଭାବତଃ ଶାସନ ବ୍ୟବସ୍ଥାକୁ ନେଇ ସନ୍ଦେହଶୀଳ। ସେମାନଙ୍କ ପାଇଁ ଏକ ସ୍ୱର, ଏକ ପ୍ଲାଟଫର୍ମ ଦରକାର। ଧରିତ୍ରୀ କାହାରିକୁ ଡରୁନଥିଲା। ଶାସନ ବ୍ୟବସ୍ଥା ହେଉ ବା ଏଥିରେ ଥିବା ବଡ଼ବାବୁ, ଏପରିକି ଖୋଦ୍ ଶାସକଙ୍କ ବିରୋଧରେ ଜନସାଧାରଣଙ୍କ ତରଫରୁ ସ୍ୱର ଉଠେଇବାର ସାହସ କରିଥିଲା। କହିବା ବାହୁଲ୍ୟ ଯେ, ଖୋଦ୍ ଶାସକ ବି ଟଳିପଡ଼ିଥିଲେ ଧରିତ୍ରୀର ଖବର ପ୍ରହାରରେ। ନ୍ୟାୟାଧୀଶଙ୍କ ପ୍ରତି ଅଙ୍ଗୁଳି ଦେଖାଇବାର ଦୁଃସାହସ ମଧ୍ୟ ଧରିତ୍ରୀ କରିଥିଲା। ଆଉ ଗୋଟେ କଥା ମୋତେ ପ୍ରଭାବିତ କରିଥିଲା, ସମ୍ପାଦକ ନିଜର ଭାବନାକୁ ପାଠକଙ୍କ ନିକଟରୁ କେବେ ଲୁଚାଇ ରଖୁନଥିଲେ। ସ୍ପଷ୍ଟ ଓ ସିଧା ବାକ୍ୟରେ ପ୍ରକାଶ କରୁଥିଲେ ସମ୍ପାଦକୀୟରେ। ଏହା ଥିଲା ଧରିତ୍ରୀର ସଫଳତାର ସୂତ୍ର।

ଅନେକ ଛୋଟ ଛୋଟ କଥା ଅଛି, ଯାହା ପାଇଁ ଧରିତ୍ରୀ ଅନ୍ୟଠୁ ଭିନ୍ନ। ମହିଳାମାନଙ୍କ ପ୍ରତି ଗୁରୁତ୍ୱ ଯେମିତିକି ଚିରାଚରିତ ଧାରାକୁ ଭାଙ୍ଗି ପୁରୁଷ ବଦଳରେ ମହିଳାଙ୍କ ନାମ ଆଗରେ ରଖିବା, ଅର୍ଥାତ୍ ପୁଅଝିଅ ବଦଳରେ 'ଝିଅ-ପୁଅ' ଛାତ୍ରଛାତ୍ରୀ ବଦଳରେ 'ଛାତ୍ରୀ-ଛାତ୍ର' ଇତ୍ୟାଦି। ସବୁ ଖବରକାଗଜ ଅପରାଧୀଙ୍କୁ 'ତୁ-ତା' ସମ୍ବୋଧନ କରି ଖବର ଲେଖିଥାନ୍ତି। ଆଜି ଯିଏ ଉଚ୍ଚ ପଦବୀରେ ଥାଇ 'ଆଜ୍ଞା-ଆପଣ' ସମ୍ବୋଧନ ପାଉଛନ୍ତି, କାଲି ସେ ଅଭିଯୁକ୍ତ ହେବା ମାତ୍ରକେ ସମ୍ବୋଧନ ହଠାତ୍ 'ତୁ-ତା' ହେଇଯାଏ। କିନ୍ତୁ ଧରିତ୍ରୀ ଚୋର ତସ୍କରଙ୍କ ଲାଗି ବି ଅସମ୍ମାନଜନକ ଶବ୍ଦ ଲେଖେନାହିଁ। କାରଣ ଜଣେ ଦୋଷୀ ସାବ୍ୟସ୍ତ ନ ହେବାଯାଏ ସମ୍ମାନର ହକ୍‌ଦାର। ଧରିତ୍ରୀର ସଫଳତା ପଛରେ ଏମିତି ଅନେକ ବଡ଼-ଛୋଟ କଥା ରହିଛି।

ଧରିତ୍ରୀରୁ ୨୦୦୪ରେ ମୁଁ ବାହାରିଲି। ସେଇ ୧୯ବର୍ଷର ଶ୍ରମ ସାଧନା ମୋ ବୃତ୍ତିଗତ ଜୀବନର ବଡ଼ ପୁଞ୍ଜି ହୋଇ ରହିଆସିଛି।

ଧରିତ୍ରୀକୁ ତା'ର ୫୦ବର୍ଷ ପ୍ରବେଶ ଅବସରରେ ଅଜସ୍ର ଶୁଭେଚ୍ଛା।

(ଗୋପାଳକୃଷ୍ଣ ମହାପାତ୍ର)

# ମୋ ଧରିତ୍ରୀ ଅନୁଭୂତି



ଓଡ଼ିଶାର ଖବରକାଗଜଗୁଡ଼ିକ ଭିତରେ ଧରିତ୍ରୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଆଜି ଯେତେବେଳେ ଏହି ଖବରକାଗଜ ତାହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି, ଏହା ନିଶ୍ଚିତ ଭାବରେ ଏକ ଚମତ୍କାର ସୁଯୋଗ ଧରିତ୍ରୀ ସମ୍ପର୍କରେ କିଛି ଲେଖିବା ପାଇଁ।

୧୯୭୪ ନଭେମ୍ବର ୨୪ ତାରିଖରେ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରାମନାଥ ପଣ୍ଡା ଏହାକୁ ପ୍ରତିଷ୍ଠା କରିଥିଲେ। ପ୍ରତିଷ୍ଠାତାଙ୍କ ବ୍ୟକ୍ତିତ୍ୱ ଓ ପ୍ରେରଣାରୁ ହିଁ ଖବରକାଗଜ ତା'ର ପରିଚୟ ପାଇଥାଏ ବୋଲି ଯାହା ଆମେ ବିଶାସ କରୁ, ସେହି ସିଦ୍ଧାନ୍ତଟି ଧରିତ୍ରୀ ପାଇଁ ବହୁଳ ଭାବରେ ପ୍ରଯୁଜ୍ୟ। କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରାମନାଥ ପଣ୍ଡାଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ବ୍ୟକ୍ତି ଯେଉଁମାନଙ୍କୁ ନେଇ ଧରିତ୍ରୀ ଗର୍ବ ଅନୁଭବ କରେ ସେ ଦୁହେଁ ହେଲେ ନନ୍ଦିନୀ ଶତପଥୀ ଓ ଦେବେନ୍ଦ୍ର ଶତପଥୀ। ଏହି ଚାରି ପ୍ରମୁଖ ବ୍ୟକ୍ତିଙ୍କ ଅବଲମ୍ବନକୁ ନେଇ ଧରିତ୍ରୀ ଆଜି ଦଣ୍ଡାୟମାନ ଓ ସେମାନଙ୍କ ସଦିଚ୍ଛାକୁ ପାଥେୟ କରି କାଗଜଟି ତାହାର ଅନବରତ ଯାତ୍ରାକୁ ଅବ୍ୟାହତ ରଖିଛି।

'ଧରିତ୍ରୀ' ଏବର୍ଷ ତା'ର ୫୦ ବର୍ଷ ପୂର୍ତ୍ତି ପାଳନ କରିବା ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ, ଓଡ଼ିଶାରେ ଖବରକାଗଜମାନେ ଦୟନୀୟ ସ୍ଥିତି ଦେଇ ଗତି କରୁଥିବା ସେତିକି ପ୍ରାସଙ୍ଗିକ। ଅନ୍ୟ ଖବରକାଗଜ ଭଳି ଊଣା ଅଧିକେ ଧରିତ୍ରୀ ମଧ୍ୟ ରାଜନୈତିକ – ବ୍ୟବସ୍ଥାଗତ ସମସ୍ୟା ଭିତର ଦେଇ ଚାଲିବା ସ୍ୱାଭାବିକ। କିନ୍ତୁ ଧରିତ୍ରୀ ଅନ୍ୟ କାଗଜମାନଙ୍କଠାରୁ ବହୁ କାରଣରୁ ଭିନ୍ନ ମଧ୍ୟ। ଧରିତ୍ରୀର ସଂପାଦକ କୌଣସି ରାଜନୈତିକ ଦଳରେ ନାହାନ୍ତି କି ପଦ ପଦବୀର ଲାଳସା ବି ତାଙ୍କର ଆଉ ନାହିଁ। ତା'ଛଡ଼ା ସେ ସମସ୍ତ ପ୍ରକାର କୁତ୍ସିତ ରାଜନୀତିରୁ ନିଜକୁ ଦୂରେଇ ରଖିଛନ୍ତି। ରାଜନୀତି ଓ ବୃତ୍ତିଗତ ଜୀବନ ଭିତରେ କିଭଳି ସନ୍ତୁଳନ ରଖାଯିବ ତାହା ସେ ଭଲ ଭାବରେ ଜାଣିଛନ୍ତି ଓ ତାହାକୁ ପ୍ରୟୋଗ କରି ଆସିଛନ୍ତି ମଧ୍ୟ। ଧରିତ୍ରୀର ପରିଚାଳନା ବି ଖୁବ୍ ଗତିଶୀଳ ଓ ବାସ୍ତବ। ଏଠି ଅଯଥା ଆତସବାଜି ପ୍ରଦର୍ଶନ ନାହିଁ କି ଆକ୍ଷେପ ପ୍ରତି-ଆକ୍ଷେପ ନାହିଁ। ଏହି କାରଣରୁ ଧରିତ୍ରୀ ତା'ର ସମ୍ପାଦକୀୟ ଗରିମା ଓ ମର୍ଯ୍ୟାଦାକୁ ବଜାୟ ରଖିପାରିଛି। ନମ୍ବର ଓ ସ୍ଥାନ ଦୌଡ଼ରେ ନ ଥିବା କାରଣରୁ ବୃତ୍ତିଗତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ ଆଧୁନିକ ସମୟର ସମସ୍ତ ଆୟୁଧକୁ ବ୍ୟବହାର କରି ଧରିତ୍ରୀ ତାହାର ସ୍ୱତନ୍ତ୍ର ପରିଚୟକୁ ଜାହିର କରିପାରିଛି।

ବର୍ଷ ୧୯୮୮-୮୯ ବେଳକୁ କାଗଜର ଆଧୁନିକୀକରଣ ଆରମ୍ଭ ହେବା ସହିତ ତଥାଗତ ସତପଥୀ ଦେବେନ୍ଦ୍ର ଶତପଥୀଙ୍କଠାରୁ ବିଧିବଦ୍ଧ ଭାବରେ ଓ ଉତ୍ତରାଧିକାର ସୂତ୍ରରେ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ । ଏଇଠୁ ହିଁ ଏକ ନୂଆ ବ୍ୟବସ୍ଥାର ମୂଳଦୁଆ ପଡ଼ିଥିଲା। ଧରିତ୍ରୀ କାର୍ଯ୍ୟାଳୟରେ ଦେବେନ୍ଦ୍ର ଶତପଥୀ, ନନ୍ଦିନୀ ଶତପଥୀ, ରାମନାଥ ପଣ୍ଡା, ଭଗବାନ ନାୟକ ବର୍ମା, ନଗେନ ବେଉରିଆ ଓ ପ୍ରକାଶକ ଦଣ୍ଡପାଣି ମିଶ୍ର ପ୍ରମୁଖଙ୍କ ଉପସ୍ଥିତି ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା। ନବଜାତ ପ୍ରିଣ୍ଟର୍ସର ପ୍ରକାଶକ ଦଣ୍ଡପାଣି ମିଶ୍ର ସମସ୍ତଙ୍କର ପ୍ରିୟ ବ୍ୟକ୍ତି ଥିଲେ। ତାଙ୍କର ଯୁବ ସୁଲଭ ଚପଳତା ଓ ପ୍ରତିଟି ପ୍ରସଙ୍ଗରେ ଅଭିଜ୍ଞତାସମ୍ପନ୍ନ ମନ୍ତବ୍ୟ ସମସ୍ତଙ୍କ ପାଇଁ ଗ୍ରହଣୀୟ ହେଉଥିଲା।

ଧରିତ୍ରୀର ସମ୍ପାଦକୀୟ ବିକାଶରେ ସେତେବେଳର ସହଯୋଗୀ ଗୋପାଳକୃଷ୍ଣ ମହାପାତ୍ର, ଉପେନ୍ଦ୍ର ମହଲା, ଅଜିତ ମହାନ୍ତି, ପ୍ରକାଶ ଶତପଥୀ, ରଜନୀକାନ୍ତ ଶତ୍ରୁଶଲ୍ୟ, ଜଗତଜ୍ୟୋତି ମାଜି, ସଂଘମିତ୍ରା ମହାନ୍ତି ଓ ସୁଷମା ରଥ ପ୍ରମୁଖ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ଏହି ଟିମର କାର୍ଯ୍ୟଦକ୍ଷତା ଓ ପାରସ୍ପରିକ ସହଯୋଗ ଅନୁକରଣୀୟ ଥିଲା ବୃତ୍ତିରେ ଥିବା ଅନ୍ୟ ସତୀର୍ଥମାନଙ୍କ ପାଇଁ। ଧରିତ୍ରୀର ସ୍ୱନକ୍ଷତ୍ରରେ ପ୍ରତିବର୍ଷ ନଭେମ୍ବର ୨୪ରେ ଯେଉଁ ବିଶେଷ ସଙ୍କଳନ ପ୍ରକାଶ ପାଉଥିଲା ତାହାର ଏକ ସ୍ୱତନ୍ତ୍ର ଆକର୍ଷଣ ଥିଲା।

ଧରିତ୍ରୀର ସମ୍ପାଦକୀୟଗୁଡ଼ିକ ଅନ୍ୟ କାଗଜଠାରୁ ଭିନ୍ନ ଥିଲା। ଅନେକ ବିଚାରବିମର୍ଶ ପରେ ରବିବାର ସଂଖ୍ୟାର ନାମ 'ଛୁଟିଦିନ' ରଖାଯାଇଥିଲା। ମନୋଜ ଦାସଙ୍କ 'କେତେ ଦିଗନ୍ତ' ପ୍ରତି ରବିବାର ପ୍ରକାଶ ପାଉଥିଲା ଓ ଅନେକେ ଏହି ସ୍ତମ୍ଭ ପଢ଼ିବା ପାଇଁ ଅପେକ୍ଷା କରୁଥିଲେ। ଧରିତ୍ରୀର ଅନ୍ୟ ଏକ ପ୍ରମୁଖ ଆକର୍ଷଣ ଥିଲା ନଭେମ୍ବର ୨୪ରେ ଏହାର ସ୍ୱନକ୍ଷତ୍ର। ମଧ୍ୟାହ୍ନରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାମ୍ବାଦିକଙ୍କ ସହ ବନ୍ଧୁ ମିଳନ ଏବଂ ସନ୍ଧ୍ୟାରେ ଜଣେ ବିଶିଷ୍ଟ ସାହିତ୍ୟିକଙ୍କ ଯୋଗଦାନ ପରିବେଶକୁ ସାହିତ୍ୟମୟ କରି ଦେଉଥିଲା। ଖୁସଓ୍ୱନ୍ତ ସିଂହ, ଅମ୍ରିତା ପ୍ରୀତମ ଓ ମହାଶ୍ୱେତା ଦେବୀଙ୍କ ଭଳି ସାହିତ୍ୟିକ ଓ ସାମ୍ବାଦିକ ବି ଆସିଛନ୍ତି।

ମୋର ଫିଚର୍ ଲେଖା ପାଇଁ ଧରିତ୍ରୀ ଯେଉଁ ସୁଯୋଗ ଦେଇଥିଲା, ତାହା କଦାପି ଭୁଲିବାର ନୁହେଁ। ଛୁଟିଦିନ ପୃଷ୍ଠାରେ ପ୍ରକାଶିତ ଅନେକ ଫିଚର ଆଜି ବି ପୁସ୍ତକର ମୁହଁ ଦେଖିବା ପାଇଁ ଅପେକ୍ଷାରତ। ରବିବାର ପଠନ ପାଇଁ ଏକ ଟାବ୍‌ଲଏଡ୍ ପ୍ରକାଶ କରିବାରେ ଧରିତ୍ରୀ ଥିଲା ପ୍ରଥମ ଓଡ଼ିଆ ଖବରକାଗଜ। ଆସନ୍ତେ ବର୍ଷା କାଳ, ଆମ ଠକ ସଂସ୍କୃତି, ଦୁଇ ଘଣ୍ଟିଆ ମହାଭାରତ, ଟଙ୍କା ଅଛି ଖର୍ଚ୍ଚ କରିବୁ ଆଦି ଲେଖା ଆଜି ବି ପାଠକଙ୍କ ସ୍ମରଣରେ ରହିଛି।

ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କୁ ପାଥେୟ କରି ଏକ ସୁନ୍ଦର, ବାସ୍ତବ ଓ ସୌଷ୍ଠବ ଖବରକାଗଜ ଭାବରେ ଧରିତ୍ରୀ ଯେଉଁ ଯାତ୍ରା ଆରମ୍ଭ କରିଥିଲା ଆଜିବି ସେହି ପରିଚୟ ଅମଳିନ ହୋଇ ରହିଛି। ଚାରି ପାଞ୍ଚ ବର୍ଷ ଜଡ଼ିତ ହେବା ଭିତରେ ଧରିତ୍ରୀରୁ ସାମ୍ବାଦିକତା ବୃତ୍ତିର ଗରିମାମୟ ଦିଗଗୁଡ଼ିକୁ ଆହରଣ କରିବା ପରବର୍ତ୍ତୀ ସମୟରେ ଖୁବ ଉପାଦେୟ ସାବ୍ୟସ୍ତ ହୋଇଥିଲା। ଓଡ଼ିଆ ଖବରକାଗଜ ଭିତରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିପାରିଥିବା ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ବ୍ୟକ୍ତିଗତ ଭାବେ ମୋ ପାଇଁ ଆନନ୍ଦର ବିଷୟ।

(ଭାସ୍କର ପରିଚ୍ଛା)

# ଧରିତ୍ରୀ ଏକ ପ୍ରତ୍ୟୟ



୧୯୭୬ରେ ବି.ଏ. ପରୀକ୍ଷା ଦେଇ 'ଧରିତ୍ରୀ'ରେ ମୁଁ ଯୋଗଦେଲି ସହ-ସମ୍ପାଦକ ଭାବେ। ସେତେବେଳକୁ ସମ୍ପାଦନା-ବିଭାଗ, ଏବେ ଯେଉଁଠି ପାଠାଗାର ଓ ୱେବ୍ ୟୁନିଟ୍, ଠିକ୍ ତା'ରି ତଳେ ଥାଏ। 'ଧରିତ୍ରୀ'ର କେବଳ ସାନ୍ଧ୍ୟ ସଂସ୍କରଣ ବାହାରୁଥାଏ। ମୋତେ ଦିଆଗଲା ମଫସଲ ଖବର ସମ୍ପାଦନାର ଦାୟିତ୍ୱ। ଜିଲା ଓ ସବ୍‌ଡିଭିଜନ ସ୍ତରରେ ସେତେବେଳେ ଖୁବ୍ ଅଭିଜ୍ଞତାସମ୍ପନ୍ନ ଖବରଦାତା ଥା'ନ୍ତି, ଯେଉଁମାନେ ଦାୟିତ୍ୱ ତୁଲାଇ ଜାଣନ୍ତି। ସମ୍ବଲପୁରର ଭାଗବତ ପ୍ରସାଦ ନନ୍ଦ, ବଲାଙ୍ଗୀରର ଶିବ ପ୍ରସାଦ ପାଣ୍ଡିଆ ଓ ପୁରୀର ସୋମନାଥ ମହାପାତ୍ର ଖୁବ୍ ସୁନ୍ଦର ହସ୍ତାକ୍ଷରରେ ଖବର ଲେଖି ପଠାନ୍ତି। ଆଜି ବି ସେମାନଙ୍କ ହସ୍ତାକ୍ଷର ମୋର ମନେଅଛି।

ସେତେବେଳେ ଟିଭି ନ ଥିଲା। କମ୍ପ୍ୟୁଟର ନ ଥିଲା। ଟେଲିପ୍ରିଣ୍ଟରରେ ପି.ଟି.ଆଇ. ନ୍ୟୁଜ୍ ଆସେ। ମୋତେ ଟେଲିପ୍ରିଣ୍ଟର ନ୍ୟୁଜ୍ ଅନୁବାଦ କରିବାକୁ କୁହାଗଲା। ଖବରର ହେଡ଼ିଂ କରିବା ଏକ କଳା, ତାହା ମୁଁ ଶିଖିଲି। 'ଧରିତ୍ରୀ'ର ରବିବାର ସାହିତ୍ୟ ପୃଷ୍ଠା ଅଶୀ-ନବେ ଦଶକରେ ଖୁବ୍ ଲୋକପ୍ରିୟ ଥିଲା। କ୍ରମେ ମୁଁ ଏହାର ସମ୍ପାଦନା ଦାୟିତ୍ୱରେ ରହିଲି। ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ କାଗଜ ପହଞ୍ଚିବା ମାତ୍ରେ ସରିଯାଏ। ଲୋକେ ଦାବି କରିବାରୁ କେବଳ 'ରବିବାସରୀୟ ସଂଖ୍ୟା' ପାଇଁ ବାର୍ଷିକ ୧୫ ଟଙ୍କା ଦେୟରେ ସ୍ୱତନ୍ତ୍ର ଗ୍ରାହକ ସେବା ବ୍ୟବସ୍ଥା ହେଲା। ଧରିତ୍ରୀ ରବିବାସରୀୟରେ ଲେଖା ଆରମ୍ଭ କରିଥିବା ଲେଖକମାନେ ଆଜି ଖୁବ୍ ବଡ଼ବଡ଼ ଲେଖକ। ବଙ୍ଗଳାରେ 'ଆନନ୍ଦ ବଜାର' ପତ୍ରିକା ଯେମିତି ଲେଖିକାଲେଖକଙ୍କର ପ୍ରେରଣାଭୂମି, ଧରିତ୍ରୀ ସେପରି ଥିଲା, ଆଜି ବି ଅଛି।

ପ୍ରଥମ ପୃଷ୍ଠାର ହ୍ୟାଙ୍ଗର ନ୍ୟୁଜ୍ ମୋ' ଜାଣିବାରେ ଧରିତ୍ରୀ ହିଁ ପ୍ରଥମେ ଆରମ୍ଭ କରିଥିଲା। 'ଏଇ ଭାରତରେ' ଭଳି ବକ୍ସ ନ୍ୟୁଜ୍ ଓଡ଼ିଆ ଖବରକାଗଜକୁ 'ଧରିତ୍ରୀ'ର ଅବଦାନ। 'ଧରିତ୍ରୀ'ର ଜନ୍ମଦିନ ଲେଖକ ଓ ଖବରଦାତାଙ୍କ ପାଇଁ ଥିଲା ଗଙ୍ଗାସାଗର ମେଳା। 'ଧରିତ୍ରୀ' ତା'ର ଲେଖକମାନଙ୍କୁ ପୁରସ୍କାର ଓ ପ୍ରଶସ୍ତିପତ୍ର ଦେଉଥିଲା, ଯାହା ଏକାଡେମୀ ପୁରସ୍କାରଠାରୁ କୌଣସି ଗୁଣରେ ନ୍ୟୂନ ନ ଥିଲା। 'ଧରିତ୍ରୀ' ଯେତେବେଳେ ଯାହା କରେ ତାହା ସଫଳତାର ଶୀର୍ଷ ଛୁଏଁ- ଏହା ମୋର ଅନୁଭୂତି। ଯେପରି ୨୦୧୫ରେ 'ଧରିତ୍ରୀ'ର ନବକଳେବର ସଂଖ୍ୟା 'ଦାରୁଦିଅଁ', ଯାହା ବେଷ୍ଟ ସେଲର ହୋଇଥିଲା। କର୍ତ୍ତାର ସିଂହ ଦୁଗଲ, ଅମ୍ରିତା ପ୍ରୀତମ, ଖୁସ୍‌ୱନ୍ତ ସିଂହ ଓ ମହାଶ୍ୱେତା ଦେବୀଙ୍କ ଭଳି ଭାରତର ବହୁ ବଡ଼ବଡ଼ ଲେଖିକାଲେଖକ ଜନ୍ମଦିନ ଉତ୍ସବରେ ବକ୍ତୃତା ପ୍ରଦାନ କରୁଥିଲେ। ନାନା ଦୃଷ୍ଟିରୁ 'ଧରିତ୍ରୀ' ମୋ ପାଇଁ ଥିଲା ଜୀବନ ଗଢ଼ିବାର ବାରୁଣାବନ୍ତ। ବଡ଼ବଡ଼ ଲେଖକଙ୍କ ସହ ମୋର ସଂସର୍ଗ 'ଧରିତ୍ରୀ' ଯୋଗୁ ସମ୍ଭବ ହୋଇଥିଲା। ମୋର ଏକାଧିକ ଭାଷା ଶିକ୍ଷା, ଉଚ୍ଚଶିକ୍ଷା ଓ ସାହିତ୍ୟଶିକ୍ଷାର ଆଖଡ଼ାଘର 'ଧରିତ୍ରୀ'। ଗୋଟେ କାଗଜରେ ପାଠପଢ଼ାବେଳେ ସାମୟିକଭାବେ କାମ କରୁକରୁ କେତେବେଳେ ଯେ ମୁଁ 'ଧରିତ୍ରୀ' ପରିବାରର ଅଂଶ ହୋଇଗଲି ମନେନାହିଁ।

ଧରିତ୍ରୀ କେଉଁ ଖବରକାଗଜ ସହ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରତିଷ୍ଠା ହୋଇ ନ ଥିଲା। 'ଏକ୍‌ଲା ଚଲୋ' ଥିଲା ଓ ଏବେ ବି ଅଛି ଧରିତ୍ରୀର ବ୍ରତ। 'ଧରିତ୍ରୀ'ରେ ତଥାଗତ ସତପଥୀ ସମ୍ପାଦକ ଭାବେ ଯୋଗଦେବା ପରେ 'ଧରିତ୍ରୀ' ଏପରି ଏକ କାଗଜ ହେଲା, ଯାହା ସମୟ ସହିତ ବଦଳି ବଦଳି ଚାଲିଛି। ତଥାଗତଙ୍କ ଲିଖିତ ସମ୍ପାଦକୀୟ ଉତ୍କର୍ଷରେ ଭାରତର ଯେକୌଣସି ବଡ଼ ଖବରକାଗଜର ସମ୍ପାଦକୀୟ ସହ ସମକକ୍ଷ, ଚିନ୍ତାନିଷ୍ଠ ଓ ଗେମ୍ ଚେଞ୍ଜର୍। 'ଧରିତ୍ରୀ'ରେ ସବୁପିଢ଼ିର ଲୋକେ ଯୋଡ଼ି ହୋଇଛନ୍ତି। ପ୍ରଲୋଭନ ଦେଖାଇ ଏହାର ଗ୍ରାହକ ଯୋଗାଡ଼ କରିବାକୁ ପଡ଼େ ନାହିଁ। ନିଜର ନିରପେକ୍ଷ, ନିଡର, ଅଭିସନ୍ଧିହୀନ ଖବର ପ୍ରକାଶ ଯୋଗୁଁ ନିଜ ପାଇଁ ସେ ଗ୍ରାହକ ଖୋଜିନିଏ।

ଯିଏ ବଡ଼ ଖବରଦାତା ହେବାକୁ ଚାହେଁ, ତା' ପାଇଁ 'ଧରିତ୍ରୀ' ଏକ ସୁଯୋଗ। କଥା କଥାକେ ନାହିଁ ନାହିଁ କରୁଥିବା ଲୋକଙ୍କର ଏ ଜାଗା ନୁହେଁ। କୌଣସି ପ୍ରସଙ୍ଗରେ ସବୁ କାଗଜ ପଢ଼ି ସାରିଲା ପରେ ଲୋକେ ଆଜି ଖୋଜନ୍ତି, 'ଧରିତ୍ରୀ' କ'ଣ ଲେଖିଛି- ଏହି ବିଶ୍ୱସନୀୟତା ଅର୍ଜନ କରିବା ହେଉଛି 'ଧରିତ୍ରୀ'ର ୫୦ ବର୍ଷ ତପସ୍ୟାର ଫଳ। ଏଭଳି ଏକ ଖବରକାଗଜ ସହ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଯୋଡ଼ି ହୋଇ ରହିବା କ'ଣ ସୌଭାଗ୍ୟ ନୁହେଁ!

(ଡ. ହୃଷୀକେଶ ମଲ୍ଲିକ)

# ତୁମକୁ ଖବର ଖୋଜିବାକୁ ପଡ଼ିବ



୫୦ବର୍ଷ ବୟସରେ ଧରିତ୍ରୀ ପାଦ ରଖିଛି। ଏହି ଦୀର୍ଘ ଯାତ୍ରା ପଥରେ ଅନେକ ଘାତ ପ୍ରତିଘାତକୁ ସାମ୍ନା କରି ସଶକ୍ତ ହେବା ସହିତ ରାଜ୍ୟ ଓ ଦେଶରେ ଏକ ସମ୍ଭ୍ରାନ୍ତ, ସଫଳ ଖବରକାଗଜ ହୋଇପାରିଛି। ତା'ଯାତ୍ରାର କାଳଖଣ୍ଡ ମଧ୍ୟରେ ମୁଁ ଧରିତ୍ରୀକୁ ପ୍ରବେଶ କରିଥିଲି। ମୋ ହାତରେ ସେ କଲମ ଧରାଇ ସାମ୍ବାଦିକତାର ଆଦ୍ୟ ଜୀବନର ସ୍ପର୍ଶ ଦେଇଥିଲା। ୧୯୮୭ ମସିହା ନଭେମ୍ବର ୩ ତାରିଖ ଥିଲା ମୋ ନିଯୁକ୍ତିର ଦିନ। ଓଡ଼ିଶାର ବିଶିଷ୍ଟ ସି.ପି.ଆଇ. ନେତା ଲୋକନାଥ ଚୌଧୁରୀ ଧରିତ୍ରୀରେ ମୋର ଯୋଗ ଦେବା କଥା ଶୁଣି ଖୁସି ହୋଇ କହିଲେ ତୁ ଠିକ୍ ଡିସିସନ ନେଇଛୁ। ସି.ପି.ଆଇ ଅଫିସ୍ ସେକ୍ରେଟାରୀ ପ୍ରଫୁଲ୍ଲ ତ୍ରିପାଠୀ ମୋତେ ସାଥିରେ ଧରି ରସୁଲଗଡ଼ ସ୍ଥିତ ଧରିତ୍ରୀ କାର୍ଯ୍ୟାଳୟକୁ ଆସି ଚନ୍ଦ୍ରରାଓ ପଟ୍ଟନାୟକଙ୍କ ସହିତ ଦେଖା କରାଇବାରୁ ସେ ମୋତେ ଧରିତ୍ରୀର ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କ ପାଖକୁ ପଠାଇଲେ। ଶ୍ରୀ ମିଶ୍ରଙ୍କୁ ମୁଁ ପ୍ରଣାମ କରିଥିଲି। ମୋ ହାତକୁ ସେ ଖଣ୍ଡେ କାଗଜ (ଧରିତ୍ରୀର ନିଯୁକ୍ତିପତ୍ର) ବଢ଼ାଇଦେଇଥିଲେ। ତା' ପରେ ପାରାଦୀପ ବନ୍ଦରରେ ପ୍ରତିଦିନ ଘଟୁଥିବା କିଛି ନୂଆ ଖବର ସଂଗ୍ରହ କରି ଧରିତ୍ରୀକୁ ପଠାଇବାକୁ ଲାଗିଲି। ଦିନେ ଧରିତ୍ରୀ ଅଫିସ୍‌ରେ ସମ୍ପାଦକ ତଥାଗତ ସତପଥୀଙ୍କ ସହ ମୋର ଦେଖା ହେଲା। ମୋର ପରିଚୟ ପାଇବା ପରେ କହିଲେ ତୁମେ ଭଲ ଖବର ପଠାଉଛ। କିନ୍ତୁ ଅନେକ ଖବର ଅଛି ତୁମକୁ ଖୋଜିବାକୁ ପଡିବ। ପ୍ରଥମେ ଖୋଜା ଖବରଟି ଥିଲା ଏହିପରି...। କୁଜଙ୍ଗ ବ୍ଲକ ଅଧୀନ ଏକ ନଈକୂଳିଆ ଗାଁ ଜୟଶଙ୍କରପୁର। ସେହି ଗ୍ରାମର ଜଣେ ଆସାମୀ ତା' ଘରେ ଲୁଚି ରହିଥିବା ଖବର ପାଇ କୁଜଙ୍ଗ ପୋଲିସ୍ ଉକ୍ତ ଗ୍ରାମକୁ ଦିନ ଚାରିଟା ବେଳେ ଯାଇ ଘରେ ପଶି ଧରିବାକୁ ଉଦ୍ୟମ କରିବାରୁ ତା' ପରିବାର ଲୋକେ ପୋଲିସକୁ ବାଧା ଦେଲେ। ଖବର ପାଇ ଗ୍ରାମବାସୀ ଏକଜୁଟ୍ ହୋଇ ପୋଲିସ୍‌ର ଏପରି କାର୍ଯ୍ୟକୁ ବିରୋଧ କରି ଘେରାଉ କରିବାରୁ ପୋଲିସ୍ ଅଣନିଃଶ୍ୱାସୀ ହୋଇ ନଦୀ କୂଳ ଆଡକୁ ଦୌଡିବାକୁ ଲାଗିଲେ। ପୋଲିସ୍‌କୁ ଗ୍ରାମବାସୀ ମଧ୍ୟ ଗୋଡେଇଲେ। ସେମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ପୋଲିସ୍ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚଳାଇଦେଲା। ଗ୍ରାମବାସୀ ପଛକୁ ଘୁଞ୍ଚିଲେ ପୋଲିସ୍ ବି କୁଜଙ୍ଗ ପଳାଇ ଆସିଲେ। ଖବର ପାଇ ମୁଁ ସନ୍ଧ୍ୟାରେ ଉକ୍ତ ଖବରଟିକୁ ଅଫିସ୍‌କୁ ପଠାଇଲି। ଶୀର୍ଷକ ଥିଲା ଜୟଶଙ୍କରପୁରରେ ପୋଲିସ୍‌ର ଗୁଳି ଚାଳନା। ପ୍ରଥମ ପୃଷ୍ଠାରେ ଖବରଟି ପ୍ରକାଶ ପାଇଥିଲା। ଏ ଖବର ଅନ୍ୟ କୌଣସି ଖବରକାଗଜରେ ପ୍ରକାଶ ପାଇନଥିବାରୁ ସେଦିନ ଧରିତ୍ରୀର ଚର୍ଚ୍ଚା ଜୋର ଧରିଲା। ତା'ର ଦୁଇ ତିନି ଦିନ ପରେ ପୋଲିସ ବିଳମ୍ବିତ ରାତିରେ ଉକ୍ତ ଗ୍ରାମରେ ପ୍ରବେଶ କରି ଗ୍ରାମବାସୀଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲେ। ମହିଳାମାନଙ୍କୁ ଅସଦାଚରଣ କରିବା ସହ ବାପ, ପୁଅକୁ ଉଲଗ୍ନ କରାଇ ମଝି ଦାଣ୍ଡରେ ଠିଆ କରାଇଲେ। ପୋଲିସର ଦମନଲୀଳାରେ ଗ୍ରାମଟି ସମ୍ପୂର୍ଣ୍ଣ ଶୂନ୍‌ଶାନ ହୋଇଯାଇଥିଲା। ତା' ପରଦିନ ଖବର ପାଇ ସେ ଗ୍ରାମକୁ ଯାଇ ଖବର ସଂଗ୍ରହ କଲି। । ସାତ ଶହ ଜନସଂଖ୍ୟାର ଗାଁଟି ଶୂନ୍‌ଶାନ ଶୀର୍ଷକରେ ମୋ ଖବର ପ୍ରକାଶ ପାଇଲା। ସେ ଦିନ ଧରିତ୍ରୀର ପ୍ରଭାବ ଏତେ ତୀବ୍ରତର ହେଲା ଶେଷରେ ରାଜ୍ୟ ସରକାର ବାଧ୍ୟ ହୋଇ ଉକ୍ତ ଘଟଣାକୁ ତଦନ୍ତ କମିଶନ ଦ୍ୱାରା ତଦନ୍ତ କରାଇଲେ। ଏହା ଥିଲା ମୋର ଏକ ଅନୁସନ୍ଧାନମୂଳକ ଖବର। ଧରିତ୍ରୀର ପ୍ରଥମ ପୃଷ୍ଠାରେ ଏକ ଫଟୋ ପ୍ରକାଶ ପାଇଥିଲା।

ଧରିତ୍ରୀରେ ସେତେବେଳେ ଚହଳ ପକାଇଥିବା ଖବର ଓ ଫଟୋ ବିଷୟରେ ମୋର ମନେପଡୁଛି। ଜଣେ ମନ୍ତ୍ରୀ ଗୋଟେ ଝିଅ କୋଳରେ ମଥାରଖି ଶୋଇଥିବା ବେଳେ ଆଉ ଗୋଟେ ଝିଅ ତାଙ୍କ ପାଦ ମସାଜ କରୁଥିବା ଫଟୋ ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥିଲା। ତଳେ କେବଳ କ୍ୟାପସନ ଲେଖାଥିଲା। ମନ୍ତ୍ରୀ ଯେଉଁ ଝିଅଟି କୋଳରେ ମଥାରଖି ଶୋଇଥିଲେ ସେ ଝିଅଟି ଏବେ ସରକାରୀ ଚାକିରିରେ ପୁରସ୍କୃତ। ଘଟଣାଟି ଥିଲା କେନ୍ଦ୍ରାପଡ଼ା ଜିଲାର। ସେଦିନ ସାରା ରାଜ୍ୟରେ ଏହି ଫଟୋଟିକୁ ନେଇ ହଇଚଇ ସୃଷ୍ଟି ହେଲା। ପରେ ମନ୍ତ୍ରୀ ଜଣଙ୍କ ସାରା ଜୀବନ ରାଜନୀତିରୁ ସନ୍ନ୍ୟାସ ନେଲେ।

ଧରିତ୍ରୀର ଅନ୍ୟ ଏକ ଅନୁସନ୍ଧାନମୂଳକ ଖବର ଝଡ଼ରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ପତନ ଘଟିଲା। ଘଟଣାର ପୃଷ୍ଠଭୂମି ଥିଲା ରାଜ୍ୟ ସରକାରଙ୍କ ଆଡଭୋକେଟ୍ ଜେନେରାଲ ଜଣେ ଉଚ୍ଚଶିକ୍ଷିତା ମହିଳାଙ୍କୁ ନ୍ୟାୟ ଦେବା ବାହାନାରେ ନିଜ ଘରେ ବଳାତ୍କାର ଉଦ୍ୟମ କରିବା। ଘଟଣାର ସାତଦିନ ପରେ ଲୁଚିରହିଥିବା ଏହି ସମ୍ବେଦନଶୀଳ ଖବରଟିକୁ ଧରିତ୍ରୀ ଅନୁସନ୍ଧାନ କରି ଲୋକଲୋଚନକୁ ଆଣିଥିଲା। ସେହି ଖବର ଓଡ଼ିଶାର ଜାନକୀ ବଲ୍ଲଭ ପଟ୍ଟନାୟକ ସରକାରଙ୍କୁ ନିନ୍ଦା, ଅପବାଦର ସୁନାମିରେ ବୁଡାଇଦେଲା। ସେବେଠାରୁ କଂଗ୍ରେସ ଆଜିପର୍ଯ୍ୟନ୍ତ ଦବିଯାଇଛି।

ତେବେ ଆଉ ଏକ ଅନୁସନ୍ଧାନମୂଳକ ଖବର ପାଇଁ ମୋତେ ଧରିତ୍ରୀ ଛାଡ଼ିବାକୁ ପଡିଥିଲା। ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ଚଞ୍ଚକତା କରି ଜଣେ ମହିଳାଙ୍କ ସମ୍ପତ୍ତି ହଡ଼ପ କରି ଟଙ୍କା ଆତ୍ମସାତ୍ କରିଥିବା ଖବରକୁ ଅନୁସନ୍ଧାନ କରି ଧରିତ୍ରୀରେ ପ୍ରକାଶ କରିଥିଲି। ଖବରଟି ପାଇଁ ସମ୍ପୃକ୍ତ ଯୁବକ ମୋ ବିରୋଧରେ କୁଜଙ୍ଗ କୋର୍ଟରେ ମାନହାନି ମକଦ୍ଦମା କରିବା ସହିତ ସମ୍ପାଦକଙ୍କ ପାଖରେ ଫେରାଦି ହୋଇଥିଲେ। ସମ୍ପାଦକ ମୋତେ ଭୁବନେଶ୍ୱର ଡକାଇ ମୋ ସହିତ କଥା ହେବା ପରେ ବି ତାଙ୍କ ନିଷ୍ପତ୍ତି ଅଭିଯୋଗକାରୀ ଯୁବକଙ୍କ ସପକ୍ଷରେ ଥିଲା। ମୁଁ ସମ୍ପାଦକଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଧରିତ୍ରୀ ଛାଡ଼ିଥିଲି। ତଥାପି ଧରିତ୍ରୀ ପ୍ରତି ମୋର ଶ୍ରଦ୍ଧା, ସମ୍ମାନ, ଅତୁଟ ରହିଛି। କାରଣ ଧରିତ୍ରୀ ମୋ ହାତରେ କଲମ ଧରାଇ ମୋତେ ପରିଚୟ ପ୍ରତିଷ୍ଠା ସମ୍ମାନ ସବୁକିଛି ଦେଇଛି। ତେଣୁ ମୁଁ ଧରିତ୍ରୀ ନିକଟରେ ଚିର କୃତଜ୍ଞ।

(ଚିତ୍ତରଞ୍ଜନ ସ୍ୱାଇଁ)

# ଅନୁଭୂତି ସହ ବର୍ତ୍ତମାନ



ଖବରକାଗଜର ଅଭିଲେଖନୀୟ ମୂଲ୍ୟ (ଆର୍କାଇଭାଲ ଭାଲ୍ୟୁ) ଯଥେଷ୍ଟ ରହିଛି। ଅର୍ଥାତ୍ ଏହାକୁ ସାଇତା ଯାଇପାରିଥାଏ। କିନ୍ତୁ ସେହି ଖବରକାଗଜ ପରବର୍ତ୍ତୀ ଦିନ ପାଇଁ ବାସି ହୋଇଯାଏ। ତେଣୁ ପ୍ରତ୍ୟେକ ସକାଳ ସଦ୍ୟ ଖବର ନେଇ ଆସେ। ପ୍ରଯୁକ୍ତି ମଣିଷର କାର୍ଯ୍ୟକୁ ସହଜ କରିଦେଇଛି। ହେଲେ ତାହା ସୃଜନଶୀଳ ମସ୍ତିଷ୍କ ଶକ୍ତିକୁ ପ୍ରତିସ୍ଥାପନ କରିପାରି ନ ଥାଏ। ଆଜି ପ୍ରକାଶିତ ସଂସ୍କରଣ 'ଧରିତ୍ରୀ'ର ସୁବର୍ଣ୍ଣ ସକାଳକୁ ପ୍ରତିନିଧିତ୍ୱ କରୁଛି। ଦୀର୍ଘ ୫୦ ବର୍ଷର ଯାତ୍ରା ଗୋଟେ ଖବରକାଗଜ ପାଇଁ ବହୁତ ପୁରୁଣା ହୋଇ ନ ପାରେ। କିନ୍ତୁ ଏହି ସମୟ ମଧ୍ୟରେ ସେ ବହନ କରିଥିବା ଶବ୍ଦପୁଞ୍ଜ ଓ ଛାୟାଚିତ୍ର (ଫଟୋ) ଅର୍ଦ୍ଧଶତାବ୍ଦୀର ଇତିହାସକୁ ଦୁନିଆ ଆଗରେ ଉପସ୍ଥାପନ କରି ଯେଉଁ ମୁଦ୍ରଣ ପ୍ରତିବଦ୍ଧତା ଦେଇଛି, ତାହା ଆଗାମୀ ପିଢ଼ି ପାଇଁ ପ୍ରାମାଣିକ ଦଲିଲ ପାଲଟିଯାଇଛି।

ଏକ ସଭ୍ୟ ଓ ଶିକ୍ଷିତ ଜାତି ସର୍ବଦା ବିଶ୍ୱସନୀୟ ଖବର ବା ସୂଚନା ଜାଣିବା ଲାଗି ଭୋକିଲା ଥାଏ। 'ଧରିତ୍ରୀ' ପାଠକୀୟ ରୁଚିକୁ ସମ୍ମାନ ଦେଇ ୧୯୭୪ରୁ ନିରବଚ୍ଛିନ୍ନ ଯାତ୍ରା ଜାରି ରଖିଛି। ପ୍ରତ୍ୟେକ ଖବରକାଗଜର ସମ୍ପାଦକୀୟ ଶୈଳୀ ଓ ଆଭିମୁଖ୍ୟ ସ୍ୱତନ୍ତ୍ର। 'ଧରିତ୍ରୀ'ର ୟୁଏସ୍‌ପି ବା ଅଦ୍ୱିତୀୟ ମୌଳିକତା ହେଲା ସମୟର ହୃତ୍‌ସ୍ପନ୍ଦନକୁ ମାପି ପାଠିକାପାଠକଙ୍କୁ ଅପ୍‌ଡେଟ୍ ବା ଅଧୁନାତନ କରିବା। ଦୀର୍ଘ ୫୦ ବର୍ଷ ଭିତରେ ରାଜନୀତି, ଅର୍ଥନୀତି, ବିଜ୍ଞାନ ଓ ପ୍ରଯୁକ୍ତିଠାରୁ ଆରମ୍ଭ କରି ଜଳବାୟୁ ପରିବର୍ତ୍ତନଜନିତ ପରିବେଶ ସମ୍ବନ୍ଧୀୟ ବିଷୟ ଆଦି ବହୁବିଧ ପ୍ରସଙ୍ଗକୁ ନେଇ ଘଟିଚାଲିଥିବା ରୂପାନ୍ତରଣକୁ 'ଧରିତ୍ରୀ' ତା' କୋଳରେ ଧାରଣ କରିଆସିଛି।

ଗୋଟେ ଖବରକାଗଜର ବିଷୟବସ୍ତୁ (କଣ୍ଟେଣ୍ଟ) ତା'ର ସ୍ୱତନ୍ତ୍ର ସ୍ୱାଦ ଲାଗି ପାଠିକାପାଠକଙ୍କୁ ଆକୃଷ୍ଟ କରିଥାଏ। ସେମାନଙ୍କ ସ୍ୱାଧୀନ ମତକୁ ଧରିତ୍ରୀ ସ୍ଥାନ ଦେଇ କହିଥାଏ 'ପାଠକ ଶ୍ରେଷ୍ଠ ବିଚାରକ'। ସୋସିଆଲ ମିଡିଆର ପ୍ରାବଲ୍ୟ ଯୋଗୁ ସାଲିସଯୁକ୍ତ ଖବର ସମାଲୋଚିତ ହେଉଛି। ତେଣୁ ଯେଉଁ ଖବରରେ ବାସ୍ତବତା ଅଛି ତାହା ଯୁକ୍ତିସଙ୍ଗତ, ସେଗୁଡ଼ିକୁ ଯଥାମାନ୍ୟ ଦିଆଯିବା ଦରକାର।

ଏହି ଲେଖକର ହେତୁ ହେବା ପରେ ଯେଉଁ କେତୋଟି ଓଡ଼ିଆ ଓ ଇଂଲିଶ୍ ଖବରକାଗଜ ପଢ଼ିବାର ସୁଯୋଗ ମିଳିଥିଲା ସେଥିରେ 'ଧରିତ୍ରୀ' ରହିଥିଲା। ସାମ୍ବାଦିକତାକୁ ବୃତ୍ତି କରିବା ପରେ 'ଧରିତ୍ରୀ'ରେ ୧୫ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିବାର ସୁଯୋଗ ମିଳିଛି। ପ୍ରଥମେ ଜଣେ ପାଠକ ଏବଂ ପରେ ପାଠକୀୟ ସ୍ୱାଦ ସୃଷ୍ଟି କରୁଥିବା ସଂସ୍ଥାର ଅଂଶବିଶେଷ ପାଲଟିବା ସୌଭାଗ୍ୟର ବିଷୟ। ଏଇ କିଛିବର୍ଷ ହେବ ଗଣମାଧ୍ୟମ କ୍ଷେତ୍ରରେ ବହୁ ପରିବର୍ତ୍ତନ ଘଟିଛି। ଇଲେକ୍‌ଟ୍ରୋନିକ ଓ ଏବେ ଡିଜିଟାଲ ମିଡିଆର ଦୃଶ୍ୟଗତ ବୈଶିଷ୍ଟ୍ୟ ଛାପା ଗଣମାଧ୍ୟମକୁ ଅଧିକ ମାର୍ଜିତ ଓ ଶୃଙ୍ଖଳିତ ପ୍ରକାଶନ ଲାଗି ଅବସର ସୃଷ୍ଟି କରାଇଛି। ବିଭିନ୍ନ ପ୍ରକାର ଗଣମାଧ୍ୟମର ଭିଡ଼ ଭିତରେ ଅନେକେ ପ୍ରାତଃ ସମୟରେ ଖବରକାଗଜ ପଠନର ଅଭ୍ୟାସକୁ ଜାରି ରଖିଛନ୍ତି।

'ଧରିତ୍ରୀ'ର ସ୍ୱତନ୍ତ୍ର ପାଠକୀୟ ଆଦୃତି ପଛରେ ଯେଉଁ ପ୍ରାତଃସ୍ମରଣୀୟ ବ୍ୟକ୍ତିତ୍ୱ ଆସିଥାଆନ୍ତି ସେମାନେ ହେଲେ ଏହାର ପ୍ରାଣପ୍ରତିଷ୍ଠାତା କାଳିନ୍ଦୀଚରଣ ପାଣିଗ୍ରାହୀ, ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀ, ପୂର୍ବତନ ସମ୍ପାଦକ ରାମନାଥ ପଣ୍ଡା ଓ ଦେବେନ୍ଦ୍ର ଶତପଥୀ। ଏହାର ରୂପାନ୍ତରଣ ପର୍ଯ୍ୟାୟରେ ବର୍ତ୍ତମାନର ସମ୍ପାଦକ ତଥାଗତ ସତପଥୀଙ୍କ ଯୁବାମନସ୍କ ଚିନ୍ତାଧାରା ଓ ଦେଶଦୁନିଆ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଲକ୍ଷ୍ୟକରି ଖବର ଓ ଛାୟାଚିତ୍ର ପ୍ରକାଶନ ଲାଗି ଦେଉଥିବା ପରାମର୍ଶ 'ଧରିତ୍ରୀ'କୁ ସ୍ୱକୀୟ ଗୁଣରେ ଗରୀୟାନ କରିଦେଇଛି। ତାଙ୍କ ସହ କାମ କରିବାରେ ଥାଏ ଯନ୍ତ୍ରଣା ଓ ଆନନ୍ଦ। ପାଠକୀୟ ପ୍ରତିବଦ୍ଧତାରୁ ବିଚ୍ୟୁତ ହେଲେ ବିଗିଡ଼ିଯାଆନ୍ତି ଓ ନୂଆ କିଛି କରି ଦେଖାଇଦେଲେ ଆନନ୍ଦ ପ୍ରକାଶ କରନ୍ତି। ଉଲ୍ଲେଖନୀୟ ବିଷୟ ହେଉଛି, କୌଣସି ବିଷୟରେ ଯୁକ୍ତିପୂର୍ଣ୍ଣ ପ୍ରସ୍ତାବ ରଖୁଥିବା ସହକର୍ମୀ ତାଙ୍କଠାରୁ ଯେତେ ସାନ ହେଲେ ମଧ୍ୟ ତାହାକୁ ସେ ସାଦରେ ଗ୍ରହଣ କରିଥାଆନ୍ତି। ଦେଖିବାକୁ ଗଲେ ଜଣେ ସମ୍ପାଦକ ସମୀକ୍ଷକ, ଦଣ୍ଡାଧିକାରୀ, ମେଣ୍ଟର ଓ ସର୍ବୋପରେ ଅନ୍ୟକୁ ଧନ୍ୟବାଦ ଦେବାର ବିଶାଳ ବପୁ ରଖିପାରୁଥିବା ଏକ ବ୍ୟକ୍ତିତ୍ୱ। ତଥାଗତ ସତପଥୀଙ୍କଠାରୁ ଏହିସବୁ ଗୁଣର ଏକ ମିଶ୍ରିତ ଆଭା ଲକ୍ଷ୍ୟ କରାଯାଇଥାଏ। ତାଙ୍କ ମତରେ, କେଉଁଟା ଖବରକାଗଜରେ ସ୍ଥାନ ନ ପାଇବା ବିଷୟରେ ଜାଣିବା ହେଉଛି ସାମ୍ବାଦିକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ବଡ଼ବଡ଼ ଫଟୋ ଖବରକାଗଜରେ ପ୍ରକାଶ ପାଇଲେ ପାଠିକାପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ ବୋଲି ପରାମର୍ଶ ଦେଇଥାଆନ୍ତି। ଏଇଠି ମନେପଡ଼େ ବିଶିଷ୍ଟ ଫଟୋ ଜର୍ନାଲିଷ୍ଟ ରଘୁ ରାଏଙ୍କ ଏ ସମ୍ବନ୍ଧରେ ଦେଇଥିବା ମନ୍ତବ୍ୟ। ସେ କହନ୍ତି- ଶବ୍ଦଗୁଡ଼ିକ ଇଟା ଭଳି, କିନ୍ତୁ ଫଟୋ ହେଉଛି ଝରକା ସଦୃଶ। ଡିଜିଟାଲ ଯୁଗରେ ଖବର ପ୍ରସାରଣର ବେଗ ଅଧିକ ହୋଇପାରେ। କିନ୍ତୁ ଛାପା ଗଣମାଧ୍ୟମରେ ଶବ୍ଦପୁଞ୍ଜ ଓ ଛାୟାଚିତ୍ରର ଅର୍ଥପୂର୍ଣ୍ଣ ବିଷୟବସ୍ତୁ ଭାବ ଓ ଚିନ୍ତା ଉଦ୍ରେକକାରୀ ହୋଇ ଜଗତର କଲ୍ୟାଣ ସକାଶେ ବ୍ୟବହାରଯୋଗ୍ୟ ହୋଇପାରିଲେ, ତାହା ସମାଜକୁ ସବୁ ସମୟ ପାଇଁ ଦିଗ୍‌ଦର୍ଶନ ଦେଉଥିବ। 'ଧରିତ୍ରୀ' ତା'ର ଦାୟବଦ୍ଧତା ବଜାୟ ରଖି ପ୍ରତି ସକାଳେ ନୂଆ ନୂଆ ପାଠକୀୟ ଉପାଦାନ ଭେଟି ଦେଉଥାଉ ବୋଲି ଆଜିର ଏହି ଶୁଭ ଅବସରରେ ଆଶା ରହିବା ସ୍ୱାଭାବିକ।

(ଜିତେନ୍ଦ୍ର କୁମାର ନାୟକ)



# ଚିତ୍ରକଳା
## ଦେଇଛି ସ୍ୱତନ୍ତ୍ର ପରିଚୟ

ଯାଜପୁର,୨୩।୧୧ (ହର୍ଷବର୍ଦ୍ଧନ ବେହେରା)

ଘର ସାଜସଜ୍ଜା, ଉପହାର ପାଇଁ ପସନ୍ଦର ସାମଗ୍ରୀ ହେଉଛି ଚିତ୍ରକଳା। ବିଶେଷକରି ଆକର୍ଷଣୀୟ ଚିତ୍ରକଳାକୁ ସବୁବର୍ଗର ଲୋକେ ଭଲପାଆନ୍ତି। ଏହାକୁ ପାଥେୟ କରି ଅନେକେ ରୋଜଗାର ଓ ସ୍ୱତନ୍ତ୍ର ପରିଚୟ ପାଇଥାନ୍ତି। ଯାଜପୁର ଜିଲାର ଆଦିବାସୀ ମହିଳାମାନେ ଏହାର ଉଦାହରଣ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ଚିତ୍ରକଳା ବହୁଳ ଆଦର ସାଉଣ୍ଟୁଛି। ସେଗୁଡ଼ିକ ଭୁବନେଶ୍ୱର ସମେତ ଅନ୍ୟ ବଡ଼ ସହରର ଗିଫ୍ଟ ଦୋକାନରେ ଗ୍ରାହକଙ୍କୁ ଆକୃଷ୍ଟ କରିପାରିଛି।

ଯାଜପୁର ଜିଲା ଦାନଗଦି ବ୍ଲକ୍ ତ୍ରିଜଙ୍ଗାରେ ଥିବା ଟାଟା ଷ୍ଟିଲ୍‌ର ପୁନର୍ବାସ କଲୋନିର ଏହି ମହିଳାମାନେ ଚିତ୍ରକଳା ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେମାନେ ହେଉଛନ୍ତି କଳିଙ୍ଗନଗର ଟାଟା ଷ୍ଟିଲ୍ ଦ୍ୱାରା ଗଠିତ ନବଜୀବନ କୋ-ଅପରେଟିଭ୍ ଲିମିଟେଡ୍ (ଏନ୍‌ସିଏଲ୍)ର ସଦସ୍ୟା। ଏନ୍‌ସିଏଲ୍ ଏହାର କଳାତ୍ମକ ଯାତ୍ରାକୁ ୨୦୧୨ରେ ଚିତ୍ରକଳା ଏବଂ ୱାଲ୍ ହ୍ୟାଙ୍ଗିଂରୁ ଆରମ୍ଭ କରିଥିଲା ଏବଂ ପରବର୍ତ୍ତୀ ସମୟରେ ତାହାକୁ ପୋଷାକ (ଟି-ଶାର୍ଟରେ ହାତରେ ତିଆରି ଚିତ୍ରକଳା), ହାତରେ ତିଆରି ଷ୍ଟୋଲ, ଦୁପଟ୍ଟା, ଶାଢ଼ି, ସମ୍ମିଳନୀ ଫାଇଲ ଓ ଫୋଲ୍‌ଡର, ଫୁଲଦାନି, ପେନ୍ ଷ୍ଟାଣ୍ଡ, ଲାମିନେଟେଡ୍ ଝୋଟ ବ୍ୟାଗ୍ ଓ ମୋବାଇଲ୍ କଭର ଆଦିକୁ ସମ୍ପ୍ରସାରିତ କରିଥିଲା। ଏକ ଛୋଟ ପ୍ରକଳ୍ପ ଭାବେ ଆରମ୍ଭ ହୋଇଥିବା ନବଜୀବନ କୋଅପରେଟିଭ୍ ଏବେ ଯାଜପୁରରେ ୮ଟି ୟୁନିଟ୍ ଥିବା ଏକ ବ୍ରାଣ୍ଡରେ ପରିଣତ ହୋଇଛି। ଏଥିରେ ଗୋବରଘାଟି, ତ୍ରିଜଙ୍ଗା ଓ ସାନସାଇଲୋରେ ୩ଟି ପୋଷାକ ୟୁନିଟ୍ ରହିଛି। ଏହାବାଦ ଗୋବରଘାଟି ଓ ତ୍ରିଜଙ୍ଗାରେ ୨ଟି ଆଦିବାସୀ କଳା ଓ କଳାକୃତି ୟୁନିଟ୍, ତ୍ରିଜଙ୍ଗାରେ ଗୋଟିଏ ଆଦିବାସୀ ଅଳଙ୍କାର ୟୁନିଟ୍, ଗୋବରଘାଟିରେ ଗୋଟିଏ ପ୍ରିଣ୍ଟିଂ ଓ ଷ୍ଟେସନାରି ୟୁନିଟ୍ ଏବଂ ସାନସାଇଲୋରେ ଗୋଟିଏ ନୁଡୁଲ୍‌ସ ଉତ୍ପାଦନ ୟୁନିଟ୍ ରହିଛି।

ନବଜୀବନ କୋଅପରେଟିଭ୍‌ର ସଭାପତି କୌଶଲ୍ୟା ପାତ୍ର କୁହନ୍ତି, ମୋ ପରିବାରକୁ ସହଯୋଗ କରିବା ସହିତ ନିଜକୁ ଆର୍ଥିକ ସ୍ୱାଧୀନ କରିବାକୁ ଚାହୁଁଥିଲି। ପିଲାଟି ଦିନରୁ ଚିତ୍ରକଳା ପ୍ରତି ମୋର ଆଗ୍ରହ ଥିଲା, କିନ୍ତୁ କେବେ ଭାବି ନ ଥିଲି ଯେ ତାହା ମୋର ପେସାରେ ପରିଣତ ହେବ। ଏଠାକୁ ଆସିବା ପରେ ମୁଁ ବହୁତ କିଛି ଶିଖିପାରିଛି।

କୋଅପରେଟିଭ୍‌ର ଜଣେ ସଦସ୍ୟା ମମତା ସୁଣ୍ଡି କୁହନ୍ତି, ଆମ ୟୁନିଟ୍‌ଗୁଡ଼ିକ ଏଭଳି ଏକ ସ୍ତରରେ ପହଞ୍ଚିଯାଇଛି ଯେଉଁଠାରେ କାରିଗରମାନେ ଗୁଣାତ୍ମକ ଉତ୍ପାଦନ କରିବାକୁ ସକ୍ଷମ। ଆମର ସଉରା ଚିତ୍ରକଳା ୟୁନିଟ୍‌ରେ ୩୫ ଜଣ କାରିଗର ସଦସ୍ୟ ରହିଛନ୍ତି। ସେମାନେ ୱାଲ୍ ହ୍ୟାଙ୍ଗିଂ, ଟି-ଶାର୍ଟ, ଦୁପଟ୍ଟା ଓ ସ୍ଲିଭ୍, ଶାଢ଼ି, ସାଜସଜ୍ଜା ସାମଗ୍ରୀ ଏବଂ ଅଫିସ ଷ୍ଟେସନେରି ଭଳି ଅନ୍ୟାନ୍ୟ ଉତ୍ପାଦରେ ହାତରେ ଚିତ୍ରାଙ୍କନ କରିବାରେ ନିୟୋଜିତ ହୋଇଛନ୍ତି। ସିଲାଇ ୟୁନିଟ୍‌ରେ ୧୦୭ ଜଣ ମହିଳା ନିୟୋଜିତ ହୋଇଛନ୍ତି। ଏହାବ୍ୟତୀତ ଏକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ମଧ୍ୟ ରହିଛି, ଯେଉଁଥିରେ ୧୦ ଜଣ ମହିଳା ନିୟୋଜିତ ହୋଇ ବିଭିନ୍ନ ପ୍ରକାରର ନୁଡୁଲ୍‌ସ ତିଆରି କରୁଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ମହିଳାମାନେ ଉତ୍ପାଦ ବିକ୍ରି କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀରେ ଭାଗ ନେଉଛନ୍ତି। ଫ୍ୟାବ୍‌ଇଣ୍ଡିଆ ଓ ଟ୍ରାଇବ୍‌ସ ଇଣ୍ଡିଆ ଭଳି ଜଣାଶୁଣା ବ୍ରାଣ୍ଡ କୋଅପରେଟିଭ୍‌ଠାରୁ ସାମଗ୍ରୀ ସଂଗ୍ରହ କରୁଛନ୍ତି। କୋଅପରେଟିଭ୍‌ର ଏକ ବଡ଼ ଗ୍ରାହକ ବର୍ଗ ରହିଛି, ଯେଉଁଥିରେ ଟାଟା ଷ୍ଟିଲ, ଟାଟା ଷ୍ଟିଲ ଫାଉଣ୍ଡେଶନ, ଟ୍ରାଇଫାଏଡ୍, ଲିଟିଲ୍ ଲୋକାଲ୍, କ୍ଲାସିକ୍ ଷ୍ଟ୍ରିଟ୍, ଯାଜପୁର ଜିଲା ପ୍ରଶାସନ, ପରିଶୋଧନ, ଓଡ଼ିଶା ଆଦିବାସୀ ବିକାଶ ସମବାୟ ନିଗମ ଲିମିଟେଡ୍ (ଟିଡିସିସିଓଏଲ୍) ଏବଂ ଅଞ୍ଚଳର ଅନ୍ୟାନ୍ୟ ନିଗମ ରହିଛନ୍ତି। କୋଅପରେଟିଭ୍‌ର ବାର୍ଷିକ କାରବାର ୨୦୨୧-୨୨ରେ ୨୨ ଲକ୍ଷ ୫୦ ହଜାର ୨୦୩ ଟଙ୍କା ଏବଂ ୨୦୨୨-୨୩ରେ ୬୭ ଲକ୍ଷ ୧୪ ହଜାର ୭୬୩ ଟଙ୍କା ଥିଲା। ୨୦୨୩ ଜୁଲାଇରେ ରାଜ୍ୟ କଳା ଓ କଳାକୃତି ବିକାଶ ପ୍ରତିଷ୍ଠାନ (ଏସ୍‌ଆଇଡିଏସି) ଭୁବନେଶ୍ୱର ତରଫରୁ ଆୟୋଜିତ ଦକ୍ଷତା ପରୀକ୍ଷାକୁ ସଫଳତାର ସହ ପୂରଣ କରିଥିବା ୪୮ ଜଣ କାରିଗରଙ୍କୁ ମାଷ୍ଟର କ୍ରାଫ୍ଟସ୍ ପର୍ସନ ଭାବେ ମାନ୍ୟତା ଦେଇ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୩ ଅକ୍ଟୋବର ୧୨ରେ ଏକ ତାଲିକା ଜାରି କରାଯାଇଥିଲା। ସେହି ୪୮ ଜଣ କାରିଗରଙ୍କ ମଧ୍ୟରୁ ୭ ଜଣ ହେଉଛନ୍ତି ଯାଜପୁର ଜିଲାର ନବଜୀବନ କୋଅପରେଟିଭ୍‌ର ସଦସ୍ୟା।

**ମାଷ୍ଟର କ୍ରାଫ୍ଟସ୍ ପର୍ସନ ଭାବେ ମାନ୍ୟତା ପାଇଛନ୍ତି ଆଦିବାସୀ ମହିଳା**



## ଶୁଭେଚ୍ଛା ବାର୍ତ୍ତା



ଧରିତ୍ରୀ ସହ ମୋ ସମ୍ପର୍କ ୫୦ ବର୍ଷର। ପ୍ରଥମରୁ କାଳନ୍ଦୀ ବାବୁଙ୍କଠୁ ନେଇ ନନ୍ଦିନୀ ଦେବୀ ଓ ଏବେର ସମ୍ପାଦକ ତଥାଗତଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ। ନନ୍ଦିନୀ ମୋର ସହପାଠୀ ଥିଲେ। ଦେବେନ୍ଦ୍ର ବାବୁ ମଧ୍ୟ ମୋର ଜଣେ ବିଶେଷ ବନ୍ଧୁ। ସାମ୍ବାଦିକତା କ୍ଷେତ୍ରରେ ଧରିତ୍ରୀ ଏକ ମାଇଲଖୁଣ୍ଟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ନିର୍ଭୀକ ସାମ୍ବାଦିକତାର ପ୍ରଚାର ପ୍ରସାରରେ ବାଟ ଦେଖାଇବା ପାଇଁ ଜଗନ୍ନାଥଙ୍କ ପାଖେ ପ୍ରାର୍ଥନା କରୁଛି।

**– ଦେବୀପ୍ରସନ୍ନ ପଟ୍ଟନାୟକ, ପଦ୍ମଶ୍ରୀ ତଥା ବିଶିଷ୍ଟ ଭାଷାବିତ୍**



ଧରିତ୍ରୀ ଏକ ଦୀର୍ଘ ସମୟର ଗଣ୍ଡାଳିକା ଦେଇ ଏବେ ୫୦ ବର୍ଷରେ ପଦାର୍ପଣ କରିଛି। ଏହି ଖବରକାଗଜର ମୁଁ ଜଣେ ନିୟମିତ ପାଠକ। ମୋ ବିଚାରରେ ଯେତେଟା ସମ୍ଭବ ଧରିତ୍ରୀ ନିରପେକ୍ଷତା ଅବଲମ୍ବନ କରିଆସୁଛି। ବିଶେଷକରି ଏହାର ରାଜନୈତିକ ସମୀକ୍ଷା ଅତ୍ୟନ୍ତ ନିର୍ଭୀକ ଓ ସାମାଜିକ ପ୍ରତିବଦ୍ଧତାର ପଟାନ୍ତର ନାହିଁ। ଏପରିକି ସାହିତ୍ୟାୟନର ଉପସ୍ଥାପନା ବେଶ୍ ଆକର୍ଷଣୀୟ ମଧ୍ୟ। ମୁଁ ଯେହେତୁ କ୍ରୀଡ଼ା ସହ ଜଡ଼ିତ ଏଠାରେ ଏତିକି କହିବି ଯେ, କେବଳ ରାଜ୍ୟ ନୁହେଁ ଦେଶ ବିଦେଶର ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାକୁ ଠିକ୍ ଢଙ୍ଗରେ ପରିପ୍ରକାଶ କରିବାରେ ଧରିତ୍ରୀର ନିରନ୍ତର ଉଦ୍ୟମ ସତରେ ଅତୁଳନୀୟ। ପ୍ରତି ଶୁକ୍ରବାର ପ୍ରକାଶିତ କ୍ରୀଡ଼ା ଜଗତ ତା'ର ଏକ ପ୍ରକୃଷ୍ଟ ଉଦାହରଣ। ମୋ କ୍ୟାରିୟର ଗଢ଼ିବାରେ ଧରିତ୍ରୀର ଭୂମିକା ଉଲ୍ଲେଖଯୋଗ୍ୟ। ଧରିତ୍ରୀ ୫୦ବର୍ଷରେ ପଦାର୍ପଣ କରିଥିବାରୁ ଅନେକ ଅଭିନନ୍ଦନ ଓ ଶୁଭକାମନା।

**– ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା**



ଦୀର୍ଘ ୫ଦଶନ୍ଧି ଧରି ଓଡ଼ିଶାର ପ୍ରମୁଖ ଖବରକାଗଜ 'ଧରିତ୍ରୀ' ତା'ର ସାମାଜିକ ଦାୟିତ୍ୱକୁ ଭଲଭାବେ ତୁଲାଇ ଚାଲିଛି। ରାଜନୀତି, ଖେଳ, ଅପରାଧ, ବ୍ୟକ୍ତିତ୍ୱ, ସାମାଜିକ ଆଦି ବିଭିନ୍ନ ତଥ୍ୟଭିତ୍ତିକ ଖବରକୁ ଲୋକଲୋଚନକୁ ଆଣୁଛି। ଗଣମାଧ୍ୟମ ସମାଜର ଆଇନା। ସାଧାରଣ ଜନତା, ଶାସନ ପ୍ରଶାସନ ମଧ୍ୟରେ ଏହା ଏକ ସେତୁ ଭଳି କାର୍ଯ୍ୟ କରିଥାଏ। 'ଧରିତ୍ରୀ' ସର୍ବଦା ଏହି ଧାରାକୁ ବଜାୟ ରଖିଛି ଏବଂ ଆଗକୁ ମଧ୍ୟ ବଜାୟ ରଖିବ ବୋଲି ଆଶା। ଇତିମଧ୍ୟରେ ଖବରକାଗଜ ୫୦ ବର୍ଷରେ ପଦାର୍ପଣ କରି ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବାରୁ ଏହାର ସମ୍ପାଦକ ତଥାଗତ ସତପଥୀଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଶୁଭକାମନା। ଏଥିସହ ଧରିତ୍ରୀର ଅଗଣିତ ପାଠିକାପାଠକଙ୍କୁ ମୋର ଆନ୍ତରିକ ଅଭିନନ୍ଦନ।

**– ସୁଲୋଚନା ଦାସ, ମେୟର, ଭୁବନେଶ୍ୱର**



Among the galaxy of Print media existing so far in Odisha, no one has Surpassed the intellectual property exhibited in the publication of Odia Daily 'DHARITRI'. It has not only strived to cover the news of common people reflecting their needs and aspirations, it has also worked as the vanguard of the people's interest in the state. Needless to say, it has worked as the protector of Democracy and Socialism. Rightly, under the able guidance of its editor Shri Tathagata Satpathy this news paper will go a long way in ensuring the role of fourth pillar in Odisha. I am sure this paper will have good days ahead and continue to sustain its credibility.

I wish all success and prosperity for 'DHARITRI'.

– Bhaskar Rao Nekkanti, Ex-MP (Rajya Sabha)



୫୦ ବର୍ଷରେ ବହୁ ପଠିତ, ବହୁ ଚର୍ଚ୍ଚିତ ଓଡ଼ିଆ ଦୈନିକ ଖବରକାଗଜ 'ଧରିତ୍ରୀ'। ସଫଳତା ଓ ସାର୍ଥକତାର ୫ଟି ଦଶକ। ବଜାର, ବେପାର, ବିରାଦର ଓ କ୍ଷମତା ଦରବାରକୁ ଖାତିର୍ ନ କରି 'ଧରିତ୍ରୀ' ପାଲଟିଛି ମୂକ ମଣିଷର ଦୁର୍ବାର ସ୍ୱର; ସ୍ୱାଧୀକାର ଓ ସ୍ୱାଭିମାନର ଉଦାର ଉଦାତ୍ତ ହୁଙ୍କାର। ବଜାରବାଦୀ ଜଗତର ଖବରକାଗଜମାନଙ୍କର ଗୋଠ ଗହଳି ଭିତରେ ବାରି ହୋଇପଡ଼େ 'ଧରିତ୍ରୀ'ର ନୂଆ ଚେହେରା। ନୂଆ ନଜର, ଖୋଲା ବିଚାର, ଖାଣ୍ଟି ଖବର ଏବଂ ପେସାଦାର ଢଙ୍ଗ ତଥା ତାଙ୍କର ନିଖୁଣ ନଜିର ଧରିତ୍ରୀ।

ସୁବର୍ଣ୍ଣ ଜୟନ୍ତୀର ସ୍ମରଣୀୟ ଶୁଭ ଅବସରରେ ଅସଲ ପୃଷ୍ଠପୋଷକ, ପାଠିକାପାଠକ, ସାମ୍ବାଦିକ, ସମ୍ପାଦନା ଓ ପରିଚାଳନା ମଣ୍ଡଳୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି।

**– ପ୍ରସାଦ ହରିଚନ୍ଦନ, କଂଗ୍ରେସ ନେତା**



ସମାଜର ବିକାଶ ପାଇଁ ଗଣତନ୍ତ୍ର ଶୃଙ୍ଖଳିତ ହେବା ଆବଶ୍ୟକ, ସେହିପରି ସମାଲୋଚନା ବା ବ୍ୟଙ୍ଗାତ୍ମକ ପରିପ୍ରକାଶ ଏହାର ମାର୍ଗଦର୍ଶକ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଜାତୀୟ ତଥା ଆଞ୍ଚଳିକ ରାଜନୈତିକ ଦଳୀୟ କନ୍ଦଳରୁ ଊର୍ଦ୍ଧ୍ୱରେ ରହି ବିଭିନ୍ନ ଘଟଣାବଳୀକୁ ନିରପେକ୍ଷ ଭାବେ ପ୍ରକାଶ କରିବାରେ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ଭୂମିକା ଅତୁଳନୀୟ। ଲେଖନୀ ମୁନରେ ସମ୍ପାଦକୀୟ ସ୍ତମ୍ଭ ମାଧ୍ୟମରେ ବିଭିନ୍ନ ପ୍ରସଙ୍ଗକୁ ଲୋକଲୋଚନକୁ ଆଣିବାର ନିରବଚ୍ଛିନ୍ନ ପ୍ରୟାସ ହିଁ ମୋ ପରି ଲକ୍ଷଲକ୍ଷ ପାଠିକାପାଠକଙ୍କର ହୃଦୟ ଜିଣିପାରିଛି। ଧରିତ୍ରୀ ୫୦ ବର୍ଷରେ ପାଦ ଥାପିଥିବାରୁ ଏହାର ପାଠକ ଭାବେ ବେଶ୍ ଆନନ୍ଦିତ। **– ଡା. ସୁନୀଲ କୁମାର ପାତ୍ର, ନ୍ୟୁରୋଲୋଜିଷ୍ଟ**

# ଦେଉଳଝରି, ବାଟବାୟାଣୀ





ଅନୁଗୋଳ ଜିଲାର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ ଭାବେ ପର୍ଯ୍ୟଟକଙ୍କ ଆଗ୍ରହ ସାଉଣ୍ଟୁଛି ଉଷ୍ମ ପ୍ରସ୍ରବଣ ଦେଉଳଝରି। ଗୋଟିଏ କୁଣ୍ଡରେ ପାଣି ଫୁଟୁଥିବା ଦେଖିବାକୁ ମିଳେ। ଏଠାରେ ମହାଦେବ ଶିବ ପୂଜା ପାଉଛନ୍ତି। ହେଲେ ଏହା ଫୁଟା ଲିଙ୍ଗ ହୋଇ ଥିବାରୁ ଧାର୍ମିକ ଦୃଷ୍ଟିକୋଣରୁ ଏହି ପୀଠ ବେଶ୍ ଗୁରୁତ୍ୱବହନ କରୁଛି। ନିକଟରେ ଅନ୍ୟ ମନ୍ଦିର ମଧ୍ୟ ରହିଛି। ମନ୍ଦିର ଚାରିପଟରେ ଥିବା କିଆବଣ ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣୀୟ ହୋଇଛି। ଭୁବନେଶ୍ୱରରୁ ଦେଉଳଝରି ୨୪୦ କିଲୋମିଟର। ଭୁବନେଶ୍ୱରରୁ ଅନୁଗୋଳ ଆସିଲେ ବଇଣ୍ଡା ଦେଇ ଏହି ଉଷ୍ମ ପ୍ରସ୍ରବଣ ସ୍ଥାନକୁ ଯାଇହୁଏ। ସେହିପରି ଜିଲାର ଛେଣ୍ଡିପଦା ବ୍ଲକର ପାତ୍ରପଡ଼ାରେ ରହିଛି ମା' ବାଟ ବାୟାଣୀ ପର୍ଯ୍ୟଟନସ୍ଥଳ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏବଂ ସୁଉଚ୍ଚ ପାହାଡ଼ ପାଦଦେଶରେ ଏହି ପର୍ଯ୍ୟଟନସ୍ଥଳ ରହିଥିବାରୁ ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଠାକୁ ପ୍ରତିଦିନ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ପ୍ରତିବର୍ଷ ଚୈତ୍ର ଦ୍ୱିତୀୟା ତିଥିରେ ମା' ବାୟାଣୀଙ୍କର ପ୍ରସିଦ୍ଧ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଅନୁଗୋଳ ସହରଠାରୁ ଛେଣ୍ଡିପଦା, ବାଗେଡ଼ିଆ, ଗଡ଼ମଣ୍ଡଳ ଦେଇ ୭୦ କିଲୋମିଟର ଗଲେ ପାତ୍ରପଡ଼ା ପଡ଼େ। ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥର ହଣ୍ଡପାଠାରୁ ୧୮ କିଲୋମିଟର ଦୂରରେ ରହିଛି ଏହି ସ୍ଥାନ। ଏଠାକୁ ଯାତାୟାତ କରିବା ପାଇଁ କଟକଠାରୁ ପାତ୍ରପଡ଼ା ଗ୍ରାମକୁ ବସ ମଧ୍ୟ ଯାତାୟାତ କରୁଛି।

– ଅମିତ୍ ସାମିଲ, ଅନୁଗୋଳ

DADLS-43

## ରୂପାନ୍ତରଣ ପଥେ ଓଡ଼ିଶା

ଓଡ଼ିଶା ସରକାର
ମୋ ସରକାର ☎ 14545
5

- ସାମାଜିକ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ୧୫ ଅଗଷ୍ଟ ୨୦୨୩ରୁ ୪.୧୩ ଲକ୍ଷ ନୂତନ ହିତାଧିକାରୀ ପାଉଛନ୍ତି ମଧୁବାବୁ ପେନ୍‌ସନ୍। ରାଜ୍ୟର ସମୁଦାୟ ୩୨.୫୫ ଲକ୍ଷ ବୟସ୍କ, ବିଧବା, ଭିନ୍ନକ୍ଷମ ଓ ଅସହାୟ ଉପକୃତ ହେଉଛନ୍ତି।
- ମିଶନ ଶକ୍ତି ଜରିଆରେ ରାଜ୍ୟର ୭୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସଶକ୍ତ। ସେମାନଙ୍କୁ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ସହାୟତା। ସ୍କୁଟି ଯୋଜନାରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ମାସିକ ଖର୍ଚ୍ଚ ହେଉଛି ପ୍ରାୟ ୨୫୦ କୋଟି ଟଙ୍କା। ଆର୍ଥିକ ଦୁର୍ବଳ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଉପଲବ୍ଧ। ରାଜ୍ୟ ତଥା ରାଜ୍ୟ ବାହାରର ୭୦୦ଟି ପ୍ରମୁଖ ଘରୋଇ ଚିକିତ୍ସାଳୟରେ ମିଳିପାରୁଛି ଅତ୍ୟାଧୁନିକ ଚିକିତ୍ସା ସୁବିଧା।
- ଆମ ହସ୍ପିଟାଲ ଯୋଜନା ଅଧୀନରେ '୫-ଟି' ଉପକ୍ରମରେ ରୂପାନ୍ତରିତ ହେବ ରାଜ୍ୟର ୧୪୯ଟି ହସ୍ପିଟାଲ। ସମ୍ପୃକ୍ତ ଅଞ୍ଚଳବାସୀ ପାଇବେ ଅଧିକ ଉନ୍ନତ ସ୍ୱାସ୍ଥ୍ୟ ସେବା।
- ଗତ ୬ ବର୍ଷ ମଧ୍ୟରେ ପ୍ରତିଷ୍ଠା ହୋଇଛି ୮ଟି ନୂଆ ମେଡ଼ିକାଲ କଲେଜ। ଆସନ୍ତା ୩ ବର୍ଷରେ ପ୍ରତିଷ୍ଠା ହେବ ୨୦ଟି ସୁପର ସ୍ପେସିଆଲିଟି ହସ୍ପିଟାଲ। ସ୍ୱାସ୍ଥ୍ୟସେବାରେ ଆସିଛି ଅତୁଳନୀୟ ପରିବର୍ତ୍ତନ।
- '୫-ଟି' ଉପକ୍ରମରେ ୩ଟି ପର୍ଯ୍ୟାୟରେ ରାଜ୍ୟର ୬୮୮୦ଟି ହାଇସ୍କୁଲର ରୂପାନ୍ତରଣ ହୋଇଥିବାବେଳେ ୪ର୍ଥ ପର୍ଯ୍ୟାୟରେ ଅବଶିଷ୍ଟ ବିଦ୍ୟାଳୟର ରୂପାନ୍ତରଣ ହେବ। ଶିକ୍ଷା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଓ କଲେଜଗୁଡ଼ିକର ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଛି।
- ଗୁଣାତ୍ମକ ଶିକ୍ଷା ବଳରେ 'ଶିକ୍ଷିତ ଓଡ଼ିଶା : ସଶକ୍ତ ଓଡ଼ିଶା' ପାଇଁ ରାଜ୍ୟର ପ୍ରତି ବ୍ଲକ୍‌ରେ ପ୍ରତିଷ୍ଠା ହୋଇଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ।
- ଗ୍ରାମାଞ୍ଚଳ ଲୋକଙ୍କ ପକ୍କାଘର ପାଇଁ 'ମୋ ଘର' ଯୋଜନାରେ ଅଳ୍ପ ସୁଧରେ ମିଳୁଛି ଋଣ।
- ରାଜ୍ୟର ୧୦୦୦ରୁ ଊର୍ଦ୍ଧ୍ୱ ବସ୍ତି 'ବିଜୁ ଆଦର୍ଶ କଲୋନୀ'ରେ ରୂପାନ୍ତରିତ ହୋଇଛି। 'ଜାଗା ମିଶନ'ରେ ୧ଲକ୍ଷ ୭୨ ହଜାରରୁ ଅଧିକ ବସ୍ତିବାସିନ୍ଦାଙ୍କୁ ମିଳିଛି ଜମି ଅଧିକାର ପ୍ରମାଣପତ୍ର।
- 'ମୁକ୍ତା' ଯୋଜନାରେ ପ୍ରକଳ୍ପଗୁଡ଼ିକ ଦ୍ୱାରା ସହରାଞ୍ଚଳରେ ନାଗରିକ ସ୍ୱାଚ୍ଛନ୍ଦ୍ୟ ବ୍ୟବସ୍ଥିତ ହୋଇଛି। ଲୋକଙ୍କୁ ମିଳୁଛି ରୋଜଗାରର ସୁବିଧା।
- ଚଳିତ ରବି ଫସଲ ପାଇଁ ୪୩.୮୮ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୬୮.୭୫ ହଜାର ଭୂମିହୀନ ଚାଷୀଙ୍କୁ ମିଳିଲା ୯୦୦ କୋଟି ଟଙ୍କାର କାଳିଆ ସହାୟତା।
- ରାଜ୍ୟର ଚାଷୀଭାଇମାନଙ୍କୁ ବିନା/ସ୍ୱଳ୍ପ ସୁଧରେ କୃଷି ଋଣ ମିଳୁଛି।
- ରାଜ୍ୟର ୩୦ଟି ଜିଲ୍ଲାର ୧୭୭ଟି ବ୍ଲକ୍‌କୁ ମିଲେଟ ମିଶନ୍ ସମ୍ପ୍ରସାରିତ ହୋଇଛି।
- ରାଜ୍ୟର ୪୩୭୩ଟି ଅଣ-ବ୍ୟାଙ୍କ୍ ନଥିବା ଗ୍ରାମପଞ୍ଚାୟତରେ ବ୍ୟାଙ୍କ୍ ସେବା ସୁବିଧା। ଉପକୃତ ହେବେ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ବର୍ଗର ଲୋକ।
- 'ଲକ୍ଷ୍ମୀ' ଯୋଜନାରେ ପଞ୍ଚାୟତରୁ ରାଜଧାନୀକୁ ବସ୍ ସେବା ହେବ ସୁନିଶ୍ଚିତ। ଆର୍ଥିକ ଅଭିବୃଦ୍ଧି ଓ ଲୋକଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ୧୦୦୦ରୁ ଅଧିକ ବସ୍ ନିୟୋଜିତ ହେବ।
- ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ, ଏକାମ୍ର ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ ସମେତ ରାଜ୍ୟର ପ୍ରମୁଖ ଧାର୍ମିକ ପୀଠର ୫-ଟି ଉପକ୍ରମରେ ରୂପାନ୍ତର।
  'ଆମ ଓଡ଼ିଶା, ନବୀନ ଓଡ଼ିଶା' ଓ ମେଟ୍ରୋ ରେଳ ପ୍ରକଳ୍ପ ପରି ନୂତନ ପଦକ୍ଷେପ ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ।
- ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣକୁ ଗୁରୁତ୍ୱ ଦେଇ ଗାଁଗୁଡ଼ିକରେ ଥିବା ଭାଗବତ ଟୁଙ୍ଗୀର କଳେବରରେ ପରିବର୍ତ୍ତନ।
- ରାଜ୍ୟରେ ବିକାଶର ମାର୍ଗକୁ ଆହୁରି ପ୍ରଶସ୍ତ କରିବାକୁ ଚଳିତ ଆର୍ଥିକ ବର୍ଷରେ ୨୮ ହଜାର ୨୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍।



LAXMI
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
MUKTA
ଆମ ବ୍ୟାଙ୍କ
ମିଶନ ଶକ୍ତି
ମୋ ଜଙ୍ଗଲ ଜମି

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0167/2324

# ଅନନ୍ୟ ପ୍ରତିଭା ଶୁଭ୍ରସ୍ମିତା

## ବହୁଭାଷୀ ସଙ୍ଗୀତ ଦେଇଛି ପରିଚୟ

ପିଲାଦିନୁ ସଙ୍ଗୀତ ପ୍ରତି ଥିଲା ଦୁର୍ବଳତା। ବୟସ ବଢ଼ିବା ସଙ୍ଗେ ସଙ୍ଗେ ଜଣେ କଣ୍ଠଶିଳ୍ପୀ ହେବାର ଇଚ୍ଛା ମଧ୍ୟ ପୂରଣ ହେଲା। ଓଡ଼ିଆ, ହିନ୍ଦୀ, ବଙ୍ଗଳା, ତେଲୁଗୁ, ତାମିଲ, ମାଲୟାଲମ, ପଞ୍ଜାବୀ, ଗୁଜରାଟୀ ଆଦି ଭାଷାରେ ଗୀତ ଗାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସୁମଧୁର କଣ୍ଠସ୍ୱର ଓ ବହୁଭାଷାରେ ସଙ୍ଗୀତ ଗାଇବା ସହ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ ମଧ୍ୟ କରିପାରନ୍ତି। ଏମିତି ଜଣେ ଅନନ୍ୟ ପ୍ରତିଭା ହେଉଛନ୍ତି କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ(୨୦)।

ଭଦ୍ରକ ପୌରାଞ୍ଚଳ ଗବସାହିର ଜୟନ୍ତ ରାଉତ ଓ ପ୍ରଭାତୀ ରାଉତଙ୍କ ଏକମାତ୍ର ଝିଅ ଶୁଭ୍ରସ୍ମିତା। ବାପା ଶିକ୍ଷା ବିଭାଗରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ମା' ଗୃହିଣୀ। ସେ ଏବେ ସଙ୍ଗୀତରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରେ ସ୍ନାତକ ପାଠ୍ୟକ୍ରମ ଶେଷବର୍ଷରେ ଅଧ୍ୟୟନରତ। ୨୦୧୨ରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିବା ବେଳେ ୨୦୧୪ରେ ଦିଲ୍ଲୀରେ ଏକ ଅଡିଶନରେ ଭାଗନେଇ ୯ ହଜାର ପ୍ରତିଯୋଗୀଙ୍କ ମଧ୍ୟରେ ସଫଳ ହୋଇଥିଲେ, ଯାହା ତାଙ୍କ ଜୀବନରେ ସଫଳତାର ପ୍ରଥମ ପାହାଚ ଥିଲା। ପରେ ଜିଲା ଓ ଜିଲା ବାହାରେ ବିଭିନ୍ନ ମଞ୍ଚରେ ବିଭିନ୍ନ ଭାଷାରେ ଗୀତ ଗାଇ ପ୍ରଶଂସିତ ହେବା ସହ ପୁରସ୍କୃତ ହୋଇଛନ୍ତି। ଭଦ୍ରକ ମହୋତ୍ସବ, ଆଗରପଡ଼ା ମହୋତ୍ସବ, ଭଦ୍ରାୟଣୀ ପରି ବଡ଼ ମଞ୍ଚରେ ନିଜର କଣ୍ଠର ଯାଦୁରେ ଦର୍ଶକଙ୍କୁ ବିମୋହିତ କରିପାରିଛନ୍ତି। ବାରବାଟୀ ଷ୍ଟାଡିୟମରେ ଏକ ଅଡିଶନର ଫାଇନାଲ ରାଉଣ୍ଡରେ ପ୍ରଥମ ହେବା ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଥିଲା। ପରେ ମୁମ୍ବାଇର ଏକ ମ୍ୟୁଜିକ୍ ଅନୁଷ୍ଠାନ ତାଙ୍କ କଣ୍ଠ ପରୀକ୍ଷା କରିଥିଲା। ସେ ୪ର୍ଥ ପର୍ଯ୍ୟାୟ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। 'ଜବ୍ କୋଇ ବାତ୍ ବିଗଡ୍ ଜାଏ' ଗୀତ ତାଙ୍କୁ ଭଦ୍ରକରୁ ମୁମ୍ବାଇ ପହଞ୍ଚାଇଥିଲା। ଜି ଟିଭିର ସାରେଗାମାପା, ଇଣ୍ଡିଆନ ଆଇଡଲ, କଲର୍ସର ରାଇଜିଙ୍ଗ ଷ୍ଟାର ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଛନ୍ତି। ଆଗକୁ ବିଭିନ୍ନ ରାଜ୍ୟର ଭାଷାରେ ଗୀତ ଗାଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ଦିନକୁ ୨ ଘଣ୍ଟା ଅଭ୍ୟାସ ଜାରି ରଖିଛନ୍ତି। ନିଷ୍ଠା ଓ ଅଧ୍ୟବସାୟ ବଳରେ ସଫଳତା ମିଳିଥାଏ। ଆଗକୁ ବଢ଼ିବା ପାଇଁ ମା' ସବୁବେଳେ ପ୍ରେରଣା ଦେଉଥିବା ବେଳେ ତାଙ୍କୁ ଆଦର୍ଶ ଭାବେ ମାନିଛନ୍ତି ବୋଲି ଶୁଭ୍ରସ୍ମିତା କହିଛନ୍ତି।

–ସନାତନ ରାଉତ, ଭଦ୍ରକ



ଶୁଭ୍ରସ୍ମିତା ରାଉତ



# ବିଶ୍ୱାସର ପ୍ରତୀକ ମୁର୍ଗା ମହାଦେବ

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର ଉପାନ୍ତ ଅଞ୍ଚଳର ସବୁଜ ବନାନୀ ମଧ୍ୟରେ ସ୍ଥିତ ପ୍ରସିଦ୍ଧ ଶୈବପୀଠ ମୁର୍ଗା ମହାଦେବ ଅନ୍ୟତମ। ଦୁଇଟି ରାଜ୍ୟର ଶ୍ରଦ୍ଧାଳୁଙ୍କ ପାଇଁ ଅତୁଟ ବିଶ୍ୱାସର ପ୍ରତୀକ ଭାବେ ଏଠାରେ ମହାଦେବ ପୂଜା ପାଇଥାନ୍ତି। ଯୋଡ଼ା ବ୍ଲକ୍‌ର ଦେଓଝର ପଞ୍ଚାୟତରେ ଅବସ୍ଥିତ ଏହି ଶୈବ ପୀଠର ଅନେକ ଲୋକକଥା, କିମ୍ବଦନ୍ତୀ ସ୍ଥାନୀୟ ଭୂୟାଁ ସମ୍ପ୍ରଦାୟର ଅଧିବାସୀଙ୍କଠାରୁ ଶୁଣିବାକୁ ମିଳେ। ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ସୀମାନ୍ତରେ ଅବସ୍ଥିତ ଶିବାଳୟରେ ସେଠାକାର ଆଦିମ ଆଦିବାସୀ ଭୂୟାଁ ସମ୍ପ୍ରଦାୟର ଲୋକେ ପୂଜା କରିଆସୁଛନ୍ତି।

ଲୋକକଥା ଅନୁଯାୟୀ, ୧୮୩୬ରେ ଚମକପୁରପୀଢ଼ର ଅଙ୍ଗଦ ଦେହୁରୀ କିଛି ଗ୍ରାମବାସୀଙ୍କ ସହ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ବାଟବଣା ହୋଇ ଜଳପ୍ରପାତ ଥିବା ଏକ ସ୍ଥାନରେ ରାତ୍ରି ଯାପନ କରିଥିଲେ। ଶୋଇବା ସମୟରେ ତାଙ୍କୁ 'ମୁଁ ଏଠାରେ ଅଛି, ମୋତେ ଖୋଜିଲେ ପାଇବ' ବୋଲି ସ୍ୱପ୍ନାଦେଶ ହୋଇଥିଲା। ସ୍ୱପ୍ନାଦେଶ ପରେ ଅଙ୍ଗଦ ଶୁଖିଲା ପତ୍ର, ଡାଳ ଓ ବୁଦାକୁ ସଫା କରିବା ପରେ ଶେଷରେ ଧବଳ ଶିବଲିଙ୍ଗକୁ ଠାବ କରିଥିଲେ। ପରେ ସେ ସ୍ୱପ୍ନାଦେଶ ଅନୁଯାୟୀ ପ୍ରତିଦିନ ରାତିରେ ଚମକପୁର ପୀଢ଼ ନିକଟସ୍ଥ ଜାମୁପାଣି ଗ୍ରାମରୁ ମୁର୍ଗା ମହାଦେବଙ୍କୁ ପୂଜିବା ପାଇଁ ଗୁପ୍ତଭାବେ ଯାଉଥିଲେ। ପ୍ରତିଦିନ ନିଶାଚର ରାତିରେ ସନ୍ଦେହ ଜନକଭାବେ ଅଙ୍ଗଦ ଗ୍ରାମରୁ ଯାଉଥିବା ଦେଖି ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଏ ନେଇ ଗ୍ରାମରେ ଏକ ଦରବାର (ସଭା) କରାଯାଇଥିଲା। ଅଙ୍ଗଦଙ୍କଠାରୁ ଗ୍ରାମବାସୀ ସମସ୍ତ ବିଷୟରେ ଅବଗତ ହୋଇଥିଲେ। ପରେ ଗ୍ରାମବାସୀମାନେ ମହାଦେବଙ୍କ ଦର୍ଶନ କରିବାକୁ ଅଙ୍ଗଦଙ୍କୁ ନିବେଦନ କରିଥିଲେ। ତେବେ ଅଙ୍ଗଦ ମହାଦେବଙ୍କ ନିର୍ଦ୍ଦେଶ ପାଇଲେ ନେଇପାରିବେ ବୋଲି କହିଥିଲେ। ପୁନଃ ମହାଦେବଙ୍କୁ ଆରାଧନା କରି ଗ୍ରାମବାସୀଙ୍କୁ ନେବା ପାଇଁ ନିର୍ଦ୍ଦେଶ ମିଳିବା ପରେ ଗ୍ରାମର ମହିଳା ଓ ପୁରୁଷ ମହାଦେବଙ୍କୁ ଦର୍ଶନ କରିବା ପାଇଁ ଉକ୍ତ ଜଙ୍ଗଲକୁ ଯାଇଥିଲେ।



ଶୈବପୀଠ ହୋଇଥିଲେ ମଧ୍ୟ ଆଦିବାସୀ ସମ୍ପ୍ରଦାୟର ଲୋକେ ଏଠାରେ ମାନସିକ ରଖି ବୋଦା, ପାରା, ବତକ, କୁକୁଡ଼ା ପ୍ରଭୃତି ଅର୍ପଣ କରିଥାନ୍ତି। ତେବେ ଏହାକୁ ବଳି ନ ଦିଆଯାଇ ମାନସିକଧାରୀ ଆଣିଥିବା ପ୍ରାଣୀ ଓ ପକ୍ଷୀଙ୍କ ମୁଣ୍ଡରେ ସିନ୍ଦୂର ଓ ଅରୁଆ ଚାଉଳ ଲଗାଇ ବେଲପତ୍ର ଛୁଆଇଁ ମହାଦେବଙ୍କୁ ସମର୍ପଣ ପରେ ଛାଡ଼ି ଦିଆଯାଏ। ଏଥିସହ ନଡ଼ିଆ, କଦଳୀ ସମେତ ଜଙ୍ଗଲଜାତ ଫଳ ଆମ୍ବ, ପଣସ, ବେଲ, କୋଳି ଆଦି ଭୋଗ ଭାବେ ଲାଗି କରାଯାଏ। ମହାଦେବଙ୍କଠାରେ ମାନସିକ ଓ ନିଷ୍ଠାର ସହ ଭକ୍ତି କଲେ ମନସ୍କାମନା ପୂରଣ ହୋଇଥାଏ। ଧବଳବର୍ଣ୍ଣ ଶିବ ଲିଙ୍ଗ ହୋଇଥିବାରୁ ଧବଳେଶ୍ୱର ଶୈବ ପୀଠ ନାମରେ ନାମିତ ହୋଇଛି। ଏଥିସହ ସବୁଜ ବନାନୀ ମଧ୍ୟରେ ଜଳ ପ୍ରପାତ ସଂଲଗ୍ନ ଏହି ଶୈବ ପୀଠ ନିକଟରେ ଏକ ମୁର୍ଗା ନାମକ ଗଛ ବହୁଳ ମାତ୍ରାରେ ଥିବାରୁ ଏହାକୁ ମୁର୍ଗାବେଡ଼ା ବୋଲି ମଧ୍ୟ କୁହାଯାଏ। ଯଦିଓ କାଳକ୍ରମେ ଏହି ମୁର୍ଗା ଗଛ ଲୋପ ପାଇଗଲା, ମୁର୍ଗାବେଡ଼ା ଗ୍ରାମ ଆଜି ମଧ୍ୟ ରହିଛି। ଉକ୍ତ ଗ୍ରାମ ଓ ଗଛ ଅନୁଯାୟୀ ଶୈବପୀଠକୁ ମୁର୍ଗା ମହାଦେବ ବୋଲି ମଧ୍ୟ କୁହାଯାଉଛି। ଏପରିକି ପ୍ରାକୃତିକ ଭାବେ ଏହି ଜଙ୍ଗଲରେ ବେଲଗଛ ବହୁ ମାତ୍ରାରେ ଦେଖିବାକୁ ମିଳିଥାଏ। ପୂଜା ବିଧି ସମ୍ପର୍କରେ ବର୍ତ୍ତମାନ ମନ୍ଦିରର ଦେହୁରୀ ଥିବା ପରମେଶ୍ୱର ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ରଣଜିତ୍ ନାଏକ କହିଛନ୍ତି, ଶିବ ରାତ୍ରି ଏବଂ ଶ୍ରାବଣ ମାସର ଜଳାଭିଷେକ ହୋଇଥାଏ। ଶ୍ରାବଣ ମାସର ସୋମବାରରେ ଏଠାରେ ଜଳାଭିଷେକ ପାଇଁ ପଶ୍ଚିମ ବଙ୍ଗ, ବିହାର, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟ ସମେତ ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଯୋଡ଼ା ଓ ଆଖପାଖ ଅଞ୍ଚଳର ଜନସାଧାରଣ ଧବଳେଶ୍ୱରଙ୍କୁ ସେମାନଙ୍କ ଇଷ୍ଟ ଦେବତା ଭାବେ ମାନିଥାନ୍ତି।

ଝାଡ଼ଖଣ୍ଡ ରାଜ୍ୟ ସୀମାଠାରୁ ମାତ୍ର ୩ କି.ମି. ଦୂର। ଝାଡ଼ଖଣ୍ଡ ନ୍ୟାୟାଳୟର ବିଚାରପତି ମାନେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଏହି ଶିବ ମନ୍ଦିରକୁ ଦର୍ଶନ ପାଇଁ ଆସିଥାନ୍ତି। ସେହିପରି ଝାଡ଼ଖଣ୍ଡର ମନ୍ତ୍ରୀ ଏବଂ ଅମଲାମାନେ ମଧ୍ୟ ମହାଦେବଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି। ଉପାନ୍ତ ଅଞ୍ଚଳର ଏହି ଶୈବପୀଠ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବା ପରେ ଏହା ପ୍ରସିଦ୍ଧି ଲାଭ କରିପାରିଛି।

– ମାନସ ରଞ୍ଜନ ମହାନ୍ତି, ଯୋଡ଼ା

### ଶିବଙ୍କୁ ବୋଦା, ପାରା, ବତକ, କୁକୁଡ଼ା ଅର୍ପଣ ହୁଏ

ପୂଜା ବିଧି ସମ୍ପର୍କରେ ବର୍ତ୍ତମାନ ମନ୍ଦିରର ଦେହୁରୀ ଥିବା ପରମେଶ୍ୱର ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ରଣଜିତ୍ ନାଏକ କହିଛନ୍ତି, ଶିବ ରାତ୍ରି ଏବଂ ଶ୍ରାବଣ ମାସର ଜଳାଭିଷେକ ହୋଇଥାଏ। ଶ୍ରାବଣ ମାସର ସୋମବାରରେ ଏଠାରେ ଜଳାଭିଷେକ ପାଇଁ ପଶ୍ଚିମ ବଙ୍ଗ, ବିହାର, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟ ସମେତ ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଯୋଡ଼ା ଓ ଆଖପାଖ ଅଞ୍ଚଳର ଜନସାଧାରଣ ଧବେଶ୍ୱରଙ୍କୁ ସେମାନଙ୍କ ଇଷ୍ଟ ଦେବତା ଭାବେ ମାନିଥାନ୍ତି।

ଉତ୍କଳ ସମ୍ମିଳନୀ

ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ
କୋଟି ପ୍ରାଣବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇ ଦେ, ଭାଇ
ଡେଇଁପଡ଼ି ସିନ୍ଧୁ ନୀରେ ।
- ଉତ୍କଳ ଗୌରବ ମଧୁସୂଦନ ଦାସ

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ
ଉତ୍କଳ ସମ୍ମିଳନୀ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ

ଅନନ୍ତ ପ୍ରସାଦ ଜେନା, ସଭାପତି
ଡ. ସୁରେନ୍ଦ୍ର ମିଶ୍ର, ଉପ–ସଭାପତି
ଦିଲ୍ଲୀପ ଦାଶଶର୍ମା, ସାଧାରଣ ସମ୍ପାଦକ

ବିଦ୍ୟୁତ୍ ବ୍ୟବହାର ସମ୍ବନ୍ଧରେ ଜନସାଧାରଣଙ୍କ ପାଇଁ କେତେକ ସତର୍କବାଣୀ

- ସର୍ଟସର୍କିଟ୍‌ଜନିତ ବିଦ୍ୟୁତ୍ ଦୁର୍ଘଟଣାରୁ ରକ୍ଷାପାଇବା ପାଇଁ ମେନ୍‌ସୁଇଚ୍ ରେ ଉପଯୁକ୍ତ ରେଟିଂର ସର୍କିଟ୍ ବ୍ରେକର ଅଥବା ଫିଉଜ୍ ବ୍ୟବହାର କରନ୍ତୁ।
- ଆପଣଙ୍କ ବିଦ୍ୟୁତ୍ ୱାରିଂର ଆର୍ଥିଂ ଠିକ୍ ଅଛି କି ନାହିଁ ପରୀକ୍ଷା କରାଇ ନିଅନ୍ତୁ। ବିଦ୍ୟୁତ୍ ୱାରିଂ ଏବଂ ବିଦ୍ୟୁତ୍ ମିଟରକୁ ସନ୍ତସନ୍ତିଆ କାନ୍ଥ କିମ୍ବା ବର୍ଷା ପାଣିରୁ ରକ୍ଷା କରନ୍ତୁ । ଘରର ପରିସୀମା ବାହାରକୁ ବିଦ୍ୟୁତ୍ ତାରର ସଂପ୍ରସାରଣ କରନ୍ତୁ ନାହିଁ।
- ଘରର ବିଦ୍ୟୁତ୍ ୱାରିଂରେ କୌଣସି କାମ କରିବା ପୂର୍ବରୁ ମେନ୍ ସୁଇଚ୍‌କୁ ବନ୍ଦ କରି କାମ କରନ୍ତୁ।
- ଆଇ.ଏସ୍.ଆଇ ସ୍ୱୀକୃତି ପ୍ରାପ୍ତ ବିଦ୍ୟୁତ୍ ଉପକରଣ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ଅତି ନିକଟରେ ଘର ତିଆରି କରନ୍ତୁ ନାହିଁ ଏବଂ ଗଛ ମଧ୍ୟ ଲଗାନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ ଝୁଲି ପଡିଥିବା ବା ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାରକୁ ଛୁଅଁନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ ବା ବିଦ୍ୟୁତ୍ ଖୁଣ୍ଟର ଷ୍ଟେ-ଓୟାର୍ ଛୁଇଁବା ବା ବିଦ୍ୟୁତ୍ ଖୁଣ୍ଟକୁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରିବା ବିପଦ୍‌ଜନକ।
- ପୂଜାମଣ୍ଡପ, ବିବାହ ଅନୁଷ୍ଠାନ କିମ୍ବା ଏହିଭଳି ଅନ୍ୟ ଯେକୌଣସି ଅନୁଷ୍ଠାନରେ ହୁକିଂଦ୍ୱାରା ବେଆଇନ୍ ବିଜୁଳି ବ୍ୟବହାର ଧନଜୀବନ ନଷ୍ଟର କାରଣ ହୋଇପାରେ, ଏଥିରୁ ନିବୃତ ରୁହନ୍ତୁ।

ଆପଣଙ୍କ ଜୀବନ ମୂଲ୍ୟବାନ । ସାମାନ୍ୟତମ ଅସାବଧାନତା କାରଣ ଯୋଗୁଁ ଏହାକୁ ହରାନ୍ତୁ ନାହିଁ ।

GRIDCO Empowering Odisha
ଗ୍ରୀଡ୍‌କୋ ବିଜୁଳିଶକ୍ତି ଆମ ପ୍ରଗତିର ସହଯାତ୍ରୀ
ଗ୍ରୀଡ୍‌କୋ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ: ଜନପଥ, ଭୁବନେଶ୍ୱର-୭୫୧୦୨୨

ODISHA PVTG EMPOWERMENT AND LIVELIHOODS IMPROVEMENT PROGRAMME
ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ
ST & SC DEVELOPMENT DEPARTMENT, GOVERNMENT OF ODISHA

DONGARIA KANDHA DEVELOPMENT AGENCY (KURLI), CHATIKONA, DIST.: RAYAGADA

Mo Gaon Unnati Committee Ghara: Multi Purpose Community Hall

A Multipurpose Community Hall has been constructed at VDC Level. This multipurpose community hall has been used as interpretation centre like different means of communication to enhance the understanding of heritage as well as a viable solution for effective communication of heritage information. Apart from this, the multipurpose community hall has also been utilized for meeting, training purposes of VDC, SHG and other viable institutions prevail in the villages.

Special Officer
DKDA - Chatikona

ଧରିତ୍ରୀର ୫୦ତମ ସୁବର୍ଣ୍ଣ ଜୟନ୍ତୀ ଅବସରରେ ସମସ୍ତ ପାଠିକା, ପାଠକ, ଶୁଭେଚ୍ଛୁ ଓ ବ୍ୟାଙ୍କର ସମସ୍ତ ଜମାକାରୀ ତଥା ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ ।

ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ସୁନ୍ଦରଗଡ଼-୭୭୦୦୦୧
Email: sundargarhdccb@gmail.com; ceo@sdccbsng.com
Website - www.sdccbsng.com

Special Deposit to Senior Citizen 7.70%

| ଜମା ଅବଧି | ପ୍ରଚଳିତ ସୁଧ ହାର | ସ୍ୱତନ୍ତ୍ର ସୁଧ ହାର ବୟସ୍କ ବ୍ୟକ୍ତି |
|---|---|---|
| ୧୫-୪୫ ଦିନ | ୩.୫୦ | ୪.୦୦ |
| ୪୬-୧୮୦ ଦିନ | ୪.୭୦ | ୫.୨୦ |
| ୧୮୧ ଦିନ - ୧ ବର୍ଷ | ୬.୫୦ | ୭.୦୦ |
| ୧ ବର୍ଷରୁ ୨ ବର୍ଷ | ୬.୯୦ | ୭.୪୦ |
| ୨ ବର୍ଷରୁ ୩ ବର୍ଷ | ୭.୨୦ | ୭.୭୦ |
| ୩ ବର୍ଷରୁ ୫ ବର୍ଷ | ୭.୦୦ | ୭.୫୦ |
| ୫ ବର୍ଷରୁ ୧୦ ବର୍ଷ | ୬.୭୫ | ୭.୨୫ |

- ଏହି ସ୍ୱତନ୍ତ୍ର ସୁଧ ହାର କେବଳ ନୂଆ ଜମାରାଶି ପାଇଁ ପ୍ରଯୁଜ୍ୟ ।
- ଏହି ସୁବିଧା ଜିଲ୍ଲାର ସମସ୍ତ ୧୬ ଗୋଟି ଶାଖା ଓ ୪୪ ଗୋଟି ଲ୍ୟାମ୍ପସରେ ଉପଲବ୍ଧ ।
- ଅଧିକ ଜାଣିବା ପାଇଁ ଲ୍ୟାମ୍ପସ କିମ୍ବା ବ୍ୟାଙ୍କ ଶାଖାରେ ଯୋଗାଯୋଗ କରନ୍ତୁ

ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସଭାପତି
ଶ୍ରୀ ପ୍ରଦ୍ୟୁମ୍ନ କୁମାର ନନ୍ଦ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ISO 9001:2015 CERTIFIED
Visit us at www.hariplaast.com
Hari Plaast
STRONG & SAFE
PVC, CPVC, HDPE, PLB DUCT, MDPE(GAS) PIPES & FITTINGS
HARI UDYOG PVT LTD.
O.T. Road, Balasore-756001, Odisha
Phone: 06782-260963, 264555, +917894435283

# ଏଠି କୁଣ୍ଡର ପାଣି ଶୁଖେନି

## 'ପାଦପଦ୍ମ ପୀଠ'





ରାଜଧାନୀ ଭୁବନେଶ୍ୱରର ଆଖପାଖରେ ଏଭଳି ଅନେକ ସ୍ଥାନ ରହିଛି, ଯାହାର ସମ୍ପର୍କ ପୌରାଣିକ କଥାବସ୍ତୁ ସହିତ ରହିଛି। ରାମାୟଣ, ମହାଭାରତ ଏବଂ ମହିମା ଧର୍ମ ସମ୍ବନ୍ଧୀୟ ଅନେକ କଥା ଏଠାରେ ଶୁଣିବାକୁ ମିଳେ। ଚନ୍ଦକା ଥାନା ଅନ୍ତର୍ଗତ 'ପାଦପଦ୍ମ ପାହାଡ଼' ବା 'ପାଦପଦ୍ମ ପୀଠ' ପ୍ରଚାର ପ୍ରସାର ଅଭାବରୁ ଲୋକଲୋଚନକୁ ଆସିପାରୁନାହିଁ।

ଭୁବନେଶ୍ୱର ଉପକଣ୍ଠରେ ଥିବା ଅନ୍ଧାରୁଆ ଗ୍ରାମର ଖଡ଼ିଖଣି ଛକରୁ ପ୍ରାୟ ୩ କି.ମି. ଭିତରକୁ ଗଲେ ପଡ଼ିବ ଏହି ପୀଠ। ପ୍ରକୃତିର ସବୁଜ ବନାନୀରେ ଘେରା ଏହି ଶାନ୍ତ ପରିବେଶ ମନକୁ ବେଶ୍ ଆନନ୍ଦ ପ୍ରଦାନ କରିଥାଏ। ଏହା ସାଙ୍ଗକୁ କିଛି ପୌରାଣିକ କଥାବସ୍ତୁର ପ୍ରମାଣ ମଧ୍ୟ ଦେଇଥାଏ। ଲୋକକଥା ଅନୁଯାୟୀ, ପ୍ରଭୁ ଶ୍ରୀ ରାମଚନ୍ଦ୍ର ମା' ସୀତା ଏବଂ ଅନୁଜ ଲକ୍ଷ୍ମଣଙ୍କ ସହିତ ବନବାସ ସମୟରେ ଏଠାକୁ ଆସିଥିଲେ, ଯାହାର ପ୍ରମାଣ ସ୍ୱରୂପ ଏଠାରେ ରାମଚନ୍ଦ୍ରଙ୍କ ପାଦଚିହ୍ନ ଆଜି ବି ରହିଛି। ସେହି କାରଣରୁ ଏହି ସ୍ଥାନର ନାମକରଣ 'ପାଦପଦ୍ମ ପୀଠ' ହୋଇଛି। ଅନ୍ୟ ଏକ ଲୋକକଥା ତଥା ମହିମା ଧର୍ମାବଲମ୍ବୀଙ୍କ ମତାନୁଯାୟୀ, ମହିମା ଗୋସାଇଁ ବା ଅଲେଖ ମହିମା ଏହି ସ୍ଥାନରେ ସନ୍ନ୍ୟାସ ରୂପରେ ୨୧ଦିନ ଏଠାରେ ଆତ୍ମଯୋଗ ସମାଧି ନେଇଥିଲେ ବା ତପସ୍ୟା କରିଥିଲେ। ସେହି ପାଦଚିହ୍ନ ତାଙ୍କର। ଏନେଇ ବିଶ୍ୱନାଥ ବାବାଙ୍କ 'ମହିମା ସମ୍ବିଧାନ' ପୁସ୍ତକରେ ଉଲ୍ଲେଖ ରହିଛି। ପାଦଚିହ୍ନ ନିକଟରେ ଏକ ପଥର କୁଣ୍ଡ ରହିଛି, ଯାହାର ନାମ 'ସୀତା କୁଣ୍ଡ'। ବିଶ୍ୱାସ ଅନୁଯାୟୀ, ବନବାସର ରହଣି ସମୟରେ ଏହି କୁଣ୍ଡର ପାଣିରେ ମା' ସୀତା ଗାଧୋଉଥିଲେ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଯେତେ ଖରା ହେଲେ ବି ଏହି କୁଣ୍ଡର ପାଣି କେବେ ବି ଶୁଖେନାହିଁ। ସମୟ ସହିତ କୁଣ୍ଡର ଅବକ୍ଷୟ ହୋଇଥିଲେ ବି ଏବେ ବି ଏଠାରେ ପାଣି ରହିଛି। ପଥର ଗାତ୍ରରେ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କର ମୂର୍ତ୍ତି ରହିବା ସହ ହନୁମାନଙ୍କର ଏକ ମନ୍ଦିର ରହିଛି। ପୀଠ ପରିସରରେ ଏକ ପ୍ରାଚୀନ ବରଗଛ ରହିଛି ଯାହାର ଓହଳଗୁଡ଼ିକରୁ ଅନେକ ଗଛ ସୃଷ୍ଟି ହୋଇଛି। ଗଛର ଡାଳରେ ଜୟ ଶ୍ରୀରାମ, ଜୟ ହନୁମାନ ଲେଖା ସହ ଗଦାର ଚିତ୍ର ଅପୂର୍ବ ଶୋଭାବର୍ଦ୍ଧନ କରୁଛି। ଏହି ମନ୍ଦିରରୁ ପ୍ରାୟ ୩୦–୪୦ ମିଟର ଦୂରରେ ରହିଛି ମହିମା ଅଲେଖ ଶୂନ୍ୟ ମନ୍ଦିର। ଯଦିଓ ଏହି ପୀଠ ବହୁ ପୁରାତନ, ତେବେ ମହିମା ଧର୍ମର ଗୁରୁ ବ୍ରହ୍ମାବଧୂତ ଜୟକୃଷ୍ଣ ବାବା ୧୯୯୯ ଫେବୃୟାରୀ ୨୫ରେ ଏହି ଶୂନ୍ୟ ମନ୍ଦିର ବା ପ୍ରବୁଦ୍ଧ ବିହାରକୁ ନିର୍ମାଣ କରିଥିବା ଏଠାରେ ସୂଚନା ରହିଛି। ବିଶ୍ୱର ମଙ୍ଗଳ କାମନା କରିବା ସହ ଶାନ୍ତି ପ୍ରତିଷ୍ଠା ପାଇଁ ମହିମାଧର୍ମୀମାନେ ଏଠାରେ ଧୁନି ଜାଳିଥାନ୍ତି। ସେହିପରି ଏଠାରୁ ଟିକେ ଦୂରରେ ଜଙ୍ଗଲ ମଧ୍ୟରେ ମହିମା ଧର୍ମଗୁରୁଙ୍କ ଏକ ଗୁମ୍ଫା ରହିଥିବା ବିଶ୍ୱାସ କରାଯାଏ। ପ୍ରତିବର୍ଷ ଫାଲ୍‌ଗୁନ ମାସ ଦଶମୀ ତିଥିରେ ଏଠାରେ ବାର୍ଷିକ ଉତ୍ସବ ସହ ଯାତ୍ରା ଅନୁଷ୍ଠିତ ହୁଏ। ରାଜ୍ୟର ପ୍ରତି ଅଞ୍ଚଳରୁ ମହିମା ସାଧୁମାନେ ଏଠାକୁ ଆସି ଯାତ୍ରାରେ ସାମିଲ ହୁଅନ୍ତି। ସେହିପରି ପ୍ରତ୍ୟେକ ମାସର ପୂର୍ଣ୍ଣମୀ ପୂର୍ବଦିନ ଶୁକ୍ଳ ଚତୁର୍ଦ୍ଦଶୀରେ ଭଜନ ସମାରୋହ ଅନୁଷ୍ଠିତ ହୁଏ।

–ବନ୍ଦନା ସେଠୀ




**କଟକ ଜିଲା ବାଙ୍କୀ ଅନ୍ତର୍ଗତ ଅରାଚଣ୍ଡୀ ପାଟରେ ଶୀତଦିନେ ଦେଶ ବିଦେଶରୁ ଛୁଟି ଆସନ୍ତି ହଜାର ହଜାର ପରିବ୍ରାଜକ ପକ୍ଷୀ। ଚିଲିକା, ମଙ୍ଗଳଯୋଡ଼ି, ଭିତରକନିକା ଆଦି ରାଜ୍ୟର ଅନ୍ୟାନ୍ୟ ଆର୍ଦ୍ରଭୂମିକୁ ବନ ବିଭାଗ ଯେତିକି ଗୁରୁତ୍ୱ ଦେଇଥାଏ, ତାହା କିନ୍ତୁ ଅରାଚଣ୍ଡୀ ପାଇଁ ଦେଖିବାକୁ ମିଳେନାହିଁ। ତେଣୁ ଏହି ପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ଆଗେଇ ଆସିଛନ୍ତି ସ୍ଥାନୀୟ ମହିଳା।**

# ବିଦେଶୀ ପକ୍ଷୀଙ୍କ ସୁରକ୍ଷାରେ ମହିଳା




ଶୀତଦିନ ଆରମ୍ଭ ହେବା ମାତ୍ରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ତରଫରୁ ରାଜ୍ୟର ବିଭିନ୍ନ ୱେଟ୍‌ଲ୍ୟାଣ୍ଡ ଅଞ୍ଚଳରେ ପକ୍ଷୀ ଶିକାର ରୋକିବା ପାଇଁ ଅସ୍ଥାୟୀ କ୍ୟାମ୍ପ ସ୍ଥାପନ କରାଯାଇଥାଏ। ସେହି କ୍ୟାମ୍ପରେ ବନ କର୍ମଚାରୀ ଏବଂ ସ୍ଥାନୀୟ ୱାଚରଙ୍କୁ ନେଇ ପ୍ରାୟ ୩–୪ ମାସ ପର୍ଯ୍ୟନ୍ତ ସୁରକ୍ଷା ଶିବିର ସ୍ଥାପନ କରାଯାଇଥାଏ। ହେଲେ ହଜାର ହଜାର ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କ ସମାଗମ ହେଉଥିଲେ ମଧ୍ୟ ବନ ବିଭାଗର ସୁଦୃଷ୍ଟି ଏଯାଏ ଅରାଚଣ୍ଡୀ ପାଟ ଉପରେ ପଡ଼ିନାହିଁ। ତେଣୁ ଅରାଚଣ୍ଡୀ ପାଟକୁ ଆସୁଥିବା ପରିବ୍ରାଜକ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି ନିକଟସ୍ଥ ଗ୍ରାମର କେତେଜଣ ମହିଳା। ୧୫ ଜଣ ମହିଳାଙ୍କୁ ନେଇ ଗଠିତ ହୋଇଛି ଅରାଚଣ୍ଡୀ ପକ୍ଷୀ ସୁରକ୍ଷା ସମିତି। ଏହି ମହିଳା ସମିତିର ସଦସ୍ୟମାନେ ଅରାଚଣ୍ଡୀ ପୀଠର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନଦେବା ସହ ସ୍ଥାନୀୟ ଲୋକଙ୍କୁ ପକ୍ଷୀମାନଙ୍କର ଉପଯୋଗିତା ବିଷୟରେ ବୁଝାଇଥାନ୍ତି। ଗତ ୭ ବର୍ଷ ହେଲାଣି ନିକଟସ୍ଥ ନିସ୍ତିପୁର ଗ୍ରାମର ମହିଳାମାନେ ଏହି ପକ୍ଷୀ ସୁରକ୍ଷା କାମ ହାତକୁ ନେଇଛନ୍ତି।

### କେମିତି ଆରମ୍ଭ ହୋଇଥିଲା ମହିଳାଙ୍କ ସମ୍ପୃକ୍ତି

ପ୍ରାୟ ୭ବର୍ଷ ତଳେ ଅରାଚଣ୍ଡୀ ନିକଟସ୍ଥ ନିସ୍ତିପୁର ଗ୍ରାମର କେତେଜଣ ମହିଳା ମନ୍ଦିର ପ୍ରାଙ୍ଗଣ ଏବଂ ନିକଟବର୍ତ୍ତୀ ଅଞ୍ଚଳରୁ ପ୍ଲାଷ୍ଟିକ ସଫା କରୁଥିବା ବେଳେ ଜାତୀୟ ଗାଇଡ୍ ଏବଂ ଶ୍ରେଷ୍ଠ ବନ୍ୟପ୍ରାଣୀ ଗାଇଡ୍ ଭାବରେ ଜାତୀୟ ପୁରସ୍କାର ପାଇଥିବା ଲଳିତ ମୋହନ ପଣ୍ଡାଙ୍କ ନଜରରେ ପଡ଼ିଥିଲା। ଲଳିତ ତାଙ୍କୁ ପକ୍ଷୀଙ୍କ ସୁରକ୍ଷା ବିଷୟରେ ବୁଝାଇ ମଙ୍ଗଳାଯୋଡ଼ି ପକ୍ଷୀ ସୁରକ୍ଷା ସମିତି ବିଷୟରେ ଅବଗତ କରେଇବା ପରେ ମହିଳାମାନଙ୍କ ଉଦ୍ୟମରେ ଗଢ଼ାହୋଇଥିଲା ଅରାଚଣ୍ଡୀ ପକ୍ଷୀ ସୁରକ୍ଷା ସମିତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସୂର୍ଯ୍ୟକାନ୍ତି ମହାନ୍ତି, ସ୍ନେହାଞ୍ଜଳି ବିଶ୍ୱାଳ, ସଂଘମିତ୍ରା ମହାନ୍ତି, ରୁନୁ ଜେନା, ବିଳାସ ରାଉତ, ଲତା ବିଶ୍ୱାଳ ପ୍ରମୁଖ ଆଗକୁ ଆସିଥିଲେ। ଏହି ମହିଳାମାନେ ନିଜ ଗ୍ରାମରେ ମହିଳା ସମିତି ଗଠନକରି ସରକାରୀ ଯୋଜନାର ସଦୁପଯୋଗ କରି ଆସୁଥିଲେ। ଅଧୁନା ତାଙ୍କର ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ସମ୍ପୃକ୍ତ ମହିଳାମାନେ ମେଶିନ ବସାଇ କାଗଜ ପ୍ଲେଟ୍ ତିଆରି କରି ବିଭିନ୍ନ ଦୋକାନକୁ ଯୋଗାଉଛନ୍ତି। ପକ୍ଷୀଙ୍କ ସମ୍ପର୍କରେ ଜାଣିବା ପରେ ନିୟମିତ ଭାବରେ ଅରାଚଣ୍ଡୀ ମନ୍ଦିର ଏବଂ ଆର୍ଦ୍ରଭୂମି ପରିବେଶ ସୁରକ୍ଷା ପାଇଁ ସମୟ ବାହାରକରି ବିଭିନ୍ନ କାମ କରୁଛନ୍ତି। ଏ ନେଇ ଲଳିତ କହିଛନ୍ତି, ପକ୍ଷୀ ସୁରକ୍ଷା ପାଇଁ ଏବଂ ମଙ୍ଗଳାଯୋଡ଼ି ଭଳି ଅରାଚଣ୍ଡୀରେ ପର୍ଯ୍ୟଟନ ପାଇଁ ସ୍ଥାନୀୟ ପୁରୁଷମାନଙ୍କୁ ବୁଝାଇ ବିଫଳ ହେବା ପରେ ଏହି ମହିଳାଙ୍କ ସଂସ୍ପର୍ଶରେ ଆସିଥିଲି। ମହିଳାମାନେ ସୁନ୍ଦର ଦାୟିତ୍ୱ ବହନ କରିବା ଦ୍ୱାରା ଶିକାର ବନ୍ଦ ହେବା ସହ ପଲିଥିନ ବ୍ୟବହାର ଅନେକାଂଶରେ କମିଯାଇଛି। ଯଦି ସରକାର ଏହି ସ୍ଥାନରେ ଇକୋ ଟୁରିଜମ୍ ପ୍ରକଳ୍ପ ନିର୍ମାଣ କରି ଏହି ମହିଳାଙ୍କ ହାତରେ ଦାୟିତ୍ୱ ଦିଅନ୍ତେ, ତା'ହେଲେ ଅରାଚଣ୍ଡୀ ମଧ୍ୟ ଏକ ସଫଳ ପର୍ଯ୍ୟଟନ ସ୍ଥଳୀ ହୋଇପାରନ୍ତା।

### କ'ଣ କରିଥାନ୍ତି ମହିଳା

ଅରାଚଣ୍ଡୀକୁ ବୁଲିବା ପାଇଁ ଆସୁଥିବା ଲୋକେ ଯେପରି ପ୍ଲାଷ୍ଟିକ ବା ପଲିଥିନ ଫୋପାଡ଼ିବେ ନାହିଁ ଏନେଇ ପ୍ରତି ସପ୍ତାହରେ ଥରେ ମହିଳାମାନେ ସେଠାରେ ସଫେଇ କାମ କରିବା ସହ ସଚେତନତା ମଧ୍ୟ କରୁଛନ୍ତି। ନିଜ ଗ୍ରାମ ଏବଂ ଆଖପାଖ ଗ୍ରାମରେ ପକ୍ଷୀ ଶିକାର ନ କରିବା ପାଇଁ ବ୍ୟାପକ ପ୍ରଚାର କରୁଛନ୍ତି। ଫଳରେ ଅରାଚଣ୍ଡୀ ପାଟରେ ପକ୍ଷୀ ଶିକାର ବନ୍ଦ ହୋଇଯାଇଛି। ଶୀତଦିନ ଆରମ୍ଭରେ ଯେତେବେଳେ ପକ୍ଷୀଙ୍କର ଆଗମନ ଆରମ୍ଭ ହୋଇଯାଏ, ମହିଳାମାନେ ହାତରେ ପ୍ଲାକାର୍ଡ ଧରି ପକ୍ଷୀ ଏବଂ ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଦେଇ ଲୋକଙ୍କୁ ସଚେତନ କରେଇଥାଆନ୍ତି। ପିକ୍‌ନିକ୍ ପାଇଁ ଆସୁଥିବା ଲୋକମାନଙ୍କୁ ଉଚ୍ଚ ସ୍ୱରରେ ସାଉଣ୍ଡ ବକ୍ସ ବା ଡିଜେ ବଜେଇବା ପାଇଁ ମହିଳାମାନେ ବାରଣ କରିଥାନ୍ତି। ଏ ନେଇ ଅରାଚଣ୍ଡୀ ପକ୍ଷୀ ସୁରକ୍ଷା ସମିତିର ସଭାପତି ସୂର୍ଯ୍ୟକାନ୍ତି ମହାନ୍ତି କହିଛନ୍ତି, ଉଚ୍ଚ ସ୍ୱରରେ ସାଉଣ୍ଡ ବକ୍ସ ବଜାଇବା ଦ୍ୱାରା ପକ୍ଷୀମାନେ ବିରକ୍ତ ହେବେ। ଥରେ ପକ୍ଷୀମାନେ ବିରକ୍ତ ହୋଇ ଏହି ସ୍ଥାନ ଛାଡ଼ିଦେଲେ ଅରାଚଣ୍ଡୀ ଶ୍ରୀହୀନ ହୋଇଯିବ। ତେଣୁ ଆମେ ପିକ୍‌ନିକ୍‌ରେ ଆସିଥିବା ଲୋକଙ୍କୁ କମ୍ ସାଉଣ୍ଡରେ ଗୀତ ବଜାଇବା ପାଇଁ ଅନୁରୋଧ କରିବା ସହ ପଲିଥିନ ଏଣେତେଣେ ନ ଫିଙ୍ଗିବା ପାଇଁ ବାରଣ କରିଥାଉ।

–ଅସମାପିକା ସାହୁ

## ୫୦ ବର୍ଷ ପୁରୁଣା କାକରା ପିଠା ଦୋକାନ

ଭୁବନେଶ୍ୱରସ୍ଥିତ ଏକ ନଂ ହାଟର କଳିଙ୍ଗ ମାର୍କେଟରେ ରହିଛି ୫୦ ବର୍ଷ ପୁରୁଣା ଏକ କାକରା ପିଠା ଦୋକାନ। ଏହି ଦୋକାନର କୌଣସି ଆକର୍ଷଣୀୟ ନା ନାହିଁ କିମ୍ବା ଦୋକାନରେ ସେପରି କୌଣସି ସାଜସଜ୍ଜା ନାହିଁ । ମାତ୍ର ଏଠାରେ ପ୍ରସ୍ତୁତ ହେଉଥିବା କାକରା ପିଠାର ଏତେ ଚାହିଦା ଯେ, ପ୍ରତିଦିନ କୋଡିଏ କେଜିରୁ ଅଧିକ ପିଠା ବିକ୍ରି ହୋଇଥାଏ। ପିତା ତ୍ରିନାଥ ସାହୁ ଆରମ୍ଭ କରିଥିବା ଏହି ଦୋକାନକୁ ବର୍ତ୍ତମାନ ସୋମନାଥ ସାହୁ ଚଳାଉଥିବାବେଳେ ଅନ୍ୟ ୨ଜଣ ପିଠା କାରିଗର ତାଙ୍କୁ ସହଯୋଗ କରୁଛନ୍ତି। ପୁରୁଣା ଭୁବନେଶ୍ୱର ଅଞ୍ଚଳର ସୋମନାଥଙ୍କ ଏହି ଦୋକାନରେ ସକାଳ ୬ଟାରୁ ନଡ଼ିଆପୁର ଓ ଜନ୍ତୁଣି ଆଦି ପାଳନ କରାଯାଇଥାଏ। ଦିନ ପ୍ରାୟ ୧ଟା ଠାରୁ ପିଠାଛଣା ଆରମ୍ଭ କରାଯାଏ । ପିଠାଛଣା ଆରମ୍ଭ ହେଉ ହେଉ ଗ୍ରାହକଙ୍କ ଗହଳି ଆରମ୍ଭ ହୋଇଯାଏ। ପୂଜା ପାର୍ବଣ ହେଉ କି ଝିଅ ବାହାଘର, ଏଠାରୁ କାକରା ପିଠା ପାଇଁ ବରାଦ ଦିଆଯାଏ। ୧୦ ପଇସାରୁ ଆରମ୍ଭ ହୋଇଥିବା ପିଠାର ଦାମ୍ ଏବେ ୧୦ଟଙ୍କା ରହିଛି। ସୁଜି, ମଇଦା, ନଡ଼ିଆ, ଗୋଲମରିଚ, ଗୁଜୁରାତି, ଘିଅ ଆଦି ବ୍ୟବହାର କରି ଏହି ପିଠା ପ୍ରସ୍ତୁତ କରାଯାଉଛି। ରାଜ୍ୟ ବାହାରୁ ଆସୁଥିବା ଅନେକ ତାରକାଙ୍କ ପାଇଁ ଏଠାରୁ କାକରା ବରାଦ ଦିଆଯାଏ। ଅନ୍ତର୍ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ମାଷ୍ଟର ସେଫ୍ ସାରାଂଶ ଗୋଇଲା ଏହି ଦୋକାନରେ ପିଠା ଖାଇବା ସହ ବେଶ୍ ପ୍ରଶଂସା କରିଥିଲେ। ବିଭିନ୍ନ ୟୁଟ୍ୟୁବ୍, ଫୁଡ୍ ବ୍ଲଗର୍ ଏହି କାକରାକୁ ନେଇ ଅନେକ ପୋଷ୍ଟ କରୁଛନ୍ତି। ମୁଖ୍ୟ କାରିଗର ସୋମନାଥଙ୍କ କହିବାନୁସାରେ ବୟସ ବଢ଼ିବା ସହ ଆଗଭଳି ଆଉ କାମ କରିହେଉନାହିଁ। ଈଶ୍ୱରଙ୍କ କୃପାରୁ ଏତେ ବର୍ଷ ଧରି ବେପାର ଚାଲିଥିବା ସେ କହିଛନ୍ତି।

–ଅନୁରାଧା ମହାରଣା




